ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୨/୨୦୨୩ (୧୬ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, February 12/2023 Page 16 ₹ 7.00
୪୯ଶ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 80 ମୂଲ୍ୟ₹୭/-



**ଚାମରି ଆଥାପାଥୁଙ୍କ ପ୍ରଭାବୀ ବ୍ୟାଟିଂ**

ଚାମରି ଆଥାପାଥୁଙ୍କ ୬୮ ରନ ସହାୟତାରେ ଶ୍ରୀଲଙ୍କା ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

୧୩

୧୨

**ପ୍ରଶଂସକଙ୍କ ବାପାଙ୍କ ଜୀବନ ବଞ୍ଚାଇଲେ**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ନିକଟରେ ତାଙ୍କର ଜଣେ ପ୍ରଶଂସକଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଜାଣି ସହାୟତା କରିଛନ୍ତି।






ଭୂକମ୍ପ ପ୍ରଭାବିତ ସିରିଆ ତୁଳନାରେ ତୁର୍କୀକୁ ଅଧିକ ସହାୟତା ମିଳୁଥିବାରୁ ବ୍ରିଟେନ୍‌ର ଡାଉନିଂ ଷ୍ଟ୍ରିଟ୍‌ରେ ଶନିବାର ସିରିଆ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆତଙ୍କବାଦୀ ଅବଦୁର ଦୋଷୀସାବ୍ୟସ୍ତ

- ଅଲ୍‌କାଏଦା ପାଇଁ କାର୍ଯ୍ୟ କରୁଥିଲେ
- ଜଗତପୁର ପଣ୍ଡିତକଚ୍ଛରୁ ଗିରଫ କରିଥିଲା ଦିଲ୍ଲୀ ପୋଲିସ
- ୧୪ରେ ଦଣ୍ଡ ଘୋଷଣା

ନୂଆଦିଲ୍ଲୀ,୧୧।୨

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ୨୦୧୫ ଡିସେମ୍ବର ୧୬ରେ ଗିରଫ ହୋଇଥିବା କଟକ ଜଗତ୍‌ପୁର ନିକଟ ପଣ୍ଡିମକଚ୍ଛର ମହମ୍ମଦ ଅବଦୁର ରହମନଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଶୁକ୍ରବାର ଦୋଷୀସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୪ ତାରିଖରେ କୋର୍ଟ ଅବଦୁରଙ୍କ ସମେତ ମୋଟ ୪ ଆତଙ୍କବାଦୀଙ୍କୁ ଦଣ୍ଡ ଶୁଣାଇବେ।

ଭାରତରେ ଆତଙ୍କ ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ଏବଂ ଆତଙ୍କବାଦୀ ସଂଗଠନ ନିମନ୍ତେ ସଦସ୍ୟ ନିଯୁକ୍ତି କରିବା ମାମଲାରେ ପଟିଆଲା ହାଉସ୍ କୋର୍ଟର ସ୍ୱତନ୍ତ୍ର ବିଚାରପତି ସଞ୍ଜୟ ଖନଗୱାଲ୍ ରହମନଙ୍କ ସମେତ ମହମ୍ମଦ ଅସିଫ୍, ଜାଫର ମାସୁଦ ଏବଂ ଅବଦୁଲ ସାମିଙ୍କୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୧୮ (ଆତଙ୍କବାଦ ପାଇଁ ଷଡ଼ଯନ୍ତ୍ର) ଏବଂ ୧୮ବି (ଆତଙ୍କବାଦୀ କାର୍ଯ୍ୟ ଲାଗି ନିଯୁକ୍ତି ପ୍ରଦାନ)ରେ ଦୋଷୀସାବ୍ୟସ୍ତ କରିଛନ୍ତି। ସେମାନଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହୋଇଛି। ଉପରୋକ୍ତ ଧାରାରେ ଅପରାଧୀମାନଙ୍କୁ ସର୍ବାଧିକ ଆଜୀବନ ଜେଲଦଣ୍ଡ ମିଳିପାରେ। ତେବେ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତ ସୟେଦ ମହମ୍ମଦ ଜିଶନ ଅଲି ଏବଂ ଡ. ସବିଲ ଅହମଦଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ସେମାନଙ୍କ ତରଫରୁ ଏମ୍‌ଏସ୍. ଖାନ୍ ଏବଂ କୌସର ଖାନ୍ ମାମଲା ଲଢୁଥିଲେ।



ମହମ୍ମଦ ଅବଦୁର ରହମନ

ଆତଙ୍କବାଦ ଷଡ଼ଯନ୍ତ୍ର ଓ ସଦସ୍ୟ ନିଯୁକ୍ତି ଅଭିଯୋଗରେ ୨୦୧୭ରେ ୬ ଜଣଙ୍କ ବିରୋଧରେ ଚାର୍ଜସିଟ୍ ହୋଇଥିବାବେଳେ ସୟେଦ ଆଞ୍ଜାର ଶାହଙ୍କୁ ଦୋଷମୁକ୍ତ କରାଯାଇଥିଲା। ଦିଲ୍ଲୀ ପୋଲିସର ଅଭିଯୋଗ ଅନୁଯାୟୀ ରହମନ ଉତ୍ତରପ୍ରଦେଶରେ ଏକ ମଦ୍ରାସା ଚଳାଉଥିଲେ। ସେଠାରେ ଯେଉଁ ପିଲାମାନେ ନାମ ଲେଖାଉଥିଲେ, ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟ ପାଇଁ ରହମନ କଟ୍ଟରପନ୍ଥୀ କରାଉଥିଲେ। ଯୁବକମାନଙ୍କୁ ଭାରତ ଉପମହାଦେଶର ଅଲ୍‌କାଏଦା ପ୍ରତି ଆକୃଷ୍ଟ କରାଇବା ଦିଗରେ ମାସୁଦ୍ କାମ କରୁଥିଲେ। ସେ ଆତଙ୍କବାଦୀ ସଂଗଠନ ପାଇଁ ପ୍ରଚାର କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଅସିଫ୍ ଦିଲ୍ଲୀର ସୀଲମପୁରରୁ ଗିରଫ ହୋଇଥିବାବେଳେ ରହମନଙ୍କୁ ଦିଲ୍ଲୀ ପୋଲିସ କଟକ ଜଗତପୁରର ପଣ୍ଡିମକଚ୍ଛରୁ ଗିରଫ କରିଥିଲା। ରହମନଙ୍କର ମଧ୍ୟପ୍ରାଚ୍ୟ ଏବଂ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍ ରହିଥିବା ଦିଲ୍ଲୀ ପୋଲିସ ଅଭିଯୋଗ କରିଥିଲା।

ଅଲ୍‌କାଏଦା ଇନ୍ ଇଣ୍ଡିଆନ ସବ୍ କଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ନାମରେ ଭାରତରେ ଅଲ୍‌କାଏଦାର ଶାଖା ସ୍ଥାପନ ଲାଗି ଉଦ୍ୟମ ହେଉଥିବା ସମ୍ପର୍କରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ୨୦୧୫ ଡିସେମ୍ବରରେ ସୂଚନା ପାଇଥିଲା। ଅସିମ ଉମରଙ୍କୁ ଏହାର ଅମିର୍ (ମୁଖ୍ୟ ବା କମାଣ୍ଡର) ଘୋଷଣା କରାଯାଇଥିଲା। ପଶ୍ଚିମ ଉତ୍ତରପ୍ରଦେଶରୁ କେତେଜଣ ଯୁବକ ଦେଶ ଛାଡ଼ି ପାକିସ୍ତାନରେ ଏହାର କ୍ୟାଡରମାନଙ୍କ ସହ ଯୋଗଦେଇଥିଲେ। ୟୁପିର ସମ୍ଭାଲ ଜିଲାରେ ଏହାର ଏକ ମଡ୍ୟୁଲ ସକ୍ରିୟ ରହିଥିଲା। ସେଠାକାର ବାସିନ୍ଦା ମହମ୍ମଦ ଅସିଫ୍ ପୂର୍ବରୁ ଇରାନ, ତୁର୍କୀ ଓ ଅନ୍ୟାନ୍ୟ ଦେଶକୁ ଯାଇ ସନ୍ଦିଗ୍ଧ କାର୍ଯ୍ୟକଳାପରେ ଲିପ୍ତଥିବା ତଦନ୍ତରୁ ଜଣାପଡ଼ିଥିଲା। ☞ପୃଷ୍ଠା-୪

# ଅନ୍ୟ କାର୍ଯ୍ୟରେ ନିୟୋଜିତ ହେବେନି ଶିକ୍ଷକ

**ସମ୍ମିଳନୀରେ କହିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ**

**ଦିଲ୍ଲୀ, ପଞ୍ଜାବ ସ୍କୁଲ ବିଶ୍ୱରେ ସର୍ବଶ୍ରେଷ୍ଠ ହେବ: କେଜ୍‌ରିୱାଲ**

ନୂଆଦିଲ୍ଲୀ,୧୧।୨(ପି.ଟି.)

ପଞ୍ଜାବର ଶିକ୍ଷକମାନେ ଶିକ୍ଷାଦାନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଶନିବାର ପ୍ରିନ୍ସିପାଲମାନଙ୍କ ଏକ ସମ୍ମିଳନୀରେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଥିଲେ, ଏଏପି ନେତୃତ୍ୱାଧୀନ ସରକାରରେ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଦିଲ୍ଲୀ ଏବଂ ପଞ୍ଜାବରେ ସମସ୍ତ ସରକାରୀ ସ୍କୁଲ୍‌କୁ ବିଶ୍ୱରେ ସର୍ବଶ୍ରେଷ୍ଠ କରିବା ଦିଗରେ କାର୍ଯ୍ୟ କରାଯିବ। କେଜ୍‌ରିୱାଲ କହିଥିଲେ, ଦିଲ୍ଲୀରେ ସରକାର ଗଢ଼ିବା ଦିନଠାରୁ ଶିକ୍ଷା ବ୍ୟବସ୍ଥାରୁ ସମସ୍ୟା ହଟାଇବା ସହ ଏହାକୁ ଉନ୍ନତ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।



ଭଗୱନ୍ତ ମାନ୍

ପ୍ରଥମେ ଭିତ୍ତିଭୂମିର ଉନ୍ନତି କରାଯିବା ପରେ ଏବେ ଶିକ୍ଷକ ଓ ପ୍ରିନ୍ସପାଲମାନଙ୍କ ପ୍ରଶିକ୍ଷଣ ଉପରେ ଫୋକସ୍ କରାଯାଉଛି ବୋଲି ଏଏପି ଆବାହକ କହିଥିଲେ। ପଞ୍ଜାବ ସରକାରୀ ସ୍କୁଲ୍‌ର କେତେଜଣ ପ୍ରିନ୍ସିପାଲ ଗତ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରରେ ତାଲିମ ନେଇଥିଲେ। ସମ୍ମିଳନୀରେ ପଞ୍ଜାବ ଶିକ୍ଷାମନ୍ତ୍ରୀ ହରଜୋତ୍ ସିଂ ବାଇନ୍ସ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସରକାରୀ ସ୍କୁଲ୍‌ର ଶିକ୍ଷକମାନଙ୍କୁ ଜନଗଣନାଠାରୁ ଆରମ୍ଭ କରି ଭୋଟର ତାଲିକା ପ୍ରସ୍ତୁତି, ଭୋଟ ପରିଚାଳନା ସମେତ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ☞ପୃଷ୍ଠା-୪

# ଅଢ଼େଇ ଦିନରେ ଖେଳ ଶେଷ

- ନାଗପୁର ଟେଷ୍ଟରେ ଭାରତର ଇନିଂସ ବିଜୟ
- ଅଷ୍ଟ୍ରେଲିଆ ଏକ ଇନିଂସ ୧୩୨ ରନରେ ପରାସ୍ତ
- ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା




ରବିଚନ୍ଦ୍ରନ ଅଶ୍ୱିନ

ନାଗପୁର, ୧୧।୨

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ମାତ୍ର ଅଢ଼ଇ ଦିନରେ ଶେଷ ହୋଇଛି। ଶନିବାର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ମାତ୍ର ୯୧ ରନରେ ଅଲ୍‌ଆଉଟ ହେବାରୁ ଭାରତ ଟେଷ୍ଟକୁ ଏକ ଇନିଂସ ୧୩୨ ରନରେ ଜିତିଛି। ଫଳରେ ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୭୭ ଓ ଭାରତ ୪୦୦ ରନ କରିଥିଲା।

**ଗୋଟିଏ ସେସନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ସମାପ୍ତ**

ତୃତୀୟ ଦିବସ ମଧ୍ୟାହ୍ନଭୋଜନ ବିରତି ବେଳକୁ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ୨୩୩ ରନରେ ☞ପୃଷ୍ଠା-୪

# ଗୋପାଳଙ୍କ ନାର୍କୋ ଟେଷ୍ଟ ସରିଲା

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

କଟକ ଅଫିସ,୧୧।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ନାର୍କୋ ଟେଷ୍ଟ ଶନିବାର ଅପରାହ୍ନରେ ଗୁଜରାଟର ଗାନ୍ଧୀନଗରଠାରେ କରାଯାଇଛି। ବ୍ରଜରାଜନଗର ଜେଏମ୍‌ଏଫ୍‌ସି-୧ ଅଦାଲତଙ୍କ ନିର୍ଦ୍ଦେଶାନୁସାରେ ଗାନ୍ଧୀନଗରସ୍ଥିତ ଡାଇରେକ୍ଟୋରେଟ ଅଫ୍ ଫୋରେନ୍‌ସିକ ସାଇନ୍ସ ସର୍ଭିସେସ୍ ଲାବରେଟୋରୀରେ ଗୋପାଳଙ୍କ ପଲିଗ୍ରାଫ ଟେଷ୍ଟ ସରିବା ପରେ ବିଶେଷଜ୍ଞମାନେ ନାର୍କୋ ଟେଷ୍ଟ କରିଛନ୍ତି। ଏହା ପୂର୍ବରୁ ଗୋପାଳଙ୍କ ଟିକିନିଖି ମେଡିକାଲ ପରୀକ୍ଷା କରାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭିଡ଼ହିଂସାର ଭିତିରି କଥା**

# ଭାରତ-ଆମେରିକା ଯୁଦ୍ଧାଭ୍ୟାସ 'ଟାର୍କାଶ'

**ପ୍ରଥମ ଥର ଆଣବିକ, ରାସାୟନିକ, ବାୟୋ ଆତଙ୍କ ମୁକାବିଲା ସାମିଲ**

ଚେନ୍ନାଇ,୧୧।୨

ଚେନ୍ନାଇରେ ଚାଲିଥିବା ଭାରତ-ଆମେରିକା ମିଳିତ ସମରାଭ୍ୟାସରେ ଆଣବିକ, ରାସାୟନିକ, ବାୟୋଲୋଜିକାଲ ଏବଂ ରେଡିଓଲୋଜିକାଲ (ସିବିଆର୍‌ଏନ୍) ଆତଙ୍କର ମୁକାବିଲାକୁ ସାମିଲ କରାଯାଇଛି। ଟାର୍କାଶ ନାମକ ଏହି ଯୁଦ୍ଧାଭ୍ୟାସରେ ଭାରତର ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ଏବଂ ଆମେରିକାର ସ୍ୱତନ୍ତ୍ର ଅପରେଶନ ଫୋର୍ସ (ଏସ୍‌ଓଏଫ୍) ଯୋଗ ଦେଇଛନ୍ତି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଆତଙ୍କବାଦ ନିରୋଧୀ ମିଳିତ ସମରାଭ୍ୟାସକୁ ଜୋର୍‌ଦାର କରାଯାଇଛି। ଏହାର ମୁଖ୍ୟାଂଶ ହେଲା ଦୁଇ ସ୍ୱତନ୍ତ୍ର ବାହିନୀ ମଧ୍ୟରେ ସିବିଆର୍‌ଏନ୍ ଆତଙ୍କର ମୁକାବିଲା ଲାଗି ମକ୍ ଡ୍ରିଲ୍ ବୋଲି ଏନ୍‌ଏସ୍‌ଜି ପକ୍ଷରୁ ଟୁଇଟ୍ କରାଯାଇଛି। ଏହା ପ୍ରଥମ ଯୁଦ୍ଧାଭ୍ୟାସ, ଯେଉଁଥିରେ ଏକସଙ୍ଗେ ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଏବଂ ଆଣବିକ ଆତଙ୍କ ବିରୋଧରେ ☞ପୃଷ୍ଠା-୪






**ଠେଲାଗାଡ଼ିରେ ବାପାଙ୍କୁ ଡାକ୍ତରଖାନା ନେଲା ୬ ବର୍ଷର ବାଳକ**

ମଧ୍ୟପ୍ରଦେଶ ସିଙ୍ଗରାଉଲିରେ ଜଣେ ୬ ବର୍ଷର ବାଳକ ବାପାଙ୍କୁ ଠେଲାଗାଡ଼ିରେ ଡାକ୍ତରଖାନା ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ନାବାଳକ ଜଣକ ୩ କି.ମି. ଦୂର ପର୍ଯ୍ୟନ୍ତ ବାପାଙ୍କୁ ଠେଲାଗାଡ଼ିରେ ନେଇଥିବାବେଳେ ମା' ମଧ୍ୟ ସାଙ୍ଗରେ ଯାଉଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ସେମାନେ ଆମ୍ବୁଲାନ୍ସକୁ ଫୋନ୍ କରି ୨୦ ମିନିଟ ଅପେକ୍ଷା କରିଥିଲେ ସୁଦ୍ଧା ଗାଡ଼ି ଆସି ନ ଥିଲା। ଘଟଣା ସାମ୍ନାକୁ ଆସିବା ପରେ ଜିଲା ପ୍ରଶାସନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଅବ୍ବାସ ଅନ୍‌ସାରିଙ୍କ ସ୍ତ୍ରୀ ଗିରଫ

**ଚତ୍ରକୂଟ, ୧୧।୨:** ମନିଲଣ୍ଡରିଂ ମାମଲାରେ ଜେଲରେ ସଜା କାଟୁଥିବା ଉତ୍ତର ପ୍ରଦେଶର ମାଉ ବିଧାୟକ ଅବ୍ବାସ ଅନ୍‌ସାରିଙ୍କ ସ୍ତ୍ରୀ ନିଖତ ଅନ୍‌ସାରିଙ୍କୁ ଶନିବାର ପୋଲିସ ଗିରଫ କରିଛି। ଅବ୍ବାସଙ୍କୁ ନିଖତ ଜେଲ ଅଧିକାରୀଙ୍କ ଅଫିସରେ ଭେଟିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଏନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମିଶାଇ ୭ ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଖତ ବେଆଇନ୍ ଭାବେ ଡେପୁଟି ଜେଲରଙ୍କ ରୁମ୍‌ରେ ଅବ୍ବାସଙ୍କୁ ଭେଟୁଥିବା କଥା ଜଣିବା ପରେ ପୋଲିସ ବିଭାଗର ଏକ ଟିମ୍ ଶୁକ୍ରବାର ଚଢ଼ାଉ କରିଥିବା ଚିତ୍ରକୂଟ ଏସ୍‌ପି ବ୍ରିନ୍ଦ ଶୁକ୍ଲା କହିଛନ୍ତି। ଅନ୍ୟପକ୍ଷେ ନିଖତଙ୍କଠାରୁ ମୋବାଇଲ୍ ଫୋନ ସାଙ୍ଗକୁ ବହୁ ଆପତ୍ତିଜନକ ସାମଗ୍ରୀ ପୋଲିସର ହସ୍ତଗତ ହୋଇଛି। ପୋଲିସ ଏ ନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତବର୍ଷ ନଭେମ୍ବର ୩୦ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବ୍ବାସଙ୍କୁ ମନିଲଣ୍ଡରିଂ ମାମଲାରେ ଗିରଫ କରିଥିଲା।

### ବେଙ୍ଗାଲୁରୁରୁ ଅଲ୍ କାଏଦା ଆତଙ୍କବାଦୀ ଗିରଫ

**ବେଙ୍ଗାଲୁରୁ,୧୧।୨(ଆଇଏଏନ୍‌ଏସ୍):** ବେଙ୍ଗାଲୁରୁର ଥାନିସାନ୍ଦ୍ରା ଅଞ୍ଚଳରୁ ଶନିବାର ଅଲ୍ କାଏଦା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏବଂ ଇଣ୍ଟରନାଲ ସିକ୍ୟୁରିଟି ଡିଭିଜନ (ଆଇଏସ୍‌ଡି)ର ମିଳିତ ତଲାସି ବେଳେ ଅରିଫ୍ ନାମକ ଆତଙ୍କବାଦୀ ଧରାପଡ଼ିଥିଲେ। ସେ ଆତଙ୍କବାଦୀ ସଂଗଠନର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି। ବେଙ୍ଗାଲୁରୁର ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରୁଥିବା ଅରିଫ୍ ଦୁଇବର୍ଷ ହେଲା ଅଲ୍ କାଏଦା ସହ ସମ୍ପର୍କରେ ଥିଲେ ବୋଲି ସନ୍ଦେହ କରାଯାଉଛି। ସେ ଟେଲିଗ୍ରାମ ଏବଂ ଡାର୍କନେଟ୍‌ରେ ସକ୍ରିୟ ଥାଇ ଆତଙ୍କବାଦୀ ସଂଗଠନର ବାର୍ତ୍ତା ପ୍ରସାର କରୁଥିଲେ। ସେ ସିରିଆ କିମ୍ବା ଆଫଗାନିସ୍ତାନ ଯିବା ଲାଗି ଯୋଜନା ଚଳାଇଥିଲେ ବୋଲି ପୋଲିସ କହିଛି।

### ୩୭ ଯାତ୍ରୀଙ୍କ ବ୍ୟାଗ୍ ନ ନେଇ ପଳାଇଲା ଇଣ୍ଡିଗୋ ବିମାନ




**ହାଇଦ୍ରାବାଦ, ୧୧।୨:** ହାଇଦ୍ରାବାଦରୁ ବିଶାଖାପାଟଣା ଯାଉଥିବା ୩୭ ଯାତ୍ରୀଙ୍କ ଲଗେଜ୍‌କୁ ଛାଡ଼ି ଇଣ୍ଡିଗୋ ଫ୍ଲାଇଟ୍ ଚାଲିଯାଇଥିବା ଘଟଣା ସାମ୍ନାକୁ ଆସିଛି। ଉକ୍ତ ଯାତ୍ରୀମାନେ ଯେତେବେଳେ ବିଶାଖାପାଟଣାରେ ପହଞ୍ଚି ଥିଲେ ସେତେବେଳେ ସେମାନଙ୍କ ବ୍ୟାଗ୍ ବିମାନରେ ମିଳି ନ ଥିଲା। ଏ ନେଇ ଇଣ୍ଡିଗୋ କ୍ଷମାମାଗିବା ସହ ଯାତ୍ରୀମାନଙ୍କ ନିକଟରେ ସେମାନଙ୍କ ବ୍ୟାଗ୍ ପହଞ୍ଚାଯିବ ବୋଲି ବିମାନ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି।

### ସୁନାଦାନ୍ତରୁ ଚିହ୍ନଟ ହେଲେ ପଳାତକ

**ମୁମ୍ବାଇ,୧୧।୨:** ଫେରାର ହେବାର ୧୫ ବର୍ଷ ପରେ ଜଣେ ଅପରାଧୀଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ସୁନା ଦାନ୍ତରୁ ଏହି ପଳାତକ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା। ଗିରଫରୁ ବର୍ତ୍ତିବା ଲାଗି ସେ ଗୁଜରାଟର କଚ୍ଛରେ ରହୁଥିଲେ। ତାଙ୍କ ନାମ ପ୍ରବୀଣ ଅଶୁଭା ଜାଡେଜା ଓରଫ ପ୍ରବୀଣ ସିଂ ଓରଫ ପ୍ରଦୀପ ସିଂ ଅଶୁଭା ଜାଡେଜା। ପୋଲିସକୁ ଠକିବା ଓ ପ୍ରତାରିତ କରିବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପୋଲିସ ପୂର୍ବରୁ ତାଙ୍କୁ ଗିରଫ କରିଥିଲା ଓ ଜେଲରୁ ସେ ଜାମିନରେ ଆସିଥିଲେ। ପରେ ସେ ମୁମ୍ବାଇରୁ ଫେରାର ହୋଇଯାଇଥିଲେ ଓ କୋର୍ଟରେ ଆଉ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ।

### ଭାରତ ଫେରିଲେ ଲାଲୁ

**ସିଙ୍ଗାପୁର, ୧୧।୨:** ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସଭାପତି ଲାଲୁ ପ୍ରସାଦ ଯାଦବ ଶନିବାର ସିଙ୍ଗାପୁରରୁ ଭାରତ ଆସିଛନ୍ତି। ଗତ ଡିସେମ୍ବରରେ ସିଙ୍ଗାପୁରର ଏକ ଡାକ୍ତରଖାନାରେ ଲାଲୁଙ୍କ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ସେବେଠାରୁ ଲାଲୁ ଝିଅ ରୋହିଣୀଙ୍କ ପାଖରେ ଥିଲେ। ବାପା ଭାରତ ଫେରୁଥିବା ନେଇ ରୋହିଣୀ ଟୁଇଟରରେ ଏକ ଭାବିହ୍ୱଳ ପୋଷ୍ଟ ଶେୟାର କରି ବାପାଙ୍କ ଯତ୍ନ ନେବାକୁ କହିଛନ୍ତି। ବଡ଼ ଝିଅ ରୋହିଣୀ ଆଚାର୍ଯ୍ୟ ଲାଲୁଙ୍କୁ କିଡ୍‌ନୀ ଡୋନେଟ୍ କରିଥିବା କଥା ଅପରେଶନ୍ ପୂର୍ବରୁ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଜଣାଇଥିଲେ।

# ଆଲାସ୍କା ଉପକୂଳରେ ଉଡ଼ନ୍ତା ବସ୍ତୁକୁ ଖସାଇଲା ଆମେରିକା

**ୱାଶିଂଟନ,୧୧।୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଆଲାସ୍କାର ଉତ୍ତର ଉପକୂଳ ଆକାଶରେ ଉଡୁଥିବା ଏକ ଅଜଣା ବସ୍ତୁକୁ ଏହାର ଯୁଦ୍ଧବିମାନ ଗୁଳିକରି ଖସାଇ ଦେଇଛି। କାର୍ ଆକୃତିର ବସ୍ତୁଟି ୪୦,୦୦୦ ଫୁଟ୍ ଉଚ୍ଚରେ ଉଡୁଥିଲା ଏବଂ ବେସାମରିକ ବିମାନ ଉଡ଼ାଣ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଥିଲା। ତେବେ ଏହା ଗୋଇନ୍ଦା ତଥ୍ୟ ସଂଗ୍ରହରେ ନିୟୋଜିତ ଥିଲା କି ନାହିଁ ସ୍ପଷ୍ଟ ହୋଇ ନ ଥିବା ହ୍ୱାଇଟ୍ ହାଉସ୍ ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଜନ୍ କିର୍‌ବି କହିଛନ୍ତି। ସେହିପରି ଏହା କେଉଁଠୁ ଆସିଥିଲା ଏବଂ କେଉଁ ଉଦ୍ଦେଶ୍ୟରେ ଆସିଥିଲା, ତାହା ମଧ୍ୟ ଜଣାପଡ଼ିନାହିଁ। ତେବେ ପୂର୍ବରୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରି ଖସାଇଥିବା ଚାଇନା

### ଗୋଇନ୍ଦା କାର୍ଯ୍ୟରେ ଲିପ୍ତ ଥିବା ସ୍ପଷ୍ଟ ହୋଇନି

ଗୁପ୍ତଚର ବେଲୁନ୍‌ଠାରୁ ଏହା ବହୁତ ଛୋଟ। ଚାଇନାର ଗୋଇନ୍ଦାଗିରିକୁ ନେଇ ଉଦ୍‌ବେଗ ଏବଂ ଲୋକଙ୍କ ଚାପ ଯୋଗୁ ବାଇଡେନ୍ ଦୁଇଟି ଉଡ଼ନ୍ତା ବସ୍ତୁକୁ ଖସାଇବାକୁ କଠୋର ନିଷ୍ପତ୍ତି ନେଇଥିଲେ। ଉଭୟ ବସ୍ତୁ ମଧ୍ୟରେ ରହିଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ହ୍ୱାଇଟ୍ ହାଉସ୍ ଅନୁଧ୍ୟାନ କରୁଛି। ଏହି ବସ୍ତୁ ଉପରେ ଅଧିକ ତଥ୍ୟ ଦେବାକୁ ପେଣ୍ଟାଗନ ଶୁକ୍ରବାର ମନା କରିଦେଇଥିଲା। ତେବେ ପେଣ୍ଟାଗନର ପରାମର୍ଶ ଆଧାରରେ ବାଇଡେନ୍ ଏହାକୁ ଖସାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି କିର୍‌ବି କହିଛନ୍ତି।



ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ତଙ୍ଗମାର୍ଗ ଅଞ୍ଚଳରେ ପ୍ରବଳ ତୁଷାରପାତ ଯୋଗୁ ବରଫାବୃତ ରାସ୍ତାରେ ପିଲାମାନେ ଶନିବାର ସ୍କୁଲ୍ ଯାଉଛନ୍ତି।

# ଭୂକମ୍ପ ମୃତ୍ୟୁସଂଖ୍ୟା ୨୫ ହଜାର ଟପିଲା

### ୫ ଦିନ ପରେ ଭଗ୍ନାବଶେଷ ତଳୁ ପରିବାର ଉଦ୍ଧାର

**ଆଣ୍ଟାକ୍ୟା/ୱାଶିଂଟନ୍,୧୧।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ଶନିବାର ୨୫,୦୦୦ ଅତିକ୍ରମ କରିଛି। ପଞ୍ଚମ ଦିନରେ ମଧ୍ୟ ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରାଯାଉଛି। ଶୂନ ଡିଗ୍ରୀ ତାପମାତ୍ରା ସତ୍ତ୍ୱେ ଅନ୍ତର୍ଜାତୀୟ ରେସ୍କ୍ୟୁ କର୍ମଚାରୀଙ୍କ ସମେତ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକେ ଭଗ୍ନାବଶେଷ ତଳୁ ନିଖୋଜମାନଙ୍କୁ ଖୋଜିବାରେ ଲାଗିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଭୂକମ୍ପ ବିପନ୍ନଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଛି। ଇଣ୍ଡୋନେସିଆ ତୁର୍କୀକୁ ଉଦ୍ଧାରକାରୀ ଟିମ୍ ପଠାଇଥିବାବେଳେ କ୍ୟୁବା ଉଭୟ ତୁର୍କୀ ଓ ସିରିଆକୁ ଡାକ୍ତରୀ ଟିମ୍ ପଠାଇଛି।

ଭୂକମ୍ପ କ୍ଷତିଗ୍ରସ୍ତ ଗାଜିଆଣ୍ଟେପ୍ ପ୍ରଦେଶର ନୁର୍‌ଡାଗ୍‌ରୁ ୫ ଦିନ ହେଲା ମାଟିତଳେ ରହିଥିବା ଏକ ୫ ଜଣିଆ ପରିବାରକୁ ରେସ୍କ୍ୟୁ ଟିମ୍ ନିରାପଦର ସହ ଉଦ୍ଧାର କରିଛି। ପ୍ରଥମେ ସେମାନେ ମାଆ ଓ ଝିଅକୁ ଉଦ୍ଧାର କରିବା ପରେ ବାପାଙ୍କୁ ପାଇଥିଲେ। ସେମାନଙ୍କ ସହ ଅନ୍ୟ ଜଣେ ଝିଅ ଓ ପୁଅ ଥିବା ଜାଣିବା ପରେ ଉଦ୍ଧାରକାରୀ ଟିମ୍ ସେମାନଙ୍କୁ ଭଗ୍ନାବଶେଷ ତଳୁ ବାହାର କରିଥିଲେ। ୧୨୯ ଘଣ୍ଟା ପରେ ଆଉ କେହି ଜୀବନ୍ତ ଉଦ୍ଧାର ହେବା ଆଶା କ୍ଷୀଣ ହୋଇଥିବାବେଳେ ତୁର୍କୀର ସ୍ଥାନୀୟ ଉଦ୍ଧାରକାରୀମାନେ ଶନିବାର ୯ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି।

ତୁର୍କୀ, ସିରିଆରେ ହୋଇଥିବା ଭୟାବହ ଭୂକମ୍ପକୁ ଶନିବାର ବିତିଯାଇଛି ଛଅ ଦିନ। ରେସ୍କ୍ୟୁ ଟିମ୍ ତରଫରୁ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଏଭଳି ସ୍ଥିତିରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଶନିବାର ଭୂକମ୍ପରେ ତୁର୍କୀ ଓ ସିରିଆ କ୍ଷତିଗ୍ରସ୍ତ ଅଞ୍ଚଳର ସାଟେଲାଇଟ୍ ଇମେଜ୍ ଜାରି କରିଛି। ଏହି ଛବି ନାସାର ଜେଟ୍ ପ୍ରୋପଲସନ୍ ଲାବରେଟୋରି ପକ୍ଷରୁ ଉତ୍ତୋଳନ କରାଯାଇଛି। ତୁର୍କୀ ଓ ସିରିଆରେ ହୋଇଥିବା ଭୂମିକମ୍ପକୁ ବହୁତ ବଡ଼ ଓ ଶକ୍ତିଶାଳୀ ବୋଲି ନାସା କହିଥିବାବେଳେ ୧୯୦୬ରେ ସାନ୍ ଫ୍ରାନ୍ସିସ୍କୋରେ ହୋଇଥିବା ଭୂମିକମ୍ପ ସହ ଏହାକୁ ତୁଳନା କରାଯାଇଛି। ସାଟେଲାଇଟ୍ ଚିତ୍ରରେ ତୁର୍କୀର ୩ ଅଧିକ କ୍ଷତିଗ୍ରସ୍ତ ସହର ନୁରଦାଗି, କହରାମନମାରସ, ତୁରକୋଗ୍ଲୁକୁ ଦର୍ଶାଯାଇଛି। ଭୂକମ୍ପରେ ଭାଙ୍ଗିଯାଇଥିବା ବିଲ୍ଡିଂ, ଘରକୁ ଗାଢ଼ ଲାଲ ରଙ୍ଗ ଦ୍ୱାରା ଚିହ୍ନଟ କରାଯାଇଛି। ସେହିପରି ଆଂଶିକ ଓ କମ୍ ପ୍ରଭାବିତ ହୋଇଥିବା ସ୍ଥାନଗୁଡ଼ିକୁ କମଳା ଓ ହଳଦିଆ ରଙ୍ଗ ଦିଆଯାଇଛି। ସାଟେଲାଇଟ୍‌ର ସିନ୍ଥେଟିକ୍ ଆପାଚର ରାଡାର (ଏସ୍‌ଏଆର୍) ସାହାଯ୍ୟରେ ଉତ୍ତୋଳନ ହୋଇଥିବା ଛବିରେ ଗାଢ଼ ଲାଲ୍ ରଙ୍ଗ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ଭୂକମ୍ପର ସ୍ଥିତି ଉପରେ ନାସା ବୈଜ୍ଞାନିକଙ୍କ କଡ଼ା ନଜର ରହିଥିବା ପ୍ରୋଗ୍ରାମ ମ୍ୟାନେଜର ଶାନ୍ନା ମିକ୍‌କ୍ଲେନ୍ କହିଛନ୍ତି। ଏସ୍‌ଏଆର୍‌ର ନଜର ପୃଥିବୀ ଉପରେ ସବୁବେଳେ ରହିଛି। ଏଭଳି ଶକ୍ତିଶାଳୀ ଭୂକମ୍ପ ପରେ ଭୂମିର ସ୍ଥିତି କିପରି ଭାବେ ପରିବର୍ତ୍ତିତ ହୁଏ ତା'ର ତର୍ଜମା ଏସ୍‌ଏଆର୍ ସାହାଯ୍ୟରେ କରାଯାଇଥାଏ। ତୁର୍କୀ ଓ ସିରିଆକୁ ସେମାନଙ୍କ ଘଡ଼ିସନ୍ଧି ମୁହୂର୍ତ୍ତରେ ବହୁ ରାଷ୍ଟ୍ର ସାହାଯ୍ୟର ହାତ ବଢ଼ାଇଛନ୍ତି।

### ନାସା ଜାରି କଲା ସାଟେଲାଇଟ୍ ଇମେଜ୍




ତୁର୍କୀର ଭୂକମ୍ପ ବିଧ୍ୱସ୍ତ ୩ ସହର ନୁରଦାଗି, କହରାମନମାରସ ଓ ତୁରକୋଗ୍ଲୁର ସାଟେଲାଇଟ୍ ଚିତ୍ର ନାସା ପକ୍ଷରୁ ଜାରି କରାଯାଇଛି।

### ଟାଟୁରୁ ଚିହ୍ନଟ ହେଲା ଭାରତୀୟଙ୍କ ମୃତଦେହ

**ବେଙ୍ଗାଲୁରୁ,୧୧।୨:** ତୁର୍କୀରେ ଗତ ସୋମବାର ପ୍ରଳୟଙ୍କରୀ ଭୂକମ୍ପରେ ଆନାଟୋଲିଆ ଅଞ୍ଚଳର ମାଲାଟ୍ୟା ସହରରେ ଥିବା ଏକ ୨୪ ମହଲା ହୋଟେଲରେ ରହିଯାଇଥିବା ଜଣେ ଭାରତୀୟଙ୍କ ମୃତଦେହ ଶନିବାର ଭଗ୍ନାବଶେଷ ତଳୁ ମିଳିଛି। ତାଙ୍କ ନାଁ ବିଜୟ କୁମାର (୩୫)। ଉଦ୍ଧାର ସ୍ଥଳରୁ ପଠାଯାଇଥିବା ଫଟୋରେ ତାଙ୍କ ବାମ ହାତ ଟାଟୁକୁ ଦେଖି ଉତ୍ତରାଖଣ୍ଡରେ ଥିବା ତାଙ୍କ ପରିବାର ବିଜୟଙ୍କୁ ଚିହ୍ନଟ କରିଛନ୍ତି। ଆଭସାର ହୋଟେଲ ଭଗ୍ନାବଶେଷ ତଳୁ ବିଜୟଙ୍କ ମୃତଦେହ ମିଳିଥିବା ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। ସେ ଗତ ଜାନୁୟାରୀ ୨୩ରେ ଉକ୍ତ ସହରକୁ ଏକ ପ୍ରୋଜେକ୍ଟ କାମରେ ଯାଇଥିଲେ ଓ ସେଠାରେ ଫେବୃୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ରହିବାର ଥିଲା। ତାଙ୍କ ଘର ଉତ୍ତରାଖଣ୍ଡର ପୌରି ଗଡ଼ୱାଲ ହୋଇଥିବାବେଳେ ସେ ବେଙ୍ଗାଲୁରୁର ଅକ୍ସିପ୍ଲାଣ୍ଟସ୍ ଇଣ୍ଡିଆରେ ଗ୍ୟାସ୍ ପାଇପଲାଇନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।



ବିଜୟ କୁମାର

### ନୋବେଲ ଶାନ୍ତି ପାଇଁ ସଂକ୍ଷିପ୍ତ ତାଲିକାରେ ଆଫଗାନ ମହିଳା ଅଧିକାର କ୍ୟାମ୍ପେନର



ମେହବୁବା ସେରାଜ

**କାବୁଲ, ୧୧।୨**

ଆଫଗାନିସ୍ତାନର ମହିଳା ଅଧିକାର କ୍ୟାମ୍ପେନର ମେହବୁବା ସେରାଜଙ୍କ ନାମ ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଛି। ୨୦୨୧ ଅଗଷ୍ଟରେ ତାଲିବାନୀ ସେନା କାବୁଲ ଦଖଲ କରିବା ପରେ ଦେଶର ଶତାଧିକ ମହିଳା ଅଧିକାର କର୍ମୀ ପ୍ରତିଶୋଧ ଭୟରେ ଦେଶ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ମେହବୁବାଙ୍କ ପାଖରେ ଆମେରିକା ପାସ୍‌ପୋର୍ଟ ଥିବା ସତ୍ତ୍ୱେ ସେ ଦେଶଛାଡ଼ି ଯାଇ ନ ଥିଲେ। ତାଲିବାନ ଶାସନ ଆରମ୍ଭ କରିବା ପରେ ମଧ୍ୟ ମେହବୁବା ମହିଳାଙ୍କ ଅଧିକାର ଦିଗରେ କାର୍ଯ୍ୟ କରୁଛନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ମେହବୁବାଙ୍କ ସାଙ୍ଗକୁ ଜେଲ୍‌ରେ ଥିବା ଇରାନୀୟ ମାନବ ଅଧିକାର ସାମାଜିକ କର୍ମୀ ନର୍ଗିସ୍ ମୋହମ୍ମଦୀଙ୍କ ନାମ ମଧ୍ୟ ଏହି ସୂଚୀରେ ରହିଛି। ତେବେ ଏହି ସମ୍ମାନଜନକ ପୁରସ୍କାର ବିଜେତାଙ୍କ ନାମ ଆସନ୍ତା ଅକ୍ଟୋବରରେ ଘୋଷଣା କରାଯିବ।

### ଯୁଦ୍ଧ ବନ୍ଦ ଦିଗରେ ମୋଦିଙ୍କ ପ୍ରୟାସକୁ ଆମେରିକା ସ୍ୱାଗତ କରିବ

**ୱାଶିଂଟନ,୧୧।୨:** ରୁଷିଆ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଦିଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେକୌଣସି ପ୍ରୟାସକୁ ଆମେରିକା ସ୍ୱାଗତ କରିବ ବୋଲି ହ୍ୱାଇଟ୍ ହାଉସ୍ ଦୋହରାଇଛି। ଯୁଦ୍ଧ ବନ୍ଦ କରିବା ପାଇଁ ଏବେ ବି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପାଖରେ ସମୟ ରହିଛି। ହ୍ୱାଇଟ୍ ହାଉସ୍ ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଜନ୍ କିର୍‌ବି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ପୁଟିନ୍‌ଙ୍କୁ ମନାଇପାରିବେ ବୋଲି ମୁଁ ଭାବୁଛି। ତାଙ୍କର ଯେକୌଣସି ଉଦ୍ୟମ ୟୁକ୍ରେନରେ ଯୁଦ୍ଧ ବନ୍ଦ କରିପାରିଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲଇ କିର୍‌ବି କହିଛନ୍ତି। ପୂର୍ବରୁ ସାଂଘାଇ ସହଯୋଗ ସମିଟ୍ ଅବସରରେ ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ମୋଦି କହିଥିଲେ।

# ମା'ଅବୈଧ ସମ୍ପର୍କରେ ଥିଲେ ସନ୍ତାନର ହେପାଜତ ନେବେ ବାପା



**ବେଙ୍ଗାଲୁରୁ, ୧୧।୨**

ମା'ଙ୍କର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ପର୍କ ଥିଲେ ସନ୍ତାନର ହେପାଜତ ବାପା ନେବେ ବୋଲି ଏକ ମାମଲାର ଶୁଣାଣିବେଳେ ଏକ ଫ୍ୟାମିଲି କୋର୍ଟଙ୍କ ରାୟକୁ କର୍ଣ୍ଣାଟକ ହାଇକୋର୍ଟ କାଏମ କରିଛନ୍ତି। ଅନ୍ୟ ପୁରୁଷଙ୍କ ସହ ଅନୈତିକ ସମ୍ପର୍କ ରଖିବା ଯୋଗୁ ମହିଳାଜଣକ ନିଜ ପିଲାଙ୍କୁ ଅଣଦେଖା କରିବେ। ଏ ନେଇ ପିଲାର ଦାୟିତ୍ୱ ବାପା ନେବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। ମାଟ୍ରିମୋନିଆଲ ସାଇଟ୍‌ରୁ ପରସ୍ପର ସହ ଭେଟିବା ପରେ ୨୦୧୧ରେ ଦୁଇ ଡାକ୍ତର ବାହାହୋଇଥିଲେ। ୨୦୧୫ରେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ନେଇଥିଲା। ବିବାହର କିଛିବର୍ଷ ପରେ ସେମାନଙ୍କ ମଧ୍ୟରେ ମତାନ୍ତର ଦେଖାଯାଇଥିଲା। ପରେ ସେମାନେ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ୨୦୧୮ରୁ ଶାଶୁଘର ଛାଡ଼ି ମହିଳାଜଣକ ବେଙ୍ଗାଲୁରୁରେ ଅନ୍ୟ ପୁରୁଷଙ୍କ ସହ ରହୁଥିଲେ। ଦମ୍ପତି ପେସାରେ ଡାକ୍ତର ହୋଇଥିବାବେଳେ ଦୁଇଜଣଯାକ ସେମାନଙ୍କ ପୂର୍ବତନ ପାର୍ଟନରଙ୍କଠାରୁ ଛାଡ଼ପତ୍ର ଆଣିଛନ୍ତି। ସ୍ତ୍ରୀଙ୍କର ଅନ୍ୟ ପୁରୁଷଙ୍କ ସହ ଅବୈଧ ସମ୍ପର୍କ ବିଷୟରେ ଜାଣିପାରି ତାଙ୍କ ସ୍ୱାମୀ ଝିଅର ହେପାଜତ ପାଇଁ କୋର୍ଟରେ ଆଉ ଏକ ମାମଲା ଦାଏର କରିଥିଲେ। ୨୦୨୨ ମାର୍ଚ୍ଚ ୩ରେ କର୍ଣ୍ଣାଟକ ଫ୍ୟାମିଲି କୋର୍ଟ ମାମଲାର ଶୁଣାଣି କରି ଝିଅର କଷ୍ଟଡି ବାପାଙ୍କୁ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ମହିଳାଜଣକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଝିଅର ହେପାଜତ ବାପାଙ୍କୁ ଦେବା ଲାଗି କହିବା ପରେ କୋର୍ଟ ମହିଳାଙ୍କ ଅପିଲକୁ ଖାରଜ କରିଛନ୍ତି।

# ଦିଲ୍ଲୀ ଡିସ୍‌କମ୍ ବୋର୍ଡରୁ ସରକାରଙ୍କ ନୋମିନି ବହିଷ୍କୃତ

**ନୂଆଦିଲ୍ଲୀ,୧୧।୨**

ଅରବିନ୍ଦ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଦିଲ୍ଲୀର ବିଦ୍ୟୁତ୍ ଡିସ୍‌କମ୍ ବୋର୍ଡରେ ନିଯୁକ୍ତି ଦେଇଥିବା ଦଳୀୟ ନେତା ଜସ୍ମିନ୍ ଶାହାଙ୍କ ସମେତ ଅନ୍ୟମାନଙ୍କୁ ଉପରାଜ୍ୟପାଳ ଭି.କେ. ସାକ୍ସେନା ବହିଷ୍କାର କରିଛନ୍ତି। ସେମାନଙ୍କ ସ୍ଥାନରେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ କେଜରିୱାଲ ସରକାର ଏବଂ ଉପରାଜ୍ୟପାଳଙ୍କ ମଧ୍ୟରେ ପୁଣି ଥରେ ବିବାଦ ମୁଣ୍ଡ ଟେକିଛି। ଶାହା ଏଏପିର ମୁଖପାତ୍ର ଥିବା ବହିଷ୍କୃତ ହୋଇଥିବା ଅନ୍ୟ ଜଣେ ସଦସ୍ୟ ହେଲେ ଏଏପି ଏମ୍‌ପି ଏନ୍.ଡି. ଗୁପ୍ତାଙ୍କ ପୁଅ ନବୀନ ଗୁପ୍ତା। ସେମାନଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଥିଲା ବୋଲି ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ କହିଛି। ସେମାନଙ୍କ ସ୍ଥାନରେ ଅର୍ଥ ସଚିବ, ଶକ୍ତି ସଚିବ ଏବଂ ଦିଲ୍ଲୀ ଟ୍ରାନ୍ସକୋର ଏମ୍‌ଡିଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଉପରାଜ୍ୟପାଳ ସାକ୍ସେନାଙ୍କ ଏଭଳି ନିର୍ଦ୍ଦେଶ ବେଆଇନ ଏବଂ ଅସାମ୍ବିଧାନିକ। ଏଭଳି ନିର୍ଦ୍ଦେଶ ଦେବା କ୍ଷମତା ଉପରାଜ୍ୟପାଳଙ୍କର ନାହିଁ ବୋଲି ଆମ୍ ଆଦ୍‌ମୀ ପାର୍ଟି କହିଛି।

# ନୂଆ ବିଜୁଳି ଟିକସ ବସାଇଲା ପାକିସ୍ତାନ

**ଇସ୍‌ଲାମାବାଦ,୧୧।୨**

ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରୁ ଋଣ ସହାୟତା ପାଇବା ପାଇଁ ଏହାର ଗୋଟିଏ ପରେ ଗୋଟିଏ ସର୍ତ୍ତ ମାନିବାକୁ ବାଧ୍ୟ ହୋଇଛି। ଆଇଏମ୍‌ଏଫ୍ ସର୍ତ୍ତ ଅନୁଯାୟୀ ପାକ୍ ସରକାର ଚାଷୀଙ୍କ ସମେତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ନୂଆ ଟିକସ ଲଗାଇଛି। ଏଥିରୁ ୧୭୦ ବିଲିୟନ ଟଙ୍କା ଅତିରିକ୍ତ ରାଜସ୍ୱ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି। ଇସ୍‌ଲାମାବାଦକୁ ୧.୧ ବିଲିୟନ ଡଲାର ଋଣ ପ୍ରଦାନ କରିବା ପାଇଁ ଆଇଏମ୍‌ଏଫ୍ ପ୍ରତିନିଧି ଦଳ ପାକ୍ କର୍ତ୍ତୃପକ୍ଷଙ୍କ ସହ ୧୦ ଦିନ ଆଲୋଚନା କରିବା ପରେ କୌଣସି ଚୁକ୍ତି ସ୍ୱାକ୍ଷର ନ କରି ଗୁରୁବାର ଫେରିଯାଇଛନ୍ତି। ସୋମବାର ପୁଣିଥରେ ଆଲୋଚନା ଆରମ୍ଭ ହେବ। ଏହା ପୂର୍ବରୁ କେତେକ ସର୍ତ୍ତ ପୂରଣ କରିବାକୁ ହେବ ବୋଲି ପାକ୍ ଅର୍ଥମନ୍ତ୍ରୀ ଇଶାକ୍ ଦର୍ କହିଥିଲେ। ଏହାର କିଛି ସମୟ ପରେ କ୍ୟାବିନେଟ୍‌ର ଆର୍ଥିକ ସମନ୍ୱୟ କମିଟି ବୈଠକ ବସି ବିଦ୍ୟୁତ୍ ଉପରେ ୟୁନିଟ୍ ପିଛା ଅତିରିକ୍ତ ୩ ଟଙ୍କା ୩୯ ପଇସା ସର୍ଚାଜ ଲଗାଇବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ତ୍ରୟମାସିକ ଟାରିଫ ବର୍ଷକ ପାଇଁ ୟୁନିଟ୍ ପିଛା ୩ ଟଙ୍କା ୨୧ ପଇସା ପର୍ଯ୍ୟନ୍ତ ଆଡଜଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି।

ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଜରୁରୀ ସାମଗ୍ରୀ ଆମଦାନୀ କରିବାକୁ ବିଦେଶୀ ମୁଦ୍ରା ଭଣ୍ଡାରରେ ଆବଶ୍ୟକ ଅର୍ଥ ନାହିଁ। ସେଠାରେ ମୁଦ୍ରାସ୍ଫୀତି ୪୮ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବହୁଗୁଣା ହୋଇଛି। ବିଦେଶରୁ ଋଣ ନ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିବାରୁ ପାକିସ୍ତାନ ଆଇଏମ୍‌ଏଫ୍ ସର୍ତ୍ତ ମାନିବାକୁ ବାଧ୍ୟ ହୋଇଛି। ଫଳରେ ଦରଦାମ୍ ବୃଦ୍ଧିରେ ଅତିଷ୍ଠ ଲୋକଙ୍କ ଉପରେ ସରକାର ନୂଆ ଟିକସ ବୋଝ ଲଦିଦେଇଛନ୍ତି।



ଇଶାକ୍ ଦର୍

### ଆଇଏମ୍‌ଏଫ୍ ସର୍ତ୍ତ ପୂରଣ ପାଇଁ କଠୋର ନିଷ୍ପତ୍ତି

# ଖଣିଜ ପାଣ୍ଠିରୁ ନିର୍ମାଣ ହେବ ମଣ୍ଡି

## ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା

### ଗୋଦାମଗୃହ ଅଭାବ ଦୂର କରିବାକୁ ଯୋଜନା

ଯାଜପୁର ଅଫିସ,୧୧।୨

ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ଚାଲିଥିବାବେଳେ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିପୁଳ ସଂଖ୍ୟାରେ ଧାନ ବସ୍ତା ମଣ୍ଡିରେ ପଡ଼ି ରହୁଥିବା ବିଧାନସଭାରେ ଅଭିଯୋଗ ହୋଇଥିଲା। ତଦନୁଯାୟୀ ରାଜ୍ୟ ସରକାରଙ୍କ ସମବାୟ ସମିତି ସମୂହ ନିବନ୍ଧକ (ଆରସିଏସ୍)ଙ୍କ କାର୍ଯ୍ୟାଳୟରୁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବହୁମୁଖୀ କୃଷି ସମବାୟ ସମିତି (ଲାମ୍ପ୍ସ)ରେ ଭିତ୍ତିଭୂମି ସୁଦୃଢ଼ କରିବାକୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍), ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍ବିଏଡିସି) ଏବଂ ରାଜ୍ୟ ସରକାରଙ୍କ ସହାୟତା ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହିକ୍ରମରେ ୭ ଦିନ ମଧ୍ୟରେ ଆବଶ୍ୟକ ସୂଚନା ଦେବାକୁ ଆରସିଏସ୍ ପକ୍ଷରୁ ରାଜ୍ୟର ସମସ୍ତ ଡିଆରସିଏସ୍‌ଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଧାନ ସଂଗ୍ରହ ପାଇଁ ୨,୬୧୬ଟି ପାକ୍ସ ଓ ୩,୩୩୭ ଧାନ ସଂଗ୍ରହ କେନ୍ଦ୍ର (ପିପିସି) ଥିବାବେଳେ ମାତ୍ର ୪,୦୭,୮୪୫ ମେଟ୍ରିକ୍ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ୧,୮୩୭ଟି ଗୋଦାମ ରହିଛି, ଯାହାକି ସଂଗ୍ରହ ହେଉଥିବା ଧାନ ପରିମାଣର ମାତ୍ର ୩୧ ପ୍ରତିଶତ ନିମନ୍ତେ ଉର୍ଦ୍ଦିଷ୍ଟ। ଆବଶ୍ୟକ ସ୍ଥଳେ ଗୋଦାମ ଗୃହ ଭଡ଼ାରେ ନେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ହେଁ କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମିଲର୍ସମାନଙ୍କ ମନମାନି ସହ ନିର୍ଦ୍ଦିଷ୍ଟ ସମୟରେ ଧାନ ଉଠାଣ ହୋଇପାରୁନାହିଁ। ଏଥିଯୋଗୁ ଚାଷୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜିଲାରେ ୧୨୨ଟି ପାକ୍ସରେ ୩,୮୫୦ ଏମ୍‌ଟି କ୍ଷମତା ବିଶିଷ୍ଟ ୭୭ଟି ଗୋଦାମ ଗୃହ ଥିବା କୁହାଯାଉଛି। କିନ୍ତୁ ଏହାର ଉପଯୁକ୍ତ ବିନିଯୋଗ ହେଉ ନ ଥିବାରୁ କେତେକ ପାକ୍ସରୁ ଚାଷୀଙ୍କ ଧାନକୁ ସିଧା ମିଲ୍‌କୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଚାଷୀ ସରକାରୀ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛନ୍ତି। ୮।୧୧।୨୦୧୯ରେ ବରୀ ବିଧାୟିକା ସୁନନ୍ଦା ଦାସ ସୁଜନପୁର ପାକ୍ସରେ ଡବ୍ଲ୍ୟୁଆଇଏଫ୍ ଯୋଜନାରେ ଏକ ଗୋଦାମ ଗୃହ ନିର୍ମାଣ କରିବାକୁ ସମବାୟ ସମିତି ସମୂହ ନିବନ୍ଧକ(ଆରସିଏସ୍)ଙ୍କୁ ପତ୍ର ଲେଖିଥିଲେ। ସେହିପରି ୧୦।୯।୨୦୧୯ରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପଣସା ପାକ୍ସରେ ଏକ ଅଫିସ ଗୃହ ଓ ଗୋଦାମ ଗୃହ ନିର୍ମାଣ ଏବଂ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ୨୧।୧।୨୦୨୧ରେ ୧୦ଟି ପାକ୍ସ ଅଫିସ ଗୃହ ଓ ୭ଟି ଗୋଦାମ ନିର୍ମାଣ କରିବାକୁ ପତ୍ର ଲେଖିଥିଲେ। ବିଡମ୍ବନା ଯେ, ସେଗୁଡ଼ିକ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ।

ସରକାରୀ ନିଷ୍ପତ୍ତି ଅନୁସାରେ ଅନୁଗୋଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାଗୁଡ଼ିକରେ ପାକ୍ସ ଓ ଲାମ୍ପ୍ସ ମଣ୍ଡିଗୁଡ଼ିକର ଭିତ୍ତିଭୂମି ପାଇଁ ଡିଏମ୍ଏଫ୍ ଏବଂ ଓଏମ୍ବିଏଡିସି ପାଣ୍ଠିରୁ ଅର୍ଥ ବିନିଯୋଗ ହେବ। ଯେଉଁ ମଣ୍ଡିଗୁଡ଼ିକରେ କମିଶନ ବାବଦକୁ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସଂଗ୍ରହ ହେଉଛି, ସେଠାରେ ନିଜସ୍ୱ ପାଣ୍ଠି ଖର୍ଚ୍ଚ ହେବ ଏବଂ ରାଜ୍ୟ ସରକାର ସମୁଦାୟ ଖର୍ଚ୍ଚର ୩୦% ବହନ କରିବେ। ବରଗଡ, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର ଓ ସୋନପୁର ଜିଲାରେ ଏଭଳି ମଣ୍ଡି ରହିଛି। ବାକି ୧୪ ଜିଲାରେ ରାଜ୍ୟ ସରକାରଙ୍କ ବଜେଟ୍ ଅନୁଯାୟୀ ଭିତ୍ତିଭୂମିର ନିର୍ମାଣ ହେବ। ମଣ୍ଡିଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବାକୁ ୩ ପ୍ରକାର ମଡେଲ ଯୋଜନା ହୋଇଛି। ପ୍ରଥମ ହେଉଛି, ଏକ ଅଫିସ ଗୃହ ସହ ୫୦ ଏମ୍‌ଟି କ୍ଷମତାର ଗୋଦାମ, ଦ୍ୱିତୀୟରେ ଏକ ଅଫିସ ଗୃହ, ୨ଟି ୫୦ ଏମ୍‌ଟି କ୍ଷମତା ବିଶିଷ୍ଟ ଗୋଦାମ ଏବଂ ୧୦୦୦ ବର୍ଗଫୁଟ ବିଶିଷ୍ଟ କଭର ଶେଡ୍ ଓ କଂକ୍ରିଟ ପ୍ଲାଟଫର୍ମ। ତୃତୀୟରେ ଡିପୋଜିଟ କାଉଣ୍ଟର, ୧୦୦ ସିଟିଂ କ୍ଷମତାର ମିଟିଂ ଗୃହ, ୧୦୦୦ରୁ ୨୪୦୦ ବର୍ଗ ଫୁଟର କଂକ୍ରିଟ ପିଣ୍ଡି, ସାର ଗୋଦାମଗୃହ, ଖାଦ୍ୟଶସ୍ୟ ଗୋଦାମଗୃହ, ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ ଓ ନିଜସ୍ୱ ବୋରୱେଲ ନିର୍ମାଣ କରାଯିବ। ଏଥିପାଇଁ ୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି। ତେବେ ଉପରୋକ୍ତ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

## ୮ ହାତୀଦାନ୍ତ ଜବତ, ଜଣେ ଗିରଫ

କେନ୍ଦୁଝର,୧୧।୨(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଘଟଗାଁ ଥାନା ମେଲାଣ ଗ୍ରାମ ନିକଟ ଏନ୍ଏଚ୍ ୨୦ ନିକଟରୁ ବନ ବିଭାଗ ଜଣେ ହାତୀଦାନ୍ତ ବେପାରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦.୧୬୦ କି.ଗ୍ରା.ର ୮ ହାତୀ ଦାନ୍ତ ଜବତ କରିଛି। ସେଥିରୁ ୨ଟି ସମ୍ପୂର୍ଣ୍ଣ ଦାନ୍ତ ରହିଥିବା ବନବିଭାଗ ସୂଚନା ଦେଇଛି। ଗିରଫ ବେପାରୀ ମୟୂରଭଞ୍ଜ ଜିଲା କେନ୍ଦୁମୁଣ୍ଡି ଗ୍ରାମର ବୋଲି ଜଣାପଡ଼ିଛି। ଏହି ଦାନ୍ତ କେଉଁଠୁ ଆସିଲା, କେଉଁଠି ହାତୀ ଶିକାର ହୋଇଥିଲା ତାହାର ତଦନ୍ତ ଚାଲିଥିବା ବିଭାଗ କହିଛି। ପ୍ରକାଶ ଯେ, ଗତ କିଛି ବର୍ଷ ହେଲା କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବହୁ ସଂଖ୍ୟାରେ ହାତୀ ମୃତ୍ୟୁ ଓ ହତ୍ୟା ବଢ଼ିବାରେ ଲାଗିଛି।




## ହାଇକୋର୍ଟ ବେଞ୍ଚ ଦାବିରେ ଭଙ୍ଗାରୁଜା ମାମଲା

# ୬୦ଦିନ ପରେ ଜେଲରୁ ବାହାରିଲେ ୨୯ ଓକିଲ

ସମ୍ବଲପୁର,୧୧।୨(ବ୍ୟୁରୋ)


ସମ୍ବଲପୁର ଜେଲରୁ ବାହାରୁଛନ୍ତି ଓକିଲମାନେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୨୯ ଜଣ ଆଇନଜୀବୀଙ୍କୁ ହାଇକୋର୍ଟ ଶୁକ୍ରବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଶନିବାର ସମ୍ବଲପୁର କୋର୍ଟରେ କାଗଜପତ୍ର ପ୍ରକ୍ରିୟା ଶେଷ ହେବା ପରେ ଅପରାହ୍ଣ ପ୍ରାୟ ସାଢେ ୪ଟା ସମୟରେ ଓକିଲମାନେ ଜେଲରୁ ବାହାରିଥିଲେ। ଜେଲ ବାହାରେ ଅପେକ୍ଷା କରିଥିବା ପରିବାର ପରିଜନଙ୍କ ସହ ସେମାନେ ଘରକୁ ଯାଇଥିଲେ। ହାଇକୋର୍ଟରେ ସର୍ତ୍ତ ରହିଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ କିମ୍ବା ଏକାଠି ହୋଇ ନ ଥିଲେ। ପ୍ରାୟ ୬୦ଦିନ ବ୍ୟବଧାନରେ ପରିବାର ଓ ପରିଜନଙ୍କୁ ଦେଖିବା ପରେ କେତେଜଣ ଆଇନଜୀବୀ ଭାବବିହ୍ୱଳ ହୋଇପଡିଥିଲେ।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ ଅଭାବନୀୟ ଘଟଣା ଘଟିଥିଲା। କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଘଟଣାରେ ପୋଲିସ ୨୯ ଓକିଲଙ୍କ ସମେତ ଜଣେ ବାର୍ କର୍ମଚାରୀ ଓ ୮ଜଣ କିନ୍ନର ମୋଟ ୩୮ଜଣଙ୍କୁ ଗିରଫ କରିଥିଲା। ଗିରଫ ସମ୍ପୃକ୍ତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏ ନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିଶନାଲ ସେସନ୍ସ ଜଜ୍‌କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଅନ୍ୟପଟେ ଏହି ଘଟଣାରେ ଗିରଫ ଅନ୍ୟ ୮ଜଣ କିନ୍ନରଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଜାମିନ ମିଳିବ ବୋଲି କୁହାଯାଉଛି।

# ଭାରତୀୟ ଖାଦ୍ୟ ସୁରକ୍ଷାର ଆଧାର ଚାଉଳ: ରାଷ୍ଟ୍ରପତି


କଟକ ଜିଲା ବିଦ୍ୟାଧରପୁରସ୍ଥିତ ଏନ୍ଆର୍ଆର୍ଆଇରେ ଶନିବାର ୨ୟ ଭାରତୀୟ ରାଇସ୍ କଂଗ୍ରେସ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୧୧।୨

## ୨ୟ ଭାରତୀୟ ରାଇସ୍ କଂଗ୍ରେସ ଉଦ୍‌ଘାଟିତ

ଭାରତୀୟ ଖାଦ୍ୟ ସୁରକ୍ଷାର ମୁଖ୍ୟ ଆଧାର ଓ ଅର୍ଥନୀତିର ପ୍ରମୁଖ ଅଙ୍ଗ ହେଉଛି ଚାଉଳ। ଆମ ସଂସ୍କୃତି ଓ ଐତିହ୍ୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅକ୍ଷତ କୁହାଯାଉଥିବା ଅଭଙ୍ଗା ଚାଉଳ ପ୍ରଗତି ଓ ପୂର୍ଣ୍ଣ ଜୀବନର ପ୍ରତୀକ ଭାବେ ପରିଗଣିତ ହେଉଛି। ଶିଶୁକୁ ପ୍ରଥମ କଠିନ ଖାଦ୍ୟ ଭାବେ ଚାଉଳରୁ ପ୍ରସ୍ତୁତ ଖାଦ୍ୟ ହିଁ ଦିଆଯାଏ। ତେଣୁ ଚାଉଳକୁ ପ୍ରକୃତରେ ଜୀବନର ଶସ୍ୟ ଭାବେ ଅଭିହିତ କରିଛନ୍ତି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

କଟକ ଜିଲା ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍ଆର୍ଆର୍ଆଇ)ରେ ଶନିବାର ୪ଦିନିଆ ୨ୟ ଭାରତୀୟ ରାଇସ୍ କଂଗ୍ରେସ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଷ୍ଟ୍ରପତି ମୁର୍ମୁ ଉଦ୍‌ଘାଟନ କରି କହିଥିଲେ, ସମଗ୍ର ଏସିଆ ମହାଦେଶରେ ଭାରତ ହେଉଛି ବୃହତ୍ ଚାଉଳ ରପ୍ତାନିକାରୀ ଦେଶ, ଯାହାକି ପୃଥିବୀର ଅନ୍ୟାନ୍ୟ ପ୍ରାନ୍ତରେ ରହୁଥିବା ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଉଛି। ଦେଶରେ ଖାଦ୍ୟର ଆବଶ୍ୟକତା ପୂରଣ ହେବାରେ ଆତ୍ମନିର୍ଭରଶୀଳ ହେବା ସହ ଭାରତ ସର୍ବବୃହତ୍ ଚାଉଳ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନକୁ ଏହାର ଯଥେଷ୍ଟ ଶ୍ରେୟ ଦିଆଯିବା ଉଚିତ। ଉନ୍ନତ କିସମର ଧାନ ବିକଶିତ କରିବା, ଖାଦ୍ୟ ସୁରକ୍ଷାରେ ବ୍ୟାପକ ଯୋଗଦାନ ସହ ଏହି ପ୍ରତିଷ୍ଠାନ ଚାଷୀଙ୍କ ଜୀବନରେ ସୁଧାର ଆଣିପାରିଛି ବୋଲି ସେ କହିଥିଲେ। ସେହିପରି ଗତ ଶତାବ୍ଦୀରେ ଜଳସେଚନ ସୁବିଧାର ସମ୍ପ୍ରସାରଣ ହୋଇଛି। ନୂଆ ସ୍ଥାନରେ ଧାନ ଅମଳ ହୋଇଛି। ତେବେ ଧାନ ଫସଲ ପାଇଁ ପ୍ରଚୁର ମାତ୍ରାରେ ଜଳର ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ବିଭିନ୍ନ ପ୍ରାନ୍ତରେ ଜଳାଭାବ ସମସ୍ୟା ଦେଖାଦେଇଛି। ମରୁଡ଼ି, ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟ ଏବେ ବାରମ୍ବାର ଦେଖିବାକୁ ମିଳୁଛି, ଯାହାକି ଧାନ ଚାଷକୁ ଅଧିକ ବିପଦରେ ପକାଉଛି। ଏବେ ଧାନଚାଷର ନୂତନ ପଦ୍ଧତି ଆବିଷ୍କାର ହୋଇଥିଲେ ମଧ୍ୟ ପାରମ୍ପରିକ କିସମର ଧାନଚାଷକୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପାରମ୍ପରିକ କିସମର ସଂରକ୍ଷଣ ଏବଂ ସୁରକ୍ଷା ସହିତ ପରିବେଶ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ। ଅତ୍ୟଧିକ ରାସାୟନିକ ସାର ଉପଯୋଗ କାରଣରୁ ହେଉଥିବା ମୃତ୍ତିକା କ୍ଷୟକୁ ରୋକିବା ଅନ୍ୟ ଏକ ସମସ୍ୟା ହୋଇଛି। ଆଧୁନିକ ଧାନଚାଷ ପାଇଁ ଏହାକୁ ଜରୁରୀ ବୋଲି ବିବେଚନା କରାଯାଇଥାଏ। ମୃତ୍ତିକାକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଏହି ସାର ଉପରେ ନିର୍ଭରଶୀଳତା କମାଇବାକୁ ପଡ଼ିବ। ଆମର ବୈଜ୍ଞାନିକମାନେ ପରିବେଶ ଅନୁକୂଳ ଧାନଚାଷ ପଦ୍ଧତି ଉଦ୍ଭାବନ କରିପାରିବେ ବୋଲି ରାଷ୍ଟ୍ରପତି ଆଶାପ୍ରକାଶ କରିଥିଲେ। ଏଥିସହ ଚାଉଳ ଆମ ଖାଦ୍ୟ ସୁରକ୍ଷାର ଆଧାର, ଆମେ ଏହାର ପୋଷକ ତତ୍ତ୍ୱ ବିଷୟରେ ମଧ୍ୟ ଚିନ୍ତା କରିବା ଉଚିତ୍। ଚାଉଳ ମାଧ୍ୟମରେ ପ୍ରୋଟିନ, ଭିଟାମିନ ଓ ଅନ୍ୟ ଜରୁରୀ ପୋଷକ ତତ୍ତ୍ୱ ଯୋଗାଇ ଦେବା ଦ୍ୱାରା ଆର୍ଥିକ ଅସ୍ୱଚ୍ଛଳବର୍ଗଙ୍କ କୁପୋଷଣକୁ ଦୂର କରାଯାଇପାରିବ। କଟକସ୍ଥିତ ଜାତୀୟ ଧାନ ଗବେଷଣାଗାର ପକ୍ଷରୁ ଭାରତର ପ୍ରଥମ ଉଚ୍ଚ ପ୍ରୋଟିନଯୁକ୍ତ ଧାନ 'ସିଆର୍ ଧାନ ୩୧୦' ବିକଶିତ କରାଯାଇଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ।

କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଥିଲେ, ଭାରତ ଏକ କୃଷି ପ୍ରଧାନ ଦେଶ। ବୈଜ୍ଞାନିକଙ୍କ ଗବେଷଣା ଓ କୃଷକଙ୍କ ପରିଶ୍ରମ ଯୋଗୁ କୃଷିକ୍ଷେତ୍ରରେ ବହୁତ ପ୍ରଗତୀ ହୋଇଛି। ଏଣିକି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକମାନଙ୍କୁ ଜୈବିକ ସାର ଦ୍ୱାରା ଉତ୍ପାଦିତ ଚାଉଳ ଯୋଗାଇ ଦିଆଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ, ଚାଉଳ ଲୋକଙ୍କ ମୁଖ୍ୟ ଖାଦ୍ୟ। ଯାହାକି ଆମ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ହୋଇରହିଛି। ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଓଡ଼ିଶା ଖାଲି ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇନାହିଁ, ବରଂ ଅନ୍ୟ ୬ଟି ରାଜ୍ୟକୁ ଚାଉଳ ରପ୍ତାନି କରୁଛି। ଚାଉଳ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ଅବସରରେ ସ୍ମରଣିକା ସମେତ କେତେକ ଗବେଷଣା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଆଇସିଏଆର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ, ଆସୋସିଏଶନ ଅଫ୍ ରାଇସ୍ ରିସର୍ଚ୍ଚ ୱର୍କର୍ସ ଅଧ୍ୟକ୍ଷ ଡ. ପି. କେ. ଅଗ୍ରୱାଲ, ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଏ. କେ. ନାୟକ ଓ ସଚିବ ଡ. ଏସ୍. ଶାହା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ପିନାକ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଉପନିର୍ଦ୍ଦେଶକ ହେମନ୍ତ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ କୃଷକଙ୍କ ସମେତ ଦେଶବିଦେଶର ବୈଜ୍ଞାନିକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ତଥା ଅନ୍ୟ ବିଭାଗର ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

DSPL-445

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority

ସାବଧାନ ! ଠକାମିର ଶିକାର ହୋଇପାରନ୍ତି ଆପଣ !

ସ୍ୱପ୍ନର ଘର କିମ୍ବା ଜାଗା କିଣିବା ପୂର୍ବରୁ ଏହି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

- ରେରା ଆଇନ {Real Estate (Regulation and Development) Act,2016}ର ଧାରା 3 ଅନୁଯାୟୀ ଓଡ଼ିଶା ରେରା(Odisha Real Estate Regulatory Authority)ଙ୍କ ନିକଟରେ କୌଣସି ଉଦ୍ୟୋକ୍ତା(promoter) ସ୍ଥାବର ସମ୍ପତ୍ତି ପ୍ରକଳ୍ପ(real estate project)ର ପ୍ରାକ୍ ପଞ୍ଜିକରଣ ନ କରି ଜାଗା, ଆପାର୍ଟମେଣ୍ଟ କିମ୍ବା ଗୃହ ସମ୍ପର୍କିତ ବିଜ୍ଞାପନ, ବିପଣନ, ବିକ୍ରୟ କରିପାରିବେ ନାହିଁ ।
- ଯେଉଁ କ୍ଷେତ୍ରରେ ଉନ୍ନତିକରଣ(development) ପାଇଁ ପ୍ରସ୍ତାବିତ ଜାଗାର ଆକାର 500 ବର୍ଗ ମିଟରରୁ ଅଧିକ ନୁହେଁ କିମ୍ବା ପ୍ରସ୍ତାବିତ ଆପାର୍ଟମେଣ୍ଟ ସଂଖ୍ୟା 8ରୁ ଅଧିକ ନୁହେଁ, ସେ କ୍ଷେତ୍ରରେ ପଞ୍ଜିକରଣର ଆବଶ୍ୟକତା ନାହିଁ ।
- କୌଣସି ଉଦ୍ୟୋକ୍ତା/ନିର୍ମାଣକାରୀ ସଂସ୍ଥାରୁ ଉପରୋକ୍ତ ନିୟମ ପରିସରଭୁକ୍ତ ଜମି କିମ୍ବା ଘର ବିନା ରେରା ପଞ୍ଜିକରଣରେ କିଣନ୍ତୁ ନାହିଁ ।
- ସହରାଞ୍ଚଳ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳ ପ୍ରକଳ୍ପ ପାଇଁ ସମ୍ପୃକ୍ତ କ୍ଷମତାପନ୍ନ ପ୍ଲାନ୍ ଅନୁମୋଦନକାରୀ ସଂସ୍ଥାରୁ ଅନୁମତି ପ୍ରାପ୍ତି ପରେ ରେରା ପଞ୍ଜିକରଣ ପାଇଁ ଆବେଦନ କରିବା ଆବଶ୍ୟକ ।
- ରେରା ଆଇନ କାର୍ଯ୍ୟକାରୀ ହେବା ଦିନ (ତା 01.05.2017 ରିଖ)ଠାରୁ ବିକ୍ରୟ ପାଇଁ ଉଦ୍ଦିଷ୍ଟ ସମସ୍ତ ଅସଂପୂର୍ଣ୍ଣ ଥିବା ପ୍ରକଳ୍ପ ଏବଂ ନୂତନ ଆପାର୍ଟମେଣ୍ଟ, ଗୃହ କିମ୍ବା ଜାଗା ସମ୍ପର୍କିତ ପ୍ରକଳ୍ପ ରେରା ନିକଟରେ ପଞ୍ଜିକରଣ ବାଧ୍ୟତାମୂଳକ ଅଟେ ।
- 500 ବର୍ଗ ମିଟରରୁ ଅଧିକ ଆୟତନର ଯେ କୌଣସି ପ୍ଲଟେଡ ସ୍କିମ୍ ପ୍ରକଳ୍ପ ପାଇଁ ରେରା ପଞ୍ଜିକରଣ ଅପରିହାର୍ଯ୍ୟ।
- ପ୍ରସ୍ତାବିତ ପ୍ରକଳ୍ପ ଠିକ୍ ସମୟରେ ସଂପୂର୍ଣ୍ଣ ନହେବା, ଚୁକ୍ତି ମୁତାବକ ପ୍ରକଳ୍ପରେ ଆବଶ୍ୟକ ସୁବିଧା ସୁଯୋଗ ନଦେବା କିମ୍ବା ବିକ୍ରେତା ଅଧିକ ଅର୍ଥ ଦାବି କଲେ ଗ୍ରାହକ ରେରାରେ ଅଭିଯୋଗ କରିପାରିବେ ।
- ରେରା ୱେବସାଇଟ www.rera.odisha.gov.inରୁ ଆଶାୟୀ ଗ୍ରାହକମାନେ ପଞ୍ଜିକୃତ ଗୃହ ନିର୍ମାଣ ପ୍ରକଳ୍ପ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପାଇପାରିବେ ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

BLOCK-A1, 3rd Floor, Toshali Bhawan, Satya Nagar, Bhubaneswar-751007

OIPR-13223/13/0006/2223

**ଆଜିର ମନ୍ତବ୍ୟ**

" ଇସ୍‌ଲାମ ଭାରତର ସବୁଠୁ ପୁରୁଣା ଧର୍ମ। ଏହି ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କର ଯେତିକି, ମୋର ମଧ୍ୟ ସେତିକି। ମୁଁ ସେମାନଙ୍କଠାରୁ ଇଞ୍ଚେ ଆଗରେ କିମ୍ବା ପଛରେ ନାହିଁ **-ମହମ୍ମଦ ମଦାନି, ଜମାଏତ୍ ଉଲମା-ଇ-ହିନ୍ଦ୍ ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗତ ଭବିଷ୍ୟ ଜାଣଇଁ ଯେ,**
**ଗଣ୍ଡିଆ ପାଖରୁ ଟାଣଇ ସେ।**

କୃପଣ ଲୋକଠାରୁ ଧନ ହାତେଇବା ସହଜ କଥା ହୋଇ ନ ଥାଏ। ତେବେ ଯିଏ ଅତୀତ ଭବିଷ୍ୟତ କଥା କହିପାରେ ସେହି ବ୍ୟକ୍ତି ଅନାୟାସରେ କୃପଣ ଲୋକଠାରୁ ଧନ ବା ପାଉଣା ଆଦାୟ କରିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆୟ ଶିୟ ଅଢ଼େଇ ଦିନ,**
**ଛାତି ଦସ୍ତକରି ମଣିଷ ଚିହ୍ନ।**

ଦୁଃଖ ଓ ଅଭାବ ସମୟରେ ପ୍ରକୃତ ହିତାକାଂକ୍ଷୀଙ୍କୁ ଚିହ୍ନିବା ସହଜ ହୋଇଥାଏ। ମଣିଷ ଏବଂ ମଣିଷ ମଧ୍ୟରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତ ହୋଇ ବନ୍ଧୁ ବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସବୁଠୁ ବୟସ୍କ ମୂଷା



**ସାନ୍‌ଡାଇଗୋ, ୧୧।୨**

କାଲିଫର୍ନିଆର ପକେଟ ମାଉସ୍ 'ପାଟ୍' ବିଶ୍ୱର ସବୁଠୁ ବୟସ୍କ ମୂଷା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ପାଳିତ ମୂଷା ପାଟ୍‌ର ବୟସ ୯ ବର୍ଷ ୨୦୯ ଦିନ। ୨୦୧୩ ଜୁଲାଇ ୧୪ରେ କାଲିଫର୍ନିଆର ସାନ୍ ଡାଇଗୋ ଜୁ' ସଫାରି ପାର୍କରେ ପାଟ୍‌ର ଜନ୍ମ। ମୂଷାମାନଙ୍କ ଜୀବନକାଳ ଅତବେଶୀରେ ୭ ବର୍ଷ ହୋଇଥିବାବେଳେ ପାଟ୍ ୯ ବର୍ଷରୁ ଅଧିକ ଦିନ ଜୀବିତ ରହି ଏହି ରେକର୍ଡ ହାସଲ କରିଛି। ସଂରକ୍ଷଣ ପ୍ରଜନନ ପ୍ରଣାଳୀ ପ୍ରୋଗ୍ରାମ ଜରିଆରେ ପାଟ୍‌କୁ ବିକଶିତ କରାଯାଇଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି। ଉତ୍ତର ଆମେରିକାରେ ଦେଖାଯାଉଥିବା ମୂଷାଗୁଡ଼ିକ ମଧ୍ୟରୁ ପାଟ୍ ସବୁଠାରୁ କ୍ଷୁଦ୍ର ପ୍ରଜାତିର । ଲସ୍‌ଆଞ୍ଜେଲସର ଦକ୍ଷିଣାଞ୍ଚଳରେ ଏହି ପ୍ରଜାତି ଅଧିକ ଦେଖିବାକୁ ମିଳୁଥିବାବେଳେ ୧୯୩୨ ମସିହା ପରଠାରୁ ଏମାନଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ପୁଣି ୧୯୯୪ ମସିହାରେ ଡାନା ପଏଣ୍ଟରେ ଏହି ପ୍ରଜାତିର ଉପସ୍ଥିତି ଜଣାପଡ଼ିଥିଲା। ବର୍ତ୍ତମାନ ସମୟରେ ପକେଟ୍ ମାଉସ୍ ବିପଦସଙ୍କୁଳ ଅବସ୍ଥାରେ ଅଛି। ୨୦୧୧ରେ ଏକ ସଂରକ୍ଷଣ ପ୍ରଜନନ ପ୍ରୋଗ୍ରାମ୍ ଆରମ୍ଭ କରାଯାଇଥିବାବେଳେ ଗତବର୍ଷ ୧୧୭ ପକେଟ୍ ମାଉସ୍ ଚିଡ଼ିଆଖାନାରେ ଜନ୍ମ ନେଇଛନ୍ତି।

# ୧,୬୫,୭୦୦ ମାମଲା ଫଇସଲା

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ**

■ **୧୭୪,୭୬,୬୦,୯୭୨ ଟଙ୍କା କ୍ଷତିପୂରଣ ଆଦାୟ**

କଟକ ଅଫିସ, ୧୧।୨: ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ପକ୍ଷରୁ ରାଜ୍ୟର ପ୍ରତି ଜିଲା ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଓ ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଯଶୱନ୍ତ ସିଂଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରହଣ କରାଯାଇଥିବା ମୋଟ ୩ ଲକ୍ଷ ୧୭ହଜାର ୬୩୪ଟି ମାମଲା ମଧ୍ୟରୁ ୧ ଲକ୍ଷ ୪ହଜାର ୨୬୧ ପ୍ରାକ୍ ମକଦ୍ଦମା ଓ ୨ ଲକ୍ଷ ୧୩ ହଜାର ୩୭୩ ବିଚାରାଧୀନ ରହିଥିଲା। ସେଥିମଧ୍ୟରୁ ୧ ଲକ୍ଷ ୬୫ ହଜାର ୭୦୦ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧୭୪ କୋଟି ୭୬ ଲକ୍ଷ ୬୦ହଜାର ୯୭୨ ଟଙ୍କା ଆଦାୟ ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ମାମଲାଗୁଡ଼ିକ ମଧ୍ୟରେ ଫୌଜଦାରି ସାଲିସଯୋଗ୍ୟ ମାମଲା ୩୨୪, ଚେକ୍ ବାଉନ୍ସ ୧୨୬୭, ବ୍ୟାଙ୍କ ଋଣ ୭୦୯, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ୧୦୧୦, ବୈବାହିକ ବିବାଦ ୫୯୫, ଭୂମି ଅଧିଗ୍ରହଣ ୨୭, ବିଦ୍ୟୁତ୍ ଓ ଜଳକର ପଇଠ ସମ୍ବନ୍ଧୀୟ ୯, ଶ୍ରମ ବିବାଦ ୧୦୪, ଚାକିରି ସମ୍ବନ୍ଧୀୟ ୮, ରାଜସ୍ୱ ମକଦ୍ଦମା ୧ ଲକ୍ଷ ୪୮ହଜାର ୨୧୨, ଅନ୍ୟାନ୍ୟ ଦେୱାନୀ ୧୬୩୨, ଅନ୍ୟାନ୍ୟ ଫୌଜଦାରି ୭୫୦୭ ଓ ଉପଭୋକ୍ତା ମାମଲା ୧୫୦ଟି ରହିଛି। ସୂଚନାଯୋଗ୍ୟ, ଜାତୀୟ ଆଇନ ସେବା ପ୍ରାଧିକରଣ (ଏନ୍‌ଏଲ୍‌ଏସ୍‌ଏ)ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତବର୍ଷ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିବାଦ କିମ୍ବା ମକଦ୍ଦମାର ସହଜ ଏବଂ ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରାଧୀନ ମକଦ୍ଦମା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ମଧ୍ୟ ସମାଧାନ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଅନ୍ୟ କାର୍ଯ୍ୟରେ ...

କରିବାରେ ସାମିଲ କରାଯାଇଥାଏ। ଫଳରେ ପିଲାମାନଙ୍କ ଶିକ୍ଷାଦାନ ବିଶେଷ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ସାମିଲ କରାଯିବ ନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହାକୁ ଅନୁକରଣ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗୋପାଳଙ୍କ ନାର୍କୋ ...

ନବ ଦାସ ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ୮ ଜଣିଆ ଟିମ୍ ଏସବୁ ପରୀକ୍ଷା ପାଇଁ ଗାନ୍ଧୀନଗରରେ କ୍ୟାମ୍ପ ପକାଇଥିଲେ। ତେବେ ରବିବାର ଗୋପାଳଙ୍କ ରିମାଣ୍ଡ ଅବଧି ସରୁଥିବାରୁ କ୍ରାଇମବ୍ରାଞ୍ଚ ତାଙ୍କୁ ଗୁଜରାଟରୁ ଆଣି ଓଡ଼ିଶାରେ ପହଞ୍ଚିବା ପରେ ଅଦାଲତରେ ହାଜର କରାଇବ ବୋଲି ଜଣାଯାଇଛି।

## ଡିଜିପିଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର, ୧୧।୨(ବ୍ୟୁରୋ) - ପୂର୍ବତନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ଡିଜିପିଙ୍କୁ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି। ମାନବାଧିକାରୀ କର୍ମୀ ତଥା ହ୍ୟୁମାନ ରାଇଟ୍ସ ଫଣ୍ଟ ଭାରତର ଚେୟାରପର୍ସନ ମନୋଜ ଜେନା ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ହତ୍ୟା ପଛର ରହସ୍ୟ ଉନ୍ମୋଚନ ପାଇଁ ନିରପେକ୍ଷ ତଦନ୍ତ ଲାଗି ଏନ୍‌ଏଚ୍‌ଆର୍‌ସି ହସ୍ତକ୍ଷେପ କରନ୍ତୁ ବୋଲି ମନୋଜ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଓଡ଼ିଶା ଡିଜିପିଙ୍କୁ ଆସନ୍ତା ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟ ମାନବାଧିକାର କମିଶନ ଯଦି ଏହି ମାମଲାରେ କୌଣସି ନୋଟିସ କିମ୍ବା ଅର୍ଡର ଦେଇଥାନ୍ତି, ତାକୁ ମଧ୍ୟ ୪ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# 'ହାଲ୍' ତଥ୍ୟ ପ୍ରଘଟ ଚର୍ଚ୍ଚା

*ଭାରତରୁ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାକୁ ବାହାର ଦେଶ ଦ୍ୱାରା ନିୟୋଜିତ ସୁନ୍ଦରୀ ତରୁଣୀମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେମାନେ ବିଭିନ୍ନ ପ୍ରତିରକ୍ଷା ଓ ଆନୁଷଙ୍ଗିକ ସଂସ୍ଥାର କର୍ମଚାରୀମାନଙ୍କୁ ପ୍ରେମ ଜାଲରେ (ହନି ଟ୍ରାପ୍) ଫସାଇ ତଥ୍ୟ ସଂଗ୍ରହ କରିନେଉଛନ୍ତି। ଏଭଳିସ୍ଥଳେ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ତଥ୍ୟ ପ୍ରଘଟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ହାଲ୍‌ର ୨ କର୍ମଚାରୀଙ୍କୁ ଉଠାଇ ନେଇଥିବା କୁହାଯାଉଛି।*

**କୋରାପୁଟ/ ସୁନାବେଡ଼ା/ ସେମିଳିଗୁଡ଼ା,୧୧।୨(ସ୍ୱ.ପ୍ର.)**

ଦେଶର ପ୍ରତିରକ୍ଷା ସହିତ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଶତ୍ରୁ ରାଷ୍ଟ୍ର ଏବଂ ବିଦେଶୀ ସଂସ୍ଥା ପକ୍ଷରୁ ଲଗାତର ଟାର୍ଗେଟ୍ କରାଯାଇଆସୁଛି। ଓଡ଼ିଶାରେ ଥିବା ସେଭଳି ସଂସ୍ଥାଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ।

## ସିବିଆଇ ପଞ୍ଝାରେ ୨ କର୍ମଚାରୀ

ସେକ୍ସ, ଆର୍ଥିକ ପ୍ରଲୋଭନ ଭଳି ବିଭିନ୍ନ ଉପାୟରେ ଉକ୍ତ ସଂସ୍ଥାଗୁଡ଼ିକରୁ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଚାଲିଛି। ପୂର୍ବରୁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର କର୍ମଚାରୀ ହନି ଟ୍ରାପ୍‌ରେ ପଡ଼ି ତଥ୍ୟ ପ୍ରଘଟ କରିବାର ନଜିର ରହିଛି। ଏପରି କି ଉକ୍ତ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। ଏବେ ସୁନାବେଡ଼ା ହାଲ୍‌ର ୨ କର୍ମଚାରୀ ତଥ୍ୟ ପ୍ରଘଟ କରିଥିବା ଚର୍ଚ୍ଚା ଜୋର ଧରିଛି।

ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, ମହାରାଷ୍ଟ୍ରର ନାସିକ ବ୍ରାଞ୍ଚ ସୂଚନା ଆଧାରରେ ସିବିଆଇ ଟିମ୍ ଶନିବାର ସୁନାବେଡ଼ାସ୍ଥିତ ହାଲ୍‌ରେ ଚଢ଼ାଉକରି ଦୁଇ କର୍ମଚାରୀଙ୍କୁ ଉଠାଇ ନେଇଛି। ସେମାନଙ୍କ ମଧ୍ୟରୁ ଜଣେ ହାଲ୍‌ର ପଦସ୍ଥ ଅଧିକାରୀ ବୋଲି ଜଣାପଡ଼ୁଛି। ତାଙ୍କଠାରୁ ସିବିଆଇ ଟିମ୍ ଏକ ଲାପଟପ୍ ସହ ହାର୍ଡଡିସ୍କ ଜବତ କରିଥିବା ସୂଚନା ମିଳିଛି। ଚଢ଼ାଉ ଏବଂ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଉକ୍ତ ୨ କର୍ମଚାରୀ ହନି ଟ୍ରାପ୍‌ରେ ସୁରକ୍ଷା ତଥ୍ୟ ପ୍ରଘଟ କରିଥିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ଏନେଇ କୌଣସି ସୂଚନା ସିବିଆଇ, ସ୍ଥାନୀୟ ପୋଲିସ ଓ ହାଲ୍ ପକ୍ଷରୁ ଦିଆଯାଇନାହିଁ। ତେବେ ସିବିଆଇ ୨ କର୍ମଚାରୀଙ୍କୁ ଉଠାଇନେବା ଏବଂ ହେଉଥିବା ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି ସୁନାବେଡ଼ା ହାଲ୍‌ର ଡିଜିଏମ୍ (ଏଚ୍‌ଆର୍) ଭବାନୀ ଶଙ୍କର ଶାହା। ସେଭଳି କିଛି ହୋଇନାହିଁ ବୋଲି ଶାହା କହିଛନ୍ତି। ସୁନାବେଡ଼ା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ମଧ୍ୟ ସିବିଆଇ ହାଲ୍‌ର ୨ କର୍ମଚାରୀଙ୍କୁ ଉଠାଇ ନେବା ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି। ଏକ ଜମିଜମା ମାମଲାରେ ହାଲ୍‌ର ଜଣେ କର୍ମଚାରୀଙ୍କୁ ଅଣାଯାଇଥିଲା। ପଚରାଉଚରା ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ରାଉତ କହିଛନ୍ତି।

# ବ୍ୟାଙ୍କମିତ୍ରଙ୍କ ସ୍ୱାମୀ ଇନ୍‌ଫର୍ମର

■ **ପରଜଙ୍ଗ ଡକାୟତି ଘଟଣାର ରହସ୍ୟ ଖୋଲୁଛି**
■ **ଡକାୟତଙ୍କୁ ସୂଚନା ଦେଇ ବନ୍ଧାହେଲେ ୩**
■ **ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ: ଏସ୍‌ପି**



ଗିରଫ ୩ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

**ପରଜଙ୍ଗ, ୧୧।୨(ଡି.ଏନ୍.ଏ.)**

ଅଞ୍ଚଳର କେଉଁ ବ୍ୟବସାୟୀ କେଉଁଦିନ ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଆସୁଥିଲେ। ସେମାନେ କେତେଟଙ୍କା ଜମା କରୁଥିଲେ। ହାରାହାରି କେତେ ସମୟ ବ୍ୟାଙ୍କରେ ରହୁଥିଲେ। କେତେବେଳେ ଏବଂ କେଉଁ ବାଟରେ ଫେରୁଥିଲେ। ଏସବୁର ସବିଶେଷ ସୂଚନା ଜାଣିବା ପାଇଁ ଡକାୟତ ଗ୍ୟାଙ୍ଗ୍ ନିୟୋଜିତ କରିଥିଲେ ଇନଫର୍ମର। ସେମାନଙ୍କ ସୂଚନା ଆଧାରରେ ଅଭିଯୁକ୍ତମାନେ ଲୁଟ୍ ପାଇଁ ବିଛାଉଥିଲେ ଜାଲ। ଢେଙ୍କାନାଳ ଜିଲା ପରଜଙ୍ଗର ପ୍ରତିଷ୍ଠିତ ବ୍ୟବସାୟୀ ବିନୟ କୁମାର ସାହୁ ଓ କନ୍ଦରସିଂହା ଗ୍ରାମର ରାଶନ ବ୍ୟବସାୟୀ କ୍ଷୀରୋଦ ସାହୁଙ୍କ ମ୍ୟାନେଜର ଜୟନ୍ତ କୁମାର ଆଚାର୍ଯ୍ୟଙ୍କଠାରୁ ହୋଇଥିବା ବଡ଼ ଧରଣର ଡକାୟତି ଘଟଣା ପଛରେ ଯେଉଁ ୩ଜଣ ଇନ୍‌ଫର୍ମରଙ୍କ ସମ୍ପୃକ୍ତି ଥିଲା, ସେମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ପରଜଙ୍ଗର ବିଜୟ ସାମଲ ଓରଫ ବଗା (୪୨), କନ୍ଦରସିଂହା ଗ୍ରାମର ହେମନ୍ତ ରାଉତ (୪୨) ଏବଂ କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମର ଆଶିଷ ନାୟକ (୧୯)। ଗିରଫ ଇନ୍‌ଫର୍ମରଙ୍କ ମଧ୍ୟରୁ ହେମନ୍ତ ହେଉଛନ୍ତି ଲୋଧଣି ବ୍ୟାଙ୍କମିତ୍ରଙ୍କ ସ୍ୱାମୀ। ଏସବୁ ଆପରାଧିକ ଘଟଣାରେ ଅନେକ ପେସାଦାର ଅପରାଧୀଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ଧରିବା ଲାଗି ପୋଲିସ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ବୋଲି ଶନିବାର ପରଜଙ୍ଗ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ପରଜଙ୍ଗ ପ୍ରତିଷ୍ଠିତ ବ୍ୟବସାୟୀ ବିନୟ ସାହୁଙ୍କ ଘରେ ୨୦୨୨ ଅକ୍ଟୋବର ୬ରେ ସଶସ୍ତ୍ର ଡକାୟତି ହୋଇଥିଲା। ବିନୟଙ୍କ ଅନୁପସ୍ଥିତି ସୁଯୋଗରେ ଅଭିଯୁକ୍ତମାନେ ତାଙ୍କ ମା', ସ୍ତ୍ରୀ, ଝିଅଙ୍କୁ ମୁଣ୍ଡଜାମିନ ରଖି ଘରେ କଳାକନା ବୁଲାଇଥିଲେ। ଏ ସଂକ୍ରାନ୍ତରେ ନଂ.୪୪୯/୨୨ ଆର୍ମସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅନୁରୂପ ଭାବେ ଗତ ଜାନୁୟାରୀ ୯ରେ ଲୋଧଣୀସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ବଡ଼ ଧରଣର ଲୁଟ୍ ହୋଇଥିଲା। କନ୍ଦରସିଂହା ଗ୍ରାମର ରାଶନ ବ୍ୟବସାୟୀ କ୍ଷୀରୋଦ ସାହୁଙ୍କ ମ୍ୟାନେଜର ଜୟନ୍ତ ଆଚାର୍ଯ୍ୟଙ୍କ ଉପରେ ଡକାୟତ ଦଳ ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ଗତ ୩ ତାରିଖରେ ମହାବିରୋଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ସଶସ୍ତ୍ର ଡକାୟତି ହୋଇଥିଲା। କର୍ମଚାରୀଙ୍କୁ ମୁଣ୍ଡଜାମିନ ରଖି ଅଭିଯୁକ୍ତମାନେ ୯ କେଜିରୁ ଊର୍ଦ୍ଧ୍ୱ ସୁନାଗହଣା ଏବଂ ନଗଦ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଏସବୁ ଘଟଣାରେ ଢେଙ୍କାନାଳ ଜିଲା ପୋଲିସର ୫୦ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଥିଲା। ପୋଲିସ ପକ୍ଷରୁ ଖୋଳତାଡ଼ ବେଳେ ଇନ୍‌ଫର୍ମରଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ସେମାନଙ୍କ ତଥ୍ୟ ଆଧାରରେ ଗିରଫ ହୋଇଥିବା ୯ଜଣିଆ ଡକାୟତ ଗ୍ୟାଙ୍ଗଠାରୁ ପିସ୍ତଲ, ଭୁଜାଲି, ମାରଣାସ୍ତ୍ର ସମେତ ନଗଦ ଟଙ୍କା ଜବତ କରାଯାଇଥିଲା। ଅଧିକ ତଥ୍ୟ ସଂଗ୍ରହ ପାଇଁ ଗିରଫ ଇନ୍‌ଫର୍ମରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ଶକ୍ତି ପ୍ରସାଦ ସାହୁ, ମାମିନା ପ୍ରଧାନ, ମହାବିରୋଡ ଥାନା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଅଢ଼େଇ ଦିନରେ ...

ପଛୁଆ ରହି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ତେବେ ବିଶ୍ୱ କ୍ରିକେଟରେ ଶକ୍ତିଶାଳୀ ଦଳଭାବେ ପରିଚିତ ହେଉଥିବା ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ କେବଳ ଗୋଟିଏ ସେସନରେ ଶେଷ ହୋଇଯାଇଥିଲା। ଅର୍ଥାତ୍ ଭ୍ରମଣକାରୀ ଦଳ ମାତ୍ର ୩୨.୩ ଓଭର ଖେଳି ୯୧ ରନରେ ଟା' ବିରତି ପୂର୍ବରୁ ଅଲ୍‌ଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଇନିଂସ ଗୋଟିଏ ସେସନରେ ଶେଷ ହେବା କ୍ୱଚିତ ଦେଖିବାକୁ ମିଳିଥାଏ। ମାତ୍ର ଏଠାରେ ଭାରତୀୟ ସ୍ପିନରମାନେ ଚମତ୍କାର ବୋଲିଂ କରି ତାହା କରି ଦେଖାଇଥିଲେ। ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିବାବେଳେ ଜାଡେଜା ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଛନ୍ତି। ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ୨ଟି ଉଇକେଟ ମିଳିଛି। ଏହାଥିଲା ଟେଷ୍ଟରେ ଅଶ୍ୱିନଙ୍କର ୩୧ତମ ୫ ଉଇକେଟ ସଫଳତା। ଅଷ୍ଟ୍ରେଲିଆ ପକ୍ଷରୁ ଗୋଟିଏ ପଟରେ ଲଢ଼େଇ ଜାରି ରଖି ଷ୍ଟିଭ୍ ସ୍ମିଥ୍ ୨୫ ରନକରି ଅପରାଜିତ ରହିଥିବାବେଳେ ଅନ୍ୟପଟରେ କ୍ରମାଗତ ଉଇକେଟ ପତନ ଭ୍ରମଣକାରୀ ଦଳକୁ ଶୀଘ୍ର ପରାଜୟ ସ୍ୱାଦ ଚଖାଇଥିଲା।

### ଅକ୍ଷରଙ୍କ ଶ୍ରେଷ୍ଠ ଇନିଂସ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୨୧/୭ରୁ ଖେଳ ଆରମ୍ଭ କରିଥିବା ଭାରତ ତୃତୀୟ ଦିବସରେ ଆଉ ୭୯ ରନ ଯୋଗ କରି ଅବଶିଷ୍ଟ ୩ ଉଇକେଟ ହରାଇଥିଲା। ଅକ୍ଷର ପଟେଲ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ୮୪ ରନ କରିଥିଲେ। ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇ ସେ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୧ ଛକା ମାରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହମ୍ମଦ ଶାମି ୪୭ ବଲ୍‌ରୁ ୩୭ (୨ ଚୌକା, ୩ ଛକା) ରନ କରି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଥିଲେ। ଜାଡେଜା ୭୦ ରନକରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳିଥିବା ଟଡ୍ ମର୍ଫି ୭ ଉଇକେଟ ଅକ୍ତିଆର କରି ବଡ଼ ସଫଳତା ପାଇଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ୨ଟି ଓ ନାଥାନ ଲିୟନ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୭୭। ଭାରତ ପ୍ରଥମ ଇନିଂସ: ୪୦୦/ଅଲ୍‌ଆଉଟ (ରୋହିତ ଶର୍ମା-୧୨୦, ଅକ୍ଷର ପଟେଲ-୮୪, ରବୀନ୍ଦ୍ର ଜାଡେଜା-୭୦, ମହମ୍ମଦ ଶାମି-୩୭, ଟଡ୍ ମର୍ଫି-୭/୧୨୪, ପ୍ୟାଟ୍ କମିନ୍ସ-୨/୭୮, ନାଥାନ ଲିୟନ-୧/୧୨୬)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୯୧/ଅଲ୍‌ଆଉଟ (ଷ୍ଟିଭ୍ ସ୍ମିଥ-୨୫*, ରବିଚନ୍ଦ୍ରନ ଅଶ୍ୱିନ-୫/୩୭, ରବୀନ୍ଦ୍ର ଜାଡେଜା-୨/୩୪, ମହମ୍ମଦ ଶାମି-୨/୧୩, ଅକ୍ଷର ପଟେଲ-୧/୬)।

## ଭାରତ-ଆମେରିକା ...

ଜବାବ ଦିଆଯାଉଛି। ମକ୍ ଡ୍ରିଲ୍ ସମୟରେ ରାସାୟନିକ ଅସ୍ତ୍ରରେ ସଜ୍ଜିତ ଏକ ଆତଙ୍କବାଦୀ ସଂଗଠନ ଅନ୍ତର୍ଜାତୀୟ ସମିଟ୍ ଅବସରରେ ଏକ ସମ୍ମିଳନୀ ହଲ୍ ଉପରେ ଆକ୍ରମଣର ଧମକ ଦେଉଛି। ଉକ୍ତ ଆତଙ୍କବାଦୀମାନଙ୍କୁ ତୁରନ୍ତ ହତ୍ୟା କରିବା ସହ ସେମାନେ ପଣବନ୍ଦୀ ରଖିଥିବା ଲୋକମାନଙ୍କୁ ନିରାପଦରେ ସହ ଉଦ୍ଧାର କରିବା ଏବଂ ଆତଙ୍କବାଦୀଙ୍କ ରାସାୟନିକ ଅସ୍ତ୍ରକୁ ଅକାମୀ କରିଦେବା ଏନ୍‌ଏସ୍‌ଜି ଏବଂ ଆମେରିକା ଏସ୍‌ଓଏଫ୍ ଟିମ୍‌ର ମିଳିତ ସମରାଭ୍ୟାସର ଲକ୍ଷ୍ୟ ବୋଲି ଜଣେ ଭାରତୀୟ ଅଧିକାରୀ କହିଛନ୍ତି। ଆତଙ୍କବାଦୀମାନେ ରାସାୟନିକ, ଜୈବିକ, ରେଡିଓଲୋଜିକାଲ କିମ୍ବା ଆଣବିକ ସାମଗ୍ରୀକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲେ, ଏହାକୁ ପ୍ରୋଟେକ୍ସ ଯୁକେ ଅନୁଯାୟୀ ସିବିଆର୍‌ଏନ୍ ଆତଙ୍କବାଦ ବୋଲି କୁହାଯାଉଛି। ଏହା ବିଶ୍ୱ ଶାନ୍ତି ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିଛି, ଯାହା ଉପରେ ନିରନ୍ତର ଦୃଷ୍ଟି ଦିଆଯିବା ଆବଶ୍ୟକ। ପୂର୍ବରୁ ଅଳ୍ପ କେତେକ ଆତଙ୍କବାଦୀ ଆକ୍ରମଣରେ ସିବିଆର୍‌ଏନ୍ ସାମଗ୍ରୀ ବ୍ୟବହୃତ ହୋଇଛି। ୨୦୧୭ ସିରିଆ ଆକ୍ରମଣରେ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏହି ଆକ୍ରମଣରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ଆତଙ୍କବାଦୀ ଓ ସେମାନଙ୍କୁ ସହାୟତା କରୁଥିବା ଏଜେଣ୍ଟମାନଙ୍କ ହାତରେ ଏଭଳି ମାରାତ୍ମକ ସାମଗ୍ରୀ ପଡ଼ିଯିବା ସହ ସେମାନେ ଏହାକୁ ବ୍ୟବହାର କରିବା ସମ୍ଭାବନା ଥିବାରୁ ଏହା ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି।

## ଆତଙ୍କବାଦୀ ଅବଦୁର....

୨୦୧୫ ଡିସେମ୍ବର ୧୪ରେ ସ୍ପେଶାଲ ସେଲ୍‌ର ଏକ ଟିମ୍ ଏକ୍ୟୁଆଇଏସ୍‌ର ଭାରତ ମୁଖ୍ୟ କୁହାଯାଉଥିବା ମହମ୍ମଦ ଅସିଫଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅଭିଯୁକ୍ତ ଜାଫର ମାସୁଦ ଓରଫ ଗୁଡ୍ଡୁଙ୍କୁ ତା' ପରଦିନ ସମ୍ଭାଲରୁ ଏବଂ ଅବଦୁର ରହମନଙ୍କୁ ୧୬ ତାରିଖରେ ଜଗତପୁର ପଶ୍ଚିମକଚ୍ଛରୁ ଗିରଫ କରାଯାଇଥିଲା। ରହମନ ବେଆଇନ ଭାବେ ପାକିସ୍ତାନ ଯାଇ ସେଠାରେ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜାକିଉର-ରେହମାନ ଲଖିଭି ଏବଂ ସାଜିଦଙ୍କୁ ଭେଟିଥିବା ଜଣାପଡ଼ିଥିଲା। ଏହାପରେ ୨୦୧୬ ଜାନୁୟାରୀ ୧୭ରେ ହରିୟାଣାର ମେୱାଟ୍‌ରୁ ଅଭିଯୁକ୍ତ ଅବଦୁଲ ସାମିଙ୍କୁ ଗିରଫ କରାଯାଇଥିଲା। ଝାଡ଼ଖଣ୍ଡ ଜାମସେଦପୁରର ଏହି ଅଭିଯୁକ୍ତ ପାକିସ୍ତାନରୁ ଆତଙ୍କବାଦ ତାଲିମ ନେଇଥିଲେ। ଅଭିଯୁକ୍ତ ସୟେଦ ମହମ୍ମଦ ଜିଶନ ଅଲି ଏବଂ ଡ. ସବିଲ ଅହମଦ ଷଡ଼ଯନ୍ତ୍ରରେ ସାମିଲ ଥିବା ଏବଂ ଏକ୍ୟୁଆଇଏସ୍ କ୍ୟାଡରମାନଙ୍କୁ ଅର୍ଥ ଏବଂ ଲଜିଷ୍ଟିକ୍ ସହାୟତା ଦେଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଜିଶନ ଅଲିଙ୍କୁ ୨୦୧୭ରେ ୟୁଏଇରୁ ଅଣାଯାଇ ଗିରଫ କରାଯାଇଥିବାବେଳେ ୨୦୨୦ରେ ସବିଲ ଅହମଦଙ୍କୁ ଗିରଫ କରାଯାଇଥିଲା। ସୂଚନାଥାଉ କି, କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସ ସହାୟତାରେ ଦିଲ୍ଲୀ ପୋଲିସ ପଶ୍ଚିମକଚ୍ଛରେ ରାତିଅଧିଆ ଚଢ଼ାଉକରି ରହମନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଏହାପରେ ଓଡ଼ିଶାରେ ଅଲ୍‌କାଏଦାର ଲିଙ୍କ୍‌କୁ ନେଇ ସାରା ରାଜ୍ୟରେ ଚହଳ ପଡ଼ିଯାଇଥିଲା। ରହମନ ପେସାରେ ମଦ୍ରାସା ଶିକ୍ଷକ ଥିଲେ। କିନ୍ତୁ ସେ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ ବିହାରରେ ଅଲ୍‌କାଏଦା ସଂଗଠନ ଦାୟିତ୍ୱରେ ଥିଲେ। ତାଙ୍କ କାମ ଥିଲା ନୂଆ ନୂଆ ଯୁବକଙ୍କୁ ସଂଗଠନରେ ସାମିଲ କରିବା। ଗିରଫ ସମୟରେ ତାଙ୍କଠାରୁ ଜବତ ଦସ୍ତାବିଜ୍‌ରୁ ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍), ଚୌଦ୍ୱାର ଚାରବାଟିଆସ୍ଥିତ ଆଭିଏଶନ ରିସର୍ଚ୍ଚ ସେଣ୍ଟର (ଏଆର୍‌ସି) ଓ ରାଜ୍ୟର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ରହିଛି। ମୁଖ୍ୟତଃ ଏସବୁ ସ୍ଥାନର ନକ୍ସା ପ୍ରସ୍ତୁତ କରି ରହମନ ଅଲ୍‌କାଏଦାକୁ ପଠାଇଥିବା ଜଣାପଡ଼ିଥିଲା। ସେହିପରି ତାଙ୍କ ଫୋନ କଲ୍ ଡିଟେଲ୍ସରୁ ସୌଦି ଆରବ, ପାକିସ୍ତାନ, ଲଣ୍ଡନ ଓ ଦୁବାଇ ଭଳି ସ୍ଥାନ ସହ ତାଙ୍କର ଲିଙ୍କ୍ ଥିବା ପୋଲିସ ଜାଣିପାରିଥିଲା। ରହମନ ଉତ୍ତରପ୍ରଦେଶରେ ପାଠ ପଢ଼ୁଥିବାବେଳେ ଆତଙ୍କବାଦୀ ସଂଗଠନ ସଂସ୍ପର୍ଶରେ ଆସିଥିଲେ। ଉଚ୍ଚଶିକ୍ଷିତ ରହମନ ଉର୍ଦ୍ଦୁ ଓ ପାର୍ସି ଭାଷାରେ ଦୁଇଟି ପୃଥକ୍ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। କଟକ ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତର ବିଲତେରୁଆଁ ମୌଜାରେ ସେ ଏକ ମଦ୍ରାସା ପରିଚାଳନା କରି ମୌଲବୀ ସାଜିଥିଲେ। କେବଳ ରହମନ ନୁହନ୍ତି, ତାଙ୍କ ବଡ଼ଭାଇ ତାହିର ଅଲ୍ଲୀ ମହମ୍ମଦଙ୍କୁ ୨୦୦୧ କଲିକତାସ୍ଥିତ ଆମେରିକୀୟ ଦୂତାବାସରେ ବୋମା ବିସ୍ଫୋରଣ ଘଟଣାରେ ସେଠାକାର ପୋଲିସ ପଶ୍ଚିମକଚ୍ଛରୁ ଗିରଫ କରିଥିଲା। ଆତଙ୍କବାଦୀ ସଂଗଠନ ଇଣ୍ଡିଆନ୍ ମୁଜାହିଦିନ ସହ ତାହିରଙ୍କ ଲିଙ୍କ୍ ଥିବା ନେଇ ସେତେବେଳେ ସନ୍ଦେହ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କ ଦ୍ୱାରା ଉପକୃତ ହୋଇଥିବା କାରଣରୁ ମିତ୍ରତା ସୃଷ୍ଟି ହୋଇପାରେ। ମନ ପ୍ରାୟତଃ ଏକ ପ୍ରକାର ଭଲ ରହିବ। ପରିବାରରେ ସହମତିରେ କାମ କରିବାର ପ୍ରେରଣା ପାଇବେ। ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ପରିବହନରେ ଭଲ ରୋଜଗାର ହେବ। ସାହିତ୍ୟ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ** ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାମାଜିକ ସ୍ତରରେ ମିତ୍ରତା ସୃଷ୍ଟି କରିପାରନ୍ତି ଏବଂ ମନୋରଞ୍ଜନ କାର୍ଯ୍ୟରେ ମଧ୍ୟ ରୁଚି ବଳିବ। ବିଗତ ଦିନର ବିବାଦୀୟ ଘଟଣା ସମାଧାନ ହୋଇଯିବ। କଳା, କ୍ରୀଡ଼ା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମିଥୁନ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଅସନ୍ତୁଷ୍ଟ ରହିବେ। କେତେକ କ୍ଷେତ୍ରରେ ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବାକୁ ପଡ଼ିପାରେ। ପ୍ରଶାସନ, ଆଇନ ଅଦାଲତ ତଥା ରାଜନୈତିକ କ୍ଷେତ୍ରରେ ଶୁଭଫଳ ପାଇବେ। ପରିସ୍ଥିତିବଶତଃ ହଠାତ୍‌ଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି।

**କର୍କଟ** ନିଜ ପରିସରରେ ହଠାତ୍ କୌଣସି ସମସ୍ୟା ମନକୁ ବିଚଳିତ କରିପାରେ। କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ। ପରିବାର ଭିତରେ ଭୁଲ୍ ବୁଝାମଣାରୁ କାରଣ ନଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**ସିଂହ** ଆଜି ଅନାବଶ୍ୟକ ଖର୍ଚ୍ଚ, ଯାନବାହନ କିମ୍ବା ଗୃହ ମରାମତି ବାବଦରେ ଚିନ୍ତା କରିପାରନ୍ତି। ଅଟକି ରହିଯାଇଥିବା ଦୀର୍ଘଦିନର କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଜମିଜମା ବିବାଦର ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ବ୍ୟବସାୟରେ କୌଣସି ନୂତନ ଯୋଜନା ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା** ଗତକାଲି ଯାହା ଚିନ୍ତା କରିଥିଲେ ଆଜି ସେହି ଅନୁରୂପେ କାମ କରିବାରେ ଅସୁବିଧା ହେବ ନାହିଁ। ସରକାରୀ ସ୍ତରରୁ ଋଣସୂତ୍ରରେ ଅର୍ଥଲାଭ କରିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ଅଶୋଭନୀୟ କାର୍ଯ୍ୟକଳାପ ହେତୁକ ମାନସିକ ଆଘାତ ପାଇବେ।

**ତୁଳା** ନିଜର ଦୃଢ଼ତା ହେତୁ କାମଗୁଡ଼ିକ ଠିକ୍ ହେବ, ମାତ୍ର ଏଥିପାଇଁ ବହୁତ କଷ୍ଟ କରିବାକୁ ପଡ଼ିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜର ଆତ୍ମୀୟମାନେ ଈର୍ଷାପରାୟଣ ହୋଇପାରନ୍ତି। ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ସାମାଜିକ ସ୍ତରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**ବିଛା** ଆଜିର ଯାତ୍ରା ପାଇଁ ଦିନଟି ଭଲ ଓ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ବନ୍ଧୁଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ଧନୁ** ଆଜି ପୂର୍ବ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ମିତ୍ରମାନେ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଆପଣଙ୍କର ଅଭାବ, ଅସୁବିଧା ଓ ମନର ଦୁଃଖକୁ ସହକର୍ମୀଟି ବୁଝିପାରିବ ନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମକର** ଆଜି ଖୁସି ମନରେ କାମ କରିବେ ଏବଂ ପ୍ରତ୍ୟେକ କାମ ଠିକ୍ ଚାଲିବ। ଆବଶ୍ୟକୀୟ ଜିନିଷ ପାଇଁ ବେଶୀ ହଇରାଣ ହେବାକୁ ପଡ଼ିବ ନାହିଁ। ଆରମ୍ଭ କରିବାକୁ ଯାଉଥିବା କାର୍ଯ୍ୟ ହାସଲରେ ବାଧା ସୃଷ୍ଟି ହେବାରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତଥାପି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବରେ ହେବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଏଣେ ଅଭାବ, ଋଣବାଡ଼ି। ତେଣେ ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ମଧ୍ୟ ଭଲ ରହିବ ନାହିଁ। ଅଫିସରେ ପ୍ରିୟ କଥା କହି ଝୁଲା ଅବସ୍ଥାରେ ରହିଥିବା ସମସ୍ୟାକୁ ସୁଧାରି ନେବେ। ସାମାଜିକ ସ୍ତରରେ କିଛିଟା ଉପକୃତ ହୋଇପାରନ୍ତି।

**ମୀନ** ବହୁତ ଚେଷ୍ଟା କରି ସମସ୍ୟା ସମାଧାନ ହେତୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ବାସ୍ତବରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ମାସାନ୍ତ, ଫେବୃୟାରୀ ୧୨ ତାରିଖ, ବିଶ୍ୱ ବିବାହ ଦିବସ, ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଦିବା ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୧ମି. ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୫ ଗତେ, ଘ.୦୧।୫୪ ମଧ୍ୟେ, ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୫ ଗତେ ଘ.୦୫।୪୦ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### କେନ୍ଦୁଝର ଦେଇ ଚାଲିଲା ରାଞ୍ଚି-ଭେଲୁପୁରମ ଏକ୍ସପ୍ରେସ୍

**କେନ୍ଦୁଝର,୧୧।୨(ସ୍ୱ.ପ୍ର.):** ଭାରତୀୟ ରେଳ ବିଭାଗ ପକ୍ଷରୁ ରାଞ୍ଚିଠାରୁ ଭେଲୁପୁରମ ଭାୟା କେନ୍ଦୁଝର ଦେଇ ଏକ ସାପ୍ତାହିକ ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ସାମୟିକ ଭାବେ ଚଳାଚଳ କରିଛି। ଦକ୍ଷିଣ-ପୂର୍ବ ରେଳପଥର ସହକାରୀ ଟ୍ରାନ୍ସପୋର୍ଟ ମ୍ୟାନେଜର କୌଶିକ ମୁଖାର୍ଜୀଙ୍କ ଦସ୍ତଖତରେ ପ୍ରକାଶିତ ବିଜ୍ଞପ୍ତିରେ ଏହି ସ୍ୱତନ୍ତ୍ର ଟ୍ରେନ୍ ସର୍ବମୋଟ ମାତ୍ର ୪ ଥର ଯାତାୟାତ କରିବା ସହ ଫେବୃୟାରୀ ୩ରୁ ୨୪ ଯାଏ ଚାଲିବା ନେଇ ଚିଠି ହୋଇଛି। ତେବେ ଏହାକୁ ନିୟମିତ କରିବାକୁ ସାଧାରଣରେ ଦାବି ହୋଇଛି। ଟ୍ରେନ୍ ଶନିବାର ସକାଳ ୮.୪୫ରେ କେନ୍ଦୁଝରଗଡ଼ ରେଳଷ୍ଟେଶନରୁ ବାହାରି ମଧ୍ୟାହ୍ନ ୧୨.୩୫ରେ ଭୁବନେଶ୍ୱରରେ ପହଞ୍ଚିଛି। ତେବେ ଏହା କେନ୍ଦୁଝର ଜିଲାର କେବଳ ହରିଚନ୍ଦନପୁର ଷ୍ଟେଶନରେ ମାତ୍ର ୨ ମିନିଟ୍‌ର ରହଣି ରହିଛି। ଅନ୍ୟପକ୍ଷରେ ଫେରିବା ବେଳେ ମଙ୍ଗଳବାର ସନ୍ଧ୍ୟା ୫ଟା ୧୫ରେ ଭେଲୁପୁରମ୍‌ରୁ ବାହାରି ବୁଧବାର କେନ୍ଦୁଝରଗଡ଼ ଷ୍ଟେଶନରେ ରାତି ୧୦ଟା ୫୦ ରେ ପହଞ୍ଚିବ। ଏହି ଟ୍ରେନ୍‌ର ଅପ୍ ନମ୍ବର ୦୮୦୬୮ ହୋଇଥିବାବେଳେ ଡାଉନ୍ ନମ୍ବର ୦୮୦୬୭। ସୂଚନା ଅନୁଯାୟୀ, ଏକ୍ସପ୍ରେସ୍ ଟ୍ରେନ୍‌ଟି ପରୀକ୍ଷାମୂଳକ ଭାବେ ଚଳାଚଳ କରିଥିବା ଜଣାପଡ଼ିଛି। କେନ୍ଦୁଝରଗଡ଼ ପ୍ଲାଟଫର୍ମରେ ବହୁ ଯାତ୍ରୀ ଏହି ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହାକୁ ନିୟମିତ କରିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବେଙ୍ଗ ପୋଡ଼ା ଖାଇ ଶିଶୁକନ୍ୟା ମୃତ

**କେନ୍ଦୁଝର/ଯୋଡ଼ା,୧୧।୨ (ସ୍ୱ.ପ୍ର./ଡି.ଏନ୍.ଏ):** କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଗୁରୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମରେ ବେଙ୍ଗ ପୋଡ଼ା ଖାଇ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାନ ଭଉଣୀ ମଧ୍ୟ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଶିଶୁ ସୁମିତ୍ରା ମୁଣ୍ଡା (୬)। ଗୁରୁବାର ରାତିରେ ଏହି ଘଟଣା ଘଟିଥିବାବେଳେ ଶୁକ୍ରବାର ଜଣଙ୍କ ମୃତ୍ୟୁ ପରେ ପୋଲିସ ଜାଣିବାକୁ ପାଇଥିଲା। ପ୍ରକାଶ ଯେ, ଗୁରୁବାର ରାତିରେ ମୁନା ମୁଣ୍ଡାଙ୍କ ଘର ଭିତରକୁ ଏକ ବେଙ୍ଗ ପଶି ଆସିଥିଲା। ମୁନା ତାକୁ ମାରି ନିଆଁରେ ପୋଡ଼ି ଦୁଇ ଝିଅଙ୍କ ସହିତ ମିଶି ଖାଇଥିଲେ। ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଝିଅ ବାନ୍ତି କରି ଅସୁସ୍ଥ ହୋଇ ପଡ଼ିଥିଲେ। ଶୁକ୍ରବାର ସକାଳେ ମୁନା ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଡଝିଅ ସୁମିତ୍ରାଙ୍କ ମୃତ୍ୟୁ ହୋଇଥିଲା। ସାନ ଝିଅ କୁନିଙ୍କ ଚିକିତ୍ସା ଜାରି ରହିଛି। ବାମେବାରୀ ଥାନା ଅଧିକାରୀ କହିଛନ୍ତି, ମୃତ୍ୟୁ ପରେ ଖବର ଆସିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ। ଅନ୍ୟପକ୍ଷରେ ବେଙ୍ଗମାନେ ସାଧାରଣତଃ ବିଷାକ୍ତ ନୁହନ୍ତି। ଏଣୁ ଚୀନ ଭଳି ଦେଶରେ ଲୋକେ ଖାଇଥାନ୍ତି। ଆମ ଦେଶ ଓ ଜିଲାରେ ମଧ୍ୟ ଖାଉଛନ୍ତି। ଏଣୁ କେଉଁ କାରଣରୁ ମୃତ୍ୟୁ ହୋଇଛି ଯାଞ୍ଚ କରାଗଲେ ଜଣାପଡ଼ିବ ବୋଲି ବରିଷ୍ଠ ମେଡିସିନ ବିଶେଷଜ୍ଞ ନିରଞ୍ଜନ ବେହେରା କହିଛନ୍ତି।

# ସାର୍ଟିଫିକେଟ ଥାଇ ମିଳୁନି ଲାଇସେନ୍ସ

- ଭବିଷ୍ୟତକୁ ନେଇ ଚିନ୍ତାରେ ୩୦ରୁ ଅଧିକ ଆଇନ ଛାତ୍ରୀଛାତ୍ର
- ବିଶ୍ୱବିଦ୍ୟାଳୟର ତ୍ରୁଟି ପାଇଁ ଅସୁବିଧା ଭୋଗୁଛନ୍ତି ପିଲା



**ବାଲେଶ୍ୱର ଅଫିସ, ୧୧।୨**

୨୦୧୭-୧୮ରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଲ’ ବିଭାଗ ଅଧୀନରେ ୫ବର୍ଷୀୟା ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଏବେ ଅଡୁଆରେ ପଡ଼ିଛନ୍ତି। ବିଶ୍ୱବିଦ୍ୟାଳୟର ତ୍ରୁଟି ପାଇଁ ଛାତ୍ରୀଛାତ୍ରମାନେ ସାର୍ଟିଫିକେଟ ପାଇ ମଧ୍ୟ ବାର୍ କାଉନ୍‌ସିଲ ଲାଇସେନ୍ସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଅପରପକ୍ଷେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାକୁ ସ୍ୱୀକାର କରିବା ସହ ପିଲାଙ୍କ ଅସୁବିଧାକୁ ଖୁବ୍‌ଶୀଘ୍ର ଦୂର କରାଯିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ୧୯୭୮ ମସିହାରେ ବାଲେଶ୍ୱର ଲ’ କଲେଜରେ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଖୋଲିଥିଲା। ପରେ ୨୦୦୨ରୁ ସେଠାରେ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଚାଲିଛି। ୨୦୧୭-୧୮ରେ ପ୍ରଥମଥର ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଲ’ ବିଭାଗ ପକ୍ଷରୁ ଇଣ୍ଟିଗ୍ରେଟେଡ୍ ଲ’ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଥମ ବ୍ୟାଚ୍‌ରେ ୩୬ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ହେଲେ ଫକିର ମୋହନ ୟୁନିଭର୍ସିଟିରେ ଜାଗା ଅଭାବ ଥିବାରୁ ଛାତ୍ରୀଛାତ୍ରମାନେ ବାଲେଶ୍ୱର ଲ’ କଲେଜରେ ପଢୁଥିଲେ। ୧୦ଟି ସେମିଷ୍ଟର ମଧ୍ୟରୁ ୯ଟି ବାଲେଶ୍ୱର ଲ’ କଲେଜରେ ପରୀକ୍ଷା ଦେଇଥିଲେ। ହେଲେ ବାଲେଶ୍ୱର ଲ’ କଲେଜ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସହ ସହବନ୍ଧିତ ହେବା ପରେ ସେମାନେ ଫକୀର ମୋହନ ୟୁନିଭର୍ସିଟିର ନିଜସ୍ୱ ଇଣ୍ଟିଗ୍ରେଟେଡ ଏବଂ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମକୁ ଆଉ ଗ୍ରହଣ କଲେ ନାହିଁ। ତେଣୁ ଉକ୍ତ ପିଲାମାନେ ୧୦ମ ସେମିଷ୍ଟର ପରୀକ୍ଷା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦେଇ ଉତ୍ତୀର୍ଣ୍ଣ ସାର୍ଟିଫିକେଟ ଏବଂ ମାର୍କଶିଟ୍ ପାଇଥିଲେ। ପରେ ଉକ୍ତ ମାର୍କଶିଟ୍‌କୁ ନେଇ ପିଲାମାନେ ବାର୍ କାଉନ୍‌ସିଲରେ ଓକିଲାତି ଲାଇସେନ୍ସ ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଲାଇସେନ୍ସ ମିଳୁ ନାହିଁ। ବିଶ୍ୱବିଦ୍ୟାଳୟର ଲ’ ବିଭାଗ ଅଧୀନରେ ଖୋଲିଥିବା ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମକୁ ନେଇ ବିବାଦ ରହିଥିବାରୁ ପିଲାମାନଙ୍କୁ ଲାଇସେନ୍ସ ମିଳିପାରୁ ନ ଥିବା ଜଣାପଡ଼ିଛି। ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ପାଇଁ ପିଲାମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ସେମାନଙ୍କ ସାର୍ଟିଫିକେଟକୁ ନେଇ ଏବେ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ଫକୀର ମୋହନ ୟୁନିଭର୍ସିଟି କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ବାଲେଶ୍ୱର ଲ’ କଲେଜ ଏବେ ଏମ୍‌ଏସ୍ ଲ’ ବିଶ୍ୱବିଦ୍ୟାଳୟରେ ଆଫିଲିଏଟେଡ୍ ହୋଇଥିବାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଉକ୍ତ ଦୁଇଟି ପାଠ୍ୟକ୍ରମକୁ ଗ୍ରହଣ କରିବାକୁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ(ବିସିଆଇ) ରାଜି ହୋଇ ନ ଥିଲା। ଫଳରେ ବିଶ୍ୱବିଦ୍ୟାଳୟ ଉକ୍ତ ଦୁଇଟି ପାଠ୍ୟକ୍ରମକୁ ବାଲେଶ୍ୱର ଲ’ କଲେଜରୁ ଫେରାଇ ଆଣିଥିଲେ। ୨୦୨୨-୨୩ ଶିକ୍ଷା ବର୍ଷରେ ନାମଲେଖା ବିଶ୍ୱବିଦ୍ୟାଳୟରେ ହୋଇଛି। ଏଥିପାଇଁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆରେ ୫ଲକ୍ଷ ୫୦ହଜାର ଟଙ୍କା ମଧ୍ୟ ପୈଠ କରାଯାଇଛି। କିନ୍ତୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ଲ’ ଡିପାର୍ଟମେଣ୍ଟର ପ୍ରିନ୍‌ସିପାଲ ବିସିଆଇକୁ ଆବେଦନ କରିବା ବେଳେ ଫକୀରମୋହନ ୟୁନିଭରସିଟି ଲ’ ଡିପାର୍ଟମେଣ୍ଟ (ରନିଂ ଆଟ୍ ବାଲେଶ୍ୱର ଲ’ କଲେଜ) ନ କରି ଡିପାର୍ଟମେଣ୍ଟ ଅଫ୍ ଲ’ ବାଲେଶ୍ୱର ଲ’ କଲେଜ, ଫକୀରମୋହନ ୟୁନିଭର୍ସିଟି କରି ଟଙ୍କା ଡିପୋଜିଟ୍ କରିଛନ୍ତି। ତେଣୁ ବିସିଆଇ ଡିପାର୍ଟମେଣ୍ଟ ଅଫ୍ ଲ’ ବାଲେଶ୍ୱର ଲ’ କଲେଜ ଫକୀରମୋହନ ୟୁନିଭର୍ସିଟିକୁ ରେକଗ୍‌ନାଇଜ୍ କରିବାକୁ ରାଜି ହେଉ ନାହାନ୍ତି। ଯେହେତୁ ପୂର୍ବରୁ ନାମ ଭିନ୍ନ ଭିନ୍ନ ହୋଇଛି, ସଜାଡ଼ିବାକୁ ସମୟ ଲାଗୁଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବା ସହିତ ପିଲାମାନେ ଲାଇସେନ୍ସ ପାଇବେ ବୋଲି ତ୍ରିପାଠୀ କହିଛନ୍ତି। ପିଲାଙ୍କ ଭବିଷ୍ୟତକୁ ନେଇ ଏବେ ଅଭିଭାବକ ମହଲରେ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ତ୍ରୁଟିକୁ ତୁରନ୍ତ ସୁଧାରି ପିଲାମାନଙ୍କୁ ନ୍ୟାୟ ଦିଅନ୍ତୁ, ନଚେତ୍ ଆମେ ଆଇନର ଆଶ୍ରୟ ନେବୁ ବୋଲି ଜଣେ ଅଭିଭାବକ କହିଛନ୍ତି।

# ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ଲୁଟିନେଲେ ୩୨ଲକ୍ଷ

- ପ୍ରମାଣ ନଷ୍ଟ ପାଇଁ ଏଟିଏମ୍ ପୋଡ଼ିଦେଲେ
- ରାସ୍ତାରୁ ଉଦ୍ଧାରହେଲା ଖାଲି ଟଙ୍କା ବାକ୍ସ



ଟଙ୍କା ଲୁଟ୍ ପରେ ଦୁର୍ବୃତ୍ତମାନେ ପୋଡ଼ିଦେଇଥିବା ଏଟିଏମ୍।

**ନନ୍ଦପୁର/ କୋରାପୁଟ (ସ୍ୱ.ପ୍ର.), ୧୧।୨**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ଶନିବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। କେତେଜଣ ଦୁର୍ବୃତ୍ତ ବ୍ଲକର ପାଡୁଆ ଥାନା ଅନ୍ତର୍ଗତ ବାଲଡ଼ା ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଥିବା ଷ୍ଟେଟ୍‌ବ୍ୟାଙ୍କର ଏଟିଏମ୍‌ରୁ ଶନିବାର ଭୋର ସମୟରେ ୩୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଭୋର ସାଢେ ୩ଟାରୁ ୩ଟା୪୫ ମଧ୍ୟରେ ଏହି ଲୁଟ ହୋଇଛି। ବନ୍ଧୁକଧାରୀ ଦୁର୍ବୃତ୍ତମାନେ ଗ୍ୟାସ୍ କଟରରେ ଏଟିଏମ୍‌କୁ କାଟି ଉପରୋକ୍ତ ପରିମାଣର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପରେ ପ୍ରମାଣ ନଷ୍ଟ ପାଇଁ ସେମାନେ ଏଟିଏମ୍‌କୁ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ଏଭଳି ଲୁଟ ଘଟଣା ସମସ୍ତଙ୍କୁ ଚକିତ କରିଛି।

ଖବରରୁ ଜଣାପଡ଼ିଛି, ଶୁକ୍ରବାର ସନ୍ଧ୍ୟାରେ ସବୁଦିନ ଭଳି ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍‌ରେ ଟଙ୍କା ଗଚ୍ଛିତ ରଖିଥିଲେ। ତେବେ ଭୋର ସମୟରେ ୨ କାରରେ କେତେ ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ଆସି ଗ୍ୟାସ୍ କଟରରେ ଏଟିଏମ୍ କାଟି ସେଥିରେ ଥିବା ଟଙ୍କା ବାକ୍ସ ଧରି ଚାଲିଯାଇଥିଲେ। ଯିବା ପୂର୍ବରୁ ସେମାନେ ପ୍ରମାଣ ନଷ୍ଟ କରିବାକୁ ଏଟିଏମ୍‌ରେ ନିଆଁ ଲଗାଇ ପୋଡ଼ିଦେଇଥିଲେ। ୩/୪ କି.ମି. ଯିବା ପରେ ସବୁଲାର ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ବାକ୍ସରୁ ଟଙ୍କା କାଢ଼ି ନେଇ ଖାଲି ବାକ୍ସ ଫୋପାଡ଼ି ଦେଇଥିଲେ। ସକାଳୁ ଏହା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ବ୍ୟାଙ୍କ କର୍ମଚାରୀଙ୍କୁ ଖବର ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ କରାଯାଇଥିଲା। ଖବରପାଇ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଘଟଣାର ଛାନ୍‌ଭିନ୍ କରୁଛି। ତଦନ୍ତ ବେଳେ ଦୁର୍ବୃତ୍ତମାନେ ବାଟରେ ଫିଙ୍ଗିଦେଇଥିବା ଖାଲି ବାକ୍ସକୁ ପୋଲିସ ଜବତ କରିଛି।

ଅନ୍ୟପକ୍ଷରେ ବ୍ୟାଙ୍କରେ ଥିବା ସିସିଟିଭିରେ ବନ୍ଧୁକଧାରୀ ଦୁର୍ବୃତ୍ତମାନଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ କରିବା, ଏଟିଏମ୍‌ରେ ନିଆଁ ଲଗାଇ ପାଡୁଆ ପଟକୁ ଚାଲିଯିବାର ଭିଡିଓ ରେକର୍ଡ ରହିଛି। ଏହାକୁ ପୋଲିସ ଯାଞ୍ଚ କରୁଛି। ଟଙ୍କା ଲୁଟ୍ ପରେ ଦୁର୍ବୃତ୍ତମାନେ ଶୋଭାପୁଟ ବ୍ରିଜ୍ ଦେଇ ଆନ୍ଧ୍ରପ୍ରଦେଶର ପେଦାବାଇଲି ଅଞ୍ଚଳକୁ ଚାଲିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ସୀମାନ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି ହୋଇଛି। ପୂର୍ବରୁ ବାଲେଶ୍ୱର, ନବରଙ୍ଗପୁର ଆଦି ଅଞ୍ଚଳରେ ଏଭଳି ସମାନ ଢଙ୍ଗରେ ଘଟଣା ଘଟାଇ ଦୁର୍ବୃତ୍ତମାନେ ଖସିଯିବାରେ ସଫଳ ହୋଇଥିବାରୁ ସେହି ସମାନ ଢଙ୍ଗରେ ବାଲଡ଼ା ଏଟିଏମ୍‌ରୁ ଲୁଟ କରିଥିବାରୁ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ଏଥିରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ପାଡୁଆ ଥାନାରେ ମାମଲା (ନଂ.୨୧/୨୩) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ନବରଙ୍ଗପୁର ଗଲା ଡାକ୍ତରୀ ଟିମ୍

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା



**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଅଧୀନରେ ଏକ ଡାକ୍ତରୀ ଟିମ୍ ଶନିବାର ଭୁବନେଶ୍ୱରରୁ ନବରଙ୍ଗପୁର ଅଭିମୁଖେ ଯାତ୍ରା କରିଛନ୍ତି। ବିଶେଷ ଚିକିତ୍ସା(ସ୍ପେଶିଆଲିଟି) ଏବଂ ଜଟିଳ ଯତ୍ନ(କ୍ରିଟିକାଲ କେୟାର)ର ଆବଶ୍ୟକତା କରୁଥିବା ରୋଗୀଙ୍କୁ ସେମାନେ ଚିକିତ୍ସା କରିବେ। ଏହି ଗସ୍ତ ସମୟରେ ନବରଙ୍ଗପୁରରେ ପ୍ରାୟ ୮୦୦ ରୋଗୀ ଚିକିତ୍ସିତ ହେବାର ଆଶା କରାଯାଉଛି ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି।

ଅପହଞ୍ଚ ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୨୧ ଡିସେମ୍ବରରେ ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା’ର ଉଦ୍‌ଘାଟନ କରିଥିଲେ। ୪ଟି ଜିଲା ଯଥା ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିରେ ଏହି ସେବା ଯୋଗାଇ ଦିଆଯାଉଛି। ଏହି ୪ଟି ଜିଲାରେ ଲୋକଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇବା କଷ୍ଟକର ହେଉଥିବାରୁ ଓ ଡାକ୍ତରମାନେ ସେଠାରେ ରହିବାକୁ ରାଜି ହେଉ ନାହାନ୍ତି। ତେଣୁ ଏହି ଯୋଜନା ଆରମ୍ଭ କରାଯିବା ଦ୍ୱାରା ଗୁଣାତ୍ମକ ଚିକିତ୍ସା ଯୋଗାଇହେଉଛି। ରୋଗୀଙ୍କୁ ସେମାନଙ୍କ ଜିଲା ଚିକିତ୍ସାଳୟରେ ହିଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଯୋଗାଇ ଦିଆଯାଉଛି। ଏଣିକି ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର, କଟକ ଭଳି ସହରକୁ ଆସିବାକୁ ପଡ଼ିବ ନାହିଁ।

## ଅସମ୍ଭାଳ ତାତି: ଭୁବନେଶ୍ୱରରେ ୩୭.୪ ଡିଗ୍ରୀ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଦିନରେ ପ୍ରଚଣ୍ଡ ତାତି। ଗରମ ସାଙ୍ଗକୁ ଝାଞ୍ଜି ପବନ ପରିବେଶକୁ ଉତ୍ତପ୍ତ କରି ଦେଇଛି। ଉପରମୁହାଁ ହୋଇଛି ପାରଦ। ଗୋଟିଏ ଦିନରେ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଯାଇଛି। ରାଜଧାନୀ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ତାଳଚେର, ଅନୁଗୋଳ, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ଼, ସୋନପୁର ସହରରେ ମଧ୍ୟ ତାତିର ପ୍ରକୋପ ଅନୁଭୂତ ହୋଇଛି। ରାଜ୍ୟକୁ ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଯୋଗୁ ହଠାତ୍ ତାତି ବଢ଼ିଯାଇଛି। ଏଭଳି ପାଗ ଆସନ୍ତା ସପ୍ତାହେ ଯାଏ ଜାରି ରହିବ।

www.tpsouthernodisha.com
TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)
ଗୋଟିଏ ଥର ସମାଧାନ (OTS) ସ୍କିମ୍ ର ଲାଭ ଉଠାନ୍ତୁ
ବକେୟା ବିଦ୍ୟୁତ ବିଲ୍ ଉପରେ
30% ପର୍ଯ୍ୟନ୍ତ ଛାଡ*
୨୧ ଅପ୍ରେଲ ୨୦୨୩ ପର୍ଯ୍ୟନ୍ତ
ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ୱାନ୍ ଟାଇମ୍ ସେଟଲମେଣ୍ଟ ସ୍କିମ୍ - ୨୦୨୨ ଅନୁଯାୟୀ ସମସ୍ତ ଏଲ୍.ଟି. ବିଦ୍ୟୁତ ଉପଭୋକ୍ତାମାନେ ନିମ୍ନଲିଖିତ ଲାଭ ନେଇ ପାରିବେ
କେବଳ ୩୧ ଡିସେମ୍ବର ୨୦୨୦ ମସିହା ପୂର୍ବରୁ ଥିବା ବକେୟା ବିଲ୍ ପାଇଁ ପ୍ରଯୁଜ୍ୟ
ମୂଳ ବକେୟା ବିଲ୍ ଉପରେ ୩୦% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଗୋଟିଏ କିସ୍ତିରେ ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୨୦% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଦୁଇଟି ମାସିକ କିସ୍ତିରେ (୫୦%+୫୦%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୧୫% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ତିନୋଟି ମାସିକ କିସ୍ତିରେ (୫୦%+୨୫%+୨୫%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
*ସର୍ତ୍ତାବଳୀ ଲାଗୁ
ଅଧିକ ସୂଚନା ପାଇଁ ଟୋଲ୍ ଫ୍ରି ନମ୍ବର 1912 କିମ୍ବା 18003456797 ରେ ଯୋଗାଯୋଗ କରନ୍ତୁ

# ଜଙ୍ଗଲ ନିଆଁ ରୋକିବାକୁ ପ୍ରୟାସ | ପାଳିକରି ଜଗୁଛନ୍ତି ମହିଳା



ମହିଳା ଜଙ୍ଗଲରେ ପହରା ଦେଉଛନ୍ତି।

**ପାଟଣା,୧୧।୨(ସ୍ୱ.ପ୍ର.)**

ଖରାଦିନ ଆରମ୍ଭ ନ ହେଉଣୁ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲା ପାଟଣା ରେଞ୍ଜର ଅଧିକାଂଶ ଜଙ୍ଗଲରେ ଏବେ ନିଆଁ ଲାଗି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯିବା ସହ ବନ୍ୟପ୍ରାଣୀଙ୍କ ଜୀବନ ମଧ୍ୟ ବିପଦରେ ପଡୁଛି। ଏଭଳି କ୍ଷେତ୍ରରେ ବନବିଭାଗ ଜଙ୍ଗଲ ସୁରକ୍ଷା ଲାଗି କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ସ୍ଥାନୀୟ ନିହୁଁଆ ଗ୍ରାମର ବାସିନ୍ଦା ବନବିଭାଗ ଉପରେ ଆଉ ଭରସା ନ କରି ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଛନ୍ତି। ଏପରିକି ମହିଳାମାନେ ନିଜ ନିଜ ମଧ୍ୟରେ ପାଳି କରି ଜଙ୍ଗଲ ଜଗିବାକୁ ଆଗେଇ ଆସିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ନିହୁଁଆ ଗ୍ରାମ ନିକଟରେ ଥିବା ୨୪୦ ଏକର ପରିମିତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିଲା। ଏଥିରେ ଶହ ଶହ ଗଛ ଜଳି ପୋଡ଼ି ଛାରଖାର ହୋଇଯାଇଥିଲା। କେତେ ଜଣ ଅସାମାଜିକ ଯୁବକ ମଦ୍ୟପାନ କରି ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଜଣାପଡିବା ପରେ ସ୍ଥାନୀୟ ଗ୍ରାମବାସୀ ପ୍ରତିକ୍ରିୟା ପ୍ରକାଶ କରିବା ସହ ଜଙ୍ଗଲ ନିକଟରେ ମଦ୍ୟପାନ କଲେ ୨ ହଜାର ଟଙ୍କା ଜରିମାନ ଦେବାକୁ ପଡ଼ିବ ବୋଲି ପୋଷ୍ଟର ମାରିଥିଲେ। ଏବେ ଗ୍ରାମର ମହିଳା ପାଳି କରି ଜଙ୍ଗଲ ଜଗୁଥିବା ଦେଖିବାକୁ ମିଳିଛି। ଜଙ୍ଗଲରେ ପୋଷ୍ଟର ଲଗାଯିବା ପରେ ନିଆଁ ଲାଗିବା କମିବା ସହ ଦୁର୍ବୃତ୍ତଙ୍କ ଆଡ଼ା କମିଥିବା ପରିଲକ୍ଷିତ ହୋଇଛି। ଏନେଇ ନିହୁଁଆ ଗ୍ରାମର ମହିଳା ତ୍ରିବେଣୀ ସିଂ କହିଛନ୍ତି, ରାସ୍ତାକଡ଼ରେ ଥିବା ଜଙ୍ଗଲରେ ଅସାମାଜିକ କ୍ରିୟାକଳାପ ବଢୁଛି। ଏପରି ଆମେ କିଛିଦିନ ଜଗି ରହିଲେ ଏହା ବନ୍ଦ ହୋଇଯିବ। ନିରୁପମା ସିଂ କହିଛନ୍ତି, ଜଙ୍ଗଲ ସହିତ ଗ୍ରାମବାସୀ ଓତପ୍ରୋତ ଭାବେ ଜଡ଼ିତ। ଜଙ୍ଗଲରୁ ଆମେ ପତ୍ର, କାଠ ସଂଗ୍ରହ କରିଥାଉ। ଜଙ୍ଗଲ ବଞ୍ଚିଲେ ଆମ ଜୀବିକା ବଞ୍ଚିବ। ଏନେଇ ଗ୍ରାମର ମୁଖିଆ ସୁବାସଚନ୍ଦ୍ର ସିଂ କହିଛନ୍ତି, ଏହି ଜଙ୍ଗଲରେ ମଦ୍ୟପମାନେ ଖଟି କରୁଛନ୍ତି। ସିଗାରେଟ ଟାଣି ପକାଉଥିବାରୁ ଜଙ୍ଗଲରେ ନିଆଁ ଲାଗୁଛି। ଏହାକୁ ବନ୍ଦ କରିବାକୁ ଆମେ ଜଙ୍ଗଲ ଜଗୁଛୁ। ଫଳରେ ସେମାନେ ଲୋକଲଜ୍ଜାରେ ଏଠି ଆଉ ମଦ ପିଇବାକୁ ସାହସ କରୁନାହାନ୍ତି ବୋଲି କହିଥିଲେ। କେନ୍ଦୁଝର ଡିଏଫଓ ଏଚ୍.ଡି. ଧନରାଜ ଲୋକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଲୋକଙ୍କ ଏଭଳି ଭଲପାଇବା ରହିଲେ ଆଗକୁ ଜଙ୍ଗଲ ଆହୁରି ସୁରକ୍ଷିତ ରହିପାରିବ ବୋଲି ସେ କହିଛନ୍ତି।

> ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ

# ଭିଡ଼ହିଂସାର ଭିତିରି କଥା



ଆକାର ପଟେଲ

ନ୍ୟୁଜ୍ କହିଲେ ସାମ୍ପ୍ରତିକ ଘଟଣା କିମ୍ବା ଏବକାର ପରିବର୍ତ୍ତିତ ସ୍ଥିତି ସମ୍ପର୍କିତ ତଥ୍ୟକୁ ବୁଝାଏ। ଏବେ କିନ୍ତୁ ଏଥିରେ କିଛି ଅଭାବ ରହୁଛି ଏବଂ ଯାହା ନ୍ୟୁଜ୍ ପାଇଁ ଯୋଗ୍ୟ ତାହାକୁ ବାଦ୍ ଦିଆଯାଉଛି। ଯେଉଁ ବିଷୟଗୁଡ଼ିକ ଅଧିକ ଗୁରୁତ୍ୱପୂର୍ଣ୍ଣ, ରୋଚକ, ପ୍ରାସଙ୍ଗିକ ସେଗୁଡ଼ିକୁ ନ୍ୟୁଜ୍ ଏଡିଟର ଓ ନ୍ୟୁଜ୍ ପ୍ରଡ୍ୟୁସରମାନଙ୍କ ପାଖକୁ ଚୟନ ପାଇଁ ଯାଉଥିବାବେଳେ ସେମାନେ ତାହାକୁ କମ୍ ଗୁରୁତ୍ୱପୂର୍ଣ୍ଣ, କମ୍ ରୋଚକ କିମ୍ବା କମ୍ ପ୍ରାସଙ୍ଗିକ ବୋଲି ବିଚାର କରନ୍ତି। ଫଳରେ ଫ୍ରଣ୍ଟ ପେଜ୍ ନ୍ୟୁଜ୍‌ଗୁଡ଼ିକ ଭିତର ପୃଷ୍ଠାକୁ ଚାଲିଯାଏ, ଯଦି ସମାନ ଘଟଣା ଆସିବା ଲାଗି ରହେ ତେବେ ତାହା ଆଉ ନ୍ୟୁଜ୍ ବି ହୁଏନାହିଁ। ଏବେ ଦ୍ୱିତୀୟ ଭାଗ ବିବିସି ଡକ୍ୟୁମେଣ୍ଟାରିରେ ଦର୍ଶାଯାଇଥିବା ଗୋମାଂସ ଓ ଗୋଚାଲାଣକୁ ନେଇ ଘଟୁଥିବା ଭିଡ଼ହିଂସା ଉପରେ ଏବକାର ସରକାର ଅସନ୍ତୁଷ୍ଟ ଅଛନ୍ତି। ବିବିସିର ଉକ୍ତ ସଂସ୍କରଣରେ ଦିଆଯାଇଥିବା ପ୍ରାୟତଃ ସବୁ ପ୍ରକାର ହିଂସା ୨୦୧୫ ପରେ ସାମ୍ନାକୁ ଆସିଛି। 'ପିଙ୍କ୍ ରିଭୋଲ୍ୟୁଶନ' ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଏବଂ ପରେ ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣାରେ ଗୋମାଂସ ରଖିବା ଏକ ଅପରାଧ ବୋଲି ଆଇନ କରାଯିବା ପରେ ଭିଡ଼ହିଂସା ଦେଖାଦେଇଥିଲା। ଫେବୃୟାରୀ ୬ରେ ଆସାମରେ ଭିଡ଼ହିଂସାର ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ମୃତକ ହେଉଛନ୍ତି ଜଣେ ମୁସଲମାନ। ତାଙ୍କ ବିରୋଧରେ ଗାଈ ଚୋରି ଅଭିଯୋଗ ଥିଲା। ଉକ୍ତ ଘଟଣା ନ୍ୟୁଜ୍ ଚ୍ୟାନେଲରେ ଆସିପାରିଲା ନାହିଁ କି ଏହା ଉପରେ ବିତର୍କ ହେଲା ନାହିଁ। କାରଣ ମିଡିଆ ଆଉ ଏପ୍ରକାର ଭିଡ଼ହିଂସାକୁ ଗୁରୁତ୍ୱପୂର୍ଣ୍ଣ, ରୋଚକ କିମ୍ବା ପ୍ରାସଙ୍ଗିକ ମଣୁନାହିଁ। ସେହି ସମାନ ଦିନରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ ଥିଲା– 'ମୁସଲମାନବହୁଳ ନୁହ୍‌ରେ ହରିୟାଣାର ଗୋହତ୍ୟା ଆଇନରେ ଦୋଷମୁକ୍ତ ହାର ୯୪%'। ଏହା ସ୍ପଷ୍ଟ ଯେ, ପୋଲିସ ସଂଖ୍ୟାଲଘୁଙ୍କୁ ହିଁ ପୀଡ଼ା ଦେଇଆସୁଛି। ଏହି ସମୟରେ ୩ ମାସ ପୂର୍ବେ ଘଟିଥିବା ଘଟଣାର ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଗୁଜରାଟରୁ ସାମ୍ନାକୁ ଆସିଛି। ଉକ୍ତ ଘଟଣାରେ ଗୋଚାଲାଣ କରୁଥିବାରୁ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଆଜୀବନ ଜେଲ୍ ଦଣ୍ଡ ଦିଆଯାଇଥିଲା। ଏହି ଘଟଣା ଉପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ରିପୋର୍ଟଗୁଡ଼ିକରେ ଦଣ୍ଡବିଧାନ କରିଥିବା ବିଚାରପତିଙ୍କ ମନ୍ତବ୍ୟକୁ ଶୀର୍ଷକ ଭାବେ ସ୍ଥାନ ଦିଆଯାଇଥିଲା। ସେଥିରୁ ଗୋଟିଏ ହେଲା– 'ଗାଈରୁ ଧର୍ମ ଜନ୍ମ ହୋଇଛି, ଯେଉଁଦିନ ଗୋହତ୍ୟା ବନ୍ଦ ହେବ ସେହିଦିନ ପୃଥିବୀର ସମସ୍ୟାଗୁଡ଼ିକ ସମାଧାନ ହୋଇଯିବ: ଗୁଜରାଟ କୋର୍ଟ'। ଉକ୍ତ ରାୟ ଗୁଜରାଟରେ ଦିଆଯାଇଥିବାରୁ ଇଂଲିଶ ଖବରକାଗଜରେ ପ୍ରକାଶ ପାଇବାକୁ ବହୁଦିନ ଲାଗିଗଲା। ଏପରି କି ଆଞ୍ଚଳିକ ଗଣମାଧ୍ୟମ ରିପୋର୍ଟ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। କାରଣ ଏଭଳି ଘଟଣାସବୁ ଆଉ ଗୁରୁତ୍ୱପୂର୍ଣ୍ଣ, ରୋଚକ କିମ୍ବା ପ୍ରାସଙ୍ଗିକ ହୋଇରହିନାହିଁ। ଏସବୁ ଘଟଣାର ରୋଚକ ବିଷୟ ହେଉଛି, ନିଜକୁ ଦୋଷମୁକ୍ତ ପ୍ରମାଣ କରିବା ଧାରା ଆଇନରେ ବିପରୀତ ହୋଇଯାଇଛି ଏବଂ ବ୍ୟବସ୍ଥା ନିର୍ଦ୍ଦୋଷକୁ ଦୋଷୀ ମାନି ନେଉଛି। ଗୁଜରାଟରେ ସେହି ୨୨ ବର୍ଷୀୟଙ୍କ ମାମଲାରେ ଆଇନ କହେ ସରକାରଙ୍କ ସାର୍ଟିଫିକେଟ ବିନା ଯିଏ ହତ୍ୟା ପାଇଁ ଗୋରୁ ନେଉଥିବା ଜଣାପଡ଼ିବ ତାଙ୍କୁ ଦୋଷୀ ଭାବେ ଗଣାଯିବ। ଏଠାରେ ବିଚାରପତିଙ୍କ ଅନୁଧ୍ୟାନ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ବାସ୍ତବତା ହେଉଛି ଆଇନ ଦୃଷ୍ଟିରୁ ରାୟ ବୈଧ ଜଣାପଡୁଛି। ବିଶେଷକରି ନିର୍ଯାତନା ଦେବାକୁ ଆମେ ଯଦି ଆଇନ ଲେଖିବା ଏବଂ ପାସ୍ କରିବା ତେବେ ସେଗୁଡ଼ିକରୁ ପ୍ରାପ୍ତ ପରିଣାମକୁ ନେଇ ଆମେ ବିସ୍ମିତ ହେବା ଉଚିତ ନୁହେଁ।

୨୦୧୯ରେ ଗୁଜରାଟରେ ଜଣେ ମୁସଲମାନ ଏକ ବାଛୁରି ହତ୍ୟା କରି ତାଙ୍କ ଝିଅ ବାହାଘରରେ ମାଂସ ପରଷିବା ଘଟଣାରେ ଅଭିଯୁକ୍ତ ହୋଇଥିଲେ। ଏହି ଘଟଣାକୁ ପୋଲିସ ପ୍ରମାଣ କରିପାରି ନ ଥିଲା। ସେମାନଙ୍କୁ ଏହା ପ୍ରମାଣ କରିବାକୁ ବି ପଡ଼ି ନ ଥିଲା। ଆଇନ ଅନୁଯାୟୀ ବିବାହର ପୂର୍ବ ଦିନଗୁଡ଼ିକରେ ଯେଉଁ ମାଂସ ଖିଆଯାଉଥିଲା ତାହା ଗୋମାଂସ ନ ଥିଲା ବୋଲି ଅଭିଯୁକ୍ତଙ୍କୁ ଦର୍ଶାଇବାକୁ ପଡ଼ିଥିଲା। ସେ ତାହା କରିପାରିଲେ ନାହିଁ, ଯାହାଫଳରେ ବିଚାରପତି ତାଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ଏହାକୁ ଉଚ୍ଚ ନ୍ୟାୟାଳୟ ବଦଳାଇ ଦେଇଥିଲେ। କୋର୍ଟ ଏହାକୁ ଏକ 'ନ୍ୟାୟିକ ନିର୍ଣ୍ଣୟ' କହିବା ଛଡ଼ା ଆଉ କୌଣସି କାରଣ ଦର୍ଶାଇ ନ ଥିଲେ। ସମ୍ଭବତଃ ଏ ଘଟଣାରେ ଯାହା କରାଯାଇଥିଲା ସେଥିରେ ଉଚ୍ଚ ନ୍ୟାୟାଳୟ ଅକଳ କିମ୍ବା ଅସହଜ ମଣିଥିଲେ। ପ୍ରକୃତ କଥା ହେଉଛି, ବ୍ୟକ୍ତିକୁ ଦଣ୍ଡିତ କରିଥିବା ବିଚାରପତି କେବଳ ଆଇନକୁ ହିଁ ଅନୁସରଣ କରିଥିଲେ।

ଯଦି ଆମେ ଅତୀତ ଘଟଣାଗୁଡ଼ିକୁ ଯିବା ଓ ସାମଗ୍ରିକ ସ୍ଥିତିକୁ ଦେଖିବା ତେବେ ବହୁତ କିଛି ଜାଣିପାରିବା। ମିଡିଆଗୁଡ଼ିକ କେବେ ଏଭଳି ନିରର୍ଥକ ଏବଂ ଆକ୍ରମଣକାରୀ ଆଇନଗୁଡ଼ିକ ଉପରେ ବିତର୍କ କରୁଛନ୍ତି କି? ଏସବୁ ବିଷୟରେ ମିଡିଆର କୌଣସି ଆଗ୍ରହ ନାହିଁ ଏବଂ ସେମାନେ ଏବେ ଯେଉଁ ବାଟରେ ଯାଉଛନ୍ତି ସେଭଳି ଆଗ୍ରହ ଜନ୍ମିବ ତାହା କଳ୍ପନା କରିବା କଷ୍ଟକର। ଆମେ ଅନ୍ୟ ଉପରେ ନିଷ୍ଠୁରତା ଲଦି ଦେବାକୁ ଉଚିତ ମଣୁଛୁ। ଏହା ଆମ ସମାଜ ଏବଂ ଆମ ଗଣତନ୍ତ୍ର ସମ୍ପର୍କରେ କ'ଣ କହୁଛି? ଏହା ଏକ ଗମ୍ଭୀର ପ୍ରଶ୍ନ ଓ ଏହାର ଉତ୍ତର ବି ନାହିଁ। ଦେଖିବାକୁ ଗଲେ ଅନେକ ଆଧୁନିକ ଗଣତନ୍ତ୍ରଗୁଡ଼ିକ ପୂର୍ବରୁ ଗଣତନ୍ତ୍ର ପଥରୁ ବିଚ୍ୟୁତ ହୋଇଯାଇଛନ୍ତି। ଆଇନ ଓ ମିଡିଆକୁ ବ୍ୟବହାର କରି ନାଗରିକମାନଙ୍କୁ ଟାର୍ଗେଟ କରିବାରେ ଏହାକୁ ସ୍ଥାପିତ କରିଛନ୍ତି। ଏହା ଆମ ସାମାଜିକ ବ୍ୟବସ୍ଥା ପ୍ରତି ବିପଦ। ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଯୋଗୁ ଆକ୍ରମଣର ସମ୍ମୁଖୀନ ହେଉଥିବା ସଂଖ୍ୟାଲଘୁମାନଙ୍କ ଆବେଗ ଓ ଦୁର୍ଦ୍ଦଶା ସମ୍ପର୍କରେ ଜଣେ ଅବଗତ ହୋଇପାରୁଛି। ଶେଷ ଅବସ୍ଥା ହେଉଛି ଆମେ ଏ ପ୍ରକାର ଆକ୍ରମଣାତ୍ମକ ମାନସିକତା ନେଇ ଆଗକୁ ବଢୁଛୁ ଓ ଦିନକୁ ଦିନ ଏହା ଅଧିକ ହେଉଛି। ଗତ କିଛି ବର୍ଷ ହେଲା ଯାହାସବୁ ଘଟିଆସିଛି ତାହା ବି ଆଗକୁ ଜାରି ରହିବ। କିନ୍ତୁ ଏ ସମ୍ପର୍କରେ ଆମେ କମ୍ ଏପରିକି ବହୁତ କମ୍ ଶୁଣିବା, କାରଣ ଏହା ନ୍ୟୁଜ୍ ଭାବେ ପ୍ରକାଶ ପାଉନାହିଁ କି ଏହା ଉପରେ ବିତର୍କ ହେଉନାହିଁ।

Email:aakar.patel@gmail.com

# ପ୍ରଶାସନରେ ବର୍ଦ୍ଧିଷ୍ଣୁ ବିଶୃଙ୍ଖଳା



ସହଦେବ ସାହୁ

କେଓସ୍ (ବିଶୃଙ୍ଖଳା ଘଟିବା) ଏକ ପ୍ରାକୃତିକ ପ୍ରକ୍ରିୟା। ଯଦି ବାହାରୁ ସୂର୍ଯ୍ୟ ଓ ଅନ୍ୟ ତାରକାଙ୍କଠାରୁ ଶକ୍ତି ପାଉ ନ ଥାନ୍ତା ତେବେ ପୃଥିବୀଟା କେଉଁ କାଳରୁ ଏକ ଶୁଷ୍କ ଶିଳା ପେଣ୍ଡୁ ହୋଇଯାଆନ୍ତାଣି। ପଦାର୍ଥ ବିଜ୍ଞାନୀ ରୁଡୋଲଫ କ୍ରସିଅସ୍ (୧୮୨୨– ୮୮) ଆବିଷ୍କାର କଲେ ଯେ ଯେକୌଣସି ଆବଦ୍ଧ ସ୍ଥାନରେ ବିଶୃଙ୍ଖଳା ବୃଦ୍ଧି ବା ଏଣ୍ଟ୍ରୋପି ହୋଇ ତାହା ଶେଷରେ ଧ୍ୱଂସ ହୋଇଯାଏ। ଗରମ ପାଣି ଥଣ୍ଡା ହେବ, ତାପ ଆପେ ଆପେ ବିଚ୍ଛୁଡି ଯାଇ ଉଚ୍ଚରୁ ନୀଚକୁ ଯାଏ, ଯିବା ପ୍ରକ୍ରିୟାରେ କିଛି ତାପ ବିଚ୍ଛୁଡି ବା ନଷ୍ଟ ହୋଇଯାଏ, କିଛି କାମରେ ଲାଗେ ନାହିଁ। କିନ୍ତୁ ଥଣ୍ଡାପାଣିକୁ ଗରମ କରିବାକୁ ଚାହିଁବ ତ ବାହାରୁ ଜାଳ (ଏନର୍ଜି) ଯୋଗାଇବ। ଅର୍ଥାତ୍ ପାରିପାର୍ଶ୍ୱିକ ପରିବର୍ତ୍ତନ କରିବାକୁ ପଡିବ। ମନେ ରଖନ୍ତୁ, ଏ ଏନର୍ଜିର କିଛି ଭାଗ (ତାପାଂଶ ବା ଥର୍ମାଲ୍ କଣ୍ଟେଣ୍ଟ) ପ୍ରକୃତ କାମ କରିବ, ବାକି ଭାଗ (ଡିଫ୍ୟୁଜଡ୍ କଣ୍ଟେଣ୍ଟ) ଚାରିଆଡ଼େ ବିଚ୍ଛୁଡ଼ିଯିବ, ବିଶୃଙ୍ଖଳା ସୃଷ୍ଟି କରିବ। ଚରମ ବିଶୃଙ୍ଖଳା ଧ୍ୱଂସ ଆଣେ। ଯେଉଁ ବିଶୃଙ୍ଖଳା ପ୍ରକୃତିର ନିୟମ ତାକୁ ମାପିବାର ଏକ ଉପାୟ ହେଉଛି ଏଣ୍ଟ୍ରୋପି। ବାହାରୁ ଶକ୍ତି ବା ସହାୟତା ଯେତେ କମିବ ପରିବେଶଟି ସେତେ ଏଣ୍ଟ୍ରୋପିକ୍ ବା ଧ୍ୱଂସାଭିମୁଖୀ ହେଉଥିବ– ଉଭୟ ଭୂମା (ମାକ୍ରୋ) ଓ ସୂକ୍ଷ୍ମ (ମାଇକ୍ରୋ) ସ୍ତରରେ। ଏ ପ୍ରବନ୍ଧଟି ଲେଖିଲାବେଳେ ଓ ତୁମେ ପଢ଼ିଲାବେଳେ ବି ଆମ ଭିତରେ ଓ ଚାରିଆଡେ ବିଶୃଙ୍ଖଳା ବ୍ୟାପୁଛି। ଆମ ଶରୀରରେ ଶକୋଷଗୁଡ଼ିକର ଅବକ୍ଷୟ ଘଟୁଛି, ଆମ ଘର ବା କମ୍ପାନୀର ଚଟାଣ ମଇଳା ହେଉଛି। ଆମ ଚା କପ୍‌ରୁ ତାପ ଚାରିଆଡ଼େ ବ୍ୟାପୁଛି, କପ୍ ଥଣ୍ଡା ହେଉଛି। ଚାରିଆଡ଼କୁ ଦେଖ, ସମାଜରେ ଅପରାଧ ଓ ଆନ୍ଦୋଳନ ବଢୁଛି, ସାମାଜିକ ସମ୍ପର୍କରେ ଭଙ୍ଗା ପଡୁଛି। ରାଜ୍ୟ ଶାସନ କ୍ଷେତ୍ରରେ ଦେଖିବା ତ ଗଣତନ୍ତ୍ର ବ୍ୟବସ୍ଥାର ସେମିତି ଅବକ୍ଷୟ ଘଟୁଛି। ନିର୍ଦ୍ଦିଷ୍ଟ କାଳ ବ୍ୟବଧାନରେ ନିର୍ବାଚନ କରାଇ ଶାସନ କଳରେ ନୂଆ ଏନର୍ଜି ଅଣାଯାଏ, କିନ୍ତୁ ନିର୍ବାଚନ ଯଦି ସେହି ପୁରୁଣା ଲୋକଙ୍କୁ ଫେରାଇ ଆଣେ ବିଶୃଙ୍ଖଳା ହାର (ଏଣ୍ଟ୍ରୋପି) ବଢ଼ିବ, ଶାସନଗାଦିରେ ଥିବା ଲୋକେ ଅପରାଜେୟ ମନେକରି ମନଇଚ୍ଛା କାମ କରିଚାଲିବେ, ସେମାନଙ୍କ ସମ୍ପର୍କୀୟମାନେ ଫାଇଦା ଉଠାଇବେ। ସାମାଜିକ ବିଶୃଙ୍ଖଳାର ହାର ବଢ଼ିଲେ ଗଣତନ୍ତ୍ର ଭୁଶୁଡ଼ିପଡ଼ିବ, ଦଳମୁଖିଆ ଓ ତାଙ୍କ ସମର୍ଥକ ଗୋଷ୍ଠୀ (କୋଟରି) ଜନମତ ତିଆରି କରିପାରିବାର ମାଧ୍ୟମଗୁଡ଼ିକୁ ନିୟନ୍ତ୍ରଣ କରିନେବେ, କୋଟରିଙ୍କ ଦ୍ୱାରା ଛଙ୍କା ହୋଇଥିବା ଖବର ଲୋକଙ୍କୁ ମିଳିବ ତ ଲୋକେ ସତ କ'ଣ ଜାଣିପାରିବେ ନାହିଁ।

ସମାଜରେ ଏଣ୍ଟ୍ରୋପିକୁ ରୋକିବାର ଉପାୟ ହେଉଛି ନୂତନ ଏନର୍ଜି ଯୋଗାଇବା, ସମାଜରେ ପରିବର୍ତ୍ତନ ଆଣିବାକୁ ଏ କାମ ନେତାମାନେ କରିପାରନ୍ତି। ଏଣ୍ଟ୍ରୋପିର ଦିଗ ଆଗକୁ ଆଗକୁ। ଏହାକୁ ବୁଝାଇବା ପାଇଁ ଆରୋ ଅଫ୍ ଟାଇମ୍ (ସମୟ ତୀର) ଉପମା ବ୍ୟବହାର କରାଯାଉଛି। ପଛଟା ଭଲ ଥିଲା, ଆଗଟା ଖରାପ ହେଉଛି, ଯାହା ନଷ୍ଟ ବା ବିଶୃଙ୍ଖଳ ହୋଇଛି ତାହା ଭରଣା କରିବାର ପ୍ରାକୃତିକ ଉପାୟ ନାହିଁ। ଥର୍ମାଲ୍ କଣ୍ଟେଣ୍ଟ ଓ ଡିଫ୍ୟୁଜନ୍ କଣ୍ଟେଣ୍ଟ– ଦୁଇଟି ମିଶି ପୂର୍ବ ଅବସ୍ଥା, ବିଚ୍ଛୁରଣ (ଡିଫ୍ୟୁଜନ) ଶକ୍ତି ନଷ୍ଟ ହୋଇଯାଉଥିବାରୁ ଏଣ୍ଟ୍ରୋପି ଘଟେ, ବିଶୃଙ୍ଖଳାର ବୃଦ୍ଧି ହୁଏ, ଅର୍ଥାତ୍ ଏଣ୍ଟ୍ରୋପି ହିଁ ଅତୀତକୁ ଭବିଷ୍ୟତରୁ ପୃଥକ କରିଥାଏ: ପ୍ରାକୃତିକ ନିୟମ ବା ଲ' ନ ବୁଝି ବି ଆଗେ ଆମେ ଭଲରେ ଥିଲୁ ଏବେ ଖରାପରେ ଅଛୁ ବୋଲି ବହୁତ ଲୋକ କହନ୍ତି!



୧୯୨୨ରେ ଆରୋ ଅଫ୍ ଟାଇମ୍ ଧାରଣା ଆଣିଥିବା ଜ୍ୟୋତିର୍ବିଦ୍ ଆର୍ଥର ଏଡିଟନ୍ କହିଲେ, ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଜିନିଷ ତୀର ସୂଚାଉଥିବା ଦିଗରେ ଅଗ୍ରସର ହୁଏ, ପଛ (ପୂର୍ବାବସ୍ଥା)କୁ ଫେରେ ନାହିଁ। ଜିନିଷ ବଦଳେ ଏବଂ ଥରେ ବଦଳିଗଲେ ଆଉ ପୂର୍ବ ଅବସ୍ଥାକୁ ଫେରିପାରେ ନାହିଁ। ମଣିଷ ଜନ୍ମନିଏ, ତା'ର ଅଭିବୃଦ୍ଧି ହୁଏ, କିଛି ବର୍ଷ ତିଷ୍ଠି ରହେ ଏବଂ ଶେଷରେ ମରେ। ପରିବେଶ ପ୍ରଦୂଷିତ ହୁଏ, ପ୍ରଦୂଷଣ ସୀମାତିରିକ୍ତ ହେଲେ ଜୀବଜଗତ ଧ୍ୱଂସାଭିମୁଖୀ ହୁଏ। ଯେତେବେଳେ ଦୁଗ୍ଧରେ କାଳି ଟୋପାଟିଏ ପକାଇ ଦିଅ ତାହା ଚାରିଆଡ଼େ ବ୍ୟାପିଯାଏ, ତାକୁ ହଲାଇଲେ କାଳି ବୁନ୍ଦାଟି ଏମିତି ଘୂରି ଘୂରି ରହିବ ଯେମିତି ଆକାଶରେ ଗ୍ରହାଣୁ ଘୂରୁଥାଏ। ଦୁଗ୍ଧକୁ ଓଲଟା ଘୂରାଇଲେ କାଳି ଆଉ ବିନ୍ଦୁ ଅବସ୍ଥାକୁ ଫେରିବ ନାହିଁ। ଦିନେ ଏହା ଗୋଟିଏ ବିନ୍ଦୁ ଥିଲା, ପୂର୍ବର ବିନ୍ଦୁ ଅବସ୍ଥାକୁ ଫେରୁନାହିଁ କାହିଁକି? ଏମିତି ଥରେ ଅଧେ ଘଟେ ନାହିଁ, ସମୟ ବିଷୟରେ ଯେତେ ଭିତରକୁ ଭିତରକୁ ଯିବା ଏହିଭଳି ବିଶୃଙ୍ଖଳା ବଢ଼ି ଚାଲିଥିବା ଉଦାହରଣ ବହୁତ ଦେଖିବା, ସେଗୁଡ଼ିକ ପ୍ରତ୍ୟେକ ପୂର୍ବ ଶୃଙ୍ଖଳାକୁ ଫେରିପାରିବ ନାହିଁ। ବ୍ୟବସ୍ଥାର ପୁନର୍ଗଠନ, ଯେପରି ଥଣ୍ଡା ପାଣିକୁ ଗରମ କରିବା ବା ଅଧିକା ଥଣ୍ଡା ହେବାରୁ ରୋକିବା ଚାହିଁବା ତ ତହିଁରେ ବାହାରର ଏନର୍ଜି ପୂରାଇବାକୁ ପଡ଼ିବ (ଇଞ୍ଜେକ୍ଟ ଆଉଟ୍‌ସାଇଡ୍ ଏନର୍ଜି)। ପାଣି ଗରମ କରିବା ଗୋଟିଏ ନଜିର ମାତ୍ର, ଯେ କୌଣସି ଜିନିଷକୁ ଶୃଙ୍ଖଳିତ ଅବସ୍ଥାରେ ରଖିବାକୁ ବହୁତ ଏନର୍ଜି ଦରକାର; ଜିନିଷଗୁଡ଼ିକର ବ୍ୟବସ୍ଥାକୁ ଶୃଙ୍ଖଳିତ ଅବସ୍ଥାରେ ରଖିବାକୁ ଆହୁରି ବେଶି ଏନର୍ଜି ଦରକାର।

କହିବା ବାହୁଲ୍ୟ ଯେ ସରକାରୀ ପରିଚାଳନାରେ ଯେଉଁସବୁ ବ୍ୟବସ୍ଥା ଥାଏ ତା'ର ବି ଏଣ୍ଟ୍ରୋପି ଅଛି, ପ୍ରତି ଯୋଜନାର ବି ଏଣ୍ଟ୍ରୋପି ଅଛି। ତାହା ପ୍ରସ୍ତୁତ କରିଥିବା ନେତାଙ୍କ ଇଚ୍ଛା ବା ନିର୍ଦ୍ଦେଶକୁ ଅପେକ୍ଷା କରେ ନାହିଁ। ରାଜନେତାମାନେ ଚାହାନ୍ତୁ କି ନ ଚାହାନ୍ତୁ। ଯୋଜନା ଭିତରେ କାମକରା ବିଷୟବସ୍ତୁ ଓ ବିଚ୍ଛୁରଣ ଭାବେ ନଷ୍ଟ ହେଉଥିବା ବିଷୟବସ୍ତୁର ମିଶ୍ରଣ ଥାଏ; ସମୟକ୍ରମେ ଯେଉଁ ଅଂଶ ବିଚ୍ଛୁରଣରେ ନଷ୍ଟ ହୁଏ ତାହା ଉପଭୋକ୍ତାକୁ ଦୂରେଇ ଦିଏ, ନେତାମାନଙ୍କ ପ୍ରିୟାପ୍ରୀତି ଓ ଲାଞ୍ଚ ଦିଆନିଆ ଭଳି କାମକୁ ବଢ଼ାଇଦିଏ, ତାହା ହିଁ ତ ଏଣ୍ଟ୍ରୋପି ଏବଂ ତାହା ବଢ଼ି ବଢ଼ି ଚାଲେ। କାରଣ ଅବଶିଷ୍ଟାଂଶ 'କାମକରା ବିଷୟବସ୍ତୁ' ହ୍ରାସପାଏ। ଦିନେ ସମଗ୍ର ଯୋଜନାଟି ନେତା ଓ ସେମାନଙ୍କ ସମ୍ପର୍କୀୟଙ୍କ କାମରେ ଲାଗିଯାଇପାରେ ଯଦି ବାହାରର ଏନର୍ଜି ନ ପଶେ। ଅସଲ ଉପଭୋକ୍ତାଙ୍କୁ ଉପେକ୍ଷା କରୁଥିବାରୁ ସମାଜରେ ଜନଅସନ୍ତୋଷ ତଥା ପ୍ରତିବାଦ–ଆନ୍ଦୋଳନ ଆଦି ବିଶୃଙ୍ଖଳା ଦେଖାଦିଏ। ଗଣତନ୍ତ୍ର ବ୍ୟବସ୍ଥାରେ ପ୍ରତି ୫ ବର୍ଷ ବା ତଦନୁରୂପ ସମୟସୀମା ଭିତରେ ନିର୍ବାଚନ କରାଇବା ପ୍ରଥା ହିଁ ନୂଆ ଏନର୍ଜି ପୂରେଇବାର ଅବସର ଆଣେ, ଆଣ୍ଟି ଏଷ୍ଟାବ୍ଲିଶମେଣ୍ଟ ହାୱା ନୂଆ ଏନର୍ଜି ଆଣେ, କିନ୍ତୁ ସେ ହାୱା ନ ବୋହିଲେ ଲୋକେ ଏଣ୍ଟ୍ରୋପିର ଶିକାର ହେବେ। ଅବଶ୍ୟ ଉପସ୍ଥିତ ସରକାର ଏଆର୍ ପିୟୁରିଫାୟର (ବାୟୁ ସଫାକାରୀ ଯନ୍ତ୍ର) ଭଳି ନୂଆ ନୂଆ ଯୋଜନା ବା ବ୍ୟବସ୍ଥା କରିଥାନ୍ତି: ଯେଭଳି ଆମ ରାଜ୍ୟରେ 'ଫାଇଭ୍ ଟି' ବ୍ୟବସ୍ଥା ଭର୍ତ୍ତି ବା ଇଞ୍ଜେକ୍ଟ କରାଗଲା। କାଳକ୍ରମେ ତାହା ବି ଏଣ୍ଟ୍ରୋପିର ଶିକାର ହେଲାଣି, ଭାଇରସ୍ ରୂପେ ଲୋକେ ଗୋଟିଏ ନୂଆ 'ଟି' ଦେଖିଲେଣି, ତାହା ହେଉଛି ତୋସରପାତ, ଯାହା ଅନ୍ୟ ୫ଟି 'ଟି' କୁ ନିଷ୍ପ୍ରଭ କରିଦେଲାଣି। ନୂତନ ଗଠନ ବା ନିର୍ମାଣ ଭୁଶୁଡ଼ିବା ଓ କର୍ମଚାରୀହୀନ ସେବା ଏହାର ଲକ୍ଷଣ। ତୋସରପାତ, ଚଞ୍ଚକତା, ଛିନ୍‌ତାଇ, ହତ୍ୟା, ଏଟିଏମ୍ ଭଙ୍ଗା, ମଦ ଓ ଡ୍ରଗ୍ସ କାରବାର ବୃଦ୍ଧି, ପୋଲିସିଂ ଲୋକାଭିମୁଖୀ ନ ହେବା, (ଦ୍ୱାରିକାର ଏଣ୍ଟ୍ରୋପି ଭଳି ସମ୍ପର୍କୀୟମାନଙ୍କ ଭିତରେ ନରହତ୍ୟାପ୍ରବଣତା ଓ ବଳାତ୍କାର ଆଦିର ପ୍ରାଦୁର୍ଭାବ ବଢ଼ିବା ଏହାର ଲକ୍ଷଣ। କର୍ମଚାରୀମାନେ ଟ୍ରେନିଂ ଭୁଲିଯାଇ ପାରନ୍ତି, ଉତ୍ସାହ ହରାଇ ପାରନ୍ତି, ନିୟମ ମାନି ନ ପାରନ୍ତି। ଦଳର ଲାଭରେ ରାଜ୍ୟର ରାଜକୋଷ ବ୍ୟବହାର ହୁଏ ଏବଂ ତାହା ଯଥେଷ୍ଟ ନ ହେଲେ ରାଜ୍ୟକୁ ଋଣଗ୍ରସ୍ତ କରାଯାଏ।

–sahadevas@yahoo.com

# ବହୁଦର୍ଶୀ ସାମ୍ବାଦିକ

ଜୀବନସାରା ସାମ୍ବାଦିକ ଅନ୍ୟମାନଙ୍କ କଥା କହେ। ଯାହାଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରିବାକୁ ଥିବ, ସେଥିନେଇ ସେ ତଥ୍ୟ ସଂଗ୍ରହ କରେ। ହେଲେ ନିଜ ଜୀବନର କଥା ବଖାଣିବାକୁ ତା' ପାଖରେ ତର ନ ଥାଏ। ଏହି ସ୍ତମ୍ଭରେ ସାମ୍ବାଦିକ ଏନି ଭବାନୀ କୋଟେଶ୍ୱର ପ୍ରସାଦ (ଏବିକେ ପ୍ରସାଦ)ଙ୍କୁ ଭେଟି ଦେବାକୁ ଯାଉଛୁ, ଯିଏ ଦୀର୍ଘ ୭୫ ବର୍ଷ ସାମ୍ବାଦିକତା ସହିତ ଜଡ଼ିତ ରହି ବୃତ୍ତି ପାଇଁ ଜଣେ କିମ୍ବଦନ୍ତୀୟ ଉଚ୍ଚତା ସୃଷ୍ଟି କରିପାରିଛନ୍ତି। ଫେବୃୟାରୀ ୨୮ରେ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆର ଡେପୁଟି ସ୍ପିକର ହଲ୍‌ରେ ତାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଚ୍ଚକୋଟୀର ଅବଦାନ ସକାଶେ 'ରାଜା ରାମମୋହନ ରାୟ ନ୍ୟାଶନାଲ ଆୱାର୍ଡ' ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିସିଆଇ) ଊନବିଂଶ ଶତାବ୍ଦୀର ବିଶିଷ୍ଟ ସଂସ୍କାରକ ରାଜା ରାମମୋହନ ରାୟଙ୍କ ନାମରେ ପ୍ରତିବର୍ଷ ବର୍ଷୀୟାନ ସାମ୍ବାଦିକଙ୍କୁ ଏହି ପୁରସ୍କାରରେ ଭୂଷିତ କରିଆସୁଛି।



ବ୍ୟକ୍ତିତ୍ୱ
ଏ ବି କେ ପ୍ରସାଦ

ଏବିକେ ପ୍ରସାଦ ଆନ୍ଧ୍ରପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ସେଠାକାର ଆଞ୍ଚଳିକ ଭାଷାର ବିଭିନ୍ନ ଖବରକାଗଜର ମୁଖ୍ୟ ସମ୍ପାଦକ ରହି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସହ–ସମ୍ପାଦକ, ଖବରଦାତା, ସମ୍ପାଦକ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତକାର ନେବାରେ ବିଶେଷଜ୍ଞ ଓ ଶେଷରେ ୫ଟି ତେଲୁଗୁ ଦୈନିକରେ ମୁଖ୍ୟ ସମ୍ପାଦକ ରହି ସାମ୍ବାଦିକତା କ୍ଷେତ୍ରରେ ସେ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଞ୍ଚଳିକ ଭାଷାର ଖବରକାଗଜରେ କାମ କରିଥିବା ଏହି ବର୍ଷୀୟାନ ସାମ୍ବାଦିକଙ୍କ ସାକ୍ଷାତ୍‌କାର ଇଂଲିଶ ଭାଷାର ଜଣେ ସାମ୍ବାଦିକ ନେବା ବେଳେ ନିଜକୁ ନର୍ଭସ ଅନୁଭବ କରିଥିବା ବର୍ଣ୍ଣନା କରିଥିଲେ। କାରଣ ତାଙ୍କୁ ପଚରାଯାଉଥିବା ପ୍ରଶ୍ନ ସରିବା ବେଳକୁ ସେ ପ୍ରଶ୍ନକର୍ତ୍ତା କ'ଣ କହିବାକୁ ଚହିଁଥାଆନ୍ତି, ତାହା ବୁଝି ନେଉଥିଲେ। ଜଣେ ସମ୍ପାଦକ ସ୍ତରକୁ ଉନ୍ନୀତ ହୋଇଥିବା ବ୍ୟକ୍ତିଙ୍କ ଉତ୍ତର 'ସମ୍ପାଦିତ ଶବ୍ଦ' ଭାବେ ଆକାର ଧାରଣ କରିଥାଏ। ଏବିକେ ପ୍ରସାଦ ଦୀର୍ଘ ବର୍ଷର ସାମ୍ବାଦିକତା ଭିତରେ ସେ ତାହାକୁ ଚାକିରି ଭାବେ ନେଇ ନ ଥିଲେ। ଏକ ମିଶନ୍ ରଖି ସେ ପାଞ୍ଚଟି ନୂଆ ଖବରକାଗଜ ବାହାର କରିବାରେ ଅଗ୍ରଦୂତ ପାଲଟିଥିଲେ। ଗତାନୁଗତିକ ଧାରା ଭାଙ୍ଗି ଚର୍ଚ୍ଚିତ କ୍ରୀଡ଼ା ଖବର ସମ୍ପର୍କିତ ବଡ଼ ଫଟୋ ପ୍ରଥମ ପୃଷ୍ଠାରେ ଦେଇ ଆଞ୍ଚଳିକ ଭାଷାର ପାଠିକାପାଠକଙ୍କୁ ଏକ ନୂଆ ସ୍ୱାଦ ଭେଟି ଦେଇଥିଲେ। ବଳଶାଳୀ ସମ୍ପାଦକୀୟ ଲେଖି ସେ ଚହଳ ମଧ୍ୟ ପକାଇଥିଲେ। ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଚର୍ଚ୍ଚିତ ଖବର ଉପରେ ସ୍ୱତନ୍ତ୍ର ଲେଖା ପ୍ରକାଶ କରି ତାହାକୁ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥାଆନ୍ତି। ସେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ଏଭଳି ଧରଣର ଲେଖା ପ୍ରକାଶ ପାଇବାର ଶ୍ରମ ସାର୍ଥକ ହୋଇଥାଏ ଯେତେବେଳେ ସେ ସେହିଦିନ ୮୦ରୁ ୧୦୦ ଫୋନ୍ କଲ୍ ପାଇଥାଆନ୍ତି। ତାଙ୍କ ସାମ୍ବାଦିକ ଜୀବନର ଏକ ଆହ୍ୱାନପୂର୍ଣ୍ଣ ସମୟ ଦେଶରେ ଜରୁରିକାଳୀନ ପରିସ୍ଥିତି ଥିଲା ବୋଲି କହିଥାଆନ୍ତି। ୨୫ ଜୁନ୍ ୧୯୭୫ରେ ଏହା ଦେଶରେ ଲାଗୁ ହେଲା ବେଳେ ଏବିକେ ପ୍ରସାଦ 'ଇନାଡୁ'ରେ କାର୍ଯ୍ୟ କରୁଥିଲେ। ତତ୍କାଳୀନ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ବିରୋଧ କରିବାକୁ ଯାଇ ସେ ସମ୍ପାଦକୀୟ ସ୍ଥାନରେ ରବୀନ୍ଦ୍ର ନାଥ ଟଗୋରଙ୍କ କବିତା 'ହୋୟାର ଦି ମାଇଣ୍ଡ୍ ଇଜ୍ ଉଇଦାଉଟ୍ ଫିଅର..'ର ତେଲୁଗୁ ଅନୁବାଦ ଛପାଇଥିଲେ। ସେଥିପାଇଁ ତାଙ୍କୁ ବିଶାଖାପଟନମ୍ ଜିଲାପାଳ କାର୍ଯ୍ୟାଳୟ ଡାକି ତାଗିଦା କରିଥିଲେ ବୋଲି ଏବିକେ ପ୍ରସାଦ କହିଥାଆନ୍ତି। ଜୀବନର ଉତ୍କର୍ଷ ପର୍ଯ୍ୟାୟକୁ ବର୍ଣ୍ଣନା କଲା ବେଳେ ସେ 'ଉଦୟମ୍'ର ଉଦାହରଣ ଦେଇଥାଆନ୍ତି। ଯଦିଓ ଏହି ଖବରକାଗଜ ଅଳ୍ପ ସମୟ ତିଷ୍ଠିଥିଲା, କିନ୍ତୁ ତାହାର ପ୍ରଭାବ ସମଗ୍ର ରାଜ୍ୟରେ ପଡ଼ିଥିଲା। ଦଳିତ ଓ ଅସହାୟଙ୍କ ସ୍ୱର ମଧ୍ୟ ଏହା ପାଲଟିଥିଲା। ଉଦୟମ୍‌ର ଜନ୍ମଲଗ୍ନକୁ ମନେପକାଇ ସେ କହିଥିଲେ– 'ଦେୟାର ଇଜ୍ ଓନ୍‌ଲି ୱାନ୍ ମର୍ନିଂ 'ସନ୍' ଫର୍ ଦି ଏଣ୍ଟାୟାର ୱାର୍ଲ୍ଡ, ବଟ୍ ଟୁ ମର୍ନିଂ ସନ୍ସ ଫର୍ ଦି ତେଲୁଗୁ ପିପୁଲ। ଏଭଳି କ୍ୟାଚି ଆଦର୍ଶ ଉକ୍ତି ସୃଷ୍ଟି କରିବାର ଦକ୍ଷତା ଏବିକେ ପ୍ରସାଦଙ୍କ ରହିଥିଲା। ୨୦୦୪ରୁ ୨୦୦୯ ଯାଏ ସେ ଆନ୍ଧ୍ରପ୍ରଦେଶର ଅଫିସିଆଲ୍ ଲାଙ୍ଗୁଏଜ୍ କମିଶନ୍‌ର ଅଧ୍ୟକ୍ଷ ରହିଥିବା ବେଳେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥିଲେ।

ସାମ୍ବାଦିକତାରେ ଯିଏ ଗଭୀର ଭାବେ ପ୍ରବେଶ କରିଥାଆନ୍ତି, ସେହିମାନେ ହିଁ କେବଳ ଦୁନିଆରେ ପରିବର୍ତ୍ତନ ଓ ସଂସ୍କାର ଆଣିଥାଆନ୍ତି ବୋଲି ଏବିକେ କହନ୍ତି। ଜଣେ ସାମ୍ବାଦିକ ସର୍ବଦା ଛାତ୍ର ଭଳି ପଢ଼ିବା ଦରକାର ବୋଲି ନୂତନ ପିଢ଼ିଙ୍କୁ ପରାମର୍ଶ ଦେଇଥାଆନ୍ତି। କାରଣ ସାମ୍ବାଦିକ ସବୁ କ୍ଷେତ୍ରରେ ବିଶେଷଜ୍ଞ ନ ହେଲେ ମଧ୍ୟ ଲୋକଙ୍କ ଆଗ୍ରହର ପ୍ରତିଟି ବିଷୟ ଉପରେ ଯଥାସମ୍ଭବ ଜ୍ଞାନ ଅର୍ଜନ କରିବା ନିତାନ୍ତ ଆବଶ୍ୟକ। ଏବିକେ ପ୍ରସାଦ କହିଥାଆନ୍ତି ଟିଭି ସମେତ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ ପାଠକେ ସର୍ବଦା ଛାପା ଗଣମାଧ୍ୟମକୁ ଅନିଶା କରିଥାଆନ୍ତି। କାରଣ ନିର୍ଦ୍ଦିଷ୍ଟ ବିଷୟରେ ଗଭୀର ବିଶ୍ଳେଷଣ କରାଯାଇ ପ୍ରକାଶିତ ଖବରକାଗଜକୁ ସାଇତି ରଖାଯିବାର ଗୁଣ ଛାପା ମାଧ୍ୟମରେ ରହିଥାଏ।

ସାମ୍ବାଦିକ ଅଧିକାଂଶ ସମୟ ନ୍ୟୁଜ୍‌ପେପର ଅଫିସରେ କଟାଇଥାଆନ୍ତି। ଘରକୁ ଅଧିକ ସମୟ ଦେଇପାରୁ ନ ଥିବାରୁ କେହି ସାମ୍ବାଦିକଙ୍କୁ ବିବାହ କର ନାହିଁ ବୋଲି ଧର୍ମପତ୍ନୀ କୌତୁକରେ ଅନ୍ୟମାନଙ୍କୁ ତାଙ୍କ ଆଗରେ କହିଥିବାର ଦେଖିଛନ୍ତି ବୋଲି ଏବିକେ ପ୍ରସାଦ ପ୍ରକାଶ କଲା ବେଳେ ହସି ପକାନ୍ତି। ତଥାପି ସ୍ତ୍ରୀ ତାଙ୍କୁ ବହୁତ ଭଲ ପାଆନ୍ତି। ତାଙ୍କର ୪ ଝିଅ ଓ ସବୁ ବିବାହ କରିସାରିଛନ୍ତି। କିନ୍ତୁ କୌଣସି ଜ୍ୱାଇଁ ତାଙ୍କୁ ଯୌତୁକ ମାଗି ନ ଥିଲେ ବୋଲି କହିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସ୍କୁଲ ଛାଡୁଥିବା ପିଲାମାନଙ୍କ ପାଇଁ ସାହାରା ପାଲଟିଛନ୍ତି ଅଶୋକ ରାଠୋର। ଅଶୋକ ରହୁଛନ୍ତି ମୁମ୍ବାଇରେ। ମୁମ୍ବାଇ ବସ୍ତିରେ ଅର୍ଥାଭାବରୁ ପଢ଼ା ଛାଡ଼ି ଦେଉଥିବା ପିଲାମାନଙ୍କୁ ସେ ଫୁଟ୍‌ବଲ ମାଧ୍ୟମରେ ଆକର୍ଷିତ କରି ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି। ଅଶୋକ ନିଜେ ମୁମ୍ବାଇ ଆମ୍ବେଦନଗର ବସ୍ତିରେ ବଢ଼ିଛନ୍ତି। ସେ ବସ୍ତି ପିଲାମାନଙ୍କ ଦୁଃଖ ଓ ଅଭାବକୁ ବୁଝିଛନ୍ତି। ଏଣୁ ବସ୍ତିର ଅଧାରୁ ପାଠ ଛାଡ଼ିଦେଉଥିବା ପିଲାମାନଙ୍କ ପାଇଁ ସେ ଏହି ଅଭିନବ ଉପାୟ ଆପଣାଇଛନ୍ତି। ଅଶୋକ 'ଓସ୍କାର ଫାଉଣ୍ଡେଶନ' ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ସେ ପ୍ରଥମେ ୧୮ ପିଲାଙ୍କୁ ଫୁଟ୍‌ବଲ ଶିକ୍ଷା ଦେବା ଆରମ୍ଭ କରିଥିଲେ। ପରେ ସର୍ତ୍ତ ରଖିଥିଲେ ଯେ, ଯେଉଁମାନେ ଫୁଟ୍‌ବଲ ଶିଖିବେ ସେମାନେ ସ୍କୁଲକୁ ଯିବେ। ପିଲାମାନେ ଏଥିରେ ରାଜି ହୋଇ ସ୍କୁଲଯିବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାମାନେ ସେମାନଙ୍କ ସାଙ୍ଗଙ୍କୁ ପଢ଼ିଆକୁ ଆଣିଲେ ଏବଂ ସେମାନେ ଖେଳିଲେ ଓ ସ୍କୁଲକୁ ଯିବା ଆରମ୍ଭ କରିଦେଲେ। ୨୦୦୮ରେ ଅଶୋକ ୩.୫ ଲକ୍ଷ ଟଙ୍କା ପୁରସ୍କାର ପାଇବା ପରେ ତାହାକୁ ଏହି କାର୍ଯ୍ୟରେ ବିନିଯୋଗ କରିବା ଦ୍ୱାରା ୨୦୧୦ରେ ପିଲାସଂଖ୍ୟା ୩୦୦ରେ ପହଞ୍ଚିଥିଲା। ଏବେ ଏହି କାର୍ଯ୍ୟକ୍ରମକୁ ଅଶୋକ ରାଜସ୍ଥାନ, କର୍ନାଟକ, ଡାମନ୍‌କୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛନ୍ତି। ଏବେ ସୁଦ୍ଧା ତାଙ୍କ ନିକଟରୁ ୧୪,୦୦୦ ପିଲା ଉପକୃତ ହୋଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୮

- ଆସାମର ଡିବ୍ରୁଗଡ଼ ଜିଲା ଅନ୍ତର୍ଗତ ନାହୋରୋନି ଗ୍ରାମଠାରେ ଏକ ନିର୍ବାଚନୀ ସଭାରେ ଦୁଇଜଣ ଉଲ୍‌ଫା ଉଗ୍ରପନ୍ଥୀ ଅତି ନିକଟରୁ ଗୁଳି ଚଳାଇବା ଫଳରେ ସିପିଆଇ (ଏମ୍‌ଏଲ୍) ପ୍ରାର୍ଥୀ ଅନିଲ କୁମାର ବରୁଆଙ୍କ ମୃତ୍ୟୁ।
- ଶକ୍ତି କ୍ଷେତ୍ରରେ ସହଯୋଗିତା ପାଇଁ ଆମେରିକାର ଦୁଇଟି ସଂସ୍ଥା ସହ ଓଡ଼ିଶା ବିଦ୍ୟୁତ୍ ରେଗୁଲେଟରୀ କମିଶନର ଅଂଶୀଦାର ଚୁକ୍ତିନାମା ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | 9 | |
| 1 | 7 | | | | | | | 5 |
| 3 | | | | | | | | 2 |
| | 9 | | | 4 | | | 7 | |
| | | | | 3 | 7 | 4 | | |
| | | | | | 8 | 5 | | |
| | | | 4 | | | | | |
| 7 | 1 | | 2 | | | | 3 | 8 |
| | 2 | | | | 1 | 6 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 9 | 8 | 7 | 1 | 6 | 5 | 4 |
| 7 | 8 | 1 | 6 | 5 | 4 | 3 | 9 | 2 |
| 6 | 4 | 5 | 2 | 9 | 3 | 1 | 7 | 8 |
| 9 | 7 | 2 | 5 | 1 | 6 | 4 | 8 | 3 |
| 1 | 6 | 4 | 9 | 3 | 8 | 7 | 2 | 5 |
| 8 | 5 | 3 | 7 | 4 | 2 | 9 | 6 | 1 |
| 3 | 2 | 7 | 1 | 8 | 9 | 5 | 4 | 6 |
| 4 | 9 | 6 | 3 | 2 | 5 | 8 | 1 | 7 |
| 5 | 1 | 8 | 4 | 6 | 7 | 2 | 3 | 9 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାହକ ହଟହଟା

ମହାଶୟ,

ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ବ୍ୟାଙ୍କଗୁଡ଼ିକ ପ୍ରତିବଦ୍ଧ। ମାତ୍ର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଗୋଗୁଆ ଶାଖାରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଥମରେ ବ୍ୟାଙ୍କରେ ଆବଶ୍ୟକ କାଗଜାତର ଅଭାବ ଦେଖାଯାଉଛି। ବିଶେଷକରି ନୂତନ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଫର୍ମଗୁଡ଼ିକ ଉପଲବ୍ଧ ନ ହେବାରୁ ଗ୍ରାହକମାନେ ନୂତନ ଖାତା ଖୋଲିବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଆବଶ୍ୟକ କର୍ମଚାରୀ ପୂର୍ଣ୍ଣଭାବରେ ରହୁନାହାନ୍ତି। ବିଶେଷକରି ବ୍ୟାଙ୍କରେ ଥିବା ଏକମାତ୍ର ପ୍ରିଣ୍ଟିଂ ମେଶିନ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଏଣୁ ବ୍ୟାଙ୍କରେ ଅର୍ଥ ଆଦାନପ୍ରଦାନଜନିତ ତଥ୍ୟ ମୁଦ୍ରଣ ହୋଇପାରୁ ନାହିଁ। ଉପଭୋକ୍ତାମାନେ ସେମାନଙ୍କ ବ୍ୟାଙ୍କ ଅର୍ଥର ହିସାବ ଜାଣିବାକୁ ଅସମର୍ଥ ହେଉଛନ୍ତି। ସେଥିପାଇଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟାଙ୍କର ଉପରୋକ୍ତ ଅସୁବିଧାଗୁଡ଼ିକର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ବିଶେଷ ଅନୁରୋଧ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ


ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଶିଷ ଭିକ୍ଷା କରୁଛନ୍ତି।


ମନ୍ଦିର ଯିବାବେଳେ ଏକ କୁନିଝିଅଠାରୁ ରାଷ୍ଟ୍ରପତି ଗୋଲାପ ଫୁଲ ଗ୍ରହଣ କରୁଛନ୍ତି।


ଜିଲା ପ୍ରଶାସନ ତରଫରୁ ରାଷ୍ଟ୍ରପତିଙ୍କୁ ଏକ ଫଟୋଚିତ୍ର ପ୍ରଦାନ କରାଯାଉଛି।


ପରିଦର୍ଶକ ପୁସ୍ତିକାରେ ରାଷ୍ଟ୍ରପତି ଦସ୍ତଖତ କରୁଛନ୍ତି। ଇନ୍‌ସେଟ୍‌ରେ ରାଷ୍ଟ୍ରପତିଙ୍କ ବାର୍ତ୍ତା।


ବିନ୍ଦୁସାଗରରେ ରାଷ୍ଟ୍ରପତି ପଦ ପ୍ରକ୍ଷାଳନ କରୁଛନ୍ତି।


ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ବିଦାୟ ଦେଉଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କଲେ ରାଷ୍ଟ୍ରପତି

## ୨ ଦିନିଆ ଗସ୍ତ ସାରି ଦିଲ୍ଲୀ ଫେରିଲେ

### ମହାପ୍ରଭୁଙ୍କ ଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଛି: ଦ୍ରୌପଦୀ

### ଦେବୀପାଦହରା, ବିନ୍ଦୁସାଗର ଚାଲିଚାଲି ଗଲେ

ଭୁବନେଶ୍ୱର(ବ୍ୟୁରୋ)/
ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ୍.ଏ.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଛନ୍ତି। ରାଜଭବନରୁ ବାହାରି ସକାଳ ୯ଟା ୧୫ରେ କଡା ସୁରକ୍ଷା ବଳୟ ମଧ୍ୟରେ ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରଠାରେ ପହଞ୍ଚିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଜିଲାପାଳ ତଥା ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହା ପରେ ରାଷ୍ଟ୍ରପତି ଖାଲି ପାଦରେ ମନ୍ଦିର ଐଶାନ୍ୟକୋଣ ସନ୍ନିକଟ ଦେବୀପାଦହରା ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ଜଳ ସିଞ୍ଚନ ପରେ ବିନ୍ଦୁସାଗର ଅଭିମୁଖେ ଯାଇଥିଲେ। ଅନୁରୂପ ଭାବେ ପାଣି ସିଞ୍ଚନ କରି ମନ୍ଦିର ଅଭିମୁଖେ ଫେରିଥିଲେ। ମନ୍ଦିର ସିଂହଦ୍ୱାରଠାରୁ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ପ୍ରମୁଖ ରାଷ୍ଟ୍ରପତିଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପ୍ରଥମେ ରାଷ୍ଟ୍ରପତି ମନ୍ଦିର ପରିସରରେ ଥିବା ସିଦ୍ଧି ବିନାୟକଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ରାଷ୍ଟ୍ରପତିଙ୍କ ଝିଅ ମଧ୍ୟ ଉପସ୍ଥିତ ଥିଲେ। ପରେ ଗର୍ଭଗୃହରେ ଶ୍ରୀଲିଙ୍ଗରାଜଙ୍କ ଶକ୍ତିପୀଠରେ କ୍ଷୀର ଓ ଜଳାଭିଷେକ କରିବା ସହିତ ବିଲ୍ୱବରଣ କରିଥିଲେ। ପରେ ମା' ପାର୍ବତୀ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ବୃଷଭ ମନ୍ଦିର ପରିଦର୍ଶନ ପରେ ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚିଥିଲେ। ଉପସ୍ଥିତ ୧୫ରୁ ୨୦ ସେବାୟତ ଏବଂ ନିଯୋଗ ପ୍ରମୁଖଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସେବାୟତମାନେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଆଇନ ପ୍ରଚଳନ ନେଇ ରାଷ୍ଟ୍ରପତିଙ୍କୁ ଜଣାଇଥିଲେ। ଏହି ଅବସରରେ ବଡୁ ସେବାୟତଙ୍କ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର କାର୍ତ୍ତିକ ମାସର ରାଇ ଦାମୋଦର ବେଶର ଏକ ଫଟୋ ଟ୍ରଷ୍ଟବୋର୍ଡ ସଭାପତିଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ମନ୍ଦିର ଦର୍ଶନ ସାରି ରାଷ୍ଟ୍ରପତି ମନ୍ଦିର ଦର୍ଶନ ପଞ୍ଜୀକରଣ ଖାତା( ଭି.ଭି.ଆଇ.ପି.ଭିଜିଟର ରେଜିଷ୍ଟର)ରେ ଅନୁଭୂତି ବିବରଣୀ ଲେଖିଥିଲେ। ମନ୍ଦିରରୁ ବାହାରିବା ପରେ ବାରିକେଡ୍ ବାହାରେ ଥିବା ଛୋଟ ପିଲାଙ୍କୁ ଚକୋଲେଟ୍ ଦେଇ ସେମାନଙ୍କ ସହ ଫଟୋ ଉଠାଇଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ମନ୍ଦିର ସମ୍ମୁଖ ବ୍ୟାରିକେଡ ବାହାରେ ପ୍ରାରମ୍ଭରୁ ଆଦିବାସୀ-ସାନ୍ତାଳୀ ନୃତ୍ୟ ଓ ବାଦ୍ୟ ପରିବେଷଣ ଜାରି ରହିଥିଲା। ମନ୍ଦିର ଦର୍ଶନ ପରେ ରାଷ୍ଟ୍ରପତି ମୁର୍ମୁ ସାନ୍ତାଳୀନୃତ୍ୟ ଓ ବାଦ୍ୟ ପରିବେଷଣ କରୁଥିବା ଏହି ଭାଇଭଉଣୀମାନଙ୍କ ନୃତ୍ୟ ଓ ବାଦ୍ୟ ଶୁଣି ଭାବବିହ୍ୱଳ ହୋଇ ସେମାନଙ୍କୁ ବ୍ୟାରିକେଡ୍ ବାହାରେ ସାକ୍ଷାତ କରିଥିଲେ। ରାଷ୍ଟ୍ରପତିଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ପୋଲିସ୍ ପ୍ରଶାସନର ପଦାଧିକାରୀ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମେତ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ସେ ଭୁବନେଶ୍ୱର ବିମାନବନ୍ଦର ଅଭିମୁଖେ ଯାଇଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ କଟକ ବିଦ୍ୟାଧରପୁରଠାରେ ଥିବା ନ୍ୟାଶନାଲ୍ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଦ୍ୱିତୀୟ ଇଣ୍ଡିଆନ୍ ରାଇସ୍ କଂଗ୍ରେସରେ ଯୋଗ ଦେଇଥିଲେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଛୋଟ ଝିଅଠୁ ଗୋଲାପ ନେଲେ, ଚକୋଲେଟ ଦେଲେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନ୍ଦିରକୁ ଯାଉଥିବା ବେଳେ ରାସ୍ତାରେ ଜଣେ କୁନି ଝିଅ(କାବ୍ୟା) ଗୋଲାପ ଫୁଲ ଧରି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ କାବ୍ୟା ନିକଟକୁ ଯିବା ସହ କଥା ହୋଇଥିଲେ। ଏହି ଅବସରରେ କାବ୍ୟା ରାଷ୍ଟ୍ରପତିଙ୍କୁ ଗୋଲାପ ଫୁଲ ଦେଇଥିଲେ। ଆଉ ରାଷ୍ଟ୍ରପତି ଉତ୍ସାହର ସହ ଗ୍ରହଣ କରିଥିଲେ। ପରେ ରାଷ୍ଟ୍ରପତି ଖୁସିରେ କାବ୍ୟାଙ୍କୁ ଏକ ଚକୋଲେଟ ଦେଇଥିଲେ।

# ୧୪ରେ ଜିଲାପାଳ ସମ୍ମିଳନୀ

### ବିଭିନ୍ନ ଯୋଜନା, ବିଭାଗୀୟ କାର୍ଯ୍ୟକ୍ରମ ଉପରେ ହେବ ଆଲୋଚନା

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଆସନ୍ତା ୧୪ ତାରିଖରେ ଜିଲାପାଳ ଓ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ଦୁଇଦିନ ଧରି ଚାଲିବ। ଏହି ୨ ଦିନିଆ ସମ୍ମିଳନୀରେ ୩୦ ଜିଲାର ଜିଲାପାଳ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ଆଲୋଚନା ହେବ। ତୃଣମୂଳ ସ୍ତରରେ ସେଗୁଡ଼ିକ କିପରି କାର୍ଯ୍ୟକାରୀ ହେଉଛି ସେ ନେଇ ବିସ୍ତୃତ ଆଲୋଚନା ହେବ। ପ୍ରଥମ ଦିନ ଲୋକସେବା କନ୍‌ଭେନଶନ ହଲ୍‌ରେ ଓ ଦ୍ୱିତୀୟ ଦିନ କୋଣାର୍କ ଇକୋ ରିଟ୍ରିଟ୍‌ରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ।

ସମ୍ମିଳନୀର ପ୍ରଥମ ଦିବସରେ ସରକାରୀ ବ୍ୟବସ୍ଥାରେ ଅଣାଯାଉଥିବା ରୂପାନ୍ତରଣ, ସହରାଞ୍ଚଳରେ ସେବା ଯୋଗାଣ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ମିଶନ ଶକ୍ତି ଓ କ୍ଷୁଦ୍ରଶିଳ୍ପ, ଫସଲ ବିବିଧିକରଣ, ସରକାରୀ ବ୍ୟବସ୍ଥାରେ ବୈଷୟିକ ଜ୍ଞାନର ପ୍ରୟୋଗ, ଦକ୍ଷତା ବିକାଶ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ। ଏଥିସହିତ ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରଶାସନରେ ୫-ଟି ଜରିଆରେ ଆସୁଥିବା ରୂପାନ୍ତରଣ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। କୋଣାର୍କଠାରେ ଦ୍ୱିତୀୟ ଦିବସରେ ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇ, ବିଦ୍ୟାଳୟରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା, କୃଷି ଜରିଆରେ ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା, ପର୍ଯ୍ୟଟନର ବିକାଶ, ଗ୍ରାମାଞ୍ଚଳରେ ସେବା ପ୍ରଦାନ ତଥା ପାନୀୟଜଳ ଯୋଗାଣ, ରାଜ୍ୟରେ ଟେଲି ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତୀକରଣ, ବ୍ୟାଙ୍କିଂ ସେବା ଯୋଗାଣ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ। କୋଭିଡ୍ ଯୋଗୁ ଜିଲାପାଳ ସମ୍ମିଳନୀ ହୋଇପାରି ନ ଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲାପାଳମାନଙ୍କ ସହିତ ଭର୍ଚୁଆଲରେ ଆଲୋଚନା ହେଉଥିଲା। ଏବେ ରାଜ୍ୟ ସରକାର ପ୍ରତ୍ୟକ୍ଷ ଭାବେ ବରିଷ୍ଠ ଅଧିକାରୀମାନଙ୍କର ସମ୍ମିଳନୀ ଆୟୋଜନ କରୁଛନ୍ତି।

ରାଜ୍ୟରେ ୫-ଟି କାର୍ଯ୍ୟକ୍ରମ ଜରିଆରେ ଗ୍ରହଣ କରାଯାଉଥିବା ରୂପାନ୍ତରଣ ପଦକ୍ଷେପ ସଂକ୍ରାନ୍ତରେ ୫-ଟି ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ ଜିଲାପାଳ ଓ ଶାସନ ସଚିବମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ କିଭଳି ଅଗ୍ରାଧିକାର ଦିଆଯାଇପାରିବ, ସେଥିପାଇଁ ପ୍ରସ୍ତୁତ ହେଉଥିବା କାର୍ଯ୍ୟ ଯୋଜନା ସଂକ୍ରାନ୍ତରେ ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ ଜିଲାପାଳଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି।


OFFICE OF THE EXECUTIVE ENGINEER
WATER WAYS DIVISION NO.-1, SIMDEGA-835223
WATER RESOURCES DEPARTMENT, JHARKHAND
Email ID.- wwd1sim@gmail.com

LT. No. :- 55 Simdega / Date :- 09/02/2023

e- Procurement notice (SBD)

e-Tender Reference No.- WRD/WWD No.- 1 SIMDEGA /01/2022-23

| | | |
|---|---|---|
| 1. | Name of Work | Renovation and Lining Work of Larwa Reservoir Scheme. Dist.- Simdega. |
| 2. | Estimated Cost | Rs. 6,31,01,334.46 |
| 3. | Cost of Bid | Rs. 10,000.00 (Ten thousand only) Non-Refundable |
| 4. | Earnest Money | Rs. 6,31,000.00 |
| 5. | Time of Completion | 12 Months. |
| 6. | Date and Time of Publication of Tender on website | Date- 14.02.2023, Time- 1:00 PM. |
| 7. | Time of Bid Submission | From 14.02.2023 to 28.02.2023 (5:00PM.) |
| 8. | Last Date and Time of Submission of Bid cost and EMD | Date- 01.03.2023, Time- up to 5:00 PM. |
| 9. | Date of opening (Technical Bid) | Date - 02.03.2023, Time 4:00 PM. |
| 10. | Date of opening (Financial Bid) | To be announced |
| 11. | Place of opening of Bids | e-Procurement cell, Chief Engineer, Water Resources department, Jal Bhawan, Doranda, Ranchi. |
| 12. | Name and address of office inviting e-tender | Executive Engineer, Water Wa ys Division No. - 1, Simdega. Mobile No.- 8292591884 |
| 13. | Help Line No of e-Procurement cell | 0651-2481716 |

Note: - 1. Only e-tender will be accepted.
2. Further – Details can be seen on website http://jharkhandtenders.gov.in

Sd/-
Executive Engineer
Water Ways Division No. – 1, Simdega.

PR 289924 (Water Resource) 22-23 (D)


# ପଙ୍ଗୁପ୍ରାୟ ରୋଗୀ ଚାଲିଲେ

### ଏମ୍ସରେ ବିରଳ ଅସ୍ତ୍ରୋପଚାର ସଫଳ

- ଦୁଇ ଆଣ୍ଠୁ, ଦୁଇ ହିପ୍‌ର ମିଳିତ ପ୍ରତିରୋପଣ
- ଓଡ଼ିଶାରେ ପ୍ରଥମ, ଭାରତରେ ଦ୍ୱିତୀୟ



ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଏମ୍ସ ଭୁବନେଶ୍ୱରରେ ଜଣେ ପଙ୍ଗୁପ୍ରାୟ ମହିଳା ରୋଗୀଙ୍କ ଏକକାଳୀନ ଦୁଇ ଆଣ୍ଠୁ ଓ ଦୁଇ ହିପ୍(ନିତମ୍ବ ଗଣ୍ଠି)ର ସଫଳ ପ୍ରତିରୋପଣ କରାଯାଇଛି। ଏହା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ହୋଇଥିବାବେଳେ ଓଡ଼ିଶାରେ ଏପରି ପ୍ରତିରୋପଣ ପ୍ରଥମଥର କରାଯାଇଛି ବୋଲି ଶନିବାର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍‌ର ଜଣେ ୩୭ ବର୍ଷୀୟ ମହିଳା ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡିତ ହୋଇ ପଙ୍ଗୁପ୍ରାୟ ଅବସ୍ଥାରେ ବଞ୍ଚୁଥିଲେ। ସ୍ୱାଭାବିକ ଭାବେ ଚାଲି ନ ପାରି ଗୁରୁଣ୍ଡିବା ସ୍ଥିତିକୁ ଆସିଯାଇଥିଲେ। ଏପରି ଅବସ୍ଥାରେ ମହିଳା ଜଣକ ଏମ୍ସ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ। ପରୀକ୍ଷାନିରୀକ୍ଷା ପରେ ତାଙ୍କର ଉଭୟ ଆଣ୍ଠୁ ଏବଂ ଦୁଇ ନିତମ୍ବ ଗଣ୍ଠି(ହିପ୍)ର ଏକକାଳୀନ ପ୍ରତିରୋପଣ ଆବଶ୍ୟକ ଥିବା ଅସ୍ଥିଶଲ୍ୟ ବିଭାଗର ଡାକ୍ତରୀ ଟିମ୍ ଅନୁଭବ କରିଥିଲେ। ସେମାନେ ଅତ୍ୟନ୍ତ ସତର୍କତାର ସହିତ ପ୍ରଥମେ ମହିଳା ଜଣଙ୍କର ଦୁଇ ହିପ୍ ଓ ପରେ ଦୁଇ ଆଣ୍ଠୁର ପ୍ରତିରୋପଣ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ୩ ଘଣ୍ଟା ସମୟ ଲାଗିଥିବାବେଳେ ରୋଗୀଙ୍କୁ ଦୁଇଦିନ ପାଇଁ ଆଇସିୟୁରେ ରଖାଯାଇଥିଲା। ତେବେ ମହିଳା ଜଣକ ତୃତୀୟ ଦିନରେ ହିଁ ଚାଲିବା ଆରମ୍ଭ କରିଥିଲେ। ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗର ଡା. ସୁଜିତ କୁମାର ତ୍ରିପାଠୀ ଏବଂ ଡା. ମଣ୍ଟୁ ଜୈନଙ୍କ ନେତୃତ୍ୱରେ ଏକ ଯୁବ ଓ ଦକ୍ଷ ଡାକ୍ତରୀ ଦଳ ଏହି ବିରଳ ପ୍ରତିରୋପଣକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ। ଡା. ଶ୍ରୀତମ ସ୍ୱରୂପ ଜେନା ନିଶ୍ଚେତକ ବିଭାଗର ନେତୃତ୍ୱ ନେଇଥିଲେ। ଏହି ପ୍ରତିରୋପଣ ଓ ଅସ୍ତ୍ରୋପଚାର ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ହୋଇଥିଲା। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସମ୍ପୃକ୍ତ ମହିଳା ରୋଗୀଙ୍କୁ ଭେଟିବା ସହିତ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଏପରି ପ୍ରତିରୋପଣ ଜଣେ ବ୍ୟକ୍ତିର ଜୀବନଚଳଣିରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି। ତେଣୁ ଏଥିପାଇଁ ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏମ୍ସ ଦିଲ୍ଲୀରେ ଜଣେ ଓଡ଼ିଆ ରୋଗୀଙ୍କର ଏକକାଳୀନ ୪ଟି ପ୍ରତିରୋପଣ ହୋଇଥିଲା।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଗୋପାଳପୁର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ସୁକାନ୍ତ ଚରଣ ସେଠୀ (ଗୃହ ଋଣର ଋଣଗ୍ରହୀତା), ମାତା: ୰ ଶାନ୍ତିଲତା ସେଠୀ / ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସେଠୀ (ଗୃହ ଋଣର ଗ୍ୟାରେଣ୍ଟିଦାତା) / ୰ ଶାନ୍ତିଲତା ସେଠୀ(ଗୃହ ଋଣର ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ସୁକାନ୍ତ ଚରଣ ସେଠୀ, ୨) ଶ୍ରୀ ବସନ୍ତ କୁମାର ସେଠୀ, ୩) ଶ୍ରୀ ବିଶାନ୍ତ ଚରଣ ସେଠୀ, ୪) ଶ୍ରୀ ହେମନ୍ତ କୁମାର ସେଠୀ, ୫) ଶ୍ରୀମତୀ ମମିତା ସେଠୀ, ୬) ମିସ୍ ମେଘନା ପ୍ରିୟଦର୍ଶିନୀ ସେଠୀ (୰ ଶାନ୍ତିଲତା ସେଠୀଙ୍କ ନାତୁଣୀ), ୭) ଶ୍ରୀ ସୌମ୍ୟ ରଞ୍ଜନ ସେଠୀ (୰ ଶାନ୍ତିଲତା ସେଠୀଙ୍କ ନାତି), ସା: ଏଲମାପୁର, ପୋ: ରାମକୃଷ୍ଣପୁର, ଥାନା: ସାଲେପୁର, ଜିଲ୍ଲା: କଟକ | ଟ.୨୨,୮୦,୯୨୭.୧୩ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୯.୧୧.୨୦୨୨ / ୦୯.୦୨.୨୦୨୩ | ୰ ଶାନ୍ତିଲତା ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୫/୭୮, ପ୍ଲଟ୍ ନଂ.: ୮୧୦, କ୍ଷେତ୍ର: ଏକର୦.୧୩୫ଡିସିମିଲି, କିସମ: ଘରବାରୀ, ମୌଜା: ଏଲମାପୁର, ଏସ୍ଆର୍ଓ: ସାଲେପୁର, ତହସିଲ: ସାଲେପୁର, ତହସିଲ ନଂ.: ୪୫୧, ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମଚନ୍ଦ୍ର ଭୋଇ, ପୂର୍ବ: ରାସ୍ତା, ପଶ୍ଚିମ: ୰ ଶାନ୍ତିଲତା ସେଠୀ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୨.୦୨.୨୦୨୩ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ଫେବୃୟାରୀ, ୨୦୨୩



## ଆଜି କ'ଣ କେଉଁଠି

ବଡ଼ମ୍ବା
- ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଶଙ୍ଖାମେରୀ ଖେଳ ପଡ଼ିଆ, ଅପରାହ୍ନ ୩ଟା ୩୦।

## ସଂକ୍ଷେପରେ

### ସାଲେପୁର କପ୍ ଫୁଟବଲ୍: ଫାଇନାଲରେ ମଙ୍ଗଳା କ୍ଲବ

ସାଲେପୁର,୧୧।୨(ଡି.ଏନ୍.ଏ.)
ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ୟୁନାଇଟେଡ୍ କ୍ଲବ ଭଦ୍ରକ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଙ୍ଗଳା କ୍ଲବ କଟକ ୩-୨ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଡା.ସଚ୍ଚିଦାନନ୍ଦ ମିଶ୍ର ଓ ଅନ୍ୟତମ ଅତିଥିଭାବେ ଶିଶୁଆ ସମିତିସଭ୍ୟ ମାନସ ରଞ୍ଜନ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସଞ୍ଜୀବ ଦାଶ, ଜୀବନଜ୍ୟୋତି ନାୟକ, ରସାନନ୍ଦ ସାମଲ ଯୋଗଦେଇ ମ୍ୟାଚ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସେକ୍ ରହିମ୍ ବକ୍ସ, ନନ୍ଦ କିଶୋର ଭୂୟାଁ, କିରଣ କୁମାର ଭୂୟାଁ, ଅଶୋକ କୁମାର ସେଠୀ, ବସନ୍ତ କୁମାର କର, ପ୍ରଦପ୍ତ କୁମାର କର, ଭାସ୍କର ସେଠୀ, ତପନ କୁମାର କରଙ୍କ ସମେତ ସାଲେପୁର ସ୍ପୋର୍ଟ୍ସ ଏକାଡେମୀର ସଦସ୍ୟମାନେ ସହଯୋଗ କରିଥିଲେ।

### ୪୪ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ କିଟ୍ ବଣ୍ଟନ

ସାଲେପୁର,୧୧।୨(ଡି.ଏନ୍.ଏ.) : ସାଲେପୁରସ୍ଥିତ ଗୋଷ୍ଠୀ ଅର୍ନ୍ତନିବେଶୀ କାର୍ଯ୍ୟାଳୟ ପରିସରରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ମଣ୍ଡଳର ୪୪ ବୌଦ୍ଧିକ ଅନଗ୍ରସର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ଏନ୍ଆଇଇପିଆଇଡି ସିକନ୍ଦରାବାଦ ପକ୍ଷରୁ ଶିକ୍ଷଣ ସାମଗ୍ରୀ କିଟ୍ ବଣ୍ଟନ କରାଯାଇଛି। ଉକ୍ତ ଉତ୍ସବରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଅର୍ନ୍ତନିବେଶୀ ଜିଲା ସଂଯୋଜକ ଚିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବିଆରସି ସୂର୍ଯ୍ୟକାନ୍ତ ଦେବତା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅଶୋକ କୁମାର ପତି, ନିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ଅବହେଳିତ ଅବସ୍ଥାରେ ଅନନ୍ତେଶ୍ୱର ମହାଦେବ

ନିଶ୍ଚିନ୍ତକୋଇଲି,୧୧।୨(ସ୍ୱ.ପ୍ର.)


ଅଷ୍ଟମ ଶତାବ୍ଦୀରେ ନିର୍ମିତ ମନ୍ଦିର।


ଜରାଜୀର୍ଣ୍ଣ ହୋଇଯାଇଥିବା ଐତିହାସିକ କୀର୍ତ୍ତିରାଜି।

## ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଦାବି
## ଅଷ୍ଟମ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିଲା

କେନ୍ଦ୍ର ଓ ରାଜ୍ୟ ସରକାର ମନ୍ଦିର ମାନଙ୍କର ଉନ୍ନତୀକରଣ ଓ ପରିଚାଳନା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଅନେକ ସମୟରେ ଐତିହାସିକ କୀର୍ତ୍ତିରାଜି ଥିବା ପୀଠଗୁଡ଼ିକ ପ୍ରତି ଅଣଦେଖା କରାଯାଉଛି। ଏହାର ଉଦାହରଣ ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ପଞ୍ଚାୟତର ଲେଣ୍ଡୁରା ଭଗବାନପୁରଠାରେ ଥିବା ଅନନ୍ତେଶ୍ୱର ମହାଦେବ ମନ୍ଦିରରେ ଦେଖିବାକୁ ମିଳିଛି।

ଅଷ୍ଟମ ଶତାବ୍ଦୀରେ ମହାନଦୀ ଚିତ୍ରୋତ୍ପଳା ତ୍ରିକୋଣ ଭୂମି ଅଞ୍ଚଳରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଏହା ଭୁବନେଶ୍ୱରସ୍ଥିତ ପର୍ଶୁ ରାମେଶ୍ୱର ମନ୍ଦିରର ସମସାମୟିକ। ଏହାର ସ୍ଥାପତ୍ୟ ଭାସ୍କର୍ଯ୍ୟ,ତାଳମାଣ, କାରୁକାର୍ଯ୍ୟ, ଶିଳ୍ପ ଶାସ୍ତ୍ର ଆଦି ନିଖୁଣ ସୃଜନଶୀଳତାର ପରିଚୟ ଦିଏ। ଏହି ପ୍ରାଚୀନ କୀର୍ତ୍ତିରାଜିର ସମ୍ଭାର ପାଳଟିଥିବା ମହାଦେବଙ୍କ ମନ୍ଦିରଟି ଦୀର୍ଘ ବର୍ଷ ହେବ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ହେତୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀ ଶ୍ରୀ ଅନନ୍ତେଶ୍ୱର ମହାଦେବ ମନ୍ଦିର ବହୁ ପୁରାତନ । ଗତ ଅଷ୍ଟମ ଶତାବ୍ଦୀରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରର ମୂର୍ତ୍ତିଗୁଡିକ ମୂଲ୍ୟବାନ ମୁଗୁନି ପଥରରେ ନିର୍ମାଣ କରାଯାଇଥିଲା। ପ୍ରତିଦିନ ମନ୍ଦିରକୁ ବହୁ ଭକ୍ତ ପରିଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ଆସିଥାନ୍ତି। ମାତ୍ର ଏବେ ଏହି ମନ୍ଦିରଟି ଜରାଜୀର୍ଣ୍ଣ ହୋଇପଡିଛି। ଏପରିକି ମନ୍ଦିର ପରିସରକୁ ଯିବା ନିମନ୍ତେ ଭଲ ରାସ୍ତାଟିଏ ନାହିଁ। ମନ୍ଦିର ପରିସରରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସ୍ନାନାଗାରରେ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ସ୍ନାନାଗାର କୌଣସି କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ମନ୍ଦିରର ରୋଷଶାଳାଟି ମଧ୍ୟ ଭାଙ୍ଗିଯାଇଛି। ଏହି ଗୃହର ଆଜବେଷ୍ଟଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଟିକିଏ ବର୍ଷା ହେଲେ ଗୃହରେ ପାଣି ଲହରି ମାରୁଛି। ଫଳରେ ରୋଷେଇ ନିମନ୍ତେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ଚତୁଃପାର୍ଶ୍ୱରେ ବେଢା ବା ପାଚେରି ନ ଥିବା କାରଣରୁ ବହୁ ସମୟରେ ବୁଲା ଗାଈଗୋରୁ, ଛେଳି, ମେଣ୍ଢା, ବୁଲା ଷଣ୍ଢ ଓ କୁକୁରମାନେ ମନ୍ଦିର ପରିସରକୁ ଅବାଧରେ ପ୍ରବେଶ କରୁଛନ୍ତି। ମନ୍ଦିର ପରିସରରେ ଥିବା ବହୁ ପୁରାତନ ବୃକ୍ଷର ସୁରକ୍ଷା ନିମନ୍ତେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଦୂର ଦୂରାନ୍ତରୁ ଆସୁଥିବା ଭକ୍ତ ଓ ଯାତ୍ରୀମାନଙ୍କ ରହଣି ନିମନ୍ତେ କୌଣସି ଯାତ୍ରୀ ନିବାସ କିମ୍ବା ପାନ୍ଥଶାଳା ନାହିଁ। ଫଳରେ ଏଠାକୁ ଆସୁଥିବା ଭକ୍ତ ଓ ଦୂର ଦୂରାନ୍ତର ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନରେ କୌଣସି ସୁଲଭ ଶୌଚାଳୟ ନ ଥିଲା ବେଳେ ପାନୀୟ ଜଳର କୌଣସି ସୁବନ୍ଦୋବସ୍ତ ନାହିଁ। ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ଏହି ସ୍ଥାନରେ ୭ ଦିନ ବ୍ୟାପି ପ୍ରସିଦ୍ଧ ମହାଯଜ୍ଞ ଓ ପାଟୁଆ ଯାତ୍ରା ହୋଇଥାଏ। ମାତ୍ର ପାଟୁଆ ଯାତ୍ରା ନିମନ୍ତେ ଏଠାରେ କୌଣସି ପୁଷ୍କରିଣୀ ନାହିଁ। ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଶ୍ରୀ ଶ୍ରୀ ଅନନ୍ତେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଏବେ ଉଦ୍ୟମ କରାଯାଉଛି । କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଏଥିନିମନ୍ତେ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଥିବା ସାଧାରଣରେ କୁହାଯାଉଛି। ମାତ୍ର ଏହି ଅର୍ଥ ଏପର୍ଯ୍ୟନ୍ତ ବିନିଯୋଗ ହୋଇପାରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାରଙ୍କ ତରଫରୁ ଜଣେ କର୍ମଚାରୀଙ୍କୁ ଏଠାରେ ନାମକୁ ମାତ୍ର ନିଯୁକ୍ତି ଦିଆଯାଇଛି। ସମ୍ପୃକ୍ତ କର୍ମଚାରୀ ଜଣକ ମନ୍ଦିରର ରକ୍ଷଣାବେକ୍ଷଣା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ମନ୍ଦିରର ଥିବା ୧୨ ଏକର ସ୍ଥାବର ଅସ୍ଥାବର ସମ୍ପତ୍ତିରୁ ହେଉଥିବା ଆୟରେ ମନ୍ଦିର ପରିଚାଳନା କରିବା କାଠିକର ପାଠ । ଏପରିକି ମନ୍ଦିରର ପୂଜକମାନଙ୍କୁ ମଧ୍ୟ ପ୍ରାପ୍ୟ ଦେବା ମନ୍ଦିର ପରିଚାଳନା କମିଟି ପାଇଁ କାଠିକର ପାଠ ହୋଇଛି। ଏନେଇ ପ୍ରଶାସନ ତରଫରୁ ତୁରନ୍ତ ମନ୍ଦିରର ଉନ୍ନତିକରଣ କରିବା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟି ବୈରାଗୀ ଚରଣ ପଣ୍ଡା କୁହନ୍ତି, ସରକାର ବିଭିନ୍ନ ମଠ ମନ୍ଦିର ଓ ଐତିହାସିକ କୀର୍ତ୍ତି ରାଜିର ସଂରକ୍ଷଣ ଓ ଉନ୍ନତୀକରଣ କରୁଛନ୍ତି। ଏହି ପ୍ରାଚୀନ ମନ୍ଦିରର ସଂରକ୍ଷଣ ଓ ଉନ୍ନତି ହେବା ଆବଶ୍ୟକ। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ଏ ସମ୍ପର୍କରେ ମନ୍ଦିରର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡା କୁହନ୍ତି, ଅନନ୍ତେଶ୍ୱର ମନ୍ଦିରର ପ୍ରାଚୀନ ପରମ୍ପରା ଓ ମହାପ୍ରଭୁଙ୍କ ମହିମା ସ୍ୱତନ୍ତ୍ର। ଭକ୍ତି ଓ ବିଶ୍ୱାସର ପ୍ରତୀକ ପ୍ରଭୁ ଅନନ୍ତେଶ୍ୱର। ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମନ୍ଦିର କୀର୍ତ୍ତିରାଜି ଓ ମହିମା ପାଇଁ ଆକର୍ଷିତ ହୋଇ ଏଠାକୁ ଆସନ୍ତି । କିନ୍ତୁ ପର୍ଯ୍ୟଟକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ଓ ପ୍ରାଚୀନ କୀର୍ତ୍ତିରାଜିକୁ ସୁରକ୍ଷା ଦିଆଯାଉ ନ ଥିବାରୁ ପୀଠ ଅବହେଳିତ ଅବସ୍ଥାରେ ପଡି ରହିଛି।


କଟକ ଶହୀଦ ଭବନରେ ଡମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ବାପା ମହୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ନିଜସ୍ୱ ଅର୍ଥରେ ୧୪ ଦିବ୍ୟାଙ୍ଗଙ୍କୁ ମୋଟର ସାଇକେଲ ଦେଲେ ବିଧାୟକ

ମାହାଙ୍ଗା,୧୧।୨(ସ୍ୱ.ପ୍ର.)
ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ନିଜସ୍ୱ ଅର୍ଥରେ ମାହାଙ୍ଗା ବ୍ଲକର ୧୪ ଜଣ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ମୋଟର ସାଇକେଲ ପ୍ରଦାନ କରିଛନ୍ତି । ତାଙ୍କ ଅଲିଯୋଡାସ୍ଥିତ ବାସଭବନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ବିଧାୟକ ଜେନା ଓ ସ୍ତ୍ରୀ ଡେଜି ଦିବ୍ୟାଙ୍ଗମାନଙ୍କୁ ଏହା ପ୍ରଦାନ କରିଥିଲେ। ଯାତାୟତରେ ଅସୁବିଧା ହେଉଥିବାରୁ ମାହାଙ୍ଗା ଅଞ୍ଚଳର ଏହି ଭିନ୍ନକ୍ଷମମାନେ ମୋଟର ସାଇକେଲ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହା ମିଳିବା ପରେ ମାହାଙ୍ଗା ଦିବ୍ୟାଙ୍ଗ ସଂଘ ପକ୍ଷରୁ ବିଧାୟକ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଉମାଶଙ୍କର ବିଶ୍ୱାଳ, ହୃଷୀକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ବିଧାୟକ ଜେନା ଦୁଇ ଥର ଦିବ୍ୟାଙ୍ଗମାନଙ୍କୁ ତିନି ଚକିଆ ମୋଟର ବାଇକ ବଣ୍ଟନ କରିଥିଲେ ।

# ଓଡ଼ିଶାରେ ସ୍ପାଇସ୍ ପାର୍କ ପ୍ରସ୍ତାବ ନାହିଁ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୧୧।୨(ବ୍ୟୁରୋ)
ଓଡ଼ିଶାରେ ମସଲା(ସ୍ପାଇସ୍) ପାର୍କ କରିବା ଯୋଜନା ନାହିଁ। ବିଜେଡି ଏମ୍‌ପି ମମତା ମହାନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁପ୍ରିୟା ପଟେଲ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ମସଲା ଶସ୍ୟକୁ ନେଇ ସ୍ପାଇସ୍ ବୋର୍ଡ ପକ୍ଷରୁ ଦେଶର ୮ ସ୍ଥାନରେ ସ୍ପାଇସ୍ ପାର୍କ ନିର୍ମାଣ କରାଯାଇଛି। ସେଥିରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨ଟି ଲେଖାଏ ସ୍ପାଇସ୍ ପାର୍କ ଗଠନ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ, କେରଳ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ଗୋଟିଏ ଲେଖାଏ ସ୍ପାଇସ୍ ପାର୍କ କରାଯାଇଛି। ତେବେ ଓଡ଼ିଶା ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିନାହାନ୍ତି। ଏବେ ଆଉ ଅଧିକ ପାର୍କ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ସ୍ପାଇସ୍ ପାର୍କ କରିବାକୁ ରାଜ୍ୟ ସରକାରଙ୍କ ଅଣୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ୨୦୧୭ରେ ସ୍ପାଇସ ବୋର୍ଡକୁ ପ୍ରସ୍ତାବ ଦେଇଥିଲା। ଖୋର୍ଦ୍ଧାଠାରେ ଏକ ସାମୁଦ୍ରିକ ମାଛ ପାର୍କ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ଦକ୍ଷିଣ ଓଡ଼ିଶାର କୋରାପୁଟ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଗୋଲମରିଚ, ଲବଙ୍ଗ, କଳାଜିରା ବହୁ ମାତ୍ରାରେ ଚାଷ କରାଯାଉଛି। କନ୍ଧମାଳ ଜିଲାରେ ୧୦୦ ଏକର ଜମିରେ ମସଲା ଚାଷ କରାଯାଉଛି। ମସଲା ଛଡ଼ା ହଳଦୀ ଏବଂ ଅଦା ଚାଷ ମଧ୍ୟ କରାଯାଉଛି, ଯାହାର ଚାହିଦା ବିଦେଶରେ ରହିଛି। କନ୍ଧମାଳ ହଳଦୀର ଔଷଧୀୟ ଗୁଣ ମଧ୍ୟ ରହିଛି। ଏହି ଜିଲାଗୁଡ଼ିକରେ ମସଲା ପାର୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ୫ ବର୍ଷ ପରେ ମଧ୍ୟ କେନ୍ଦ୍ର ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା ମନ୍ତ୍ରୀ ଦେଇଥିବା ଉତ୍ତରରୁ ସୂଚନା ମିଳିଛି।

# ମହାପୁରୁଷଙ୍କ ଅବିକଳ ଚିତ୍ର ଆଙ୍କୁଛନ୍ତି ଲଳିତ

କଟକ ଅଫିସ,୧୧।୨
କୁନିଚିତ୍ରଶିଳ୍ପୀ ଲଳିତ ନାରାୟଣ ସ୍ୱାଇଁ(୧୨)। ପିଲାବେଳରୁ ଚିତ୍ରାଙ୍କନ ପ୍ରତି ତାଙ୍କର ଅନେକ ଆଗ୍ରହ ରହିଛି। ଯେକୌଣସି ମହାପୁରୁଷଙ୍କ ଫଟୋଚିତ୍ର ହେଉ ଅଥବା ଅନ୍ୟ କାହାର ଚିତ୍ର ରଙ୍ଗତୂଳୀରେ ଅତି ନିଖୁଣତାର ସହିତ ଆଙ୍କୁଛନ୍ତି। ଏପରି କି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ କାର୍ଡବୋର୍ଡରେ ବାସ୍ତବ ରୂପ ଦେଉଛନ୍ତି। ଏହି ଚିତ୍ର ଲୋକମାନଙ୍କୁ ବେଶ୍ ଆକର୍ଷିତ କରିଛି। ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏପରି କି ତାଙ୍କ ଚିତ୍ରକଳା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଯାହା ତାଙ୍କୁ ଚିତ୍ର ଆଙ୍କିବା ପାଇଁ ଅଧିକ ପ୍ରେରଣା ଯୋଗାଇଛି।



ଏଥିପାଇଁ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଖବରଦାତା ତଥା ସାମାଜିକ କର୍ମୀ ବିଭୁପ୍ରସାଦ ସ୍ୱାଇଁ ଓ ଇତିଶ୍ରୀ ମହାପାତ୍ରଙ୍କ ପୁଅ ଲଳିତ କଟକ ସଦର ଉପକଣ୍ଠ ଫକୀରପଡା ଗ୍ରାମରେ ୨୦୧୧ରେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ଶିକ୍ଷା ପ୍ରତି ତାଙ୍କର ବେଶ୍ ଆଗ୍ରହ ରହିଛି। ଏଥିପାଇଁ ସେ କଠିନ ପରିଶ୍ରମ ଜାରି ରଖିଛନ୍ତି। ସେ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଚିତ୍ର ଆଙ୍କିବା ପାଇଁ ତାଙ୍କୁ ମାଆବାପା, ଗୁରୁଜନ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉତ୍ସାହିତ କରିଆସିଛନ୍ତି। ଏ ସମ୍ପର୍କରେ ବିଭୁ କହିଛନ୍ତି, ପୁଅର ଏଭଳି ପ୍ରତିଭା ପାଇଁ ବେଶ୍ ଗର୍ବିତ। ଏଥିପାଇଁ ଲଳିତଙ୍କୁ ଉତ୍ସାହିତ କରିଆସିଛି ବୋଲି ସେ କହିଥିଲେ।

# କୋଟପଦା ବିଦ୍ୟୁତ୍ ସେକ୍ସନ୍ ବିଜୟୀ


ଟ୍ରଫି ସହ ବିଦ୍ୟୁତ୍ କର୍ମଚାରୀ ମହାସଂଘ ସାଲେପୁର ଶାଖାର ସଦସ୍ୟ ଓ ଅନ୍ୟମାନେ।

## ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ସାଲେପୁର,୧୧।୨(ଡି.ଏନ୍.ଏ.)
ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସାଲେପୁର ଶାଖା ପକ୍ଷରୁ ଏକଦିବସୀୟ ଶରତ ଚନ୍ଦ୍ର ମହାନ୍ତି ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଡିଭିଜନ୍‌ରେ କାର୍ଯ୍ୟରତ ସ୍ୱର୍ଗତ ବିଜୟ କୁମାର ଲେଙ୍କାଙ୍କ ବିୟୋଗରେ ଏକ ଶୋକସଭା ହେବା ପରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଥିଲା। ସାଲେପୁର ଡିଭିଜନ ମ୍ୟାନେଜର ନରେଶ ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଫାଇନାଲ୍ ମ୍ୟାଚ କୋଟପଦା ସେକ୍ସନ୍ ଏବଂ ଅସୁରେଶ୍ୱର ସେକ୍ସନ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ କୋଟପଦା ସେକ୍ସନ୍ ବିଜୟୀ ହୋଇଛି। କଟକ ମେୟର ତଥା ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଭାପତି ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ସଭାପତି ରାଜୀବ ମହାନ୍ତି, ଉପସଭାପତି ବିଶ୍ୱବାନନ୍ଦ ପରିଜା, ସର୍କଲ ସମ୍ପାଦକ ଦେବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଓଡ଼ିଶା ବିଦୁତ୍ କର୍ମଚାରୀ ମହାସଂଘର ଅର୍ଗାନାଇଜର ଭକ୍ତିପ୍ରସାଦ, ଡିଭିଜିନାଲ ଲିଡର କାଳନ୍ଦୀ ମଲିକ, ଅରୁପ ମିଶ୍ର, ଜ୍ୟୋତିରଞ୍ଜନ ନାୟକ, ତ୍ରିଲୋଚନ ମହାନ୍ତି, ଦେବାଶିଷ ବାରିକ, ଜ୍ଞାନରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଖଟୁଆ ଓ ପ୍ରକାଶ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

# ମହିଳାଙ୍କ ରୋଜଗାର ପନ୍ଥା ସୃଷ୍ଟି କଲେ ଯୁବ ଉଦ୍ୟୋଗୀ

ରଘୁନାଥପୁର,୧୧।୨(ଡି.ଏନ୍.ଏ.)
ଗ୍ରାମାଞ୍ଚଳ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ପ୍ରୟାସ କରିଛନ୍ତି ୨ ଯୁବ ଉଦ୍ୟୋଗୀ। ସେମାନେ ରଘୁନାଥପୁର ବ୍ଲକ ରେତୁଆ ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ୍ ଆଣ୍ଡ ଲେଟ ଲିଭ୍)ଜରିଆରେ ରାଜ୍ୟର ୩୨ ବ୍ଲକରେ ଗଢିଉଠିଥିବା ୧୮ ମହିଳା କୃଷକ ଉତ୍ପାଦକ ସଙ୍ଗଠନର ୧୩ ହଜାର ୫ ଶହ ମହିଳାଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିଛନ୍ତି। ଯୁବ ଉଦ୍ୟୋଗୀ ସତ୍ୟବ୍ରତ ମୁନି ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟରୁ କୋର୍ସ ଶେଷ କରିବା ପରେ ନିଜ ବନ୍ଧୁ ଅନୁରାଗ ସାହୁଙ୍କ ସହ ମିଶି ମୁନିକୋ ଫୁଡସ ବ୍ରାଣ୍ଡରେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ସ୍ୱାଦିଷ୍ଟ ପାମ୍ପଡ଼, ଆଚାର ସହ ବିଭିନ୍ନ ପ୍ରକାର ପନିପରିବା ଜାତୀୟ ଦ୍ରବ୍ୟ ପ୍ରସ୍ତୁତ କରି ଏବଂ ବିକି ବଜାରରେ ଖାଉଟିଙ୍କ ଆସ୍ଥାଭାଜନ ହୋଇଥିଲେ। ପରେ ଲାଲ ସଂସ୍ଥା ସହଯୋଗରେ ମହିଳା କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟାଙ୍କୁ ନିୟୋଜିତ କରି ସେମାନଙ୍କ ରୋଜଗାର ବୃଦ୍ଧି କରିବା ସହ ଗ୍ରାମାଞ୍ଚଳରେ ସିଧାସଳଖ ଖୁଚୁରା ବ୍ୟବସାୟୀଙ୍କ ନିକଟରେ ବିପଣୀ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଅବସରରେ


ବୈଠକରେ ଯୋଗଦେଇଥିବା ମହିଳା ଚାଷୀ ଉତ୍ପାଦକ ସଙ୍ଗଠନର ସଦସ୍ୟ ଓ ମୁନିକୋ ଫୁଡ୍‌ସର ଅଧିକାରୀମାନେ।

## ମହିଳା ଚାଷୀ ଉତ୍ପାଦକ ସଙ୍ଗଠନ, ମୁନିକୋ ଫୁଡ୍‌ସର ସମ୍ମିଳିତ ବୈଠକ

ଗୋରେଖନାଥ କୃଷକ ମହାସଂଘ ସଭାକକ୍ଷରେ ମୁନି ଓ ପାତ୍ରଙ୍କ ସହ କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ନେଇ ଏକ ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଲ ସଂସ୍ଥାର ସମ୍ପାଦକ କ୍ଷେତ୍ରମୋହନ ବେହେରା ସାମୂହିକ ମହିଳାଙ୍କୁ କାର୍ଯ୍ୟରେ ନିୟୋଜିତ ଏବଂ ଉତ୍ପନ୍ନ ସାମଗ୍ରୀର ବଜାରୀକରଣ ସମ୍ପର୍କରେ ପ୍ରଶ୍ନ ରଖିଥିଲେ। ଏହାଛଡା କୃଷକଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିପଣୀ ପାଇଁ ଥିବା ଆଗ୍ରୋକ୍ଷେତ୍ର ବ୍ରାଣ୍ଡର ଦାୟିତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ ସମ୍ପାଦକ ବେହେରା ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ପୂର୍ବତନ କୃଷି ଯୁଗ୍ମ ନିର୍ଦ୍ଦେଶକ ଗୁରୁପ୍ରସାଦ ତ୍ରିପାଠୀ, ପୂର୍ବତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାସ, ଆଡଭାଇଜର ସୁକାନ୍ତ କୁମାର ଜେନା ଓ ସୁରେଶ ଚନ୍ଦ୍ର ରାଉତ,ଡେପୁଟି ମ୍ୟାନେଜର ସଞ୍ଜୀବ ରାୟ, ମାର୍କେଟିଂ ମ୍ୟାନେଜର ତାପସ ବିଶ୍ୱାଳ, ସିଦ୍ଧବଟ କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ବିଦ୍ୟାଧର ଜତି, ବାଣୀକ୍ଷେତ୍ର ଉତ୍ପାଦକ କମ୍ପାନୀ ପକ୍ଷରୁ କାଦମ୍ବିନୀ ବେହେରା, କୃଷ୍ଣପ୍ରିୟା ବିଶ୍ୱାଳ ଓ ଅର୍ପିତା ବରାଳ, ସୀତାଂଶୁ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଜ୍ଞାନିକ ପଦ୍ଧତିରେ ସ୍ୱଳ୍ପ ମୂଲ୍ୟରେ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ କରି ଗ୍ରାମାଞ୍ଚଳରେ ବିପଣୀ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହାଛଡା ତାଲିମ ଜରିଆରେ ମହିଳାମାନଙ୍କ ଜ୍ଞାନକୌଶଳରେ ବିକାଶ କରାଯିବ ବୋଲି ଯୁବଉଦ୍ୟୋଗୀ ମୁନି କହିଥିଲେ। ଏହି ଅବସରରେ ମହିଳା କୃଷକ ଉତ୍ପାଦକ ସଙ୍ଗଠନ ଓ ମୁନିକୋ ଫୁଡସ ମଧ୍ୟରେ ରାଜିନାମା ହେବା ପାଇଁ ସ୍ଥିର ହୋଇଥିଲା।

## ସଂକ୍ଷେପରେ

### ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଉ

ପୁରୁଣା ଭୁବନେଶ୍ୱର,୧୧।୨(ଡି.ଏନ୍.ଏ.): ଆଉ ଦିନ କେଇଟା ପରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏଥିପାଇଁ ଶୈବପୀଠ ଚଳଚଞ୍ଚଳ। ଏହି କ୍ରମରେ ମହାଶିବରାତ୍ରିରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ ଜନସମାଗମ ହେବ। ମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ନେବାକୁ ବାରଣ ରହିଛି। ତେବେ ମନ୍ଦିର ଭିତର ଓ ବାହାରେ ଲାଗିଥିବା ସିସିଟିଭି ଅଚଳ ହୋଇଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ସହ ମନ୍ଦିର ସିଂହଦ୍ୱାରରେ ଏକ ମେଟାଲ ଡିଟେକ୍ଟର ଲଗାଯାଉ। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଜାଗରଯାତ୍ରା ପୂର୍ବରୁ ତୁରନ୍ତ ସମସ୍ୟାର ସମାଧାନ ନେଇ ଗୁରୁତ୍ୱ ଦେବା ପାଇଁ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

### ବିଦ୍ୟାଳୟର ବାର୍ଷିକୋତ୍ସବ

ଝାଁଳା,୧୧।୨(ଡି.ଏନ୍.ଏ.): ଜଟଣୀ ବ୍ଲକ ଝାଁଳା ପଞ୍ଚାୟତର ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ତ୍ରିନାଥ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତିକା ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଡ. ଆୟୁଷକାନ୍ତ ମହାନ୍ତି ଯୋଗଦେଇଥିବା ବେଳେ ଅତିଥିଭାବେ ସୌମ୍ୟରଞ୍ଜନ ବିଶ୍ୱାଳ, ଝାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, ରାଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଭୂତି ଭୂଷଣ ଜେନା, ପୁଷ୍ପଲତା ପରିଡା, ଅକ୍ଷୟ କୁମାର ପାଲ୍‌ଟାସିଂ, ବିଜୟ ନାୟକ, ଅକ୍ଷୟ କୁମାର ଦାସ, କୈଳାସ ଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ମଙ୍ଗଳାଙ୍କ ପୀଠରେ ଶାନ୍ତି ମହାଯଜ୍ଞ



ବେଗୁନିଆ,୧୧।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଟ୍ରି ଗ୍ରାମସ୍ଥିତ ମା'ମଙ୍ଗଳାଙ୍କ ପୀଠ ପରିସରରେ ତିନିଦିନ ଧରି ଚାଲିଥିବା ଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ବିଧି ମୁତାବକ କଳସ ଶୋଭାଯାତ୍ରା, ଶାଳା ମଣ୍ଡନ, ସୂର୍ଯ୍ୟପୂଜା, ଗୋ ପୂଜା ସମ୍ପନ୍ନ ହେଇଥିଲା। ପରେ ମନ୍ତ୍ର ପାଠରେ ବିଶ୍ୱର କଲ୍ୟାଣ ପାଇଁ ଦେବଦେବୀଙ୍କୁ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। କଣ୍ଢେଇ ନାୟକ ଓ ମୁନା ଯଜ୍ଞ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଆମ୍ ଆଦମୀ ପାର୍ଟିର ବ୍ଲକ ମୁଖ୍ୟ କଳ୍ପତରୁ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ଦୈନିକ ସନ୍ଧ୍ୟାରେ ପାଠ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ରୋଗ ଭଲ କରୁଛି ଜଙ୍ଗଲଜାତ ଔଷଧ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପ୍ରଦର୍ଶନୀ ପଡ଼ିଆରେ ଚାଲିଛି ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା। କେଉଁ ଷ୍ଟଲ୍‌ରେ ନାଡୀ ଦେଖି ବୈଦ୍ୟ ରୋଗ ନିରୂପଣ କରୁଛନ୍ତି ତ ପୁଣି କେଉଁଠି ପାପୁଲି ରେଖା ଦେଖି କବିରାଜ ଚିକିତ୍ସା ପଦ୍ଧତି କହୁଛନ୍ତି। ବିଭିନ୍ନ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇ ମଧ୍ୟ ଆରୋଗ୍ୟ ହୋଇପାରୁ ନ ଥିବା ଲୋକ ଏଠାକୁ ଆସୁଛନ୍ତି। ମେଳାରେ ହର୍ବାଲ ଜୁସ୍, ହର୍ବାଲ ଟି', ହର୍ବାଲ ଧୂପକାଠୀର ବେଶ୍ ଚାହିଦା ରହିଛି। ପ୍ରକୃତିରୁ ମିଳୁଥିବା ଜଙ୍ଗଲ ଜାତ ଔଷଧ ବିଷୟରେ ଜାଣିବାକୁ ଓ କିଣିବାକୁ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି।

### ପ୍ରଦର୍ଶନୀ ପଡ଼ିଆରେ କଳିଙ୍ଗ ହର୍ବାଲ ମେଳା




### ଡକ୍ଟର୍ସ ଟି' ଷ୍ଟଲ୍‌ରେ ଭିଡ଼

ମେଳାରେ ଲାଗିଛି ଡକ୍ଟର୍ସ ଟି' ଷ୍ଟଲ୍। ସମୀର ରଞ୍ଜନ ସ୍ୱାଇଁଙ୍କ ଷ୍ଟଲରେ ମିଳୁଥିବା ଚା' ପାଉଡର ନେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ଏହି ପାଉଡର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବିଭିନ୍ନ ରୋଗରୁ ଉପଶମ ଦେଇଥାଏ ବୋଲି ସମୀର କହିଛନ୍ତି। ତୁଳସୀ, ପୋଦିନା, ଧନ୍ୱନ୍ତରୀ, ଅଦା, ଗିଲ, ଗୋଲମରିଚ ଭଳି ଔଷଧୀୟ ଉପାଦାନରେ ଏହି ଚା' ପାଉଡର ପ୍ରସ୍ତୁତ କରାଯାଉଥିବାରୁ ଭିଡ଼ ଲାଗି ରହୁଛି।

### ମହିଳାଙ୍କୁ ଆକୃଷ୍ଟ କରୁଛି ମନ୍ଦାର ତେଲ

ମେଳାରେ ପଡ଼ିଥିବା ମନ୍ଦାର ତେଲ ଷ୍ଟଲ ମହିଳା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପିପିଲି ଅଞ୍ଚଳର ଜଣେ ବ୍ୟବସାୟୀ ଏହି ଷ୍ଟଲ ପକାଇଥିବାବେଳେ କେଶ ଜନିତ ସମସ୍ୟାରୁ ଏହି ତେଲ ମୁକ୍ତି ଦେବ ବୋଲି ସେ କହୁଛନ୍ତି। ତେଣୁ ଅଳ୍ପ ବୟସରୁ ଚୁଟି ପାଚିବା, ଝଡ଼ିବା, ଫାଟିବା, ରୂପୀ ସମସ୍ୟା ଆଦିରୁ ଏହି ତେଲ ଉପଶମ ଦେଉଥିବା ବ୍ୟବସାୟୀ ଦାବି କରିଛନ୍ତି। ତେଣୁ ମହିଳାମାନେ ସୁସ୍ଥ କେଶ ପାଇଁ ଏହି ଷ୍ଟଲକୁ ବିଶେଷ କରି ମହିଳା ଗ୍ରାହକମାନେ ଆସୁଛନ୍ତି।

### ଶତ୍ରୁଘ୍ନଙ୍କ ଷ୍ଟଲ୍‌ରେ ଭୂଇଁକଖାରୁ

ମେଳାର ୯୫ ନମ୍ବର ଷ୍ଟଲରେ ଏକ ବିଚିତ୍ର ଫଳ ଦେଖିବାକୁ ମିଳୁଛି। କଖାରୁ ଆକାରର ହୋଇଥିବାରୁ ମାଟି ତଳେ ଫଳୁଥିବାରୁ ଏହାକୁ ଭୂଇଁ କଖାରୁ କୁହାଯାଉଥିବା ନୂଆପଡ଼ାର ଶତ୍ରୁଘ୍ନ ମାଝୀ କହିଛନ୍ତି। ଏହି ଫଳ ରାଜଧାନୀରେ ଉପଲବ୍ଧ ହେଉ ନ ଥିବାରୁଏହା ବିଷୟରେ ଜାଣିବାକୁ ଲୋକଙ୍କ ମଧ୍ୟରେ କୌତୁହଳ ପ୍ରକାଶ ପାଉଛି। ଶତ୍ରୁଘ୍ନ ୩ ବର୍ଷ ବୟସର ହୋଇଥିବାବେଳେ ନିଜ ଅଜାଙ୍କ ସହ ଜଙ୍ଗଲକୁ ବିଭିନ୍ନ ଔଷଧୀୟ ବୃକ୍ଷର ଚେର, ପତ୍ର ଫୁଲ ଆଦି ସଂଗ୍ରହ କରିବାକୁ ଯାଉଥିଲେ। ପିଲାଟି ଦିନରୁ ଔଷଧୀୟ ବୃକ୍ଷକୁ ଚିହ୍ନିବା ସହ କେଉଁ ରୋଗ ପାଇଁ କେଉଁଟି ଉପକାରୀ ଜାଣିପାରୁଛନ୍ତି। ନିଜ ଅଞ୍ଚଳ ସମେତ ୩୦ ଜିଲାରେ ଆୟୋଜିତ ବିଭିନ୍ନ ମେଳାରେ ସେ ଏପରି ଚିକିତ୍ସା ପରମର୍ଶ ଦେଇ ପୁରସ୍କୃତ ମଧ୍ୟ ହୋଇଥିବା ସେ କହିଛନ୍ତି।



## ପରିମଳରେ ଖିଲାପ, 'ନାଇନ୍‌ଥ ଷ୍ଟ୍ରିଟ୍'କୁ ଜରିମାନା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ୫ମିଟର ପରିଧି ପର୍ଯ୍ୟନ୍ତ ପରିମଳ ରକ୍ଷା ପାଇଁ ବାରମ୍ବାର କୁହାଯାଉଥିଲେ ମଧ୍ୟ କିଛି ବ୍ୟବସାୟୀ ଏଥିରେ ଖିଲାପ କରୁଛନ୍ତି। ଏହି କ୍ରମରେ ନିକୋପାର୍କ ନିକଟସ୍ଥ ରେସ୍ତୋରାଁ 'ନାଇନ୍‌ଥ ଷ୍ଟ୍ରିଟ୍' ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରେସ୍ତୋରାଁରୁ ବାହାରୁଥିବା ଆବର୍ଜନା ଏଣେତେଣେ ପକାଉଥିବାରୁ ସଂପୃକ୍ତ ବ୍ୟବସାୟୀଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ସହରର ଛୋଟବଡ଼ ଦୋକାନୀଙ୍କୁ ପୃଥକ୍ ଡଷ୍ଟବିନ୍ ବ୍ୟବହାର ଓ ଆଖପାଖ ଅଞ୍ଚଳ ପରିଷ୍କାର ରଖିବା ପାଇଁ ପରାମର୍ଶ ଦିଆଯାଉଛି। ଏଥିରେ ଅବହେଳା କରୁଥିବା ବ୍ୟବସାୟୀଙ୍କଠାରୁ ଜୋରିମାନା ଆଦାୟ କରାଯିବା ସହ ଦୋକାନ ମଧ୍ୟ ସିଲ୍ କରାଯାଉଛି।



ଧଉଳି–କଳିଙ୍ଗ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ 'ଅନନ୍ୟା ଓଡ଼ିଶା' ପରିବେଷଣ କରୁଛନ୍ତି।

# ଓଡ଼ିଶାର କଳା ବଖାଣିଲା 'ଅନନ୍ୟା ଓଡ଼ିଶା'

ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୧।୨ (ଡି.ଏନ୍.ଏ.)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଆର୍ଟ ଭିଜନ୍ ପକ୍ଷରୁ ଚାଲିଥିବା ଧଉଳି–କଳିଙ୍ଗ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ ସହିତ ପାରମ୍ପରିକ ସମରକଳା ନୃତ୍ୟରେ ଚଳଚଞ୍ଚଳ ହୋଇଥିଲା ଐତିହାସିକ ଧଉଳି ପାହାଡ଼ର ପାଦଦେଶ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଶାସ୍ତ୍ରୀୟ ସଙ୍ଗୀତ ବାଦନରୁ ଆରମ୍ଭ ହୋଇଥିଲା। ଭବ୍ୟବାଣୀ ଗୁରୁକୁଳ ଓ ଶିବାଗ୍ନି ଅନୁଷ୍ଠାନର ଶିଳ୍ପୀମାନେ ଏହି ସଙ୍ଗୀତ ପ୍ରସ୍ତୁତ କରିଥିଲେ। 'ଐନ୍ଦ୍ରଜାଲିକ ରହସ୍ୟବାଦୀ ଜୀବନର ତତ୍ତ୍ୱ' ସଙ୍ଗୀତରେ ଗୁରୁ ଧନେଶ୍ୱର ସ୍ୱାଇଁ, ଅଗ୍ନିମିତ୍ର ବେହେରା ଏବଂ ବିଶିଷ୍ଟ ବଂଶୀବାଦକ ଶ୍ରୀନିବାସ ଶତପଥୀଙ୍କ ସମନ୍ୱୟ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ପ୍ରସ୍ତୁତିରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ନୃତ୍ୟ ନୈବେଦ୍ୟ ଏବଂ ଓଡ଼ିଶୀ ଡ୍ୟାନ୍ସକ୍ରିଏଶନର ଶିଳ୍ପୀଙ୍କ ଦ୍ୱାରା ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ 'ଅନନ୍ୟା ଓଡ଼ିଶା' ପରିବେଷିତ ହୋଇଥିଲା। ନୃତ୍ୟ ମାଧ୍ୟମରେ ଓଡ଼ିଶାର କଳାକୁ ନୃତ୍ୟଶିଳ୍ପୀମାନେ ବଖାଣିଥିଲେ। ଗୁରୁ ଅରୁଣା ମହାନ୍ତି ଏହାର ପରିକଳ୍ପନା ସହିତ ନୃତ୍ୟ ସଂରଚନା କରିଥିଲେ। ଶେଷରେ ମାଲକାନଗିରିର ଅମ୍ବା ଗୁରୁକୁଳର ବିନାଶ କୁମାର ମିଶ୍ର ଓ ସାଥୀଙ୍କ ଦ୍ୱାରା ପାରମ୍ପରିକ ସମରକଳା ନୃତ୍ୟ 'ଗୁରୁକୁଳ ପରମ୍ପରା' ବେଶ୍ ଉଚ୍ଚକୋଟୀର ଥିଲା। ନୃତ୍ୟଶିଳ୍ପୀଙ୍କ ଶକ୍ତିଶାଳୀ ତଥା ଦକ୍ଷ ପ୍ରଦର୍ଶନ ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା, ମୋ ସ୍କୁଲ ଅଭିଯାନର ସଭାପତି ସୁସ୍ମିତା ବାଗ୍‌ଚୀ, ଆର୍ଟ ଭିଜନର ସଚିବ ଇଲିୟାନା ଚିତାରିଷ୍ଟି ଏବଂ ଗୁରୁ ଡ. ଅରୁଣା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲାମ ସଞ୍ଚାଳନ କରିଥିଲେ।



### ଧଉଳି-କଳିଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ୧୬ରୁ ପ୍ରାଣୀ ଚିକିତ୍ସକଙ୍କ ଡିଜିଟାଲ କାର୍ଯ୍ୟ ବର୍ଜନ

ବାଲୁଗାଁ,୧୧।୨(ଡି.ଏନ୍.ଏ.)

ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବି ପୂରଣ ଦିଗରେ ସରକାରଙ୍କ ଅବହେଳା ପ୍ରତିବାଦରେ ଫେବୃୟାରୀ ୧ରୁ ରାଜ୍ୟବ୍ୟାପୀ ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇ ଆସୁଛନ୍ତି। ବିଭିନ୍ନ ଦାବିଗୁଡ଼ିକ ହେଲା, ବେତନ ଓ କ୍ୟାରିୟର ଅଗ୍ରଗତି କ୍ଷେତ୍ରରେ ଏଲୋପ୍ୟାଥିକ ଡାକ୍ତରଙ୍କ ସହିତ ସମକକ୍ଷ, କ୍ୟାଡର ପୁର୍ନଗଠନ, ପ୍ରତି ୮ରୁ ୧୦ ପଞ୍ଚାୟତ ପାଇଁ ଜଣେ ପ୍ରାଣୀ ଚିକିତ୍ସକ, ଉପଖଣ୍ଡ ସ୍ତରରେ ଉନ୍ନତ ରୋଗ ନିରୂପଣର ସୁବନ୍ଦୋବସ୍ତ, ରେଫେରାଲ ହସ୍ପିଟାଲ ଏବଂ ପ୍ରାଣୀଧନ ଫରେନସିକ୍ ଲାବ୍ ପ୍ରତିଷ୍ଠା ଆଦି ରହିଛି । ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୦ବର୍ଷର ପୂରାତନ ସେବା ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ଜିଲା ପ୍ରାଣୀ ଚିକିତ୍ସକ ସଂଘ ପକ୍ଷରୁ କୁହାଯାଇଛି । ଏଥିସହ ଜିଲାରେ ଥିବା ସମସ୍ତ ପ୍ରାଣୀ ଚିକିତ୍ସାଳୟ ପରିସରଭୁକ୍ତ ଜାଗାକୁ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ନିମନ୍ତେ ହସ୍ତାନ୍ତର କ୍ଷେତ୍ରରେ ସରକାରଙ୍କ ନିର୍ଦ୍ଦେଶନାମାକୁ ମଧ୍ୟ ବିରୋଧ କରାଯାଇଛି। ଉପରୋକ୍ତ ଦାବି ନେଇ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଆସନ୍ତା ୧୬ତାରିଖରୁ ସମସ୍ତ ପ୍ରାଣୀ ଚିକିତ୍ସକ ଡିଜିଟାଲ କାର୍ଯ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର କୌଣସି ପଦକ୍ଷେପ ନ ନେଲେ ଆସନ୍ତା ୨୬ରୁ ଅତିରିକ୍ତ କାର୍ଯ୍ୟ ଯଥା ଆନିମଲ ହେଲ୍ପଲାଇନ୍, କାର୍ଯ୍ୟାଳୟ ସମୟ ଓ ପରିସର ବାହାରେ ସେବା ଆଦି ବର୍ଜନ କରାଯିବା ସହ ମାର୍ଚ୍ଚ ୧୦ରୁ ସାମୁହିକ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ବାଲୁଗାଁ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦେବାଶିଷ ଦାସ ସୂଚନା ଦେଇଛନ୍ତି।

## ଆଜିଠୁ 'ସ୍ପେସ୍ ଅନ୍ ହୁଇଲ' ପ୍ରଦର୍ଶନୀ



ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଇସ୍ରୋର ୩ ଦିନିଆ 'ସ୍ପେସ୍ ଅନ ହୁଇଲ' ପ୍ରଦର୍ଶନୀ ରବିବାରଠାରୁ ଆରମ୍ଭ ହେବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ), ମହାକାଶ ପ୍ରୟୋଗ କେନ୍ଦ୍ର, ବିକ୍ରମ ସରାଭାଇ ମହାକାଶ ପ୍ରଦର୍ଶନୀ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବିଭାଗର ମିଳିତ ସହଯୋଗରେ କ୍ୟାପିଟାଲ ହାଇସ୍କୁଲରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀ ୧୨ ଓ ୧୩ ତାରିଖ ସକାଳ ୯ରୁ ଅପରାହ୍ଣ ୫ଟା ଓ ୧୪ତାରିଖରେ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଖୋଲାରହିବ। ୧୨ ଓ ୧୩ ତାରିଖ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀକୁ ସାଧାରଣ ଦର୍ଶକମାନେ ମଧ୍ୟ ଦେଖିପାରିବେ। ମହାକାଶ ଗବେଷଣାର ଇତିହାସ, ମହାକାଶକୁ ଯାତ୍ରା, ଉପଗ୍ରହକୁ ସଂସ୍ଥାପିତ କରୁଥିବା ଯାନ, ପାରସ୍ପରିକ ଆଲୋଚନା, ମଡେଲ ଏବଂ ବିଶେଷଜ୍ଞଙ୍କ ସହିତ ଆଲୋଚନା, ବିଷୟଭିତ୍ତିକ ଆଲୋଚନା, ଭିଡିଓ ଚିତ୍ର ଆଦି ଏହି ପ୍ରଦର୍ଶନୀ ଦିନମାନଙ୍କରେ ପ୍ରଦର୍ଶିତ ହେବ। ପ୍ରଦର୍ଶନୀକୁ ପ୍ରତିଦିନ ପ୍ରାୟ ୧୪୦୦ ଛାତ୍ରୀଛାତ୍ର ବିଭିନ୍ନ ପର୍ଯ୍ୟାୟରେ ବୁଲି ଦେଖିବେ। ପ୍ରଦର୍ଶନୀର ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ଶୃଙ୍ଖଳିତ ଶିକ୍ଷା ଭଲ ମଣିଷ ପାଇଁ ବାଟ ଫିଟାଇଥାଏ'



ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୧୧।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଦୁଇ ଦିନ ଧରି ଚାଲିଥିବା ପଞ୍ଚଦଶ ସାମ୍ବତ୍ସରିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବେଗୁନିଆ ବ୍ଲକ ସହକାରୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ବକ୍ତା, କଣ୍ଟାବାଡ ରମାମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାଧର ଦାଶ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସମାଜରେ ଯେକୌଣସି କାର୍ଯ୍ୟ ଆରମ୍ଭ କରିବାକୁ ହେଲେ ଶିକ୍ଷାର ଆବଶ୍ୟକ ରହିଛି। ଶୃଙ୍ଖଳିତ ଭାବେ ଶିକ୍ଷା ଲାଭ କଲେ ଭଲ ମଣିଷ ପାଇଁ ବାଟ ଫିଟାଇଥାଏ ବୋଲି ଅତିଥି ଦାଶ କହିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ଦିବଂଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମନରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର, ସସ୍ମିତା ମାଝୀ, ଲକ୍ଷ୍ମୀ ପ୍ରିୟା ସ୍ୱାଇଁ, ପ୍ରଣତି ମାନସିଂହ ପ୍ରମୁଖ ସହଯୋଗ କରିଥିଲେ।

# 'ସାମାଜିକ ଗଣମାଧ୍ୟମରେ କ୍ଷୟ ହେଉଛି ସତ୍ୟ'

କଟକ ଅଫିସ,୧୧।୨

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶ କ୍ରମେ ହାଇକୋର୍ଟ ମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି। ଜିଲା ଜଜ୍ ସମ୍ମିଳନୀ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।




ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

### ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ

## ସଂକ୍ଷେପରେ

### ମିନିଟ୍ରକ୍ ଧକ୍କାରେ ଯୁବକ ଗୁରୁତର

ବାରଙ୍ଗ,୧୧।୨(ଡି.ଏନ୍.ଏ.)- ଗୋଡ଼ିସାହି ଫାଣ୍ଡି ଅଧୀନ ଷଣ୍ଢପୁର ନିକଟରେ ଏକ ମିନିଟ୍ରକ୍ ଧକ୍କାରେ ଶନିବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋଡ଼ିସାହି ଗ୍ରାମର ପ୍ରଭାକର ଓଝା(୪୨)। ପ୍ରଭାକର ଏକ ସ୍କୁଟି ଯୋଗେ ସନ୍ଧ୍ୟାରେ ବାଙ୍କୀ ତ୍ରିଶୂଳିଆ ମୁଖ୍ୟରାସ୍ତାରେ ତ୍ରିଶୂଳିଆ ଅଭିମୁଖେ ଯାଉଥିଲେ। ଷଣ୍ଢପୁର ଛକ ନିକଟରେ ତାଙ୍କୁ ପଛପଟରୁ ଏକ ଦ୍ରୁତଗାମୀ ଆଇଚର ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଥିଲା। ଧକ୍କା ହେବା ଫଳରେ ପ୍ରଭାକର ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ କିଛି ଯୁବକ ଦୁର୍ଘଟଣା ଘଟାଇଥିବା ଆଇଚରକୁ ପିଛାକରି ମୁଣ୍ଡମୁହାଣ ଗାଁ ମୁଣ୍ଡରେ ଧରିଥିଲେ। ହେଲେ କେତେକ ଯୁବକ ଏହାର ବିରୋଧ କରିବାରୁ ସେମାନେ ଗାଡ଼ି ଛାଡ଼ି ଦେଇଥିଲେ। ଅନ୍ୟପଟେ ସ୍ଥାନୀୟ ଲୋକେ ଗୋଡ଼ିସାହି ଫାଣ୍ଡିକୁ ଖବର ଦେବା ପରେ ପୋଲିସ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ପ୍ରଭାକରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି।

### ୧୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୧।୨(ବ୍ୟୁରୋ) - ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜୋକପୋଖରୀ ନିକଟରେ ବ୍ରାଉନସୁଗାର ବେପାର କରୁଥିବାବେଳେ ସ୍ଥାନୀୟ ପୋଲିସ ଚଢ଼ାଉ କରି ଜଣେ ପେସାଦାର ନିଶାବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ରଞ୍ଜିତ ଭୋଇ ଓରଫ ରଞ୍ଜିଆ (୩୫)। ତାଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ଓ ନଗଦ ୧୪୦୦ ଟଙ୍କା ଜବତ କରାଯାଇଛି। ତେବେ ଜବତ ବ୍ରାଉନସୁଗାର ଦେଢ଼ଲକ୍ଷ ଟଙ୍କାର ହେବ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାମରେ ୧୦ ମାମଲା ରହିଥିବାବେଳେ ବାରମ୍ବାର ଜେଲ୍ ଯାଇଥିବା ପୋଲିସ ଜାଣିବାକୁ ପାଇଛି।

### ୨୦ରୁ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ

ଭୁବନେଶ୍ୱର,୧୧।୨(ବ୍ୟୁରୋ) - ନୂଆପଲ୍ଲୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟ ମା' ବରଦେଈ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ୨୦ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ଧାରାବାହିକ ପ୍ରବକ୍ତା ଭାବେ ଅମୃତାନନ୍ଦ ଦାସ ମହାରାଜ ଯୋଗଦାନ କରି ଶ୍ରୀମଦ୍ ଭଗବାନଙ୍କର ଗୁଣକୀର୍ତ୍ତନ କରିବେ। ଅତିଥି ଭାବେ ପ୍ରଫେସର ଡ. କୁମରବର ଦାସ, ବ୍ରହ୍ମାନନ୍ଦ ସରସ୍ୱତୀ ଏବଂ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ରଙ୍ଗ କରିବାକୁ ଯାଇ ମାଲିକାଣୀଙ୍କ ଘରୁ ଚୋରି, ଶ୍ରମିକ ଗିରଫ

ଭୁବନେଶ୍ୱର,୧୧।୨(ବ୍ୟୁରୋ) : ଘର ରଙ୍ଗ କରିବାକୁ ଯାଇ ମାଲିକାଣୀଙ୍କ ଫୋନ୍, ଆଧାରକାର୍ଡ ଆଦି ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଶ୍ରମିକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅନ୍ତର୍ଗତ ସତ୍ୟନଗରରେ ରହୁଥିବା ଦେବରାଜ ବେହେରା। ତାଙ୍କ ନିକଟରୁ ପୋଲିସ ଗୋଟାଏ ମୋବାଇଲ୍ ଓ ଗୋଟେ ଇୟରଫୋନ ଜବତ କରିଛି। ସୂଚନାନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଅଞ୍ଚଳରେ ସସ୍ମିତା ପୃଷ୍ଟି ରୁହନ୍ତି। ଗତ ୮ ତାରିଖରେ ଘର ରଙ୍ଗ କରିବା ପାଇଁ ମନୋଜ ଗୌଡ଼ା ନାମକ ଜଣେ ଶ୍ରମିକଙ୍କୁ ସେ ଡାକିଥିଲେ। ମନୋଜ ଏବଂ ତାଙ୍କ ସହଯୋଗୀ ଦେବରାଜ ବେହେରା ସେଠାରେ ପହଞ୍ଚି ଘର ରଙ୍ଗ କରିଥିଲେ। ସନ୍ଧ୍ୟାରେ ସେମାନେ ଫେରିଯିବା ପରେ ସସ୍ମିତା ତାଙ୍କ ବେଡରୁମ ଯାଇ ଦେଖିଲା ବେଳକୁ ଗୋଟେ ମୋବାଇଲ୍, ଇୟରଫୋନ୍, ଆଧାରକାର୍ଡ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହୋଇଯାଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# 'ସାମାଜିକ ଗଣମାଧ୍ୟମରେ କ୍ଷୟ ହେଉଛି ସତ୍ୟ'

କଟକ ଅଫିସ,୧୧।୨

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶ କ୍ରମେ ହାଇକୋର୍ଟ ମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି।



ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

**ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

- ମାମଲା ଫଇସଲାରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଶ୍ରେଷ୍ଠ

ଜିଲା ଜଜ୍ ସମ୍ମିଳନୀ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରୁ ଅପହୃତା ନାବାଳିକା ଚେନ୍ନାଇରୁ ଉଦ୍ଧାର

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଭୁବନେଶ୍ୱରରୁ ଅପହୃତା ନାବାଳିକାଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଚେନ୍ନାଇରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ମଧ୍ୟ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ରାଜେଶ ରାଉତ। ଏନେଇ ପୋଲିସ ମାମଲା (ନଂ.୫୦୨/୨୨) ରୁଜୁ କରି ଅଭିଯୁକ୍ତ ରାଜେଶଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ନାବାଳିକା ଜଣକ ନବମ ଶ୍ରେଣୀର ଛାତ୍ରୀ। ସେ ଗତ ୨୦୨୨ ଡିସେମ୍ବର ୨୬ରେ ଟ୍ୟୁଶନ ଯାଉଥିବା ସମୟରେ ଅଭିଯୁକ୍ତ ତାଙ୍କୁ ରାସ୍ତାରୁ ଅପହରଣ କରି ତାମିଲନାଡୁ ନେଇ ପଳାଇଥିଲେ। ନାବାଳିକା ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଘଟଣା ପରଦିନ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ରାଜେଶଙ୍କୁ ଭୁବନେଶ୍ୱରର ଏକ ହୋଟେଲରୁ କାବୁ କରିବା ପରେ ତାଙ୍କ ବୟାନ ଆଧାରରେ ନାବାଳିକାଙ୍କୁ ଚେନ୍ନାଇରୁ ଉଦ୍ଧାର କରିବାରେ ସଫଳ ହୋଇଛି।

**ଅପହରଣକାରୀ ଗିରଫ**

# ନାବାଳିକା ଉଦ୍ଧାର, ଯୁବକ ଗିରଫ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ଏହାସହ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ପ୍ରକାଶ ଭୋଇ। ତାଙ୍କଠାରୁ ଗୋଟିଏ ବାଇକ ଓ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ପୋଲିସ ମାମଲା (ନଂ. ୫୩/୨୩) ରୁଜୁ କରି ଅଭିଯୁକ୍ତ ପ୍ରକାଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ପୀଡ଼ିତା ନାବାଳିକା ଜଣକ ସତ୍ୟସାଇ ମହିଳା ମହାବିଦ୍ୟାଳୟରେ ପଢ଼ନ୍ତି। ଗତ ୭ ତାରିଖରେ କଲେଜକୁ ଯାଇଥିବାବେଳେ ଅପରାହ୍ନ ୩ଟାରେ ଅଭିଯୁକ୍ତ ପ୍ରକାଶ ତାଙ୍କୁ ଅପହରଣ କରି ନେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏୟାରପୋର୍ଟ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ପ୍ରକାଶଙ୍କ କଟକ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହସ୍ଥିତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିବା ସହିତ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା।

**ମୋବାଇଲ,ବାଇକ୍ ଜବତ**


ଭୀମ ଭୋଇ ସରକାରୀ ଦୃଷ୍ଟିହୀନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଆଜିଠୁ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

୧୪ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ରବିବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ଚେସ୍ ହଲ୍‌ଠାରେ ଆରମ୍ଭ ହେବ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଏବଂ ଗୃହ ମନ୍ତ୍ରଣାଳୟ ସହଯୋଗରେ ଏହା ୭ ଦିନ ଧରି ଚାଲିବ। ଏଥିରେ ଓଡ଼ିଶା ସମେତ ମହାରାଷ୍ଟ୍ର, ଛତିଶଗଡ଼, ଝାଡଖଣ୍ଡ ଓ ବିହାର ଆଦି ରାଜ୍ୟର ୧୦ଟି ଜିଲାରୁ ପ୍ରାୟ ୨ଶହ ଆଦିବାସୀ ଯୁବତୀଯୁବକ ଯୋଗଦେଇ ଓଡ଼ିଶାର ଆଦିବାସୀ ଜୀବନର ସଂସ୍କୃତି, ପରମ୍ପରା ଏବଂ ଅନ୍ୟାନ୍ୟ ଦିଗ ଉପରେ ଅନୁସନ୍ଧାନ କରିବେ। ଆଦିବାସୀ ସମ୍ପ୍ରଦାୟ ପାଇଁ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଅବଗତ ହେବା ସହ ରାଜଭବନ ପରିଦର୍ଶନ କରିବେ। ଆଦିବାସୀ ଯୁବତୀଯୁବକଙ୍କୁ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ କରିବା ସହ ନୂତନ ଚିନ୍ତାଧାରା ଏବଂ ଜୀବନଶୈଳୀ ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନେହେରୁ ଯୁବକେନ୍ଦ୍ର ସଂଗଠନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶିକା ହନି ସିହ୍ନା, ଉପ-ନିର୍ଦ୍ଦେଶକ ଶକ୍ତିସ୍ୱରୂପ ସିଂ, ଜିଲା ଯୁବ ଅଧିକାରୀ ବିପିନ କୁମାର ଏବଂ ଶୁଭେନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି।

# ଓଡ଼ିଶାରେ ସ୍ପାଇସ୍ ପାର୍କ ପ୍ରସ୍ତାବ ନାହିଁ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଓଡ଼ିଶାରେ ମସଲା(ସ୍ପାଇସ୍) ପାର୍କ କରିବା ଯୋଜନା ନାହିଁ। ବିଜେଡି ଏମ୍‌ପି ମମତା ମହାନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁପ୍ରିୟା ପଟେଲ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ମସଲା ଶସ୍ୟକୁ ନେଇ ସ୍ପାଇସ୍ ବୋର୍ଡ ପକ୍ଷରୁ ଦେଶର ୮ ସ୍ଥାନରେ ସ୍ପାଇସ୍ ପାର୍କ ନିର୍ମାଣ କରାଯାଇଛି। ସେଥିରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨ଟି ଲେଖାଏ ସ୍ପାଇସ୍ ପାର୍କ ଗଠନ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ, କେରଳ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ଗୋଟିଏ ଲେଖାଏ ସ୍ପାଇସ୍ ପାର୍କ କରାଯାଇଛି। ତେବେ ଓଡ଼ିଶା ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିନାହାନ୍ତି। ଏବେ ଆଉ ଅଧିକ ପାର୍କ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ସ୍ପାଇସ୍ ପାର୍କ କରିବାକୁ ରାଜ୍ୟ ସରକାରଙ୍କ ଅଣୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ୨୦୧୭ରେ ସ୍ପାଇସ ବୋର୍ଡକୁ ପ୍ରସ୍ତାବ ଦେଇଥିଲା। ଖୋର୍ଦ୍ଧାଠାରେ ଏକ ସାମୁଦ୍ରିକ ମାଛ ପାର୍କ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ଦକ୍ଷିଣ ଓଡ଼ିଶାର କୋରାପୁଟ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଗୋଲମରିଚ, ଲବଙ୍ଗ, କଳାଜିରା ବହୁ ମାତ୍ରାରେ ଚାଷ କରାଯାଉଛି। କନ୍ଧମାଳ ଜିଲାରେ ୧୦୦ ଏକର ଜମିରେ ମସଲା ଚାଷ କରାଯାଉଛି। ମସଲା ଛଡ଼ା ହଳଦୀ ଏବଂ ଅଦା ଚାଷ ମଧ୍ୟ କରାଯାଉଛି, ଯାହାର ଚାହିଦା ବିଦେଶରେ ରହିଛି। କନ୍ଧମାଳ ହଳଦୀର ଔଷଧୀୟ ଗୁଣ ମଧ୍ୟ ରହିଛି। ଏହି ଜିଲାଗୁଡ଼ିକରେ ମସଲା ପାର୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ୫ ବର୍ଷ ପରେ ମଧ୍ୟ କେନ୍ଦ୍ର ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା ମନ୍ତ୍ରୀ ଦେଇଥିବା ଉତ୍ତରରୁ ସୂଚନା ମିଳିଛି।

# 'ସଫଳତା ପାଇବା ପାଇଁ ଦୃଢ଼ ଆତ୍ମବିଶ୍ୱାସ ରଖ'

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଭୀମଭୋଇ ସରକାରୀ ଦୃଷ୍ଟିହୀନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଥ କବି ଭୀମଭୋଇଙ୍କ କାଳଜୟୀ କବିତାରୁ ପଦେ ଉଦ୍ଧୃତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଜୀବନରେ ସଫଳତା ପାଇବା ପାଇଁ ଦୃଢ଼ ଆତ୍ମବିଶ୍ୱାସ ରଖିବାକୁ ମଧ୍ୟ ମନ୍ତ୍ରୀ କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଓଡ଼ିଶାରେ ସଫଳତା ଅର୍ଜନ କରିଥିବା କେତେଜଣ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ପିଲାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବା ସହ ନିଜକୁ ସର୍ବଦା ସକ୍ଷମ ମଣିବାକୁ ଉତ୍ସାହିତ କରିଥିଲେ। ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, ବିପିନ ବିହାରୀ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ବିଶ୍ୱାଳ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ କଳାଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଳଚ୍ଚିତ୍ର 'ପ୍ରଥା'ର ମହୁରତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଚଳଚ୍ଚିତ୍ରର ଟାଇଟଲ କହୁଛି ଓଡ଼ିଶାର ପରମ୍ପରା ଓ ପ୍ରଥାର କଥା। ସମୟ ବିତିବା ସହ ଆମେ ଆମ ପ୍ରଥାକୁ ଧରି ଆଗକୁ ବଢ଼ୁଛନ୍ତି। କିନ୍ତୁ ବହୁତପ୍ରଥା ରହିଛି ଯାହା ପୂର୍ବ କାଳରେ ଉପଯୁକ୍ତ ଥିଲା, ହେଲେ ଆଜିର ସମୟରେ ମୂଲ୍ୟହୀନ। ଏସବୁ ଜାଣି ମଧ୍ୟ ଆମେ ସେ ସବୁକୁ ଅନୁକରଣ କରି ଅସୁଛେ। ବିଶ୍ୱାସ, ଅବିଶ୍ୱାସ ଓ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଅପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି ତାକୁ ନେଇ ସାନ୍ଭିସା ସିଗ୍ନେଚର ପକ୍ଷରୁ ଚଳଚ୍ଚିତ୍ର 'ପ୍ରଥା'ର ମହୁରତ ଶନିବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିନେତା ଉତ୍ତମ ମହାନ୍ତିଙ୍କ ସହ ଅଭିନେତା ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇର ଅଭିନେତ୍ରୀ ତଥା ମଡେଲ ସିମ୍ରନ କୌର ଉପସ୍ଥିତ ଥିଲେ। ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ, ଆଶୁ ବର୍ମା, ରବି ମିଶ୍ର, ସତିଶ ପଟେଲ, ଇଲ୍ଲୁ ବାନର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀଙ୍କୁ ମଧ୍ୟ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରଟି କୋରାପୁଟ, ଦିଲ୍ଲୀ ଏବଂ ରାଜସ୍ଥାନରେ ଶୁଟିଂ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଡିଓପି ନରେନ୍ଦ୍ର ଗୌଡ଼, ସଙ୍ଗୀତ ନିର୍ଦ୍ଦେଶନା ଅସଦ ନିଜାମ, ସଂଳାପ ବିଜୟ କୁମାର ରାଉଳ, କୋରିଓଗ୍ରାଫର ଆରିୟନ ଓ ଲାଇନ ପ୍ରଡ୍ୟୁସର ବିଜୟ ପାତ୍ର ଅଛନ୍ତି। ମହୁରତ ଉତ୍ସବ ପରିଚାଳନା ଆର.ଜେ. ଗୁଞ୍ଜୀ କରିଥିବାବେଳେ ପ୍ରଚାର ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ରହିଛନ୍ତି।

# ପୋଖରୀରେ ପଶିଗଲା ମିନିଟ୍ରକ

ପିପିଲି,୧୧।୨(ସ୍ୱ.ପ୍ର)

ସାତଶଙ୍ଖରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ନଡ଼ିଆ ବୋଝେଇ ମିନିଟ୍ରକ ଶନିବାର ତେଇଶିପୁର ନିକଟ ଏକ ପୋଖରୀ ମଧ୍ୟକୁ ପଶିଯାଇଛି। ଫଳରେ ସେଥିରେ ଥିବା ୩ ଜଣ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଗାଡ଼ିରେ ଥିବା ସଦାଶିବ ଦାସଙ୍କ ଅଣ୍ଟାରେ ସାମାନ୍ୟ ଆଘାତ ଲାଗିଥିବାବେଳେ ତାଙ୍କ ପୁଅ ସୁମନ୍ତ(୨୭)ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା ପରେ ସୁମନ୍ତ ବିପଦମୁକ୍ତ ଥିବା ସୂଚନା ମିଳିଛି।


ଭୁବନେଶ୍ୱର କୋର୍ଟରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

# ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୧୧।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ତଳଖେତା ଛକ ଜଟଣୀ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ସାହାଣୀ କାଶୀପୁର ଗ୍ରାମର ଅପରାଜିତା ଦାସ (୩୦)। ସୂଚନା ମୁତାବକ, ସାହାଣୀ କାଶୀପୁର ଗ୍ରାମର ସୁବ୍ରତ ଦାସ, ସ୍ତ୍ରୀ ଅପରାଜିତା ଓ ଝିଅ ଐଶ୍ୱରିୟା ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଟଣୀ ଅଞ୍ଚଳକୁ ଯାଇଥିଲେ। ଶୁକ୍ରବାର ରାତିରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ତଳଖେତା ଛକ ଜଟଣୀ ରାସ୍ତାରେ ପଛରୁ ଏକ ଗାଡ଼ି ଆସି ହଠାତ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ସୁବ୍ରତ ଏବଂ ଐଶ୍ୱରିୟା ଆହତ ହୋଇଥିବା ବେଳେ ସ୍ତ୍ରୀ ଅପରାଜିତା ଗୁରୁତର ହୋଇପଡ଼ିଥିଲେ। ପରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁବ୍ରତ ଓ ତାଙ୍କ ଝିଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।



କଳିଙ୍ଗ ହେରିଟେଜ ପ୍ରିଜର୍ଭେଶନ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନଠାରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସୌରମଣ୍ଡଳ ସମ୍ପର୍କରେ ଅତିଥିମାନେ ସୂଚନା ଦେଉଛନ୍ତି।

# 'ନମ୍ବର ନୁହେଁ, ଆତ୍ମବିଶ୍ୱାସ ହିଁ ଶୀର୍ଷକୁ ନିଏ'

**ଜନବିଦ୍ୟାମନ୍ଦିର ପ୍ଲାଟିନମ ଜୁବିଲି**

ବାଲିପାଟଣା,୧୧।୨(ଡି.ଏନ୍.ଏ.): ନମ୍ବର ନୁହେଁ, ଆତ୍ମବିଶ୍ୱାସ ହିଁ ଶୀର୍ଷକୁ ନେଇଥାଏ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଚଣହଟ୍ଟାସ୍ଥିତ ଜନବିଦ୍ୟାମନ୍ଦିର ପ୍ଲାଟିନମ ଜୁବିଲିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି।

ଉଦ୍‌ଘାଟକ ଭାବେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ବକ୍ତା, ପୂର୍ବତନ ଆଇଜି ବଟକୃଷ୍ଣ ତ୍ରିପାଠୀ, ସହକାରୀ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳଧିରାଜ ତନୟା ଶତପଥୀ, ଡ. ଫନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ ନାୟକ ବିବରଣୀ ପାଠ କରିଥିଲେ। ସଭାପତି ରମାକାନ୍ତ ପଣ୍ଡା ପୌରୋହିତ୍ୟ କରିଥିଲେ। ଦିଲୀପ କୁମାର ଓଝା ସଭା ପରିଚାଳନା କରିଥିଲେ। ପୂର୍ବତନ ଛାତ୍ର ପୂର୍ଣ୍ଣଚନ୍ଦ୍ର ଜେନା, ହେମନ୍ତ ଦାସ, ରଶ୍ମିରଞ୍ଜନ ପଣ୍ଡା ଯୋଗଦେଇ ମତ ରଖିଥିଲେ। ଗୁରୁ ରବି କୁମାର ଓ ସାଥୀ ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ।


ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ୟୁନିୟନ ବଜେଟ ସମ୍ପର୍କିତ ଆଲୋଚନାଚକ୍ର

**ପୁରୀ ଅଫିସ,୧୧।୨:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ବିବିଏ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ୟୁନିୟନ ବଜେଟ-୨୦୨୩ ସମ୍ପର୍କିତ ଏକ ଆଲୋଚନାଚକ୍ର ଉଭୟ ବିଭାଗରେ ଅନୁଷ୍ଠିତ ହୋଇଥିଲା। ଏମ୍‌ବିଏ ଓ ବିବିଏ ବିଭାଗ ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଥିଲେ, ରାଷ୍ଟ୍ରୀୟ ବଜେଟ ଉପସ୍ଥାପନ ପରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ଏମ୍‌ବିଏ ଓ ବିବିଏ ବିଭାଗର ମୁଖ୍ୟ ଡ.ସତ୍ୟପ୍ରକାଶ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହିତ ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ବ୍ୟାଙ୍କର ପୂର୍ବତନ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ମୃଣାଳକାନ୍ତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ଦେଶର ବଜେଟ୍ ସର୍ବଦା ଦେଶର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥାଏ ବୋଲି କହିଥିଲେ। ଏଥିସହ ୨୦୨୩-ବଜେଟରେ ସରକାର ପ୍ରାଧାନ୍ୟ ଦେଇଥିବା 'ସପ୍ତର୍ଷି' (ସାତ ମୁଖ୍ୟ ବିନ୍ଦୁ) ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଦେଶର ସର୍ବାଙ୍ଗୀନ ପ୍ରଗତି ପାଇଁ, ସାଧାରଣ ବର୍ଗ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଉନ୍ନତି ପାଇଁ ୨୦୨୩-ବଜେଟ୍‌ରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଶଦ ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅତିଥି ଛାତ୍ରୀଛାତ୍ରଙ୍କର ଚଳିତ ବଜେଟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ବିଭାଗୀୟ ଅଧାପିକା ସୌମ୍ୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧାପିକା ବିଜୟଲକ୍ଷ୍ମୀ ଭୋଳ, ଅଧାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା ଓ ରାଜେଶ ତ୍ରିପାଠୀ ସହଯୋଗ କରିଥିଲେ।

### ହାତ ଧୋଇବାବେଳେ ଟଳିପଡ଼ିଲେ ଚାଷୀ

**ଅସ୍ତରଙ୍ଗ,୧୧।୨(ଡି.ଏନ୍.ଏ.):** କାକଟପୁର ବ୍ଲକ ନିକଟସ୍ଥ ଜଳେଶ୍ୱରପଡ଼ା ଗ୍ରାମ ପଞ୍ଚାୟତର ଜଣେ ଚାଷୀ ଖାଇସାରି ଘର ଅଗଣାରେ ହାତ ଧୋଇବା ସମୟରେ ସେଠାରେ ଟଳିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କୁରୁଜଙ୍ଗା ଗ୍ରାମର ବିକ୍ରମ ମହାନ୍ତି (୮୨)। ବିକ୍ରମ ଜଣେ ସଫଳ ଧାନ ଓ ପାନ ଚାଷୀ ଭାବେ ସାରା ପଞ୍ଚାୟତରେ ପରିଚିତ। ତାଙ୍କର ଏକମାତ୍ର ପୁଅ ବାବୁଲି ବିଦେଶରେ ରହୁଥିବାବେଳେ କିଛିଦିନ ତଳେ ଘରକୁ ଆସିଥିଲେ। ବିକ୍ରମଙ୍କ ମାଛ ଖାଇବାକୁ ଇଚ୍ଛା ଥିବାରୁ ବାବୁଲି ତାଙ୍କ ପାଇଁ ମାଛ ଆଣିଥିଲେ। ଖାଇ ସାରିବା ପରେ ହାତ ଧୋଇବା ସମୟରେ ବିକ୍ରମ ଟଳିପଡ଼ିଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବାବୁଲି ମୁଖାଗ୍ନି ଦେଇଥିବାବେଳେ ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁଙ୍କ ସହ ସାଥୀ ଏବଂ ଗ୍ରାମବାସୀ ସେଠାରେ ଉପସ୍ଥିତ ଥିଲେ।

### ହୋଟେଲରୁ ଚୋରି, ଆଇଟି ଇଞ୍ଜିନିୟର ଗିରଫ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଚୋରି ମାମଲାରେ ଖଣ୍ଡଗିରି ଥାନା ପୋଲିସ ଶନିବାର ଜଣେ ଆଇଟି ଇଞ୍ଜିନିୟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳର ଜ୍ୟୋତି ରଞ୍ଜନ ହରିଚନ୍ଦନ। ପୋଲିସ ତାଙ୍କଠାରୁ ଚୋରି ଲାପ୍‌ଟପ୍, ହାର୍ଡଡିସ୍କ ସହ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣ ଜବତ କରିଛି। ଅଭିଯୁକ୍ତ ଜ୍ୟୋତି ପୂର୍ବରୁ ମଧ ଏକ ଚୋରି ମାମଲାରେ ନୟାପଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ ବୋଲି ତଦନ୍ତବେଳେ ଜଣାପଡିଛି। ସୂଚନାନୁସାରେ, ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ବହୁଶଯ୍ୟା ବିଶିଷ୍ଟ ଗୋପୀନାଥ ଲଜ ରହିଛି । ସେଠାରେ ପ୍ଲାନ ଇଣ୍ଟରନ୍ୟାଶନାଲର ରାଜ୍ୟ ମ୍ୟାନେଜର ଗତ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରହିଥିଲେ। ଉକ୍ତ ଲଜରେ ଅଭିଯୁକ୍ତ ମଧ ରହିଥିଲେ। ୯ ତାରିଖ ସକାଳୁ ମ୍ୟାନେଜର ଉଠି ନିଜ ଲାପ୍‌ଟପ୍ ବ୍ୟାଗ ନ ଥିବା ଦେଖିଥିଲେ। ଏହାପରେ ସେ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ହୋଟେଲରେ ଘଟଣାଦିନ ରହିଥିବା ବ୍ୟକ୍ତିଙ୍କ ତାଲିକା ଖୋଜିଥିଲା। ଯେଉଁଥିରେ ଅଭିଯୁକ୍ତ ଜ୍ୟୋତିଙ୍କ ନାମ ସାମ୍ନାକୁ ଆସିଥିଲା। ଜ୍ୟୋତିଙ୍କ ଘର ନୟାପଲ୍ଲୀରେ ହୋଇଥିବା ବେଳେ ସେ କାହିଁକି ହୋଟେଲ ନେଇ ଭୁବନେଶ୍ୱରରେ ରହୁଛନ୍ତି ସେ ଦିଗରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ପୋଲିସର ଏକ ଟିମ୍ ଜ୍ୟୋତିଙ୍କ ଘରେ ପହଞ୍ଚିବାରୁ ଘରଲୋକ ଜ୍ୟୋତି ୨ ଦିନ ହେବ ବାଙ୍ଗାଲୁରୁ ଯାଇଥିବା କହିବାରୁ ପୋଲିସର ଜ୍ୟୋତିଙ୍କ ଉପରେ ସନ୍ଦେହ ହେଲା। ମୋବାଇଲ ଟ୍ରାକିଂବେଳେ ଜ୍ୟୋତି ସାମନ୍ତରାପୁର ଅଞ୍ଚଳରେ ଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ଉଠାଇ ଆଣିଥିଲା।

# ୯୫୮୧ ମାମଲା ସମାଧାନ, ୪.୩୮ କୋଟି ଜରିମାନା ଆଦାୟ

**ପୁରୀ ଅଫିସ,୧୧।୨**

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, ବ୍ରହ୍ମଗିରି ଓ କଣାସ ଅଦାଲତରେ ଅନୁଷ୍ଠିତ ହୋଇଛି। ଆୟୋଜିତ ହୋଇଥିବା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୯୫୮୧ଟି ମାମଲା ଫଇସଲା କରାଯାଇଛି। ସେହିପରି ବିଭିନ୍ନ ମାମଲା ଫଇସଲା ବାବଦକୁ ଜରିମାନା ହିସାବରେ ୪ କୋଟି ୩୮ଲକ୍ଷ ୪୨ହଜାର ୮୬୬ ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ୬୮ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାର ସମାଧାନ କରାଯାଇଛି। ସେହିପରି ୨,୮୦,୨୪,୦୦୦ ଟଙ୍କା କ୍ଷତି ପୂରଣ ପ୍ରଦାନ ପାଇଁ ବୀମା


ଲୋକ ଅଦାଲତରେ ବିଚାରପତି ଅଭିଯୋଗ ଶୁଣାଣି କରୁଛନ୍ତି।

କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷେ ୮୯୬୨ଟି ରାଜସ୍ୱ ମାମଲାର ବିଚାର କରାଯାଇ ୩୩,୨୬,୬୯୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ପ୍ରାକ୍

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ**

ମକଦମା ସ୍ତରୀୟ (କଚେରିରେ ଦାଏର ହୋଇ ନଥିବା) ବ୍ୟାଙ୍କ ଋଣ ବାବଦରେ ୧୩୯ଟି ମାମଲା ଆଗତ କରାଯାଇ ୬୮,୬୬,୭୫୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା, ପରିବାର ଅଦାଲତ ବିଚାରପତି ଅରୁଣ ମଲ୍ଲିକ, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଅମିୟ ରଞ୍ଜନ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତଶ କୁମାର ରାଉତରାୟ, ବରିଷ୍ଠ ଅଦାଲତ ବିଚାରପତି ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦେବାଶିଷ ବିଶୋଇ, ଦେୱାନୀ ଅଦାଲତ ବିଚାରପତି ମନିନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ପଲ୍ଲବୀ ଦାସ, ଡ. ଐଶ୍ୱୟା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମକଦ୍ଦମାର ବିଚାର କରି ଫଇସଲା କରିଥିଲେ। ଉକ୍ତ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣର ସଚୀବ ଦେବାଶିଷ ଦାସ ପରିଚାଳନା କରିଥିଲେ।

## ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଉ

**ପୁରୁଣା ଭୁବନେଶ୍ୱର,୧୧।୨(ଡି.ଏନ୍.ଏ.)**

ଆଉ ଦିନ କେଇଟା ପରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏଥିପାଇଁ ଶୈବପୀଠ ଚଳଚଞ୍ଚଳ। ଏହି କ୍ରମରେ ମହାଶିବରାତ୍ରିରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ ଜନସମାଗମ ହେବ। ମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ନେବାକୁ ବାରଣ ରହିଛି। ତେବେ ମନ୍ଦିର ଭିତର ଓ ବାହାରେ ଲାଗିଥିବା ସିସିଟିଭି ଅଚଳ ହୋଇଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ସହ ମନ୍ଦିର ସିଂହଦ୍ୱାରରେ ଏକ ମେଟାଲ ଡିଟେକ୍ଟର ଲଗାଯାଉ। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଜାଗରଯାତ୍ରା ପୂର୍ବରୁ ତୁରନ୍ତ ସମସ୍ୟାର ସମାଧାନ ନେଇ ଗୁରୁତ୍ୱ ଦେବା ପାଇଁ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

# ମନ ମୋହିଲା ଆସାମର ବିହୁ ନୃତ୍ୟ


ସତ୍ୟବାଦୀ ମହୋତ୍ସବରେ କଳାକାରମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

**ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

■ ପୁସ୍ତକ 'ସତ୍ୟବାଦୀ ବନବିଦ୍ୟାଳୟର ନୂତନ ପ୍ରସ୍ଥ' ଉନ୍ମୋଚିତ

**ସାକ୍ଷୀଗୋପାଳ, ୧୧।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ସତ୍ୟବାଦୀ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ବ୍ଲକ ଉପାଧକ୍ଷଙ୍କ ପ୍ରତିନିଧି ପ୍ରକାଶ ପାତ୍ର, ମହୋତ୍ସବର ମୁଖ୍ୟ ପୁରୋଧା ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚ ଉଦ୍‌ଘାଟନ କରିଥିଲେ। ଅଧାପକ ଡ. ରଶ୍ମିରଞ୍ଜନ ମହାପାତ୍ରଙ୍କ ସମ୍ପାଦନା ଓ ସଙ୍କଳନରେ ପ୍ରକାଶିତ ଅଧାପକ ଚିନ୍ତାମଣି ମିଶ୍ରଙ୍କ ରଚିତ ପୁସ୍ତକ 'ସତ୍ୟବାଦୀ ବନବିଦ୍ୟାଳୟର ନୂତନ ପ୍ରସ୍ଥ'କୁ ଉପସ୍ଥିତ ଅତିଥି ଉନ୍ମୋଚିତ କରିଥିଲେ। ପୂର୍ବରୁ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ନାଚ, ଗୀତ ଓ ଅନ୍ୟ ପ୍ରତିଯୋଗିତାରେ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର, ବସନ୍ତ ସ୍ୱାଇଁ, ସୁନୀଲ ବେହେରା, ସରୋଜ ବେହେରା ତତ୍ତ୍ୱାବଧାନ କରିଥିଲେ।

ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ଶିକ୍ଷକ ସତ୍ୟବାଦୀ ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନବଘନ ଶତପଥୀ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ସାକ୍ଷୀଗୋପାଳ, ଗୁରୁକୁଳ ବିଦ୍ୟାଳୟ ସାକ୍ଷୀଗୋପାଳ, ଶାଶ୍ୱତ କଳାକେନ୍ଦ୍ର ଭୁବନେଶ୍ୱର, ଆସାମର ବିହୁ ନୃତ୍ୟ, ହାନା ଟାଇକୋଣ୍ଡୋ ଏକାଡେମୀ ସାକ୍ଷୀଗୋପାଳର ସମରକଳା, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସଙ୍ଗୀତ ନୃତ୍ୟ, ପୁରୁଲିଆ ଛଉ, ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଆଦର୍ଶନୀ ପ୍ରଧାନଙ୍କ ସମ୍ବଲପୁରୀ ନୃତ୍ୟ, ଧେମେଗା ନୃତ୍ୟ ସାଙ୍ଗକୁ ଅନ୍ତରା ଚକ୍ରବର୍ତ୍ତୀଙ୍କ ଓଲିଉଡ୍ ଧମାକାରେ ରିମିକ୍ସ ଗୀତରେ ମଜ୍ଜି ଯାଇଥିଲେ ଦର୍ଶକ। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## ଓଡ଼ିଶାରେ ସ୍ପାଇସ୍ ପାର୍କ ପ୍ରସ୍ତାବ ନାହିଁ: କେନ୍ଦ୍ର ମନ୍ତ୍ରୀ

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଓଡ଼ିଶାରେ ମସଲା(ସ୍ପାଇସ୍) ପାର୍କ କରିବା ଯୋଜନା ନାହିଁ। ବିଜେଡି ଏମ୍‌ପି ମମତା ମହାନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁପ୍ରିୟା ପଟେଲ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ମସଲା ଶସ୍ୟକୁ ନେଇ ସ୍ପାଇସ୍ ବୋର୍ଡ ପକ୍ଷରୁ ଦେଶର ୮ ସ୍ଥାନରେ ସ୍ପାଇସ୍ ପାର୍କ ନିର୍ମାଣ କରାଯାଇଛି। ସେଥିରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨ଟି ଲେଖାଏ ସ୍ପାଇସ୍ ପାର୍କ ଗଠନ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ, କେରଳ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ଗୋଟିଏ ଲେଖାଏ ସ୍ପାଇସ୍ ପାର୍କ କରାଯାଇଛି। ତେବେ ଓଡ଼ିଶା ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିନାହାନ୍ତି। ଏବେ ଆଉ ଅଧିକ ପାର୍କ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ସ୍ପାଇସ୍ ପାର୍କ କରିବାକୁ ରାଜ୍ୟ ସରକାରଙ୍କ ଅଣୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ୨୦୧୭ରେ ସ୍ପାଇସ ବୋର୍ଡକୁ ପ୍ରସ୍ତାବ ଦେଇଥିଲା। ଖୋର୍ଦ୍ଧାଠାରେ ଏକ ସାମୁଦ୍ରିକ ମାଛ ପାର୍କ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ଦକ୍ଷିଣ ଓଡ଼ିଶାର କୋରାପୁଟ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଗୋଲମରିଚ, ଲବଙ୍ଗ, କଳାଜିରା ବହୁ ମାତ୍ରାରେ ଚାଷ କରାଯାଉଛି। କନ୍ଧମାଳ ଜିଲାରେ ୧୦୦ ଏକର ଜମିରେ ମସଲା ଚାଷ କରାଯାଉଛି। ମସଲା ଛଡ଼ା ହଳଦୀ ଏବଂ ଅଦା ଚାଷ ମଧ କରାଯାଉଛି, ଯାହାର ଚାହିଦା ବିଦେଶରେ ରହିଛି। କନ୍ଧମାଳ ହଳଦୀର ଔଷଧୀୟ ଗୁଣ ମଧ ରହିଛି। ଏହି ଜିଲାଗୁଡ଼ିକରେ ମସଲା ପାର୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ୫ ବର୍ଷ ପରେ ମଧ କେନ୍ଦ୍ର ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା ମନ୍ତ୍ରୀ ଦେଇଥିବା ଉତ୍ତରରୁ ସୂଚନା ମିଳିଛି।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

**କାକଟପୁର,୧୧।୨ (ଡି.ଏନ୍.ଏ.)**

କାକଟପୁରସ୍ଥିତ ଶିକ୍ଷକ ଭବନଠାରେ ଶନିବାର ଅବସରପ୍ରାପ୍ତ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହେଇଯାଇଛି। ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ରାଜକିଶୋର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ଦିବଂଗତ ଶିକ୍ଷକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ ପ୍ରାଥମିକ ଶିକ୍ଷକଙ୍କ ୨୦୦୬ ଜାନୁୟାରୀ ୧ରୁ ୨୦୧୨ ପର୍ଯ୍ୟନ୍ତ ଗ୍ରେଡ୍ ପେ'୨୪୦୦ ପରିବର୍ତ୍ତେ ୪୨୦୦ ଲାଗୁ କରିବାକୁ ଆଦେଶ ଦେଇଥିବାରୁ ବୈଠକରେ କୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ଏତଦ୍ ବ୍ୟତୀତ କେନ୍ଦ୍ରୀୟ ହାରରେ ପେନ୍‌ସନ୍ ପ୍ରଦାନ, ୭୦ ବର୍ଷରେ ୧୦ ପ୍ରତିଶତ ପେନସନ ବୃଦ୍ଧି ଓ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ପୁରୀ ଜିଲା ଅବସର ପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରାମ ନାରାୟଣ ମିଶ୍ର, ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ ସର୍ବଶ୍ରୀ ପଞ୍ଚାନନ ପରିଡ଼ା, ସାଧୁଚରଣ ବିଶ୍ୱାଳ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ବ୍ଲକସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠନ କରାଯାଇ ପଞ୍ଚାନନ ପରିଡ଼ାଙ୍କୁ ସଭାପତି, ଗଗନ ବିହାରୀ ପାତ୍ରଙ୍କୁ ସମ୍ପାଦକ, କୋଷାଧକ୍ଷ ଭାବେ ଭୁବନାନନ୍ଦ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସଭାପତି ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ପଶିଗଲା ମିନିଟ୍ରକ୍

**ପିପିଲି,୧୧।୨(ସ୍ୱ.ପ୍ର.)**

ସାତଶଙ୍ଖରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ନଡ଼ିଆ ବୋଝେଇ ମିନିଟ୍ରକ ଶନିବାର ତେଇଶିପୁର ନିକଟ ଏକ ପୋଖରୀ ମଧ୍ୟକୁ ପଶିଯାଇଛି। ଫଳରେ ସେଥିରେ ଥିବା ୩ ଜଣ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଗାଡ଼ିରେ ଥିବା ସଦାଶିବ ଦାସଙ୍କ ଅଣ୍ଟାରେ ସାମାନ୍ୟ ଆଘାତ ଲାଗିଥିବାବେଳେ ତାଙ୍କ ପୁଅ ସୁମନ୍ତ(୨୭)ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା ପରେ ସୁମନ୍ତ ବିପଦମୁକ୍ତ ଥିବା ସୂଚନା ମିଳିଛି।

ସୂଚନା ମୁତାବକ, ସରସ୍ୱତୀପୁର ଗ୍ରାମର ନଡ଼ିଆ ବ୍ୟବସାୟୀ ସଦାଶିବ ସାତଶଙ୍ଖ ସାପ୍ତାହିକ ହାଟରୁ ନଡ଼ିଆ କିଣି ଏକ ମିନିଟ୍ରକରେ ଭୁବନେଶ୍ୱର ବିକ୍ରି କରିବାକୁ ନେଉଥିଲେ। ଗାଡ଼ିରେ ତାଙ୍କ ପୁଅ ସୁମନ୍ତ ମଧ ଥିଲେ। ଅପରାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ତେଇଶିପୁର ପେଟ୍ରୋଲ ଟାଙ୍କି ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡ଼ ପୋଖରୀ ମଧ୍ୟରେ ପଶିଯାଇ ପାଣିରେ ବୁଡ଼ିଯାଇଥିଲା। ସେଠାରେ ଉପସ୍ଥିତ କେତେକ ଦୋକାନୀ ଓ ସ୍ଥାନୀୟ ଲୋକେ ପୋଖରୀରେ ପଶି ଗାଡ଼ି ମଧ୍ୟରୁ ଡ୍ରାଇଭର ସମେତ ଉଭୟ ବାପପୁଅଙ୍କୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଖସି ପଳାଇଥିବା ଜଣାପଡ଼ିଛି। ଖବରପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଭୂୟାଁ ପିପିଲି ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ତେବେ ଅନ୍ୟ କେହି ପୋଖରୀରେ ନ ଥିବା ଅଗ୍ନିଶମ ବାହିନୀ ସ୍ପଷ୍ଟ କରିଥିଲା। ନଡ଼ିଆ ବୋଝେଇ ଗାଡ଼ିକୁ ଫାଣ୍ଡି ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।


ମିନିଟ୍ରକ୍‌ଟି ପୋଖରୀରେ ପଶିଯାଇଛି।

# 'ସାମାଜିକ ଗଣମାଧମରେ କ୍ଷୟ ହେଉଛି ସତ୍ୟ'

**କଟକ ଅଫିସ,୧୧।୨**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶ କ୍ରମେ ହାଇକୋର୍ଟ ମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି।

ଜିଲା ଜଜ୍ ସମ୍ମିଳନୀ କମିଟି ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

**ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

■ ମାମଲା ଫଇସଲାରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଶ୍ରେଷ୍ଠ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୫ତମ ଜନ୍ମ ମହୋତ୍ସବ ଏବଂ ଅଷ୍ଟବିଂଶତମ ବାର୍ଷିକ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ, ସତ୍‌ସଙ୍ଗ ବିହାର ଓ ଶହୀଦନଗର ଦୁର୍ଗାପୂଜା ପଡ଼ିଆ, ସକାଳ ୬ଟାରୁ ଆରମ୍ଭ।
- ଦି ପେଡିଆଟ୍ରିକ୍ ଅର୍ଥୋପେଡିକ୍ ସୋସାଇଟି ଅଫ୍ ଇଣ୍ଡିଆର ୨୯ତମ ବାର୍ଷିକ ସମ୍ମିଳନୀ, ସ୍ୱସ୍ତି ପ୍ରିମିୟମ୍, ସକାଳ ୮ଟା।
- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ବାଣୀବିହାର-୮୫ ବନ୍ଧୁମିଳନ, ଏଚ୍‌ଆରଡିସି କମ୍ପ୍ଲେକ୍ସ, ଉତ୍କଳ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା।
- ଗ୍ରୀଡ୍‌କୋ ଫାଇନାନ୍ସ ସର୍ଭିସ୍ ୱେଲ୍‌ଫେୟାର ଆସୋସିଏଶନର ବାର୍ଷିକ ଉତ୍ସବ, ଓପିଟିସିଏଲ୍ ପାୱାର କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଉତ୍କଳ ଲେବଲ୍‌ସର ଲୋକାର୍ପଣ ଉତ୍ସବ, ଫେସିଂ ଜଗନ୍ନାଥ ମନ୍ଦିର, ଅପରାହ୍ନ ୧ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- କର୍ପୋରେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ, ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମ୍, ଅପରାହ୍ନ ୨ଟା।
- ବଚ୍‌ପନ୍ ପ୍ଲେ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଆଓ ଟକ୍ ସିଜନ୍-୧ର ତିନିପିଢ଼ିର କଥା, ବୁଦ୍ଧ ଆର୍ଟ ଗାଲେରି, ସନ୍ଧ୍ୟା ୬ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜାତୀୟସ୍ତରୀୟ ସୁଫି କୱାଲି, ମେଳଣ ପଡ଼ିଆ, ଝାରପଡ଼ା, ସନ୍ଧ୍ୟା ୬ଟା ୩୦।
- ୧୯ତମ ଧଉଳି-କଳିଙ୍ଗ ମହୋତ୍ସବ, ଧଉଳି ଶାନ୍ତିସ୍ତୂପ, ସନ୍ଧ୍ୟା ୬ଟା ୩୦।
- ଆଉଟ୍‌ରିଚ୍ ପକ୍ଷରୁ ୯ମ ଅନ୍ତର୍ଜାତୀୟ ରେଡ଼ିଓ ଫେୟାର, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ମାଲାରିଆ ରିସର୍ଚ୍ଚର ଉଦ୍‌ଘାଟନ, ମେ'ଫେୟାର ଲାଗୁନ୍, ସନ୍ଧ୍ୟା ୬ଟା ୪୫।

ବାଲିଅନ୍ତା

- ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, କଞ୍ଚିଲ ତିରଣପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ପୂର୍ବାହ୍ନ -୧୧ଟା।
- ଅଖଣ୍ଡ ଶାନ୍ତି ଜ୍ଞାନଯଜ୍ଞ ଶିବିର, ବଂଶୀ ବିହାର, ସନ୍ଧ୍ୟା ୬ଟା ୩୦।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପନ, ଦୁର୍ଗାପୂଜା ମଣ୍ଡପ, ଭିଙ୍ଗାରପୁର, ରାତି ୭ଟା ୩୦।

## ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଉ

ପୁରୁଣା ଭୁବନେଶ୍ୱର,୧୧।୨(ଡି.ଏନ୍.ଏ.): ଆଉ ଦିନ କେଇଟା ପରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏଥିପାଇଁ ଶୈବପୀଠ ଚଳଚଞ୍ଚଳ। ଏହି କ୍ରମରେ ମହାଶିବରାତ୍ରିରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ ଜନସମାଗମ ହେବ। ମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ନେବାକୁ ବାରଣ ରହିଛି। ତେବେ ମନ୍ଦିର ଭିତର ଓ ବାହାରେ ଲାଗିଥିବା ସିସିଟିଭି ଅଚଳ ହୋଇଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ସହ ମନ୍ଦିର ସିଂହଦ୍ୱାରରେ ଏକ ମେଟାଲ ଡିଟେକ୍ଟର ଲଗାଯାଉ। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଜାଗରଯାତ୍ରା ପୂର୍ବରୁ ତୁରନ୍ତ ସମସ୍ୟାର ସମାଧାନ ନେଇ ଗୁରୁତ୍ୱ ଦେବା ପାଇଁ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

## ବିଜେଡିର ବନ୍ଧୁମିଳନ ଉତ୍ସବ

ବାଲିପାଟଣା,୧୧।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଗିରିଙ୍ଗେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥି ପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ସମବାୟ ସମିତି ସଭାପତି ଭାରତ ଭୂଷଣ ମହାନ୍ତି, ଅଭିମନ୍ୟୁ ନାୟକ, ନବ ପାତ୍ର, ଅର୍ଜୁନ ସ୍ୱାଇଁ, ଧୋବେଇ ସ୍ୱାଇଁ, ରାନୁ ପାତ୍ର, କାଳୁ ସେଠୀ ପ୍ରମୁଖ ଯୋଗଦେଇ ଦଳକୁ ମଜଭୁତ ରଖି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସରପଞ୍ଚ, ନୋମିନି, ମହିଳା ମଣ୍ଡଳ କର୍ମକର୍ତ୍ତା ଯୋଗଦେଇଥିଲେ।

# ରୋଗ ଭଲ କରୁଛି ଜଙ୍ଗଲଜାତ ଔଷଧ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

### ପ୍ରଦର୍ଶନୀ ପଡ଼ିଆରେ କଳିଙ୍ଗ ହର୍ବାଲ ମେଳା

ପ୍ରଦର୍ଶନୀ ପଡ଼ିଆରେ ଚାଲିଛି ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା। କେଉଁ ଷ୍ଟଲ୍‌ରେ ନାଡ଼ି ଦେଖି ବୈଦ୍ୟ ରୋଗ ନିରୂପଣ କରୁଛନ୍ତି ତ ପୁଣି କେଉଁଠି ପାପୁଲି ରେଖା ଦେଖି କବିରାଜ ଚିକିତ୍ସା ପଦ୍ଧତି କହୁଛନ୍ତି। ବିଭିନ୍ନ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇ ମଧ ଆରୋଗ୍ୟ ହୋଇପାରୁ ନ ଥିବା ଲୋକ ଏଠାକୁ ଆସୁଛନ୍ତି। ମେଳାରେ ହର୍ବାଲ ଜୁସ୍, ହର୍ବାଲ ଟି', ହର୍ବାଲ ଧୂପକାଠିର ବେଶ୍ ଚାହିଦା ରହିଛି। ପ୍ରକୃତିରୁ ମିଳୁଥିବା ଜଙ୍ଗଲ ଜାତ ଔଷଧ ବିଷୟରେ ଜାଣିବାକୁ ଓ କିଣିବାକୁ ସହରବାସୀଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି।

### ମହିଳାଙ୍କୁ ଆକୃଷ୍ଟ କରୁଛି ମନ୍ଦାର ତେଲ

ମେଳାରେ ପଡ଼ିଥିବା ମନ୍ଦାର ତେଲ ଷ୍ଟଲ ମହିଳା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପିପିଲି ଅଞ୍ଚଳର ଜଣେ ବ୍ୟବସାୟୀ ଏହି ଷ୍ଟଲ ପକାଇଥିବାବେଳେ କେଶଜନିତ ସମସ୍ୟାରୁ ଏହି ତେଲ ମୁକ୍ତି ଦେବ ବୋଲି ସେ କହୁଛନ୍ତି। ତେଣୁ ଅଳ୍ପ ବୟସରୁ ଚୁଟି ପାଚିବା, ଝଡ଼ିବା, ଫାଟିବା, ରୂପୀ ସମସ୍ୟା ଆଦିରୁ ଏହି ତେଲ ଉପଶମ ଦେଉଥିବା ବ୍ୟବସାୟୀ ଦାବି କରିଛନ୍ତି। ତେଣୁ ମହିଳାମାନେ ସୁସ୍ଥ କେଶ ପାଇଁ ଏହି ଷ୍ଟଲକୁ ବିଶେଷ କରି ମହିଳା ଗ୍ରାହକମାନେ ଆସୁଛନ୍ତି।




### ଡକ୍ଟର୍ସ ଟି' ଷ୍ଟଲ୍‌ରେ ଭିଡ଼

ମେଳାରେ ଲାଗିଛି ଡକ୍ଟର୍ସ ଟି' ଷ୍ଟଲ୍। ସମୀର ରଞ୍ଜନ ସ୍ୱାଇଁଙ୍କ ଷ୍ଟଲରେ ମିଳୁଥିବା ଚା' ପାଉଡର ନେବାକୁ ଲୋକଙ୍କ ମଧରେ ଆଗ୍ରହ ପ୍ରକାଶ ପାଉଛି। ଏହି ପାଉଡର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବିଭିନ୍ନ ରୋଗରୁ ଉପଶମ ଦେଇଥାଏ ବୋଲି ସମୀର କହିଛନ୍ତି। ତୁଳସୀ, ପୋଦିନା, ଧନ୍ୱନ୍ତରୀ, ଅଦା, ଗିଲ, ଗୋଲମରିଚ ଭଳି ଔଷଧୀୟ ଉପାଦାନରେ ଏହି ଚା' ପାଉଡର ପ୍ରସ୍ତୁତ କରାଯାଉଥିବାରୁ ଭିଡ଼ ଲାଗି ରହୁଛି।

### ଶତ୍ରୁଘ୍ନଙ୍କ ଷ୍ଟଲ୍‌ରେ ଭୂଇଁ କଖାରୁ

ମେଳାର ୯୫ ନମ୍ବର ଷ୍ଟଲ୍‌ରେ ଏକ ବିଚିତ୍ର ଫଳ ଦେଖିବାକୁ ମିଳୁଛି। କଖାରୁ ଆକାରର ହୋଇଥିବାରୁ ମାଟି ତଳେ ଫଳୁଥିବାରୁ ଏହାକୁ ଭୂଇଁ କଖାରୁ କୁହାଯାଉଥିବା ନୂଆପଡ଼ାର ଶତ୍ରୁଘ୍ନ ମାଝି କହିଛନ୍ତି। ଏହି ଫଳ ରାଜଧାନୀରେ ଉପଲବ୍ଧ ହେଉ ନ ଥିବାରୁ ଏହା ବିଷୟରେ ଜାଣିବାକୁ ଲୋକଙ୍କ ମଧରେ କୌତୁହଳ ପ୍ରକାଶ ପାଉଛି। ଶତ୍ରୁଘ୍ନ ୩ ବର୍ଷ ବୟସର ହୋଇଥିବାବେଳେ ନିଜ ଅଜାଙ୍କ ସହ ଜଙ୍ଗଲକୁ ବିଭିନ୍ନ ଔଷଧୀୟ ବୃକ୍ଷର ଚେର, ପତ୍ର ଫୁଲ ଆଦି ସଂଗ୍ରହ କରିବାକୁ ଯାଉଥିଲେ। ପିଲାଟି ଦିନରୁ ଔଷଧୀୟ ବୃକ୍ଷକୁ ଚିହ୍ନିବା ସହ କେଉଁ ରୋଗ ପାଇଁ କେଉଁଟି ଉପକାରୀ ଜାଣିପାରୁଛନ୍ତି। ନିଜ ଅଞ୍ଚଳ ସମେତ ୩୦ ଜିଲାରେ ଆୟୋଜିତ ବିଭିନ୍ନ ମେଳାରେ ସେ ଏପରି ଚିକିତ୍ସା ପରାମର୍ଶ ଦେଇ ପୁରସ୍କୃତ ମଧ ହୋଇଥିବା ସେ କହିଛନ୍ତି।



## ପରିମଳରେ ଖିଲାପ, 'ନାଇନ୍‌ଥ ଷ୍ଟ୍ରିଟ୍'କୁ ଜରିମାନା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ୫ମିଟର ପରିଧି ପର୍ଯ୍ୟନ୍ତ ପରିମଳ ରକ୍ଷା ପାଇଁ ବାରମ୍ବାର କୁହାଯାଉଥିଲେ ମଧ କିଛି ବ୍ୟବସାୟୀ ଏଥିରେ ଖିଲାପ କରୁଛନ୍ତି। ଏହି କ୍ରମରେ ନିକୋପାର୍କ ନିକଟସ୍ଥ ରେସ୍ତୋରାଁ 'ନାଇନ୍‌ଥ ଷ୍ଟ୍ରିଟ୍' ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରେସ୍ତୋରାଁରୁ ବାହାରୁଥିବା ଆବର୍ଜନା ଏଣେତେଣେ ପକାଉଥିବାରୁ ସଂପୃକ୍ତ ବ୍ୟବସାୟୀଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରର ଛୋଟବଡ଼ ଦୋକାନୀଙ୍କୁ ପୃଥକ୍ ଡଷ୍ଟବିନ୍ ବ୍ୟବହାର ଓ ଆଖପାଖ ଅଞ୍ଚଳ ପରିଷ୍କାର ରଖିବା ପାଇଁ ପରାମର୍ଶ ଦିଆଯାଉଛି। ଏଥିରେ ଅବହେଳା କରୁଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯିବା ସହ ଦୋକାନ ମଧ ସିଲ୍ କରାଯାଉଛି।



ଧଉଳି-କଳିଙ୍ଗ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ 'ଅନନ୍ୟା ଓଡ଼ିଶା' ପରିବେଷଣ କରୁଛନ୍ତି।

## ଓଡ଼ିଶାର କଳା ବଖାଣିଲା 'ଅନନ୍ୟା ଓଡ଼ିଶା'

ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୧।୨ (ଡି.ଏନ୍.ଏ.)



### ଧଉଳି-କଳିଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଆର୍ଟ ଭିଜନ୍ ପକ୍ଷରୁ ଚାଲିଥିବା ଧଉଳି-କଳିଙ୍ଗ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ ସହିତ ପାରମ୍ପରିକ ସମରକଳା ନୃତ୍ୟରେ ଚଳଚଞ୍ଚଳ ହୋଇଥିଲା ଐତିହାସିକ ଧଉଳି ପାହାଡ଼ର ପାଦଦେଶ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଶାସ୍ତ୍ରୀୟ ସଙ୍ଗୀତ ବାଦନରୁ ଆରମ୍ଭ ହୋଇଥିଲା। ଭବ୍ୟବାଣୀ ଗୁରୁକୁଳ ଓ ଶିବାଗ୍ନି ଅନୁଷ୍ଠାନର ଶିଳ୍ପୀମାନେ ଏହି ସଙ୍ଗୀତ ପ୍ରସ୍ତୁତ କରିଥିଲେ। 'ଐନ୍ଦ୍ରଜାଳିକ ରହସ୍ୟବାଦୀ ଜୀବନର ତତ୍ତ୍ୱ' ସଙ୍ଗୀତରେ ଗୁରୁ ଧନେଶ୍ୱର ସ୍ୱାଇଁ, ଅଗ୍ନିମିତ୍ର ବେହେରା ଏବଂ ବିଶିଷ୍ଟ ବଂଶୀବାଦକ ଶ୍ରୀନିବାସ ଶତପଥୀଙ୍କ ସମନ୍ୱୟ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ପ୍ରସ୍ତୁତିରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ନୃତ୍ୟ ନୈବେଦ୍ୟ ଏବଂ ଓଡ଼ିଶୀ ଡ୍ୟାନ୍ସକ୍ରିଏଶନର ଶିଳ୍ପୀଙ୍କ ଦ୍ୱାରା ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ 'ଅନନ୍ୟା ଓଡ଼ିଶା' ପରିବେଷିତ ହୋଇଥିଲା। ନୃତ୍ୟ ମାଧମରେ ଓଡ଼ିଶାର କଳାକୁ ନୃତ୍ୟଶିଳ୍ପୀମାନେ ବଖାଣିଥିଲେ। ଗୁରୁ ଅରୁଣା ମହାନ୍ତି ଏହାର ପରିକଳ୍ପନା ସହିତ ନୃତ୍ୟ ସଂରଚନା କରିଥିଲେ। ଶେଷରେ ମାଲକାନଗିରିର ଅମ୍ବା ଗୁରୁକୁଳର ବିନାଶ କୁମାର ମିଶ୍ର ଓ ସାଥୀଙ୍କ ଦ୍ୱାରା ପାରମ୍ପରିକ ସମରକଳା ନୃତ୍ୟ 'ଗୁରୁକୁଳ ପରମ୍ପରା' ବେଶ୍ ଉଚ୍ଚକୋଟୀର ଥିଲା। ନୃତ୍ୟଶିଳ୍ପୀଙ୍କ ଶକ୍ତିଶାଳୀ ତଥା ଦକ୍ଷ ପ୍ରଦର୍ଶନ ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା, ମୋ ସ୍କୁଲ ଅଭିଯାନର ସଭାପତି ସୁସ୍ମିତା ବାଗ୍‌ଚୀ, ଆର୍ଟ ଭିଜନର ସଚିବ ଇଲିୟାନା ଚିତାରିଷ୍ଟି ଏବଂ ଗୁରୁ ଡ. ଅରୁଣା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲାମ ସଞ୍ଚାଳନ କରିଥିଲେ।

## ମରଣାନ୍ତକ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ହୋଟେଲ ଝାଡୁ ସମୟରେ ଧୂଳିଉଡିବାକୁ ବିରୋଧ କରିବାରୁ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ କରିଥିବା ଦୁଇ ଭାଇଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବିଡିଏ କଲୋନିରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ନିକିରି ଥାନା ଅଞ୍ଚଳର ନିରଞ୍ଜନ ପାତ୍ର ଓ ତାଙ୍କ ସାନଭାଇ ପ୍ରଫୁଲ୍ଲ ପାତ୍ର। ଉଭୟଙ୍କର ବରମୁଣ୍ଡା ବସଷ୍ଟାଣ୍ଡ ପରିସରରେ ଗୋଟିଏ ହୋଟେଲ ରହିଛି। ଶୁକ୍ରବାର ସକାଳେ ବରମୁଣ୍ଡା ପ୍ରଧାନ ସାହିର ନୀଳ ଓ ତାଙ୍କ ସାଙ୍ଗ ହୋଟେଲ ନିକଟରେ ଚା' ପିଉଥିଲେ। ସେହି ସମୟରେ ଅଭିଯୁକ୍ତ ପ୍ରଫୁଲ୍ଲ ହୋଟେଲ ବାହାର ଝାଡୁ କରିବା ସମୟରେ ଧୂଳି ଉଡ଼ିଥିଲା। ଏହାକୁ ନୀଳ ଓ ତାଙ୍କ ସାଙ୍ଗ ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତଦ୍ୱୟ ନୀଳଙ୍କୁ ଦୁର୍ବ୍ୟବହାର କରିବା ସହିତ ଏକ ଷ୍ଟିଲ ଜଗରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ନୀଳ ଗୁରୁତର ଆହତ ହୋଇଥିଲେ। ଏନେଇ ନୀଳଙ୍କ ମା' ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଉକ୍ତ ହୋଟେଲରେ ଜଣେ ବସ୍ ମାଲିକଙ୍କ ପୁଅ ଓ ତାଙ୍କ ସହଯୋଗୀ ବୋମାମାଡ଼ କରିଥିଲେ। ବୋମା ମାଡରେ ହୋଟେଲ ଆଜ୍‌ବେଷ୍ଟସ ଭାଙ୍ଗି ଯାଇଥିବାବେଳେ ୩ ଜଣ ସାମାନ୍ୟ ଆହତ ହୋଇଥିଲେ।

## ଆଜିଠୁ 'ସ୍ପେସ୍ ଅନ୍ ହୁଇଲ' ପ୍ରଦର୍ଶନୀ



ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଇସ୍ରୋର ୩ ଦିନିଆ 'ସ୍ପେସ୍ ଅନ ହୁଇଲ' ପ୍ରଦର୍ଶନୀ ରବିବାରଠାରୁ ଆରମ୍ଭ ହେବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ), ମହାକାଶ ପ୍ରୟୋଗ କେନ୍ଦ୍ର, ବିକ୍ରମ ସରାଭାଇ ମହାକାଶ ପ୍ରଦର୍ଶନୀ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବିଭାଗର ମିଳିତ ସହଯୋଗରେ କ୍ୟାପିଟାଲ ହାଇସ୍କୁଲରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀ ୧୨ ଓ ୧୩ ତାରିଖ ସକାଳ ୯ରୁ ଅପରାହ୍ନ ୫ଟା ଓ ୧୪ତାରିଖରେ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲାରହିବ। ୧୨ ଓ ୧୩ ତାରିଖ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀକୁ ସାଧାରଣ ଦର୍ଶକମାନେ ମଧ ଦେଖିପାରିବେ। ମହାକାଶ ଗବେଷଣାର ଇତିହାସ, ମହାକାଶକୁ ଯାତ୍ରା, ଉପଗ୍ରହକୁ ସଂସ୍ଥାପିତ କରୁଥିବା ଯାନ, ପାରସ୍ପରିକ ଆଲୋଚନା, ମଡେଲ ଏବଂ ବିଶେଷଜ୍ଞଙ୍କ ସହିତ ଆଲୋଚନା, ବିଷୟଭିତ୍ତିକ ଆଲୋଚନା, ଭିଡିଓ ଚିତ୍ର ଆଦି ଏହି ପ୍ରଦର୍ଶନୀ ଦିନମାନଙ୍କରେ ପ୍ରଦର୍ଶିତ ହେବ। ପ୍ରଦର୍ଶନୀକୁ ପ୍ରତିଦିନ ପ୍ରାୟ ୧୪୦୦ ଛାତ୍ରୀଛାତ୍ର ବିଭିନ୍ନ ପର୍ଯ୍ୟାୟରେ ବୁଲି ଦେଖିବେ। ପ୍ରଦର୍ଶନୀର ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ହୋଟେଲରୁ ଚୋରି, ଆଇଟି ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଚୋରି ମାମଲାରେ ଖଣ୍ଡଗିରି ଥାନା ପୋଲିସ ଶନିବାର ଜଣେ ଆଇଟି ଇଞ୍ଜିନିୟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳର ଜ୍ୟୋତି ରଞ୍ଜନ ହରିଚନ୍ଦନ। ପୋଲିସ ତାଙ୍କଠାରୁ ଚୋରି ଲାପ୍‌ଟପ୍, ହାର୍ଡଡିସ୍କ ସହ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣ ଜବତ କରିଛି। ଅଭିଯୁକ୍ତ ଜ୍ୟୋତି ପୂର୍ବରୁ ମଧ ଏକ ଚୋରି ମାମଲାରେ ନୟାପଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ ବୋଲି ତଦନ୍ତବେଳେ ଜଣାପଡିଛି। ସୂଚନାନୁସାରେ, ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ବହୁଶଯ୍ୟା ବିଶିଷ୍ଟ ଗୋପୀନାଥ ଲଜ ରହିଛି। ସେଠାରେ ପ୍ଲାନ ଇଣ୍ଟରନ୍ୟାଶନାଲର ରାଜ୍ୟ ମ୍ୟାନେଜର ଗତ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରହିଥିଲେ। ଉକ୍ତ ଲଜରେ ଅଭିଯୁକ୍ତ ମଧ ରହିଥିଲେ। ୯ ତାରିଖ ସକାଳୁ ମ୍ୟାନେଜର ଉଠି ନିଜ ଲାପ୍‌ଟପ୍ ବ୍ୟାଗ ନ ଥିବା ଦେଖିଥିଲେ। ଏହାପରେ ସେ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ହୋଟେଲରେ ଘଟଣାଦିନ ରହିଥିବା ବ୍ୟକ୍ତିଙ୍କ ତାଲିକା ଖୋଜିଥିଲା। ଯେଉଁଥିରେ ଅଭିଯୁକ୍ତ ଜ୍ୟୋତିଙ୍କ ନାମ ସାମ୍ନାକୁ ଆସିଥିଲା। ଜ୍ୟୋତିଙ୍କ ଘର ନୟାପଲ୍ଲୀରେ ହୋଇଥିବା ବେଳେ ସେ କାହିଁକି ହୋଟେଲ ନେଇ ଭୁବନେଶ୍ୱରରେ ରହୁଛନ୍ତି ସେ ଦିଗରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ପୋଲିସର ଏକ ଟିମ ଜ୍ୟୋତିଙ୍କ ଘରେ ପହଞ୍ଚିବାରୁ ଘରଲୋକ ଜ୍ୟୋତି ୨ ଦିନ ହେବ ବାଙ୍ଗାଲୁରୁ ଯାଇଥିବା କହିବାରୁ ପୋଲିସର ଜ୍ୟୋତିଙ୍କ ଉପରେ ସନ୍ଦେହ ହେଲା। ତେଣୁ ମୋବାଇଲ ଟ୍ରାକିଂ ସମୟରେ ଜ୍ୟୋତି ସାମନ୍ତରାପୁର ଅଞ୍ଚଳରେ ବୁଲୁଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ଥାନାକୁ ଉଠାଇ ଆଣିଥିଲା।

## ଲୋକନୃତ୍ୟ ମାଧମରେ ଏଡ୍‌ସ ସଚେତନତା

ଭୁବନେଶ୍ୱର,୧୧।୨(ବ୍ୟୁରୋ)




ଅତିଥିଙ୍କ ସମ୍ମୁଖରେ ଦୁଇ କଳାକାର ଦାସକାଠିଆ ପରିବେଷଣ କରୁଛନ୍ତି।

ଲୋକନୃତ୍ୟ ମାଧମରେ ରାଜ୍ୟରେ ଏଡ୍‌ସ ସଂକ୍ରମଣ ପ୍ରତିହତ କରିବା ଏବଂ ସ୍ୱେଚ୍ଛାକୃତ ଭାବେ ନିଜର ରକ୍ତ ପରୀକ୍ଷା କରିବା ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଗ୍ରାମାଞ୍ଚଳରେ ଏପରି ପାରମ୍ପରିକ ଲୋକନୃତ୍ୟ ଅଭିଯାନ ଆରମ୍ଭ କରିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉର୍ମିଳା ମିଶ୍ର କହିଛନ୍ତି। ଭୁବନେଶ୍ୱରରେ ପାରମ୍ପରିକ ଲୋକନୃତ୍ୟ ଦଳମାନଙ୍କୁ ନେଇ ଆରମ୍ଭ ହୋଇଥିବା ଦୁଇ ଦିବସୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡ. ମିଶ୍ର ଏହା କହିଛନ୍ତି। ସଚେତନତା ଅଭାବରୁ କେହି ମୃତ୍ୟୁ ମୁଖରେ ଯେପରି ନପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉଛି। ନିଜର ରକ୍ତ ପରୀକ୍ଷା ଦ୍ୱାରା ସଂକ୍ରମଣ ହ୍ରାସ କରିବା, ଏଡ୍‌ସଜନିତ ମୃତ୍ୟୁହାର ହ୍ରାସ କରିବା, ଏଚ୍‌ଆଇଭି ଓ ସିଫିଲିସ ସଂକ୍ରମଣ ଦୂର କରିବା, ଠିକ ସମୟରେ ଚିକିତ୍ସା ସେବା ଉପଲବ୍ଧ କରାଇବା ଏବଂ ଏଚ୍‌ଆଇଭି ଏଡ୍‌ସ ସମ୍ପର୍କିତ ଭେଦଭାବ ଦୂର କରିବା ନେଇ ସଚେତନତାର ବାର୍ତ୍ତା ପ୍ରଚାରର ଆବଶ୍ୟକତା ରହିଛି। ତେଣୁ ପାରମ୍ପରିକ ଲୋକନୃତ୍ୟ ମାଧମରେ ଦିଆଯାଇଥିବା ବାର୍ତ୍ତା ଗ୍ରାମାଞ୍ଚଳରେ ଲୋକମାନଙ୍କ ଦ୍ୱାରା ଆଦୃତ ହେବା ସହ ଅତି ସହଜରେ ଗ୍ରହଣଯୋଗ୍ୟ ହେଉଥିବାରୁ ରାଜ୍ୟର ଅତି ସମ୍ବେଦନଶୀଳ ୧୨ଟି ଜିଲାରେ ଏହି ଅଭିଯାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗଞ୍ଜାମ, ଖୋର୍ଦ୍ଧା, ଅନୁଗୋଳ, ବଲାଙ୍ଗୀର, କୋରାପୁଟ, ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, କଟକ, ପୁରୀ, ବରଗଡ, ଝାରସୁଗୁଡା ଜିଲାରେ ସଚେତନତା ଅଭିଯାନ ୧୫ ଦିନ ଧରି ଚାଲିବ। ଏହି ଅଭିଯାନରେ ଲୋକନୃତ୍ୟ ସହ ଏଡ୍‌ସ, ଯୌନ ସଂକ୍ରମିତ ରୋଗ ବିଷୟରେ ସୂଚନା ପୁସ୍ତିକା ବଣ୍ଟାଯିବା ଏବଂ ଏଡ୍‌ସ ବିଷୟରେ ଅଧିକ ଜାଣିବାକୁ ନିଃଶୁଳ୍କ ନମ୍ବର ୧୦୯୭ର ମଧ ପ୍ରଚାର କରାଯିବ। ଏହି ଅଭିଯାନରେ ମାଗଣାରେ ଏଚ୍‌ଆଇଭି ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି। ଆୟୋଜିତ କର୍ମଶାଳାରେ ଆଞ୍ଚଳିକ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଲା, ଦାସକାଠିଆ, ନାଟକ, ଦୁଲଦୁଲି, ଘୁଡୁକି, ଘୋଡ଼ାନାଚ, ସମ୍ବଲପୁରୀ, କଣ୍ଢେଇ ନାଚ, ଯାଦୁ ଖେଳ ଆଦି ଲୋକନୃତ୍ୟ ଦଳ ଯୋଗଦେଇଥିଲେ। ସଚେତନତା ଅଭିଯାନରେ ଏହି ଦଳମାନେ ନିଜର କଳା ମାଧମରେ ସଚେତନ କରାଇବେ। ଏହି ଅବସରରେ ଓସାକ୍ସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଞ୍ଜନା ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ଡ. ଡି.ଏସ୍. ଅରବିନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଳିଗଲା ୨ ବଖରା



ବେଗୁନିଆ,୧୧।୨(ଡି.ଏନ୍.ଏ.): ବେଗୁନିଆ ତହସିଲ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡିପଦର ଗ୍ରାମର ରାଧୁ ମାନସିଂହଙ୍କ ଶନିବାର ଦୁଇ ବଖରା ପୋଡି ପାଉଁଶ ହୋଇଯାଇଛି। ଏଥରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଏବଂ ଧାନ, ଚାଉଳ ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ନିକଟ ରଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ହଠାତ୍ ନିଆଁ ଲାଗି ଯାଇଥିଲା ବୋଲି ବିପନ୍ନ ପରିବାର କହିଛନ୍ତି। ଅନ୍ୟପକ୍ଷରେ ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୧୧।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ତଳଖେତା ଛକ ଜଟଣୀ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ସାହାଣୀ କାଶୀପୁର ଗ୍ରାମର ଅପରାଜିତା ଦାସ (୩୦)। ସୂଚନା ମୁତାବକ, ସାହାଣୀ କାଶୀପୁର ଗ୍ରାମର ସୁବ୍ରତ ଦାସ, ସ୍ତ୍ରୀ ଅପରାଜିତା ଓ ଝିଅ ଐଶ୍ୱରିୟା ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଟଣୀ ଅଞ୍ଚଳକୁ ଯାଇଥିଲେ। ଶୁକ୍ରବାର ରାତିରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିଲେ। ତଳଖେତା ଛକ ଜଟଣୀ ରାସ୍ତାରେ ପଛରୁ ଏକ ଗାଡ଼ି ଆସି ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସୁବ୍ରତ ଏବଂ ଐଶ୍ୱରିୟା ଆହତ ହୋଇଥିବା ବେଳେ ସ୍ତ୍ରୀ ଅପରାଜିତା ଗୁରୁତର ହୋଇପଡ଼ିଥିଲେ। ପରେ ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁବ୍ରତ ଓ ତାଙ୍କ ଝିଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ୧୫୦ଗୋରୁଙ୍କୁ ଭିଟାମିନ ଟିକା

ବାଲୁଗାଁ,୧୧।୨(ଡି.ଏନ୍.ଏ.): ଚିଲିକା ବ୍ଲକ ଅଧୀନ ବାଲୁଗାଁ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ପକ୍ଷରୁ ଶନିବାର ପୃଥକ ଭାବେ ଦୁଇଟି ଗ୍ରାମରେ ଗୋରୁଙ୍କୁ ଟିକା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧ମାସ ହେବ ଗୋରୁଙ୍କୁ ଚର୍ମ ବିଣ୍ଡି ରୋଗ ବ୍ୟାପିଥିବା ବେଳେ ଏହାର ଆଶୁଚିକିତ୍ସା ପାଇଁ ବିଭାଗୀୟ ପକ୍ଷରୁ ଭ୍ୟାକ୍ସିନ୍ ଟିକା ପ୍ରଦାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଗୋ-ସମ୍ପଦ ବିଭାଗୀୟ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ବିଭିନ୍ନ ବ୍ଲକ୍‌ରେ ଗୋରୁଙ୍କୁ ମଲ୍ଟି ଭିଟାମିନ ଏବଂ କ୍ୟାଲସିୟମ ଟିକା ଆଦି ପ୍ରଦାନର ବ୍ୟବସ୍ଥା କରାଯାଉଛି। ଶନିବାର ବାଲୁଗାଁ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପାରିକଂସାରୀ ଏବଂ ପାଇକକୁଶଡ଼ିହ ଗ୍ରାମରେ ଦୁଇଟି କ୍ୟାମ୍ପ କରାଯାଇ ୧୫୦ଗୋରୁଙ୍କୁ ଏହି ଭିଟାମିନ ଟିକା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ଚିକିତ୍ସାକେନ୍ଦ୍ରର କର୍ମଚାରୀ ଶଙ୍କର ମହାପାତ୍ର, ତାପସ ସାହୁ, ଶଂଶାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୩ ବର୍ଷରେ ୮ କୋଟିର ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୧୧।୨

**ଖୋର୍ଦ୍ଧାରେ ବଢୁଛି ନିଶା କାରବାର**
- ୭୦୫ କେଜି ଗଞ୍ଜେଇ ଜବତ
- ନିଶା କାରବାର ସମ୍ପୃକ୍ତିରେ ୧୫୫ ଗିରଫ



ଖୋର୍ଦ୍ଧାରେ ବଢ଼ିଚାଲିଛି ନିଶା କାରବାର। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଅବକାରୀ ଗୋଇନ୍ଦା, ଫ୍ଲାଇଂ ସ୍କ୍ୱାଡ୍ ଏବଂ ଜିଲା ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ନିଶା କାରବାର ଥମୁନାହିଁ। ଗତ ୩ବର୍ଷରେ ଏନ୍‌ଡିପିଏସ୍‌ରେ ୭୬ଟି ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତି ନେଇ ୧୫୫ଜଣଙ୍କୁ ଗିରଫ କରାଯାଇଛି। ସେଥିରୁ ପୁରୁଷ ୧୩୮ ଓ ମହିଳା ୧୭ ରହିଛନ୍ତି। ୩ବର୍ଷରେ ୮୦୩୬.୩୩ କେଜି ବ୍ରାଉନସୁଗାର ଏବଂ ୭୦୫.୦୭ କେଜି ଗଞ୍ଜେଇ ଜବତ ହୋଇଛି।

୨୦୨୦ରେ ୧୮ଟି କେସ୍‌ରେ ୧୪୮କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ୫କେଜି ୧୩୬ଗ୍ରାମ୍ ୯୭୦ଏମ୍‌ଜି ବ୍ରାଉନସୁଗାର ଜବତ କରାଯାଇଛି। ୨୨ଜଣ ପୁରୁଷ ଓ ୩ଜଣ ମହିଳାଙ୍କୁ ଗିରଫ କରାଯାଇଛି। ସେହିପରି ୨୦୨୧ରେ ୨୧ଟି କେସ୍‌ରେ ୩୧୨.୧୭୫ କେଜି ଗଞ୍ଜେଇ, ୧୨୯୯ ଗ୍ରାମ ୪୯ ଏମଜି ବ୍ରାଉନସୁଗାର ଜବତ ହୋଇଛି। ୩୨ପୁରୁଷ ଓ ୫ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ଟଙ୍କା, ୫ଟି କାର, ୧୫ଟି ମୋବାଇଲ ଫୋନ ଜବତ କରାଯାଇଛି। ୨୦୨୨ରେ ୩୭ଟି କେସ୍ ରୁଜୁ ହୋଇଛି। ୨୪୪.୪୯୫କେଜି ଗଞ୍ଜେଇ ଓ ୧୫୯୯.୮୭୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ୮୪ଜଣ ପୁରୁଷ ଓ ୯ଜଣ ମହିଳାଙ୍କୁ ଗିରଫ କରାଯାଇଛି। ୪ଟି ସ୍କୁଟି, ୩ କାର୍, ୧୦ ମୋବାଇଲ,୧ଲକ୍ଷ ୯୧ହଜାର ଟଙ୍କା, ୫୧୧.୬୭୦ ଗ୍ରାମ ସୁନା, ୮୩୦ ଗ୍ରାମ ରୁପା, ପୋକିଙ୍ଗ ମେଶିନ ଓ ଗୋଟିଏ ଓଜନ ମେଶିନ ଜବତ କରାଯାଇଛି।

### ଗଳାବାଟ ଦେଇ ଆସୁଛି

କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ଆସୁଛି ବ୍ରାଉନସୁଗାର। ଏଠାରୁ ଗ୍ରାମାଞ୍ଚଳ ସମେତ ପଡୋଶୀ ଜିଲାକୁ ପଠାଯାଉଛି। ଖୋର୍ଦ୍ଧା ସହରର ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ବରୁଣେଇ ଶିଳ୍ପାଞ୍ଚଳ ଏବେ ବ୍ରାଉନସୁଗାରର ହବ୍ ପାଲଟିଛି। ନିୟମିତ ବ୍ୟବଧାନରେ ଏଠାରୁ ପୁଳା ପୁଳା ବ୍ରାଉନସୁଗାର ଜବତ କରାଯାଉଛି।

### ନିଶା ବଳୟରେ ଯୁବପିଢ଼ି

ସହରର ଏକାଧିକ ଯୁବକ ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। ନିଶା ସେବନକାରୀଙ୍କ ସଂଖ୍ୟା ବଢ଼ିବା ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଏଥିରେ ପାଦ ଥାପିଥିବା ଯୁବକମାନେ ଏଥିରୁ ବାହାରିବା ପରିବର୍ତ୍ତେ ଏହାକୁ ପେସାଭାବେ ଗ୍ରହଣ କରିନେଇଛନ୍ତି।

### ବଢୁଛି ମହିଳାଙ୍କ ସମ୍ପୃକ୍ତି

କେତେକ ଅଞ୍ଚଳରେ ସପରିବାର ଏହି କାରବାରରେ ଲିପ୍ତ ରହୁଥିବା ଜଣାପଡିଛି। କିଛିଦିନ ପୂର୍ବେ ଖୋର୍ଦ୍ଧା ଟାଉନ ପୋଲିସ ଗୋଟିଏ ପରିବାର ସ୍ୱାମୀ, ସ୍ତ୍ରୀ, ପୁଅଙ୍କୁ ଗିରଫ କରିଛି। ବିଶେଷକରି ନିଶା କାରବାରରେ ମହିଳାଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି; ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି।

### ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ

ଚଢ଼ାଉ ବେଳେ ବେପାରୀ ଧରାପଡୁଥିବା ବେଳେ ଏହାର ମାଷ୍ଟରମାଇଣ୍ଡ ଖସିଯାଉଛନ୍ତି। ଯେତିକି ପରିମାଣର ବ୍ରାଉନସୁଗାର ଜବତ କରାଯାଉଛି ତାହା ଦେଖାଯାଉନାହିଁ, ଜାଣିଶୁଣି କମ୍ ପରିମାଣର ଦେଖାଯାଉଥିବା ଚର୍ଚ୍ଚା ହେଉଛି। କେତେକ ସ୍ଥାନରେ ପୋଲିସର ଚଢ଼ାଉ ପୂର୍ବରୁ ଖବର ପହଞ୍ଚି ଯାଉଛି, ଫଳରେ ମାଫିଆ ଖସିଯାଉଛନ୍ତି। ତେବେ ଏହି କାରବାରର ମାଷ୍ଟରମାଇଣ୍ଡ ନିକଟରେ ପୋଲିସ ନ ପହଞ୍ଚିବା ପର୍ଯ୍ୟନ୍ତ ଖୋର୍ଦ୍ଧା ସହର ନିଶା କବଳରୁ ମୁକ୍ତ ହୋଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପ୍ରଭାବ ପରିବର୍ତ୍ତେ ଦ୍ୱିଗୁଣ ବଢ଼ିଛି

ନିଶା ଯୋଗୁ ଯୁବସମାଜ ବିପଥଗାମୀ ହେଉଥିବା ବେଳେ ମାଫିଆ ଓ ବେପାରୀମାନେ ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ଗତ ବର୍ଷ ଖୋର୍ଦ୍ଧା ପୋଲିସ ସାମନ୍ତରାପୁରର ଜଣେ ନିଶା ବେପାରୀଙ୍କ ୧.୫କୋଟିର ବେଆଇନ ଭାବେ ଗଚ୍ଛିତ କରିଥିବା ସମ୍ପତ୍ତିକୁ ସିଲ୍ କରିଥିଲେ। ତେବେ ଏନେଇ ମାଫିଆଙ୍କ ମହଲରେ ଛନକା ପଶିଥିଲା। ପୋଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପରଠାରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲୋକଙ୍କ ଆଶା ରହିଥିଲା ଏଣିକି ମାଫିଆମାନେ ସାବାଡ ହେବେ। ସହରରେ ବ୍ରାଉନସୁଗାର କାରବାର ରୋକାଲାଗିବ। ତେବେ ଏଥିରେ କୌଣସି ପ୍ରଭାବ ପଡ଼ି ନ ଥିବା ବେଳେ ଏହା ଦ୍ୱିଗୁଣ ବଢ଼ିଛି।

### ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି

ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କୁହନ୍ତି, ନିଶା ସମାଜ ପାଇଁ କଳୁଷିତ ବାତାବରଣ ସୃଷ୍ଟି କରୁଛି। ଜିଲାକୁ ନିଶାକବଳରୁ ମୁକ୍ତ ଲାଗି ଅପରେଶନ ହ୍ୱାଇଟ ସ୍ୱାଇଡର ଚାଲିଛି। ଏନେଇ ସମସ୍ତ ଥାନା ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ନିଶା କାରବାର ଦ୍ୱାରା ବେଆଇନ ଭାବେ ଗଚ୍ଛିତ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଉଛି। ଚଳିତବର୍ଷ ୩ଜଣ ନିଶା ବେପାରୀଙ୍କ ଘର ଭଙ୍ଗାଯାଇଛି। ଯୁବପିଢ଼ିଙ୍କ ଏଥିରେ ସମ୍ପୃକ୍ତି ଏକ ଚିନ୍ତାଜନକ ବିଷୟ। ଏଥିଲାଗି ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୯ ହଜାର ମାମଲା ଫଇସଲା

ମେ' ୧୩ରେ ହେବ ପରବର୍ତ୍ତୀ ଲୋକ ଅଦାଲତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ପକ୍ଷରୁ ଶନିବାର ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା ବିଚାର ବିଭାଗୀୟ ଅଦାଲତ ପରିସରରେ ୮୩,୧୭୨ ଜମିଜମା,ଫୌଜଦାରି, ରାଜସ୍ୱ ମାମଲା ଆଗତ କରାଯାଇ ୫୯,୧୯୬ ମାମଲାର ଫଇସଲା କରାଯାଇଛି। ଏ ବାବଦରେ ମୋଟ ୬୯,୪୬,୩୭,୫୬୮ ଟଙ୍କା ଜରିମାନା ଏବଂ ବନ୍ଦୋବସ୍ତ (ସେଟଲମେଣ୍ଟ) କରାଯାଇଛି। ଏହି ଲୋକ ଅଦାଲତ ଭାରପ୍ରାପ୍ତ ଜିଲା ଜଜ୍ ତଥା ଅଧ୍ୟକ୍ଷା, ଜିଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ସସ୍ମିତା ପରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ଏହି ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଇନଜୀବୀ, ବ୍ୟାଙ୍କ, ଟେଲିକମ୍, ବିଚାର ବିଭାଗୀୟ ଅଦାଲତ କର୍ମଚାରୀ, ପୋଲିସ, କୋର୍ଟ ମ୍ୟାନେଜରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପରବର୍ତ୍ତୀ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମେ' ୧୩ରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆୟୋଜିତ ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ସମ୍ବଲପୁରୀ, ଢେମସା ନୃତ୍ୟ ଦର୍ଶକଙ୍କ ମନମୋହିଲା

ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ୍.ଏ.)

**ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ଚିଲିକା ଷ୍ଟାଡିୟମ ପରିସରରେ ଆୟୋଜିତ ନୀଳାମ୍ବୁ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥିଭାବେ ସାମାଜିକକର୍ମୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ନାରୀନେତ୍ରୀ ଉପାସନା ମହାପାତ୍ର, ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ, ଝୁଟୁଝୁବର ହାସ୍ୟ ଅଭିନେତା ପୂର୍ଣ୍ଣଚନ୍ଦ୍ର ହିଷ୍ଟିଆ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ମହୋତ୍ସବ କମିଟିର ଉପଦେଷ୍ଟା ସଞ୍ଜୟ କୁମାର ପଟ୍ଟନାୟକ, ସାମ୍ବାଦିକ ସଂଘର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଓ ସଂଘର ପ୍ରବକ୍ତା ସରୋଜ ପାଇକରାୟ ମଞ୍ଚରେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ମଞ୍ଚରେ ଉପସ୍ଥିତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଣାପାଣୀ ଶିଶୁମନ୍ଦିର ଜେମାଦେଇପୁର କୁନି କୁନି କଳାକାରଙ୍କ ଦ୍ୱାରା ପାଇକ ଆଖଡା ପରିବେଷଣ, ବିକାସଭାରତୀ କଳାକେନ୍ଦ୍ର ଭୁବନେଶ୍ୱର କଳାକାର ସମ୍ବଲପୁରୀ ନୃତ୍ୟ, ନକ୍ଷେତ୍ର ଗୁରୁକୁଳ ଭୁବନେଶ୍ୱର କଳାକାରଙ୍କ ଦ୍ୱାରା ଗୋଟିପୁଅ, ସୁନ୍ଦରଗଡ କଳାକାରଙ୍କ ଦ୍ୱାରା ନାଗବଂଶୀ ମୁଣ୍ଡାନାଚ, ଏଜି ମିଶନ ଶିକ୍ଷାନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ରାୟଗଡା କଳାକାରଙ୍କ ଦ୍ୱାରା ଢେମସା ନୃତ୍ୟ, ରାୟଗଡା କଳାକାରଙ୍କ ଦ୍ୱାରା ପଞ୍ଚରଶୀ ରସରକେଲି ମାଇଲା ଜଡ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହାକି ଦର୍ଶକଙ୍କ ମନ ଜିଣିଥିଲା।

## 'ନୈସର୍ଗିକ ଚିନ୍ତା ଓ ଚେତନାର କବି ଥିଲେ ମାୟାଧର ମାନସିଂହ'

କୃଷ୍ଣପ୍ରସାଦ,୧୧।୨(ଡି.ଏନ୍.ଏ.)

ନୈସର୍ଗିକ ଚିନ୍ତା ଓ ଚେତନାର କବି ଡ. ମାୟାଧର ମାନସିଂହ ଥିଲେ ବୋଲି କହିଛନ୍ତି ତାଙ୍କ ଜ୍ୟେଷ୍ଠପୁତ୍ର ତଥା ପୂର୍ବତନ ରାଷ୍ଟ୍ରଦୂତ ଲଲାଟେନ୍ଦୁ ମାନସିଂହ। ମାନସିଂହ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ସପ୍ତବିଂଶ କବିତା ଆସର ଗୁଗୁଲ୍ ମିଟ୍‌ରେ ଅତିଥିଭାବେ ଯୋଗଦେଇ ନିଜ ବାପା ଓ ଜନ୍ମମାଟିକୁ ମନେପକାଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଚନ୍ଦ୍ରା ମିଶ୍ର ଯୋଗଦେଇ ମାନସିଂହଙ୍କ ସହ ଥିବା ଅନୁଭୂତିକୁ ବାଣ୍ଟିବା ସହ ନଳିନୀ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ବିଷ୍ଣୁ ପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାକୁ ଅନୁଷ୍ଠାନର ସମ୍ପାଦକ ଲଳିତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ପ୍ରେମାନନ୍ଦ ବେହେରା ସଭାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ଲକ୍ଷ୍ମୀନାରାୟଣ ଦାଶ, ଡ. ଅଶୋକ କୁମାର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଶିବାନୀ ଜେନାଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

## 'ଛାତ୍ରୀଛାତ୍ର ରାଷ୍ଟ୍ର ଗଠନର ମହାନାୟକ'



ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର 'ପ୍ରତିଭା' ଉନ୍ମୋଚନ କରୁଛନ୍ତି।

ଜଟଣୀ,୧୧।୨(ଡି.ଏନ୍.ଏ.)

**ଜଟଣୀ ମହାବିଦ୍ୟାଳୟର ୪୭ ତମ ସାମ୍ବତ୍ସରିକ ଉତ୍ସବ**

ଜଟଣୀ ମହାବିଦ୍ୟାଳୟର ୪୭ତମ ସାମ୍ବତ୍ସରିକ ଉତ୍ସବ ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ଡ.ବଂଶୀଧର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ତହସିଲଦାର ରୁମାନା ଜାଫ୍ରି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତପନ ମହାପାତ୍ର ଯୋଗଦେଇଥିବା ବେଳେ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ରାଜୀବ କୁମାର କର ଯୋଗଦେଇଥିଲେ। ଛାତ୍ରୀଛାତ୍ର ରାଷ୍ଟ୍ରର ମହାନାୟକ ଓ ଶିକ୍ଷାଦାନ ହେଉଛି ସମାଜର ସବୁଠାରୁ ମହତ୍ କର୍ମ ବୋଲି ମୁଖ୍ୟ ବକ୍ତା କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ମୁଖପତ୍ର 'ପ୍ରତିଭା' ଉନ୍ମୋଚନ କରାଯାଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜୀବ କର, ରବୀନ୍ଦ୍ରନାଥ ଦାସ, ଅଞ୍ଜଳି ପୃଷ୍ଟି, ଉମାକାନ୍ତ ଦାସ, ରମେଶ ଚନ୍ଦ୍ର ବଡ଼ଜେନା, ଅମୂଲ୍ୟ ବେହେରା ଓ ପ୍ରକାଶ ଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ପୁସ୍ତକ ସମ୍ପାଦନା ପାଇଁ ଡ. କମଳ କୁମାର ପାଣି ଏବଂ ଡ. ପ୍ରୀତିସୀମା ସ୍ୱାଇଁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ସନ୍ତୋଷ କୁମାର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଲିଙ୍ଗରାଜ ପାତ୍ର, ଅଜିତ କୁମାର ସୁନ୍ଦରାୟ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପରିମିତା ପ୍ରହରାଜ, କାର୍ତ୍ତିକଚନ୍ଦ୍ର ଦାସ, ତପନ କୁମାର ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ କମଳ କୁମାର ପାଣି ଧନ୍ୟବାଦ ଦେଇଥିଲେ।

# ସୁଆଙ୍ଗ, ବାଲିଆପଡ଼ା ବିଜୟୀ

ଖୋର୍ଦ୍ଧା ଅଫିସ,୧୧।୨

**ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପଡ଼ିଆରେ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ସୁଆଙ୍ଗ ଓ ଅରିଶଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୩ ଉଇକେଟ ବିନିମୟରେ ୨୧୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମୀର ବଡ଼ଜେନା ୨୬ ବଲ୍‌ରୁ ୮୧ ଓ ସୌମିତ୍ର ସେଠୀ ୨୪ ବଲ୍‌ରୁ ୬୦ ରନ୍ କରିଥିଲେ। ଜବାବରେ ଅରିଶଳ ଟିମ୍ ୧୬ ଓଭରରେ ୭ ଉଇକେଟ ହରାଇ ୧୮୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ସାହୁ ୩୫ ବଲରୁ ୭୬ ରନ୍ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଖୋର୍ଦ୍ଧାର ଭାଲିଆବାଡ଼ି ଓ ଭୁବନେଶ୍ୱର ବାଲିଆପଡ଼ା ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୨୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ମହାପାତ୍ର ୨୩ ବଲରୁ ୭୪, ଶିବା ସାମନ୍ତରାୟ ୩୬ ବଲରୁ ୫୫ ରନ୍ କରିଥିଲେ। ଜବାବରେ ବାଲିଆପଡ଼ା ଟିମ୍ ୧୯ ଓଭରରେ ୨୨୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗିରିଶ୍ ପ୍ରଧାନ ୪୭ ରନ୍ କରିଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅତିଥିଭାବେ କ୍ରିକେଟିୟର ବ୍ରିଜେଶ ପ୍ରଧାନ ଯୋଗଦେଇ ସୁଆଙ୍ଗ ଟିମ୍‌ର ସମୀର ବଡ଼ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ସାମାଜିକ କର୍ମୀ ବିରଞ୍ଚି ମହାପାତ୍ର ଯୋଗଦେଇ ବାଲିଆପଡ଼ା ଦଳର ଦୀପକ ହରିଚନ୍ଦନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁଜିତ୍ ପରିଡ଼ା, ପ୍ରଶାନ୍ତ ପଟ୍ଟଯୋଶୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସ୍କୋରରେ ସହାୟତା କରିଥିଲେ।



ବିଧାୟକ ରାଜେନ୍ଦ୍ର କୁମାର ସାହୁ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

# ବିଦ୍ୟାର୍ଥୀଙ୍କ ବିକାଶରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୋଲଗଡ,୧୧।୨(ଡି.ଏନ୍.ଏ.)

ବୋଲଗଡ ବ୍ଲକ ପିଟୁକୁଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ 'ପୁଲକ' ଶନିବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷାର୍ଥୀଙ୍କ ସମେତ ଅଭିଭାବକମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରଥମେ ସାଧାରଣ ସଭା ଏବଂ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥଲା। ଉତ୍ସବର ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ, ଅତିଥି ପାରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଡିଆଇଇଟି ଅଧ୍ୟକ୍ଷ ତାପସ କୁମାର ନାୟକ ଯୋଗଦେଇ ଆଦର୍ଶ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ସମେତ ଅଭିଭାବକମାନେ ଆଦର୍ଶ ଅଭିମୁଖୀ ଚିନ୍ତାଧାରାକୁ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ବେଗୁନିଆ ଆଦର୍ଶ ବିଧାଳୟର ଅଧ୍ୟକ୍ଷ ଭକ୍ତିରଞ୍ଜନ ବେହେରା, ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କରଚନ୍ଦ୍ର ଲେଙ୍କା, ପୂର୍ବତନ ବିଦ୍ୟାଳୟ ନିରୀକ୍ଷକ ଗଙ୍ଗାଧର ଜେନା, ଅଭିଭାବକ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାର୍ଥୀଙ୍କ ବିକାଶରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ସଭାରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ପାଇଁ ସପ୍ତମ ଶ୍ରେଣୀର ଛାତ୍ରୀ ସୁଲଗ୍ନା ମହାପାତ୍ରଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ଏବଂ ବାର୍ଷିକ କ୍ରୀଡାରେ ଶ୍ରେଷ୍ଠ ପ୍ରତିଯୋଗୀଭାବେ ସୌମ୍ୟରଞ୍ଜନ ବିଶ୍ୱାଳ, ରାଜଶ୍ରୀ ହରିଚନ୍ଦନ, ଗାୟତ୍ରୀ ପଶ୍ଚିମକବାଟ ଓ ସୁଦେଷ୍ଣା ସାହୁଙ୍କ ସମେତ ୮୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଓ ଇପସିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁପ୍ରିୟା ପ୍ରଧାନ, ଅମିତ ନାୟକ, ଡ.ନୀଳାଦ୍ରି କଲ୍ୟାଣ ଦାସ, ଗୁରୁପ୍ରସାଦ ନାଥ ଶର୍ମା ପ୍ରମୁଖ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଡ. କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରୀଛାତ୍ର।

**ସଂକ୍ଷେପରେ**

## ବସ୍ ଧକ୍କାରେ ପୂଜକ ମୃତ

**କଟକ ଅଫିସ,୧୧।୨:** ଚାଉଳିଆଗଞ୍ଜ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ କୁଞ୍ଜବିହାରୀ ପାଣି ନାମକ ଜଣେ ପୂଜକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କେନ୍ଦ୍ରାପଡା ଅଞ୍ଚଳରେ ହୋଇଥିବାବେଳେ ସେ ସେ କଟକ ଚାଉଳିଆଗଞ୍ଜ ରାଧାକୃଷ୍ଣ ମନ୍ଦିରର ପୂଜକ ଭାବେ କାର୍ଯ୍ୟ କରୁଥିଲେ। ସକାଳେ ସେ ସାଇକେଲରେ ନୂଆବଜାରପଟୁ ଆସୁଥିବାବେଳେ ଜଗତ୍‌ସିଂହପୁରକୁ ଯାଉଥିବା ଏକ ଯାତ୍ରୀବାହୀ ବସ୍(ନଂ. ଓଆର୍୨୯-୦୦୩୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ସାଇକେଲ୍‌ରୁ ଛିଟିକି ପଡ଼ିଯାଇଥିଲେ। ବସ୍‌ର ପଛ ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଛି। ଏଥିସହ ସମ୍ପୃକ୍ତ ବସ୍‌କୁ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

## ଭାଜପା ପକ୍ଷରୁ ସମର୍ପଣ ଦିବସ ପାଳିତ

**ଚୌଦ୍ୱାର,୧୧।୨(ଡି.ଏନ୍.ଏ.):** ରାଷ୍ଟ୍ରବାଦୀ ତଥା ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଦସ୍ୟ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବେ ଭାଜପାର ଚୌଦ୍ୱାର ମଣ୍ଡଳ ଶନିବାର ପାଳନ କରିଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ନିଗମ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ପଣ୍ଡିତ ଉପାଧ୍ୟାୟ ଭାଜପା ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି କହିଥିଲେ। ସନ୍ତୋଷ କୁମାର ସାହୁ, ସଞ୍ଜୀତ୍ ମହାନ୍ତି, ତନ୍ମୟ କୁମାର ସାହୁ, ମମତା ବେହେରା, ଅନ୍ନପୂର୍ଣ୍ଣା ପଣ୍ଡା, ଭାବଗ୍ରାହୀ ପଟ୍ଟନାୟକ, କୃତିରାଣୀ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଜୟନ୍ତୀ ଜେନା ପ୍ରମୁଖ ସ୍ତୁତିଚାରଣ କରିଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଣପୁର ହାଇସ୍କୁଲ ପରିଚାଳନା ଉନ୍ନୟନ କମିଟି ଗଠିତ

**ଫୁଲନଖରା, ୧୧।୨(ଡି.ଏନ.ଏ.):** କଟକ ମହାନଗର ନିଗମ(ସିଏମ୍‌ସି) ୫୮ ନମ୍ବର ୱାର୍ଡସ୍ଥିତ ଭାଣପୁର ହାଇସ୍କୁଲ ପରିଚାଳନା ଉନ୍ନୟନ କମିଟି ଶନିବାର ଗଠନ ହୋଇଛି। ଏହି ଅବସରରେ ସ୍କୁଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଶରତ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ନାୟକ, ଭାଣପୁର ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ଜେନା, ସମ୍ପାଦକ ଦିଲୀପ ନାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ଗ୍ରାମବାସୀଙ୍କୁ ନେଇ ସ୍କୁଲ ପରିଚାଳନା ଉନ୍ନୟନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ କମିଟିର ସଭାପତି ଭାବେ ପ୍ରମୋଦ କୁମାର ଓଝା, ସଭ୍ୟ ଭାବେ ପରମାନନ୍ଦ ଭଞ୍ଜ, ବିକାଶ ମହାରଣା, ପ୍ରତିମା ଜେନା, ମହେଶ୍ୱର ଭଞ୍ଜ ଓ କାର୍ତ୍ତିକ ଖଟୁଆଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ସ୍କୁଲର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସଭାପତି ଓଝା କହିଥିଲେ।

# 'ସାମାଜିକ ଗଣମାଧ୍ୟମରେ କ୍ଷୟ ହେଉଛି ସତ୍ୟ'

**କଟକ ଅଫିସ,୧୧।୨**



ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

**ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

**■ମାମଲା ଫଇସଲାରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଶ୍ରେଷ୍ଠ**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶ କ୍ରମେ ହାଇକୋର୍ଟ ମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି।

ଜିଲା ଜଜ୍ ସମ୍ମିଳନୀ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକୋଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ୨.୮୬କୋଟି କ୍ଷତିପୂରଣ ଆଦାୟ

**କଟକ ଅଫିସ, ୧୧।୨**

**ରାଷ୍ଟ୍ରୀୟ ଲୋକ ଅଦାଲତ**

ଓଡ଼ିଶା ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି (ଏଚ୍‌ସିଏଲ୍‌ଏସ୍‌ସି) ତତ୍ତ୍ୱାବଧାନରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେନା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ଏସ୍. ମୁରଲୀଧର, ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ଯଶୱନ୍ତ ସିଂ, ଏଚ୍‌ସିଏଲ୍‌ଏସ୍‌ସି ଅଧ୍ୟକ୍ଷ ବିଚାରପତି ସୁବାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଉକ୍ତ ଲୋକ ଅଦାଲତ ହୋଇଥିଲା। ଏଥିରେ ବୀମା ବିବାଦ, ଫୌଜଦାରି, ଭୂମି ଅଧିଗ୍ରହଣ, ବିଦ୍ୟୁତ୍, ଚାକିରି, ବ୍ୟାଙ୍କ ସମ୍ବନ୍ଧୀୟ ଆଦି ୫୪ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୨ କୋଟି ୮୬ ଲକ୍ଷ ୫ ହଜାର ୯୮୬ ଟଙ୍କା କ୍ଷତିପୂରଣ ବାବଦକୁ ଆଦାୟ କରାଯାଇଥିଲା। ଲୋକ ଅଦାଲତର ବିଭିନ୍ନ ବେଞ୍ଚରେ ହାଇକୋର୍ଟ ବିଚାରପତି ଏସ୍.କେ. ସାହୁ, ଏସ୍. ରଥ, ଏମ୍.ଏସ୍. ସାହୁ, ଏ. କେ. ମହାପାତ୍ର, ଭି. ନରସିଂହ, ବି.ପି. ଶତ୍‌ପଥୀ ଏବଂ ବିଚାରପତି ଏସ୍.କେ. ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ଅନ୍ୟ ପ୍ରାଇଭେଟ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଂଶଗ୍ରହଣ କରିଥିଲେ।

# ୫୦ ମାମଲା ଫଇସଲା

**କଟକ ଅଫିସ, ୧୧।୨**

**ଏସ୍‌ସିଡିଆର୍‌ସିରେ ରାଷ୍ଟ୍ରୀୟ ଲୋକ ଅଦାଲତ**

ସିଡିଏସ୍ଥିତ ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ (ଏସ୍‌ସିଡିଆର୍‌ସି)ଠାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୬ଟି ବିଦ୍ୟୁତ୍, ବ୍ୟାଙ୍କ, ଆର୍ଥିକ, ବୀମା ଆଦି ଅନ୍ୟାନ୍ୟ ମାମଲା ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୦ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୯ ଲକ୍ଷ ୭୪ ହଜାର ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିଲା। ସେହିପରି ରାଜ୍ୟର ୩୦ଟି ଜିଲାରେ ମଧ୍ୟ ଜିଲା ସିଡିଆର୍‌ସି ପକ୍ଷରୁ ଉକ୍ତ ଲୋକ ଅଦାଲତ କରାଯାଇଥିଲା। ଏଥିରେ ମୋଟ ୩୭୮ ମାମଲା ପଇସଲା ପାଇଁ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୦ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧୧ ଲକ୍ଷ ୩୩ ହଜାର ୨୭ ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିବା ଏସ୍‌ସିଡିଆର୍‌ସି ସଚିବ ଶାନ୍ତନୁ କୁମାର ଦାସ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ମେଟ୍ରୋ କମ୍ପ୍ୟୁଟରର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍



**କଟକ ଅଫିସ,୧୧।୨**

ଅଗ୍ରଣୀ ଟେକ୍ ସେବା ପ୍ରଦାନକାରୀ ସଂସ୍ଥା ମେଟ୍ରୋ କମ୍ପ୍ୟୁଟରର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍ ପୁରୀଘାଟ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ମେଟ୍ରୋ କମ୍ପ୍ୟୁଟର ସ୍ଥାନୀୟ ଅଞ୍ଚଳରେ ଆଇଟି ସେବା ପ୍ରଦାନକାରୀଙ୍କ ଦ୍ୱାରା ସର୍ବପ୍ରଥମ ନୂତନ ଷ୍ଟୋର, ଯାହା ଡିଜିଟାଲ୍ ଟ୍ରାନ୍ସଫର୍ମେଶନର ସମ୍ପ୍ରସାରଣ ଜରିଆରେ ଗ୍ରାହକଙ୍କ ନିକଟତର ହୋଇପାରିବ। ଏହା ଅନ୍ୟ ପାରମ୍ପରିକ ଟେକ୍ ସେବା ପ୍ରଦାନକାରୀ ସଂସ୍ଥା ତୁଳନାରେ ଲାଟେଷ୍ଟ ଇଲେକ୍ଟ୍ରୋନିକ୍ସ ପ୍ରଦାନ କରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏଠାରେ ଏଚ୍‌ପି, ଡେଲ୍ ଓ ଲିନୋଭୋ ଭଳି ପ୍ରମୁଖ ଆଇଟି କମ୍ପାନୀଗୁଡିକର ନୂତନ ଟେକ୍ନୋଲୋଜିର ଉତ୍ପାଦ ଉପଲବ୍ଧ। ମେଟ୍ରୋ କମ୍ପ୍ୟୁଟର ପ୍ରଥମ ଥର ପାଇଁ ଟେକ୍ ଉତ୍ସାହୀଙ୍କୁ ଲାଟେଷ୍ଟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯୋଗାଇ ଦେଉଛି। ଯେପରି କି ଲାପ୍‌ଟପ୍, କମ୍ପ୍ୟୁଟର, ଡ୍ରୋନ୍, ହେଡ୍‌ଫୋନ୍, ସ୍ପିକର, କେସ୍ ଏବଂ କଭର ଇତ୍ୟାଦି। ଏତଦ୍‌ବ୍ୟତୀତ ମେଟ୍ରୋ କମ୍ପ୍ୟୁଟର ଷ୍ଟୋରରେ ଅଭିନବ ଘର ସୁରକ୍ଷା ସମାଧାନ ପାଇଁ ଏକ ବିଭାଗ ଅଛି, ଯେଉଁଠି ସ୍ମାର୍ଟ କ୍ୟାମେରା, ମୋସନ୍ ସେନ୍ସର, ସ୍ମାର୍ଟ ସ୍ମୋକ୍ ଡିଟେକ୍ଟର ଆଦି ଉପଲବ୍ଧ। ଗ୍ରାହକଙ୍କ ଆବଶ୍ୟକତା ଏବଂ ଆକାଂକ୍ଷାକୁ ପୂରଣ କରିବା ପାଇଁ ନୂତନ ଷ୍ଟୋର ଏହାର ପ୍ରୟାସକୁ ସୁନିଶ୍ଚିତ କରିବା ସହ ସର୍ବୋତ୍ତମ ସେବା ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଦାନ କରିବାକୁ ଷ୍ଟୋର ପକ୍ଷରୁ କୁହାଯାଇଛି।

## 'ରାଷ୍ଟ୍ର ବିକାଶରେ ସ୍ୱେଚ୍ଛାସେବୀ ବ୍ରତୀ ହୁଅନ୍ତୁ'

**କଟକ ଅଫିସ, ୧୧।୨**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ସପ୍ତଦିବସୀୟ ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବା ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ। ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଇନ୍ଦୁରେଖା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ବିକାଶ ଦିଗରେ ବ୍ରତୀ ହେବା ପାଇଁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ସଭା ପରିଚାଳନା କରିଥିଲେ। ଏହାପରେ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପିକା ଶିବାନୀ ଦାସ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ


ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳି।

**ଫୁଲନଖରା, ୧୧।୨(ଡି.ଏନ୍.ଏ.)**

କଟକ ମହାନଗର ନିଗମ(ବିଏମ୍‌ସି) ୪ ନମ୍ବର ୱାର୍ଡ ନହରକଣ୍ଟାସ୍ଥିତ ଜୟଦେବ କଲେଜ ଖେଳ ପଡିଆରେ ମେସର୍ସ ଉତ୍କଳ ଅଟୋ ମୋବାଇଲ୍ସର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଅଟୋ ମୋବାଇଲ୍ସର ନିର୍ଦ୍ଦେଶକ ସୌନକ ପାରିଖ ଓ ଆଞ୍ଚଳିକ ବ୍ୟବସାୟିକ ପରିଚାଳକ ବିଜୟ ଗୁପ୍ତା ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅନୁଷ୍ଠାନର ୩୫୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମହିନ୍ଦ୍ରା, ହୁଣ୍ଡାଇ ଓ ହୋଣ୍ଡା କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଡିଜିଏମ୍‌ଏଚ୍‌ଆର୍ ପ୍ରତାପ କୁମାର ଧଳସାମନ୍ତ, ପରିଚାଳକ ସତ୍ୟନାରାୟଣ ରାୟଙ୍କ ସମେତ ସହକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ଅଟୋ ମୋବାଇଲ୍ସର ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

# ନିଜକୁ ବଦଳାଇଲେ ମୁକ୍ତିର ମାର୍ଗ ପ୍ରଶସ୍ତ ହେବ

**କଟକ ଅଫିସ,୧୧।୨**

**ଥିଓସୋଫିକାଲ ସୋସାଇଟିରେ ଜାତୀୟସ୍ତରୀୟ ସମ୍ମିଳନୀ**

କଟକ କାଳିଗଳିସ୍ଥିତ ଥିଓସୋଫିକାଲ ସୋସାଇଟି ପରିସରରେ ଦୁଇଦିନିଆ ଜାତୀୟସ୍ତରୀୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଥିଓସୋଫିକାଲ ସୋସାଇଟିର ଜାତୀୟ ପ୍ରବକ୍ତା ଭାସ୍କର ତେନ୍ଦୁଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଦୈନନ୍ଦିନ ଜୀବନରେ ନିଜକୁ ବଦଳାଇ ପାରିଲେ ମୁକ୍ତିର ମାର୍ଗ ପ୍ରଶସ୍ତ ହୋଇପାରିବ। ଉତ୍କଳ ଥିଓସୋଫିକାଲ ଫେଡେରେଶନ ସଭାପତି ଡ. ଚିତ୍ତରଞ୍ଜନ ଶତପଥୀ, ସମ୍ପାଦକ ପୌର୍ଣ୍ଣମାସୀ ପଟ୍ଟନାୟକ, ଜୟକୃଷ୍ଣ ସାହୁ, ପ୍ରଦୀପ ମହାପାତ୍ର, ଚିନ୍ମୟୀ ମହାପାତ୍ର, ସୁଧାଂଶୁ ଶେଖର ପତି ଓ ଆଶୁତୋଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଆସାମ, କର୍ନାଟକ ଓ ମହାରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ।



କାଳିଗଳିସ୍ଥିତ ଥିଓସୋଫିକାଲ ସୋସାଇଟି ପରିସରରେ ଅନୁଷ୍ଠିତ ଜାତୀୟସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ | ମିଡିଆ ଏକାଦଶ ବିଜୟୀ

**କଟକ ଅଫିସ,୧୧।୨**

କଟକ କମିଶନରେଟ୍ ପୋଲିସ୍ ଏକାଦଶ ଏବଂ କଟକ ମିଡିଆ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଥିଲା। ଫ୍ଲଡ୍ ଲାଇଟ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପୋଲିସ ଏକାଦଶକୁ ହରାଇ କଟକ ମିଡ଼ିଆ ଏକାଦଶ ୯ ରନ୍‌ରେ ବିଜୟୀ ହୋଇଛି। ମିଡ଼ିଆ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୮୩ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଭୁକଲ୍ୟାଣ ପାଲ୍ ସର୍ବାଧିକ ୨୦ ରନ୍, ଦେବାଶିଷ ମହାନ୍ତି ୧୭ ରନ୍ କରିଥିଲେ। ପୋଲିସ୍ ଟିମ୍ ତରଫରୁ ଫିରୋଜ୍ ରାଉତଙ୍କୁ ସର୍ବାଧିକ ୪ ଉଇକେଟ୍ ମିଳିଥିଲା। ବିଜୟ ଲକ୍ଷ୍ୟକୁ ପିଛା କରି କଟକ କମିଶନରେଟ୍ ପୋଲିସ୍ ଏକାଦଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର କାହ୍ନୁ ଚରଣ ଦଳେଇ ସର୍ବାଧିକ ୨୭ ରନ୍ କରିଥିଲେ। ଜୟନ୍ତ ଦାସ ଓ ଶକ୍ତି ବେହେରା ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। କାହ୍ନୁଚରଣଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ମିଡିଆ ଏକାଦଶର ଦେବାଶିଷ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପୋଲିସ୍ ଟିମ୍‌ର ଫିରୋଜ ରାଉତ ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣି ଉତ୍ସବରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର ଯୋଗଦେଇ କୃତୀ ଟିମ୍‌କୁ ପୁରସ୍କୃତ କରିଥିଲେ।


ମ୍ୟାଚ୍‌ରେ ବିଜୟୀ ହୋଇଥିବା କଟକ ମିଡିଆ ଏକାଦଶ ଟିମ୍‌ର ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୨।୨୦୨୩

| | |
|---|---|
| ୪,୫୦,୭୪୯ ଟଙ୍କା | |
| ସୁନା | ୨୨୦ ମିଲିଗ୍ରାମ୍ |
| ରୁପା | ୭୯.୪୫୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଫାଟ, ବଢୁଛି ଅସନ୍ତୋଷ

- ସିଂହଦ୍ୱାର ଗୁମୁଟ, ପାର୍ଶ୍ୱ ଦେବୀଦେବଙ୍କ ମୂର୍ତ୍ତିରେ ଫାଟ
- ଏଏସ୍ଆଇ, ଶ୍ରୀମନ୍ଦିର ପ୍ରଶାସନର ଅବହେଳା ନେଇ ଅସନ୍ତୋଷ

ପୁରୀ ଅଫିସ,୧୧।୨

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟର ବାମ ପାର୍ଶ୍ୱରେ ଏକ ଫାଟ ଦେଖିବାକୁ ମିଳିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କେବଳ ଶ୍ରୀମନ୍ଦିର ଗୁମୁଟ ନୁହେଁ ଗୁମୁଟ ନିକଟରେ ଥିବ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ମଧ ଭାଙ୍ଗି ସେଥିରେ ଫାଟ ସୃଷ୍ଟି ହୋଇଛି। ମୂର୍ତ୍ତିଗୁଡ଼ିକର ମୁହଁ, ଗୋଡ଼, ସିଂହ ମୂର୍ତ୍ତି ଭାଙ୍ଗି ରହିଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଏପରି ଘଟଣା ସାମ୍ନାକୁ ଆସୁଥିଲେ ମଧ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ଏଏସ୍ଆଇ ଶ୍ରୀମନ୍ଦିର ପ୍ରତି ଧ୍ୟାନ ଦେଉ ନ ଥିବା ଭଳି ଅଭିଯୋଗ ହେଉଛି। ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ପୂର୍ବରୁ ଶ୍ରୀମନ୍ଦିର ପରିସରରେ ଫାଟ ଥିବା କଥା ସାମ୍ନାକୁ ଆସିବା ପରେ ଏବେ ସିଂହଦ୍ୱାର ଗୁମୁଟ ସମେତ ଶ୍ରୀମନ୍ଦିର ବିଭିନ୍ନ ସ୍ଥାନରେ ଫାଟ ଥିବା ଦେଖିବାକୁ ମିଳିଛି। ତେବେ ଏହି ଫାଟ ଆକାର ଲମ୍ବ ୨ ଫୁଟ ହୋଇ ଥିବାବେଳେ ଚଉଡ଼ା ୫ଇଞ୍ଚ ହେବ ବାଲି ଅନୁମାନ କରାଯାଉଛି। ଫଳରେ ଶ୍ରୀମନ୍ଦିରରେ ରକ୍ଷଣାବେକ୍ଷଣା ଅଭାବ ଦେଖାଦେଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଶ୍ରୀମନ୍ଦିର ନାଟମଣ୍ଡପ, ରତ୍ନଭଣ୍ଡାର ଦୁର୍ବଳ ହୋଇ ପାଣି ଗଳୁଛି ବୋଲି ଅନେକଥର ଅଭିଯୋଗ ହୋଇ ଆସିଛି । ଦାବି ହେବା ପରେ ମଧ ଏଏସ୍ଆଇ ତରଫରୁ ମରାମତି କରାଯାଇ ନ ଥିଲା। ମାତ୍ର ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନାଟ ମଣ୍ଡପର ମରାମତି ଏଏସ୍ଆଇ ପକ୍ଷରୁ ଆରମ୍ଭ ହୋଇଥିଲା। ହେଲେ ମରାମତି ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି । ରତ୍ନ ଭଣ୍ଡାର ମରାମତିରେ ଏଏସ୍ଆଇର ଅବହେଳାକୁ ନେଇ ସେବାୟତ, ଭକ୍ତଙ୍କ ମଧ୍ୟରେ ସବୁବେଳେ ଅସନ୍ତୋଷ ଲାଗି ରହିଛି। ଶ୍ରୀମନ୍ଦିର ଭଳି ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଦିଗରେ ଏଏସ୍ଆଇ ଓ ଶ୍ରୀମନ୍ଦିର ପ୍ରଶାସନର ଅବହେଳାକୁ ନେଇ ସେବାୟତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟରେ ଏକାଧିକ ଫାଟ ଭବିଷ୍ୟତ ରେ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଫାଟ ମଧ୍ୟରେ ପାଣି ପଶି ବିପଦ ସୃଷ୍ଟିକୁ ଏଡ଼ାଇ ଦିଆଯାଇ ନ ପାରେ। ଅପରପକ୍ଷେ ଅନେକ କାରୁକାର୍ଯ୍ୟ ମୂର୍ତ୍ତି ମଧ ଅବକ୍ଷୟ ହେବାରେ ଲାଗିଛି, ତେଣୁ ଶ୍ରୀମନ୍ଦିର ପ୍ରତି ସରକାର ଧ୍ୟାନ ଦେବା ସହ ଫାଟ ଗୁଡ଼ିକର ମରାମତି ଏଏସ୍ଆଇ ଯଥାଶୀଘ୍ର କରୁ ବୋଲି ଦାବି ହୋଇଛି।

ଏନେଇ ସିଂହାରୀ ସେବାୟତ ଗଣେଶ ପୁଷ୍ପାଳକଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିରର ଅନେକ ସ୍ଥାନରେ ଫାଟ ଥିବାବେଳେ ଏଏସ୍ଆଇ ପକ୍ଷରୁ ଅଧାପନ୍ତରିଆ କାର୍ଯ୍ୟ କରାଯାଉଛି। ତେଣୁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଏପରି ଫାଟ ପାଇଁ ଏଏସ୍ଆଇ ଦାୟୀ। ସେହିଭଳି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କୁହନ୍ତି, ୧୯୭୫ ମସିହା ପରଠାରୁ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ଉପରେ ନ୍ୟସ୍ତ ରହିଛି। ନିୟମିତ ବ୍ୟବଧାନରେ ଏଏସ୍ଆଇ ଶ୍ରୀମନ୍ଦିରର ଅନୁଧ୍ୟାନ କରିବା କଥା। ମାତ୍ର ତାହା ହେଉ ନାହିଁ। ପୁରୀରେ ଏଏସ୍ଆଇର ଏକ କାର୍ଯ୍ୟାଳୟ ଖୋଲିଲା ତଥାପି ଏଏସ୍ଆଇ ତାର କାର୍ଯ୍ୟ ଠିକ୍ ଭାବରେ ନିର୍ବାହ କରୁନାହିଁ। ଫଳରେ ଏହିଭଳି ଘଟଣା ଦେଖିବାକୁ ମିଳୁଛି। ଶ୍ରୀମନ୍ଦିରରେ ଯାହାବି କାର୍ଯ୍ୟ ହୋଇଥାଏ ବିନା ଏଏସ୍ଆଇ ଅନୁମତିରେ ହୋଇ ନ ଥାଏ। ତେଣୁ ଶ୍ରୀମନ୍ଦିରର ତଦାରଖ କରିବା କଥା। ଅପରପକ୍ଷେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ ଅନେକ ବଡ଼ ବଡ଼ ନଳା ଖୋଳାଯାଉଛି। ଏଥିପାଇଁ ମାଟିକୁ ଖୋଳା ଯିବାରୁ ଚାରିପାଖ ଫମ୍ପା ହେଉଛି। ଯାହା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିବ । ତେଣୁ ଆଗାମୀ ଦିନରେ ଶ୍ରୀମନ୍ଦିରର ଯାହାବି ସମସ୍ୟା ଦେଖାଯିବ ସେଥିପାଇଁ ଏଏସ୍ଆଇ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ।



ସିଂହଦ୍ୱାର ଗୁମୁଟରେ ଫାଟ ସୃଷ୍ଟି ହୋଇଛି।

## ଦୃଢ଼ ଆତ୍ମବିଶ୍ୱାସ ହିଁ ଛାତ୍ରୀଛାତ୍ରଙ୍କ ବିକାଶରେ ସହାୟକ ହୁଏ

ନିମାପଡ଼ା,୧୧।୨(ଡି.ଏନ୍.ଏ.)

ଛାତ୍ର ଜୀବନରେ ଦୃଢ଼ ଆତ୍ମବିଶ୍ୱାସ ହିଁ ବିକାଶରେ ସହାୟକ ହୁଏ। ଆତ୍ମବିଶ୍ୱାସକୁ ବୃଦ୍ଧିକରି ଆମେ ନିଜକୁ ନିଜେ ଆଗାମୀ ଦିନରେ ସମାଜରେ ପ୍ରତିଷ୍ଠିତ ହୋଇପାରିବା, ଜିଜ୍ଞାସୁ ରହିଲେ ଆଗକୁ ଯାଇପାରିବା ଓ ସଫଳତା ମଧ ପାଇପାରିବା। ଖେଲାର, କଅଁରପୁର ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ମତ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଶ୍ରୀଜୟା ଦାଶ କହିଛନ୍ତି, ଆଜିର ଛାତ୍ରୀଛାତ୍ର, ଯୁବଗୋଷ୍ଠୀ କର୍ମଠ ହେଲେ ଦେଶ ଓ ରାଜ୍ୟ ସମୃଦ୍ଧ ହୋଇପାରିବ। ଅନ୍ୟ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବେଣୁଧର ସେଠୀ, ଉତ୍ତର ପୂର୍ବ ଆଞ୍ଚଳିକ, ଗୁଆହାଟୀ ଆସାମର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ତାରେଣୀକାନ୍ତ ଗୋସ୍ୱାମୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସଫଳତା କାମନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ଜ୍ୟୋତ୍ସ୍ନାରାଣୀ ବସ୍ତିଆ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମନସ୍ୱିନୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରଥମଥର ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏସ୍‌କେ ସାଇଲ୍ ମହମ୍ମଦ ଓ ଦେବସ୍ମିତା ମହାରଣାଙ୍କ ସମେତ ପ୍ରାୟ ୫୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ଉପଢୌକନ ସ୍ୱରୂପ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ମାଧବାନନ୍ଦ ଷଡ଼ଙ୍ଗୀ, ଅଶୋକ ବେହେରା, ରତିକାନ୍ତ ପ୍ରଧାନ, ଗୁଣନିଧି ସ୍ୱାଇଁ, ଗୀତାଞ୍ଜଳି ସାହୁ, ରଞ୍ଜିତ ରଥ, ପ୍ରଭାତ ପାତ୍ର ପ୍ରମୁଖ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।




ଉତ୍ସବରେ ମନ୍ତ୍ରୀ ସମୀରରଞ୍ଜନ ଦାଶ ଏବଂ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ୭ମ ସତ୍ୟବାଦୀ ମହୋତ୍ସବ-୨୦୨୩, ପଞ୍ଚସଖା ଖେଳପଡ଼ିଆ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୩ ଟା।

**ପୁରୀ**

- ସୁଲେଖା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ୟୁଥ୍ ହଷ୍ଟେଲ ପରିସର, ପୂର୍ବାହ୍ନ ୧୦ଟା।
- ୭୫ତମ ସର୍ବୋଦୟ ମେଳା, ଗାନ୍ଧୀ ସ୍ମୃତିପୀଠ, ପୂର୍ବାହ୍ନ ୧୦ଟା ୩୦।
- ମନୁମେଣ୍ଟ ଫ୍ଲାଗର ଉତ୍ତୋଳନ ପର୍ବ, ବାଟଗାଁ ଛକ, ବୀରହରେକୃଷ୍ଣପୁର, ପୂର୍ବାହ୍ନ ୧୧ଟା।
- ହୋପ୍ ଇଜ୍ ଲାଇଫ୍ ସଂଗଠନର ତୃତୀୟ ବାର୍ଷିକ ଉତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ଜିଲା ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ଅନଙ୍ଗ ଡିଆଡ଼ି ଜାଗା କଲ୍ୟାଣ ମଣ୍ଡପ, ଅପରାହ୍ନ ୫ଟା।

## ସଂକ୍ଷେପରେ

### 'ନୈସର୍ଗିକ ଚେତନାର କବି ଥିଲେ ମାୟାଧର ମାନସିଂହ'

କୃଷ୍ଣପ୍ରସାଦ,୧୧।୨(ଡି.ଏନ୍.ଏ.): ନୈସର୍ଗିକ ଚିନ୍ତା ଓ ଚେତନାର କବି ଡ. ମାୟାଧର ମାନସିଂହ ଥିଲେ ବୋଲି କହିଛନ୍ତି ତାଙ୍କ ଜ୍ୟେଷ୍ଠପୁତ୍ର ତଥା ପୂର୍ବତନ ରାଷ୍ଟ୍ରଦୂତ ଲଲାଟେନ୍ଦୁ ମାନସିଂହ। ମାନସିଂହ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ସପ୍ତବିଂଶ କବିତା ଆସର ଗୁଗୁଲ୍ ମିଟ୍‌ରେ ଅତିଥିଭାବେ ଯୋଗଦେଇ ନିଜ ବାପା ଓ ଜନ୍ମମାଟିକୁ ମନେପକାଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଚନ୍ଦ୍ରା ମିଶ୍ର ଯୋଗଦେଇ ମାନସିଂହଙ୍କ ସହ ଥିବା ଅନୁଭୂତିକୁ ବାଣ୍ଟିବା ସହ ନଳିନୀ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ବିଷ୍ଣୁ ପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାକୁ ଅନୁଷ୍ଠାନର ସମ୍ପାଦକ ଲଳିତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ପ୍ରେମାନନ୍ଦ ବେହେରା ସଭାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ଲକ୍ଷ୍ମୀନାରାୟଣ ଦାଶ, ଡ. ଅଶୋକ କୁମାର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଶିବାନୀ ଜେନାଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

### ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୧୧।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ତଳଖେତା ଛକ ଜଟଣୀ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ସାହାଣୀ କାଶୀପୁର ଗ୍ରାମର ଅପରାଜିତା ଦାସ (୩୦)। ସୂଚନା ମୁତାବକ, ସାହାଣୀ କାଶୀପୁର ଗ୍ରାମର ସୁବ୍ରତ ଦାସ, ସ୍ତ୍ରୀ ଅପରାଜିତା ଓ ଝିଅ ଐଶ୍ୱରିୟା ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଟଣୀ ଅଞ୍ଚଳକୁ ଯାଇଥିଲେ। ଶୁକ୍ରବାର ରାତିରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିଲେ। ତଳଖେତା ଛକ ଜଟଣୀ ରାସ୍ତାରେ ପଛରୁ ଏକ ଗାଡ଼ି ଆସି ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସୁବ୍ରତ ଏବଂ ଐଶ୍ୱରିୟା ଆହତ ହୋଇଥିବା ବେଳେ ସ୍ତ୍ରୀ ଅପରାଜିତା ଗୁରୁତର ହୋଇପଡ଼ିଥିଲେ। ପରେ ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁବ୍ରତ ଓ ତାଙ୍କ ଝିଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।




କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ତ୍ରୈମାସିକ ନ୍ୟୁଜ୍ ଲେଟରକୁ ଉନ୍ମୋଚନ କରୁଛନ୍ତି।

## କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ରେ ଆଲୋଚନାଚକ୍ର

ପୁରୀ ଅଫିସ,୧୧।୨

ପୁରୀ ବେଳାଭୂମି ମାର୍ଗ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ରେ ରୋଲ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇନ୍ ହେଲ୍‌ଥ କେୟାର ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ.ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡିଆଇଟି ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ଜଗନ୍ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ, ଭାରତରେ ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପୂର୍ବାପେକ୍ଷା ଅହେତୁକ ଭାବେ ଉନ୍ନତି ଘଟିଛି। ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ କିପରି ବିଭିନ୍ନ ଦୁରାରୋଗ୍ୟକୁ ଚିହ୍ନଟ କରାଯାଇ ଏହାର ନିରାକରଣ କରାଯାଇପାରୁଛି ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାର ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେବାପରେ ଅନୁଷ୍ଠାନର ୪ର୍ଥ ସଂସ୍କରଣ ତ୍ରୈମାସିକ ନିଉଜ୍ ଲେଟ୍‌ର ଉନ୍ମୋଚନ କରାଯାଇଥିଲା। ମଞ୍ଚାସୀନ ବକ୍ତା ଭାବେ ଅଧ୍ୟାପକ ସଞ୍ଜୟ ନାୟକ, ନିକୁଞ୍ଜ କିଶୋର ମିଶ୍ର ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରକୁ ଅନୁଷ୍ଠାନର ଅଧ୍ୟାପକ ସିଦ୍ଧେଶ୍ୱର ପାଢ଼ୀଯୋଷୀ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ସୁନୀତା ମିଶ୍ର, ବସନ୍ତ ବେହେରା, ଅସିତ ଷଡ଼ଙ୍ଗୀ ଓ ଅନୁପ ପାତ୍ର, ତୃପ୍ତିରଞ୍ଜନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚିନ୍ମୟ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଫେରାର ୩ ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧୧।୨

ପୁରୀ ରେଳ ଷ୍ଟେଶନରୁ ରେଳ ବ୍ୟାଟେରି ଚୋରି କରିବା ଅଭିଯୋଗରେ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ରେଲଓ୍ୱେ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ ଜିଲାର ପ୍ରକାଶ ମାଝି, ବ୍ରଜବନ୍ଧୁ ବେହେରା (୪୦) ଏବଂ ଖୋର୍ଦ୍ଧା ଅଞ୍ଚଳରେ ରହୁଥିବା ଉତ୍ତର ପ୍ରଦେଶର ଅଜୟ ଗୁପ୍ତା (୩୦)। ସେମାନଙ୍କଠାରୁ ଚୋରି ହୋଇଥିବା ଗୋଟିଏ ରେଳ ବ୍ୟାଟେରି ଜବତ ହୋଇଛି। ଏ ନେଇ ନଂ. ୭/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ୨୦୨୧ ଡିସେମ୍ବର ୭ରେ କେତେଜଣ ଅଭିଯୁକ୍ତ ଷ୍ଟେଶନ ନିକଟରୁ ଟ୍ରେନ୍‌ର ବ୍ୟାଟେରି ଚୋରି କରି ନେଇଥିଲେ। ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତେବେ ଅନ୍ୟ କେତେଜଣ ଅଭିଯୁକ୍ତ ଫେରାର ରହିଥିଲେ। ତେବେ ଗତ ୧୦ ତାରିଖ ଦିନ ପଳାତକ ଅଭିଯୁକ୍ତ ପ୍ରକାଶ ଏକ ସ୍ଥାନରେ ଥିବା ନେଇ ରେଲଓ୍ୱେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପରେ ପ୍ରକାଶଠାରୁ ଅନ୍ୟ ୨ ଅଭିଯୁକ୍ତ ବ୍ରଜ ଏବଂ ଅଜୟ ସମ୍ପର୍କରେ ପୋଲିସ ସୂଚନା ପାଇ ସେମାନଙ୍କୁ ଗିରଫ କରିବା ସହ ବ୍ୟାଟେରି ଜବତ କରିଥିଲ।

## ଚୋରି ଅଲଙ୍କାର ଜବତ, ଜଣେ ଗିରଫ

ପୁରୀ ଅଫିସ ୧୧।୨

ଘରେ ପଶି ସାମଗ୍ରୀ, ଟଙ୍କା ଚୋରି କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ବାଲି ଉପରର ଶଙ୍କର ଦାସ(୩୦)। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ସୁନା, ରୁପା ଅଲଙ୍କାର ସହ ନଗଦ ୪୦ ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୨୧/୨୩ରେ ଏକ ମାମଲା ରୁଜୁ କରିଛି। ସର୍ବୋଦୟ ନଗରର କାଳିଶଙ୍କର ମହାନ୍ତି ଅଭିଯୋଗ କରିଥିଲେ ଯେ, ସେ ଓ ତାଙ୍କ ସ୍ତ୍ରୀ ଏକ କାର୍ଯ୍ୟକ୍ରମରେ କଟକ ଯାଇଥିଲେ। ଘରେ କେହି ନ ଥିଲେ। ତେବେ ତାଙ୍କ ସ୍ତ୍ରୀ ଗତ ୭ ତାରିଖ ଦିନ ଘରକୁ ଫେରି ଦେଖିଥିଲେ କି କେହି ଦୁର୍ବୃତ୍ତ ଘରେ ପଶି ଲକର ଭାଙ୍ଗି ୪୦ ହଜାର ଟଙ୍କା ଓ ଅଳଙ୍କାର ଚୋରି କରି ନେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଲୋକ ଅଦାଲତ: ୨୫ ମକଦ୍ଦମା ଫଇସଲା



ଲୋକ ଅଦାଲତରେ ବିଚାରପତି ଅଭିଯୋଗ ଶୁଣାଣି କରୁଛନ୍ତି।

କଣାସ,୧୧।୨(ସ୍ୱ.ପ୍ର.)

କଣାସରେ ପ୍ରତିଷ୍ଠିତ ଜେଏମ୍ଏଫ୍‌ସି ଏବଂ ସିଭିଲ ଜଜ୍ ଜୁନିୟର ଡିଭିଜନ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଲୋକ ଅଦାଲତ ବିଚାରପତି ଅନୁସାମ୍ ଦାସଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଲୋକଙ୍କ ମଧ୍ୟସ୍ଥ ଭାବେ ଆଇନଜୀବୀ ସୁବାସ ଚନ୍ଦ୍ର ପଣ୍ଡା ନିଯୁକ୍ତି ପାଇଥିଲେ। ଉକ୍ତ ଅଦାଲତରେ ଫୌଜଦାରି ଏବଂ ଜମିଜମା ମାମଲାର ମୋଟ ୨୫ଟି କେସ୍‌ର ଆପୋଷ ସମାଧାନ ହୋଇଥିଲା। ଉକ୍ତ ଅଦାଲତରେ ସଦାନନ୍ଦ ପ୍ରଧାନ, ବିଶ୍ୱନାଥ ବେହେରା, ଅଶୋକ ପାଣିଗ୍ରାହୀ, ମିହିର ବେହେରା, ଦୀପକ ଜେନା, ବିକ୍ରମ ନାଥ, ସୁଶାନ୍ତ ମହାନ୍ତି ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ଜନଶିକ୍ଷଣ ସଂସ୍ଥାନର ଦକ୍ଷତା ବିକାଶ ତାଲିମ ଶିବିର

ପୁରୀ ଅଫିସ,୧୧।୨

ଜନ ଶିକ୍ଷଣ ସଂସ୍ଥାନର କର୍ମକର୍ତ୍ତାଙ୍କୁ ନେଇ ଦୁଇଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସଂସ୍ଥାନର କାର୍ଯ୍ୟାଳୟ ପରିସରରେ ଶନିବାର ଆୟୋଜନ ହୋଇଛି। ଉକ୍ତ କର୍ମଶାଳାକୁ ପୂର୍ବତନ ଜିଲା ଅଗ୍ରଣୀ ବ୍ୟାଙ୍କର ପରିଚାଳକ ନୀଳାମ୍ବର ମହନ୍ତ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ, ପ୍ରଶିକ୍ଷାର୍ଥୀମାନେ ନିଜ ଅଞ୍ଚଳରେ ସଫଳ ଉଦ୍ୟୋଗୀ ସୃଷ୍ଟି ପାଇଁ ଦାୟିତ୍ୱ ନେଇ କାମ କରିପାରିବେ। ଅନୁଷ୍ଠାନର ସହ କାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ ମଞ୍ଚ ପରିଚାଳନା କରିବା ସହ ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର ଜନ ଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମର ଦାୟିତ୍ୱବୋଧ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ୩ ବରିଷ୍ଠ ପ୍ରଶିକ୍ଷକ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମ ସଂଯୋଜକ ରୂପକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମଚାରୀ ପ୍ରତ୍ୟୁଷ ବରାଳ, ସତ୍ୟଜିତ ପ୍ରଧାନ, ଶ୍ରୀଧର ଦାସ ଓ ବାଦଲ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଜୁଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପୁରୀ ଅଫିସ,୧୧।୨

ଜିଲା ଜୁଡୋ ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ଜୁଡୋ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜଗନ୍ନାଥ ବଲ୍ଲଭ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସ୍ଥାନକୁ ଏକ ସ୍ଥାୟୀ ଜୁଡୋ ଶିବିର ଭାବେ କାର୍ଯ୍ୟ କରିବା, ବିଶେଷ କରି ସ୍କୁଲ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେବାକୁ ବ୍ୟବସ୍ଥା କରାଯାଉଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଉତ୍ସବରେ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ସେନାପତି, ରବୀନ୍ଦ୍ର ପ୍ରତିହାରୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ ଭଗବାନ ସୁଆର, ଚକ୍ରଧର ପ୍ରଧାନ, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ପରିବେଶବିତ୍ ଜଗନ୍ନାଥ ବସ୍ତିଆ, ରାଜକିଶୋର ପାତ୍ର, ପ୍ରିୟଦର୍ଶନ ପଟ୍ଟନାୟକ, କୁସ୍ତିବିତ ଶିବୁନା ଦାଶ, ଲକ୍ଷ୍ମୀକାନ୍ତ ବେହେରା, ଅକ୍ଷୟ ବ୍ରହ୍ମା ଏବଂ ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।




ଜିଲାସ୍ତରୀୟ ଜୁଡୋ ପ୍ରଶିକ୍ଷଣ ଶିବିର ଅବସରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ପୁରୀରେ ଆଉ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ଯୋଜନା

**ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘ ସମ୍ମିଳନୀ**

ପୁରୀ ଅଫିସ,୧୧।୨

ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘର ୨ଦିନିଆ ସମ୍ମିନଳୀ ଟାଉନ ହଲ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟରେ ବସ୍ ଯାତ୍ରୀ ସେବାକୁ ଅଧିକ ସୁଦୃଢ଼ ଓ ସୁଗମ କରିବା ପାଇଁ ରାଜ୍ୟ ସରକାର ସବୁବେଳେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବସ ମାଲିକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସରକାର କିଛି ମାତ୍ରାରେ ପୂରଣ କରିଥିବା ବେଳେ ଅନ୍ୟ କିଛି ଦାବି ଆଲୋଚନା ଜରିଆରେ ସମାଧାନ କରାଯିବ। ମାଳତିପାଟପୁର ବସଷ୍ଟାଣ୍ଡ ଭଳି ଆଉ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ଆଗାମୀ ଦିନରେ ସରକାର ନିର୍ମାଣ କରିବା ପାଇଁ ଯୋଜନା ରଖିଛନ୍ତି ବୋଲି କହିଥିଲେ। ଏହାପରେ ରାଜ୍ୟରେ ବସ୍ ମାଲିକଙ୍କର ଥିବା ବିଭିନ୍ନ ସମସ୍ୟା, ଯାତ୍ରୀ ପରିବହନକୁ ଅଧିକ ସୁଦୃଢ଼ କରିବା, ଉପଯୁକ୍ତ ସେବା ଯୋଗାଇଦେବା ଭଳି ପ୍ରମୁଖ ପ୍ରସଙ୍ଗ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀକୁ ଯାତ୍ରୀ ଏବଂ ଭକ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ କିଭଳି ବସ୍ ସେବାକୁ ଅଧିକରୁ ଅଧିକ ସୁଗମ କରିହେବ ସେନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୁରୀକୁ ବହୁତ କମ୍ ଟ୍ରେନ୍ ଆସୁଥିବାରୁ ଯାତ୍ରୀ ଏବଂ ଭକ୍ତ ଯାତାୟାତ ପାଇଁ ବସ୍ ଉପରେ ଅଧିକ ନିର୍ଭର କରିଥାନ୍ତି। ଏଣୁ ଭକ୍ତ ଓ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ପୁରୀରେ ଏକ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି ପୁରୀକୁ ୬ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ, ବିଭିନ୍ନ ରାଜ୍ୟକୁ ସିଧାସଳଖ ବସ୍ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି ରଖାଯାଇଛି। ଉକ୍ତ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘର ରାଜ୍ୟ ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ।



ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।




# ସୂର୍ଯ୍ୟମନ୍ଦିରରୁ ଉଭେଇଯାଉଛି କାରୁକାର୍ଯ୍ୟ

■ପୂର୍ଣ୍ଣାଙ୍ଗ ବଦଳରେ ଲାଗୁଛି ସାଦା ପଥର

■ଅବହେଳିତ ଅବସ୍ଥାରେ କଳାକୃତି

ଜ୍ୟୋତିରାଜ୍ ମହାନ୍ତି
କୋଣାର୍କ,୧୧।୨(ଡି.ଏନ୍.ଏ.)




ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ନିଜର ପ୍ରାଚୀନ କଳାକୃତି ଓ ସ୍ଥାପତ୍ୟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏହାର କଳା ଓ ଐତିହ୍ୟକୁ ଦେଖିବା ସହ ଇତିହାସ ବିଷୟରେ ଜାଣିବା ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏହି ମନ୍ଦିର ପ୍ରାଚୀନ କାଳରୁ ନିର୍ମାଣ ହୋଇଥିବାରୁ ଏହାର କଳାକୃତି, କାରୁକାର୍ଯ୍ୟକୁ ବଞ୍ଚାଇ ରଖିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ପକ୍ଷରୁ ଏସବୁର ସଂରକ୍ଷଣ ବ୍ୟବସ୍ଥା କରାଯାଉଛି। କିଛିବର୍ଷ ହେବ ମନ୍ଦିରର କେତେକ ପଥର ନଷ୍ଟ ହେବା ସହ କଳାକୃତିଗୁଡ଼ିକରେ ଫାଟ ସୃଷ୍ଟି ହେଉଥିବାରୁ ଏଏସ୍‌ଆଇ ପକ୍ଷରୁ ଏହାର ମରାମତି କରାଯାଉଛି। ଏପରି କି ଦୀର୍ଘବର୍ଷ ହେବ ସୂର୍ଯ୍ୟମନ୍ଦିରର ଗୁମୁଟ ବାଲିରେ ଭର୍ତ୍ତିହୋଇ ବନ୍ଦ ଥିବାରୁ ଏବେ ଏହି ବାଲିକୁ ବାହାର କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମନ୍ଦିରରୁ ଭାଙ୍ଗିପଡ଼ିଥିବା କେତେକ କାରୁକାର୍ଯ୍ୟ ଦୀର୍ଘଦିନ ହେବ ମନ୍ଦିର ଚତୁଃପାର୍ଶ୍ୱରେ ଏଣେତେଣେ ପଡ଼ିରହିଛି। ସେଗୁଡ଼ିକ ଐତିହ୍ୟପୂର୍ଣ୍ଣ କାରୁକାର୍ଯ୍ୟ ହୋଇଥିବାରୁ ସଂରକ୍ଷିତ ରଖିବା ପରିବର୍ତ୍ତେ ଅବହେଳିତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ସେହିଭଳି ଭଗ୍ନ ସ୍ଥାନରେ ପୂର୍ଣ୍ଣ ଓ ଭଲ ପଥର ଲଗାଯିବା ବଦଳରେ ସାଦା, କମକୁଟ ପଥର ଖଞ୍ଜାଯାଉଛି। ଏଥିଯୋଗୁ ସୂର୍ଯ୍ୟମନ୍ଦିରରୁ କାରୁକାର୍ଯ୍ୟ ସବୁ ଧୀରେ ଧୀରେ ଉଭେଇବାରେ ଲାଗିଛି, ଯାହାକୁ ନେଇ ସଂସ୍କୃତିପ୍ରେମୀ, ଐତିହାସିକ, ଗବେଷକ, ବୁଦ୍ଧିଜୀବୀ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ନିରାଶାଭାବ ଦେଖାଦେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।

ଖବର ଅନୁଯାୟୀ, ସୂର୍ଯ୍ୟମନ୍ଦିର ନିଜର ସ୍ୱତନ୍ତ୍ର କାରୁକାର୍ଯ୍ୟ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଲାଗି ବିଶ୍ୱବିଦିତ ହୋଇଥିବାରୁ ଏହି ଐତିହ୍ୟ ସ୍ଥଳର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟମାନ କରାଯାଉଛି। ମାତ୍ର କାର୍ଯ୍ୟ ନେଇଥିବା ଠିକାଦାର ମନମୁଖି ଭାବେ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ସହ ପୂର୍ଣ୍ଣାଙ୍ଗ ପଥର ବଦଳରେ ସାଦା ପଥର ଲଗାଉଛନ୍ତି। ଜେସିବି ବ୍ୟବହାର କରି ପ୍ରାଚୀର ନିଅଁ ଖୋଳି କାରୁକାର୍ଯ୍ୟପୂର୍ଣ୍ଣ କଳାକୃତି ପଥର ମାନ ସଂରକ୍ଷଣ କରିବା ବଦଳରେ ଅଦରକାରୀ ଭାବେ ଏଣେତେଣେ ପକାଯାଉଛି, ଯଦ୍ୱାରା ଐତିହ୍ୟ କାରୁକାର୍ଯ୍ୟ, ସ୍ଥାପତ୍ୟ ବାହାରେ ପଡ଼ି ନଷ୍ଟ ହେବାରେ ଲାଗିଛି। ଏପରି କି ଚାଲୁଥିବା ସଂରକ୍ଷଣ ଓ ଉନ୍ନୟନ କାର୍ଯ୍ୟସ୍ଥଳୀକୁ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇ ଅଧିକାର ଆଦୌ ଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଉକ୍ତ ଠିକାଦାର ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ତତ୍କାଳୀନ ସୁପରିଣ୍ଟେଣ୍ଡେଣ୍ଟ ଓ କୋଣାର୍କ ମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇ ଅଧିକାରୀଙ୍କ ସହ ଅସାଧୁ ମେଣ୍ଟ କରି ଦୀର୍ଘ ୧୫ ବର୍ଷଧରି ମନ୍ଦିର ସଂରକ୍ଷଣ କାର୍ଯ୍ୟ ଆଳରେ ନିମ୍ନମାନର କାର୍ଯ୍ୟ କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦନ୍ତ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଉ ବୋଲି ସଂସ୍କୃତି ବିଶାରଦ, ଗବେଷକ, ବୁଦ୍ଧିଜୀବୀଙ୍କ ପକ୍ଷରୁ ସଂସ୍କୃତି ମନ୍ତ୍ରୀ, ଏଏସ୍‌ଆଇ ମହାନିର୍ଦ୍ଦେଶକ, ପୁରୀ ଜିଲାପାଳ, ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖଙ୍କୁ ଅନୁରୋଧ କରାଯାଇଛି।

## ଏମାନେ ଯାହା କୁହନ୍ତି

“ ଏବେ ମୁଁ ନୂଆ ଆସିଥିବାରୁ ଏ ସମ୍ପର୍କରେ ଅବଗତ ନାହିଁ। କିନ୍ତୁ ଅଭିଯୋଗ ପାଇବା ପରେ ଏହାର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିହିତ ପଦକ୍ଷେପ ନେବି।

**- ଦିବିସିତା ବ୍ରଜସୁନ୍ଦର ଗଡ଼ନାୟକ, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ**

“ ପ୍ରତିଦିନ ସମସ୍ତ ଉନ୍ନୟନ କାର୍ଯ୍ୟର ତଦାରଖ କରୁଛି। ଏପରି କି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ସବୁ କାର୍ଯ୍ୟ କରାଯାଉଛି। କାର୍ଯ୍ୟ ଚାଲୁଥିବାରୁ ସୂର୍ଯ୍ୟମନ୍ଦିର ପରିସରରେ ପଥର, ମୂର୍ତ୍ତିଗୁଡ଼ିକ ରହିଛି। ଖୁବ୍‌ଶୀଘ୍ର ସେସବୁ ସଂରକ୍ଷଣ କରି ରଖାଯିବ।

**-ନିରୋଜ ସିଂ, ଏଏସ୍‌ଆଇ ଅଧିକାରୀ, କୋଣାର୍କ**

“ ପ୍ରତ୍ନତତ୍ତ୍ୱ ବିଭାଗର ଏପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି। କାର୍ଯ୍ୟକୁ ଅଧିକାରୀ ଠିକ୍ ଭାବେ ଯାଞ୍ଚ ନ କରିବା, ପୂର୍ଣ୍ଣାଙ୍ଗ ପଥର ବଦଳରେ ସାଦା ପଥର ଲଗାଇବା ଦୁଃଖଦ ଘଟଣା। ଏହାଦ୍ୱାରା ଐତିହ୍ୟ ନଷ୍ଟ ହେବା ସହ ଆଗାମୀ ଦିନରେ ମନ୍ଦିର ପରିସରରୁ କାରୁକାର୍ଯ୍ୟମାନ ଲିଭିଯିବ। ଫଳରେ ପର୍ଯ୍ୟଟକ ସ୍ଥାପତ୍ୟ, ପ୍ରାଚୀନ କଳାକୃତି ଆଦି ଦେଖିବାରୁ ବଞ୍ଚିତ ହେବେ।

**-ସଞ୍ଜୟ କୁମାର ବରାଳ, ଗବେଷକ**

“ କୋଣାର୍କ ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ଦେଖିବା ପାଇଁ ଦେଶ ତଥା ବାହାରୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। କିନ୍ତୁ ଏଏସ୍‌ଆଇ ଯେଉଁ ସାଦା ପଥର ଲଗାଉଛି ଓ ପ୍ରାଚୀନ କଳାକୃତିକୁ ଜେସିବି ଦ୍ୱାରା ଭାଙ୍ଗୁଛି, ଏହାକୁ ଆମେ ଦୃଢ଼ ବିରୋଧ କରୁଛୁ। ଏହାର ସଂରକ୍ଷଣ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛୁ।

**-ଭାଗୀରଥି ସ୍ୱାଇଁ, କୋଣାର୍କ ସୁରକ୍ଷା ସମିତି ଆବାହକ**

“ କୋଣାର୍କମନ୍ଦିର ଦେଖିବା ପାଇଁ ବାରମ୍ବାର ଆସୁଛି। କିନ୍ତୁ ଚଳିତ ବର୍ଷ ସପରିବାର ଆସି ଦେଖିବା ବେଳେ ମନ୍ଦିର କାନ୍ଥରେ ଖୋଦିତ କଳାକୃତି ଆଉ ସ୍ପଷ୍ଟ ଦିଶୁନାହିଁ। ଏପରି କି କାନ୍ଥରେ ସାଦା ପଥର ଲାଗିବା ହେତୁ ମନ୍ଦିରର କଳାକୃତି ସବୁ ଲିଭିଗଲା ପରି ଦେଖାଗଲାଣି। ଯଦି ଦାୟିତ୍ୱରେ ଥିବା ବିଭାଗ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ସୂର୍ଯ୍ୟମନ୍ଦିରର ଐତିହ୍ୟ ଓ କଳାକୃତି ସମ୍ପର୍କରେ ପର୍ଯ୍ୟଟକ ଜାଣିପାରିବେନି।

**-କମଳ ସିଂ, ପର୍ଯ୍ୟଟକ, ବିହାର**

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମୃତିସ୍ମିତା



@ ସତ୍ୟବ୍ରତ



@ ସତ୍ୟନାରାୟଣ



@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ବିଦେଶୀ ବିଶ୍ୱବିଦ୍ୟାଳୟ ପ୍ରବେଶ ୟୁଜିସି ଅଧିନିୟମକୁ ବିରୋଧ

## ୧୪ରେ ଆନ୍ଦୋଳନକୁ ଓହ୍ଲାଇବ ଜେଏଫ୍‌ଏମ୍‌ଇ

ଭୁବନେଶ୍ୱର,୧୧।୨(ବ୍ୟୁରୋ) - ନିକଟରେ ପ୍ରକାଶ ପାଇଥିବା ବିଦେଶୀ ବିଶ୍ୱବିଦ୍ୟାଳୟ ପ୍ରବେଶ ୟୁଜିସି ଅଧିନିୟମକୁ ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ(ଜେଏଫ୍‌ଏମ୍‌ଇ) ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ଅଧିନିୟମ ଦ୍ୱାରା ରାଷ୍ଟ୍ର ପ୍ରାୟୋଜିତ ବିଶ୍ୱବିଦ୍ୟାଳୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ବୋଲି ସଂଘ କହିଛି। ଏନେଇ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଏବଂ କଲେଜ ସଂଘ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶିକ୍ଷାନୀତି ବିରୋଧରେ ଆନ୍ଦୋଳକୁ ଓହ୍ଲାଇବେ। ଆସନ୍ତା ୧୪ରେ ଦେଶବ୍ୟାପୀ ଆନ୍ଦୋଳନ ଆହ୍ୱାନ ଦିଆଯାଇଥିବାବେଳେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ପ୍ରତିବାଦ କରାଯିବ। କଳାବ୍ୟାଜ୍ ପରିଧାନ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆଇଫୋକ୍ଟୋର ଜାତୀୟ ଉପସଭାପତି ତଥା ରାଜ୍ୟ ଜେଏଫ୍‌ଏମ୍‌ଇର ଆବାହକ ପ୍ରଫେସର ଉମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

# ଅନ୍ତର୍ଜାତୀୟ ରେଡିଓ ମେଳା ଆରମ୍ଭ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଅନ୍ତର୍ଜାତୀୟ ରେଡିଓ ମେଳା ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆଉଟରିଚ୍ ପକ୍ଷରୁ ଆୟୋଜିତ ଏହି ମେଳାରେ ପ୍ରାୟ ୩୦୦୦ ପୁରୁଣା ରେଡିଓ ପ୍ରଦର୍ଶିତ ହୋଇଛି। ଅତିଥି ଭାବେ ବାଂଲାଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରୀ ହସନ୍ ମହମ୍ମଦ୍, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ମେୟର ସୁଲୋଚନା ଦାସ, ରେଡ଼ିଓ ପଞ୍ଜାବର ନିର୍ଦ୍ଦେଶକ ତ୍ରିଶୁ ଶର୍ମା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସକାଳେ ପିଲାଙ୍କ ମଧ୍ୟରେ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କମ୍ୟୁନିକେଶନ୍ ୱାର୍କଶପ୍‌ର ଆୟୋଜନ କରାଯାଇଥିଲା। ଡ. ସତନାମ୍ ସିଂ ଓ ଆର୍‌ଜେ ପ୍ରିୟ ଏହି ୱାର୍କଶପ୍‌ରେ ଡିଜିଟାଲ୍ ଯୁଗରେ ରେଡିଓ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ରେଡିଓକୁ କାହିଁକି ଜଣେ ନିଜର କର୍ମପଥ ବାଛିବ ସେ ନେଇ ଆଲୋଚନା କରିଥିଲେ। ଶାଶ୍ୱତୀ କର ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତିତ୍ୱ କରିଥିଲେ ଆୟୋଜକ ସୁବ୍ରତ ପତି। ସନ୍ଧ୍ୟାର ଆକର୍ଷଣ ସାଜିଥିଲା ପଦ୍ମଶ୍ରୀ ଉଚ୍ଛବ ଚରଣଙ୍କ ଘୋଡ଼ାନାଚ। ପାରମ୍ପରିକ ଲୋକକଳା ତାଙ୍କ ପ୍ରଦର୍ଶନରେ ଉଜ୍ଜୀବିତ ହୋଇ ଉଠିଥିଲା। ସେହିପରି ଭଞ୍ଜ ଲୋକନୃତ୍ୟ ପରିଷଦ ପକ୍ଷରୁ ଅନ୍‌ମଲ ମାସ୍କ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଫୁଡ୍ କୋର୍ଟରେ ମଧ୍ୟ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।



### ରେଡିଓକୁ ଯିଏ ଭଲ ପାଇଛି ଆଗକୁ ବଢ଼ିଛି



ସମୟ ଆଗକୁ ବଢ଼ୁଛି। ଯିଏ ରେଡିଓକୁ ଥରେ ଭଲ ପାଇଛି ସେ ରେଡିଓ ସହ ଆଗକୁ ବଢ଼ିଛି। ଯେଉଁମାନେ ରେଡ଼ିଓ ଶୁଣୁଥିଲେ ସେମାନେ ଆଜି ବି ଶୁଣୁଛନ୍ତି। ଯୁବବର୍ଗଙ୍କ ପାଇଁ ଏହା ବହୁଦୂରରେ ଥାଇପାରେ, କିନ୍ତୁ ମୋ ବୟସର ଲୋକଙ୍କ ପାଇଁ ଏହା ସବୁବେଳେ ପ୍ରିୟ। ସେଥିପାଇଁ ମୁଁ ମେକାନିକାଲ ଇଞ୍ଜିନିୟର ଚାକିରି ଛାଡ଼ି ରେଡିଓ ସହ ଆଗକୁ ବଢ଼ୁଛି ବୋଲି ଅକ୍ଷୟ କୁମାର ପଟ୍ଟନାୟକ କହିଛନ୍ତି। ସେ ତାଙ୍କ ସହକର୍ମୀ ଲକ୍ଷ୍ମୀଧର ପୃଷ୍ଟିଙ୍କ ସହ ମିଶି ଏକ ରେଡ଼ିଓ ସଂଗ୍ରହାଳୟ କରିଛନ୍ତି। ଖୋର୍ଦ୍ଧା ମାଣିକାଗୋଡ଼ାର ଜଣେ ବ୍ୟକ୍ତିଙ୍କ ପାଖରୁ ସଂଗ୍ରହ କରିଥିବା ଏକ ୧୦୦ବର୍ଷ ପୂର୍ବର ରେଡ଼ିଓ ତାଙ୍କ ପାଖେ ରହିଛି। ପାଖାପାଖି ୭୦୦ପ୍ରକାର ରେଡ଼ିଓ ସହ ଗ୍ରାମଫୋନ୍ ମଧ୍ୟ ତାଙ୍କ ସଂଗ୍ରହାଳରେ ଉପଲବ୍ଧ, ଯାହାକୁ ସେ ରେଡିଓ ମେଳାରେ ପ୍ରଦର୍ଶନ କରିଛନ୍ତି। ପ୍ରତିବର୍ଷ ଏହି ରେଡ଼ିଓ ମେଳାରେ ସେ ସଂଗୃହୀତ କରିଥିବା ସମସ୍ତ ରେଡିଓ ଆଣିଥାନ୍ତି। ଏଠାରେ ରେଡ଼ିଓ ସହ ଜଡ଼ିତ ବ୍ୟକ୍ତିଙ୍କ ସହ ମିଶିବା ଓ ସ୍ମୃତି ସାଉଣ୍ଟିବା ତାଙ୍କୁ ଅପୂର୍ବ ଆନନ୍ଦ ଆଣିଦିଏ ବୋଲି ପଟ୍ଟନାୟକ କହିଛନ୍ତି।

# ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ ଅଫିସ,୧୧।୨

ଶ୍ରୀମନ୍ଦିରରେ ଶନିବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ସାରି ପାଣି ପଡ଼ି ଅନ୍ୟାନ୍ୟ ନୀତି ଆଗେଇ ଥିଲା। ତେବେ ନୀତି ସମ୍ପନ୍ନ ପରେ ଭକ୍ତମାନେ ଶ୍ରୀମନ୍ଦିର ଭିତରକାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ସମୟରେ କେହି ଜଣେ ଭକ୍ତ ଭିତରକାଠ ନିକଟରେ ବାନ୍ତି କରିଦେଇଥିଲେ। ଭିତର କାଠ ନିକଟରେ ବାନ୍ତି ପଡିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ଦ୍ୱାରା ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ ଧୂଆ ହୋଇ ଚୂନପାଣି ପଡିଥିଲା। ପ୍ରାୟ ଅପରାହ୍ନ ୧ଟା ୧୦ରେ ଧୂଆ ହୋଇ ଚୂନ ପାଣି ପଡିଥିଲା। ୧ଟା ୩୦ରେ ସିଂହାସନ ଧୂଆ ହୋଇଥିଲା। ୧ଟା ୪୫ରେ ମହାସ୍ନାନ ନୀତି କରାଯାଇଥିଲା। ମହାସ୍ନାନ ପୂଜା ଆରମ୍ଭ ୧ଟା ୫୦ରେ ଆରମ୍ଭ ହୋଇ ୨ଟାରେ ଶେଷ ହୋଇଥିଲା । ପରେ ଦିନ ୨ ଟାରେ ମଇଲମ ହୋଇ ବେଶ ଶେଷ ହୋଇଥିଲା। ୨ଟା ୨୫ରେ ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇଥିଲା। ସୂଚନାଯୋଗ୍ୟ, ଚଳିତ ମାସରେ ପୂର୍ବରୁ ଦୁଇଥର ଶ୍ରୀବିଗ୍ରହଙ୍କର ବଡ଼ ମହାସ୍ନାନ ହୋଇଥିବା ବେଳେ ଶନିବାରକୁ ମିଶାଇ ମହାପ୍ରଭୁଙ୍କ ୩ଥର ବଡ଼ ମହାସ୍ନାନ ହୋଇଛି।



ଶିଶୁ କଲମ ପକ୍ଷରୁ ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନଠାରେ ଶନିବାର ଅନୁଷ୍ଠିତ ସାରସ୍ୱତ ସମ୍ବର୍ଦ୍ଧନା ଓ କବିତା ପାଠ ଉତ୍ସବରେ ଅତିଥିମାନେ ସୁରେନ୍ଦ୍ରନାଥ ବାରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ: ମନୋରଞ୍ଜନ)




ଭୁବନେଶ୍ୱର ସୂଚନା ଭବନରେ ଶନିବାର ପୋଖରୀପୁଟ ଶୋଭନୀୟ ପ୍ଲେ ସ୍କୁଲ୍‌ର ୨୧ତମ ବାର୍ଷିକ ଉତ୍ସବ ‘ଅଞ୍ଜୁମାନ-୨୩’ରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଆଦାନୀ ଗ୍ରୁପ୍ ଦୁର୍ନୀତି ପ୍ରତିବାଦରେ ମୁମ୍ବାଇରେ ଶନିବାର କଂଗ୍ରେସ ବିଧାୟକ ଜିଶନ୍ ସିଦ୍ଦିକ ଓ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# ଦେଶରେ ବାକ୍ ସ୍ୱାଧୀନତା ନାହିଁ: ଖାର୍ଗେ

ରାଞ୍ଚି,୧୧।୨

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପାଇଁ ଦେଶରେ ବାକ୍ ସ୍ୱାଧୀନତା ନାହିଁ ବୋଲି ଶନିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲାରେ ଏକ ରାଲିକୁ ସମ୍ବୋଧିତ କରି ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପାର୍ଲାମେଣ୍ଟରେ ତାଙ୍କ ଭାଷଣର କେତେକ ଅଂଶକୁ ବାଦ୍ ଦିଆଯାଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନା ପାର୍ଲାମେଣ୍ଟ ଭିତରେ ବାକ୍ ସ୍ୱାଧୀନତା ରହିଛି, ନା ବାହାରେ। କେହି ସ୍ୱର ଉଠାଇବାର ଦୁଃସାହସ କଲେ ତାଙ୍କୁ ଜେଲ ପଠାଇ ଦିଆଯାଉଛି ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଥିଲେ। ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବା ପ୍ରତିଶ୍ରୁତି ଦେଇ ଭାଜପା ୨୦୧୪ରେ କ୍ଷମତାକୁ ଆସିଥିଲା। ଏହି ସରକାର ଆସିବା ଦିନଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେବା ସହ ଦାରିଦ୍ର୍ୟ ବୃଦ୍ଧି ପାଇଛି। କଂଗ୍ରେସ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲା ଏବଂ ଭିତ୍ତିଭୂମି ବିକାଶ କରିଥିଲା ବୋଲି କଂଗ୍ରେସର ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଖାର୍ଗେ କହିଛନ୍ତି। ଏହି ରାଲିରେ କଂଗ୍ରେସ ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେ, ରାଜ୍ୟ କଂଗ୍ରେସ ସଭାପତି ରାଜେଶ ଠାକୁର ଏବଂ ରାଜ୍ୟ ମନ୍ତ୍ରୀ ଆଲାମଗିର ଆଲାମ ଉପସ୍ଥିତ ଥିଲେ।


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ।

# ନବ, କିଶୋରଙ୍କ ଘରେ କେନ୍ଦ୍ର ମନ୍ତ୍ରୀ

ବ୍ରଜରାଜନଗର,୧୧।୨(ଡି.ଏନ.ଏ.):

- ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଲେ
- ଶୂନ୍ୟସ୍ଥାନ ପୂରଣ କରିବେ ନୂଆପିଢ଼ି: ଅଲକା ମହାନ୍ତି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରଗଡ଼ ଏମ୍ପି ସୁରେଶ ପୂଜାରୀ ଶନିବାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ପ୍ରାକ୍ତନ ବାଚସ୍ପତି କିଶୋର ମହାନ୍ତିଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମ୍ବଲପୁରରୁ ସଡକ ପଥରେ ଆସି ନବ ଦାସଙ୍କ ଝାରସୁଗୁଡାସ୍ଥିତ ବାସଭବନକୁ ଯାଇଥିଲେ। ସେଠାରେ ସେ ନବଙ୍କ ଝିଅ ଦୀପାଳି, ପୁଅ ବିଶାଳ ଓ ସ୍ତ୍ରୀ ମିନତୀଙ୍କୁ ଭେଟି ଏପରି ଏକ ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ସମସ୍ତଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ସମୟରେ ବରଗଡ ଏମ୍ପି ପୂଜାରୀ ଉପସ୍ଥିତ ଥିଲେ। ପରେ ଉଭୟ ନେତା ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ସ୍ୱର୍ଗତ କିଶୋର ମହାନ୍ତିଙ୍କ ବାସଭବନକୁ ଯାଇ ତାଙ୍କ ସ୍ତ୍ରୀ ତଥା ବିଧାୟିକା ଅଳକା ମହାନ୍ତିଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ କିଶୋର ଓ ନବଙ୍କ ଦେହାନ୍ତ ପରେ ଝାରସୁଗୁଡା ଜିଲା ମୁରବିଶୂନ୍ୟ ହେଲା କି ବୋଲି ଗଣମାଧ୍ୟମ ପ୍ରତିନିଧି ବିଧାୟିକା ମହାନ୍ତିଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଝାରସୁଗୁଡ଼ା ବିଧାୟକଙ୍କ କ୍ଷେତ୍ରରେ ଯାହା ଘଟିଲା ସେ ତାକୁ ନିନ୍ଦା କରୁଛନ୍ତି ବୋଲି ଅଲକା କହିବା ସହିତ ନୂଆପିଢ଼ି ଶୂନ୍ୟସ୍ଥାନ ପୂରଣ କରିବେ ବୋଲି କହିଥିଲେ। ଗତ ଡିସେମ୍ବର ୩୦ରେ କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ପରିବାର ତରଫରୁ ଆମନ୍ତ୍ରଣ କରାଯାଇଥିଲା। ସେ ସମୟରେ ସେମାନେ ଆସିପାରି ନ ଥିବାରୁ ଶନିବାର ଆସି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିବା କହିଥିଲେ ବିଧାୟିକା ମହାନ୍ତି।


ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଘରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍ପି ସୁରେଶ ପୂଜାରୀ।

# ହତ୍ୟା ମାମଲାର ରାଜନୀତୀକରଣ ନ କରନ୍ତୁ କେନ୍ଦ୍ରମନ୍ତ୍ରୀ: ସସ୍ମିତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ରାଜନୀତୀକରଣକୁ ବିଜେଡି ବିରୋଧ କରିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଟାର୍ଗେଟ୍ କରିଛନ୍ତି । ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ତଦନ୍ତ କାମ ଆଗେଇ ଚାଲିଛି । ଏଭଳି ସ୍ଥିତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବୟାନବାଜି ଓ ରାଜନୀତୀକରଣକୁ ସେ ନାପସନ୍ଦ କରିଛନ୍ତି । ତଦନ୍ତର ନିର୍ଯ୍ୟାସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଜରୁରୀ। ଏ ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେବା ଅନୁଚିତ ବୋଲି ସସ୍ମିତ କହିଛନ୍ତି ।


ସସ୍ମିତ ପାତ୍ର

# ୧୫ରୁ ବ୍ଲକ, ପଞ୍ଚାୟତରେ ବିଜେଡିର ପ୍ରତିବାଦ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

**ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ଅଣଦେଖା**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟକୁ ଅଣଦେଖା କରାଯାଉଛି। ଏହି ପ୍ରସଙ୍ଗରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ରାଜ୍ୟ ପ୍ରତି କେନ୍ଦ୍ରର ଅବହେଳାକୁ ବିରୋଧ କରି ଆସନ୍ତା ୧୫ ଓ ୧୬ ତାରିଖରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ବିଜେଡି ଆନ୍ଦୋଳନ କରିବ। ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢ଼େଇ କରି କେନ୍ଦ୍ର ସରକାରଙ୍କ ଉପରେ ଦଳ ଚାପ ପ୍ରୟୋଗ କରିବ ବୋଲି ବିଜେଡି ବିଧାୟକ ଦେବୀ ମିଶ୍ର ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ସମୟରେ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କ ୫ କେଜି ଚାଉଳ କାଟି ଦେବା ଆଦୌ ଉଚିତ ନୁହେଁ । ଓଡ଼ିଶାରେ କେହି ଭୋକିଲା ରହିବେନି କି ଭୋକରେ ଶୋଇବେନି। ତେବେ ଏ ପରିପ୍ରେକ୍ଷୀରେ କେନ୍ଦ୍ର ଚାଉଳ ବନ୍ଦ କରିବା କେତେଦୂର ଠିକ୍ ବୋଲି ଦେବୀ ପ୍ରଶ୍ନ କରିଛନ୍ତି ।

# ରାଜ୍ୟର ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି: ତୋମାର

ଅନୁଗୋଳ ଅଫିସ, ୧୧।୨

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି।ଯେଉଁଠି ମନ୍ତ୍ରୀ ସୁରକ୍ଷିତ ନାହାନ୍ତି, ସେଠି ଶାସନ କିଏ କରୁଛି ବୋଲି ପ୍ରଶ୍ନ କରିଛନ୍ତି ଭାଜପାର ରାଜ୍ୟ ସହପ୍ରଭାରୀ ତଥା ରାଜ୍ୟ ସଭା ସଦସ୍ୟ ବିଜୟପାଲ ସିଂ ତୋମାର। ଅନୁଗୋଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଢେଙ୍କାନାଳ ଲୋକ ସଭା ପ୍ରବାସ ଯୋଜନା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୋମାର ଶାସକ ବିଜେଡିକୁ ଏଭଳି ପ୍ରଶ୍ନ ପଚାରିଛନ୍ତି।

କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇ ତୋମାର କହିଲେ, ଚଳିତ ବଜେଟରେ ମୋଦି ସରକାର ସବୁକ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବିଭକ୍ତ ଢେଙ୍କାନାଳ ଜିଲା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କାର ଅନୁଦାନ ଆଣୁଛନ୍ତି। ଏହାର ଠିକ୍ କାର୍ଯ୍ୟାନ୍ୱୟନ ଯେପରି ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ତୋମାର ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ ଆଲୋଚନାରେ ଭାଗନେଇ କହିଲେ, ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ପକ୍ଷରୁ ଆସନ୍ତା ୧୩ ତାରିଖରେ ଭୁବନେଶ୍ୱରରେ, ୧୫ ତାରିଖରେ ପ୍ରତି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ, ୧୭, ୧୮ ଓ ୧୯ ତାରିଖରେ ସମସ୍ତ ବିଧାନସଭା କ୍ଷେତ୍ରରେ ଯୁବମୋର୍ଚ୍ଚା ପକ୍ଷରୁ ଘେରାଉ କରାଯିବ। ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ସୀମାଞ୍ଚଳ ଖଟେଇ, ବରିଷ୍ଠ ସଦସ୍ୟ ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ଜିଲା ସଭାପତି ନରେଶ ମହାପାତ୍ର, ଅନୁଗୋଳ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ପ୍ରବାସ ଯୋଜନା ରାଜ୍ୟ ସହ ସଂଯୋଜକ ଧୀରେନ ସେନାପତି ପ୍ରମୁଖ ମଞ୍ଚାସୀନ ରହି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଭାଗୀରଥି ପ୍ରଧାନ, ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ରଙ୍କ ସମେତ ଉଭୟ ଜିଲାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ରାଜ୍ୟ ଭାଜପାର ସହପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସମେତ ଅନ୍ୟମାନେ।

# ଜିରୋ ଟଲେରାନ୍ସ ନୀତି ଉପରେ ପ୍ରଶ୍ନ ଉଠାଇଲେ ବିଜୟ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ଯୋଗ ଦେବା ପରେ ବିଜେଡିକୁ ଟାର୍ଗେଟ କରିଛନ୍ତି। ସେ ରାଜନୀତିରେ ପ୍ରଥମ ଥର ପାଦ ଦେବା ପରେ ବିଜେଡି ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ବିଜେଡିରେ ଆଉ ଆଗ ଭଳି ଗଣତାନ୍ତ୍ରିକ ବ୍ୟବସ୍ଥା ନାହିଁ। ସମସ୍ତେ କେବଳ ଗୋଟିଏ ସ୍ଥାନକୁ ଅନେଇ ବସିଛନ୍ତି। ମନ୍ତ୍ରୀମାନଙ୍କ ପାଖକୁ ଗଲେ ସେମାନେ କହୁଛନ୍ତି ଆମ ପାଖରେ କିଛି ନାହିଁ। ସବୁ ଉପରୁ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିରୋ ଟଲେରାନ୍ସ ନୀତି ଗ୍ରହଣ କରୁଥିଲେ । ଦୁର୍ନୀତିର ସାମାନ୍ୟତମ ଗନ୍ଧ ପାଇଲେ ସେ ଚାକିରିରୁ ବିଦା କରି ଦେଉଥିଲେ। ତେବେ ଗତ କିଛି ବର୍ଷ ଧରି ସେ ବ୍ୟବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ଆସିଗଲାଣି ବୋଲି ବିଜୟ କହିଛନ୍ତି।

## ରାଜ୍ୟ ଖବର

# ଟ୍ରକ୍‌କୁ ପିଟିଲା ତୀର୍ଥଯାତ୍ରୀ ବସ୍, ୧୪ ଆହତ

ଭଦ୍ରକ ଅଫିସ,୧୧।୨

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ଜୁରାଗଡ଼ିଆଠାରେ ଶନିବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ୧୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ସମସ୍ତେ ଫେରି ଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, 'ଅନିନ୍ଦିତା' ନାମକ ବସ୍ କୋଲକାତାରୁ ୪୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଆସୁଥିଲା। ଜୁରାଗଡ଼ିଆଠାରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ସେଥିରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଯୁବକମାନେ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ଭଦ୍ରକ ଗ୍ରାମାଞ୍ଚଳ ଓ ବାଲେଶ୍ୱର ଜିଲା ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।



# ତେଲଙ୍ଗାନା ଇଟାଭାଟିରେ ୪୦ ଦାଦନ ଶ୍ରମିକ ବନ୍ଧକ

ନୂଆପଡ଼ା ଅଫିସ୍,୧୧।୨

ଜିଲା ଭିତରେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ୪୦ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକ ତେଲଙ୍ଗାନା ଇଟାଭାଟିରେ ବନ୍ଧକ ରହି ମାଲିକଙ୍କ ନିର୍ଯାତନାର ଶିକାର ହେଉଛନ୍ତି। ସେମାନେ ହେଲେ ନୂଆପଡ଼ା ଜିଲା କୋମନା ଥାନା ବୁଦ୍ଧିକୋମନା, କାମକେଡା ଓ ବଲାଙ୍ଗୀର ଜିଲା ପାଟଣାଗଡ଼ ଆଦି ଗାଁର ଶ୍ରମିକମାନେ। ସେଠାରୁ ଏକ ଭିଡିଓ ବାର୍ତ୍ତା ଜରିଆରେ ଉଦ୍ଧାର କରିବାକୁ ଓଡ଼ିଶା ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ ଶ୍ରମିକମାନେ ସ୍ଥାନୀୟ ଦଲାଲଙ୍କ ଜରିଆରେ ଆଜକୁ ଦୁଇ ମାସ ତଳେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ନାଲଗୁଣ୍ଡା ଜିଲା କୋଟେଗୁଡାଗାଁସ୍ଥିତ ଶ୍ରୀନିବାସ ରେଡ୍ଡୀଙ୍କ ଇଟାଭାଟିରେ ନିୟୋଜିତ ହୋଇଥିଲେ। ଦୀର୍ଘ ଦିନ କାମ କରିବା ପରେ ଶ୍ରମିକ ସର୍ଦ୍ଦାର ଶ୍ରମିକମାନଙ୍କ ଉପରେ ନିର୍ଯାତନା ଆରମ୍ଭ କରି ଦେଇଛନ୍ତି। ଦିନକୁ ଆଠ ଘଣ୍ଟା ବଦଳରେ ୧୦ରୁ ୧୨ ଘଣ୍ଟା କାମ କରାଉଛନ୍ତି। ଖାଇବା ପିଇବା ପାଇଁ ଠିକ୍ ସମୟରେ ଦେଉ ନ ଥିବାବେଳେ ଅଳିଆ, ନାଳ, ନର୍ଦ୍ଦମା ସ୍ଥାନରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ, ପାଇଖାନାର ବ୍ୟବସ୍ଥା ନ ଥିବାରୁ ବିଶେଷକରି ମହିଳା ଶ୍ରମିକମାନେ ହଇରାଣ ହେଉଛନ୍ତି। ମହିଳାଙ୍କ ଶୌଚ ସ୍ଥାନରେ ମଧ୍ୟ ସିସିଟିଭି ଲଗାଯାଇ ମହିଳା ଶ୍ରମିକ ଉପରେ ନାନା ପ୍ରକାର ନିର୍ଯାତନା ଦେଉଥିବା ଭିଡିଓ ବାର୍ତ୍ତା ସାହାଯ୍ୟରେ ଜଣାଇଛନ୍ତି। ଏହିଭଳି ପୁରୁଷ ଶ୍ରମିକମାନେ ଅଭିଯୋଗ କିମ୍ବା ତାଙ୍କର ଦାବି ଉଠାଇଲେ ଇଟାଭାଟି ମାଲିକ ଲୋକ ଲଗାଉଥିବାବେଳେ ସ୍ଥାନୀୟ ପୋଲିସକୁ ହାତବାରିସି କରି ମାର୍‌ପିଟ କରୁଥିବା ଅଭିଯୋଗ କରିଛନ୍ତି। ଏହା ଉପରେ ଓଡ଼ିଶା ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶ୍ରମିକମାନଙ୍କୁ ନିର୍ଯାତନାରୁ ମୁକ୍ତି ଦେବା ସହ ଉଦ୍ଧାର କରିବାକୁ ଦାବି କରିଛନ୍ତି। ଏହା ଉପରେ ଜିଲା ତଥା ରାଜ୍ୟ ଶ୍ରମ ବିଭାଗ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ସ୍ଥାନୀୟ ଶ୍ରମିକ ସର୍ଦ୍ଦାରମାନେ ନାନାଦି ପ୍ରଲୋଭନ ଦେଖାଇ ଶ୍ରମିକମାନଙ୍କୁ ଲୁଚାଛପା କରି ନେଇ ଯାଇଥାନ୍ତି। ଶ୍ରମିକମାନେ ମଧ୍ୟ ତାଙ୍କର ଅଭାବ ଅନଟନ ପାଇଁ ସବୁ ପ୍ରସ୍ତାବରେ ରାଜି ହୋଇ ସୁଦୂର ଇଟାଭାଟିକୁ ଚାଲି ଯାଇଥାନ୍ତି। ପରବର୍ତ୍ତୀ ସମୟରେ ଶ୍ରମିକମାନଙ୍କ ଅଭାବ ଅନଟନର ଫାଇଦା ନେବାକୁ ଯାଇ ନିର୍ଯାତନା ଦେଇ ଅଧିକ ସମୟ କାମ କରାଇ ମୁନାଫା ନେବାର ଯୋଜନା କରିଥାନ୍ତି। ସର୍ଦ୍ଦାରଙ୍କ ନାଲି ଆଖିର ପ୍ରଭାବରେ କେତେ ଶ୍ରମିକ ଆଖି ମୁହଁ ବନ୍ଦ କରି ମୁଣ୍ଡ ପାତି ସହି ଯାଉଛନ୍ତି। ଆଉ କେତେକ କାଁଭାଁ ମୁହଁ ଖୋଲି ଅଭିଯୋଗ ଆଣିଥାନ୍ତି। ତେଲଙ୍ଗାନାର ଏହି ଶ୍ରମିକ ନିର୍ଯାତନାର କାହାଣୀ ଏକ ଉଦାହରଣ ମାତ୍ର । ଏହିଭଳି ଇଟାଭାଟି ଆଡ୍ଡାରେ ହଜାର ହଜାର ଶ୍ରମିକ ନିର୍ଯାତନାର ଶିକାର ହେଉଛନ୍ତି। ଏଥିପାଇଁ ରାଜ୍ୟ ଶ୍ରମ ବିଭାଗ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।


ତେଲଙ୍ଗାନା ଇଟାଭାଟିରେ ବନ୍ଧକ ଶ୍ରମିକମାନେ।

**ଚିଟ୍‌ଫଣ୍ଡ ଠକେଇ ଅଭିଯୋଗ**

# ମାଷ୍ଟରମାଇଣ୍ଡ ଡାକ୍ତର ଗିରଫ

## ଖବରଦାତାଙ୍କୁ ବାଣପୁରରୁ ଉଠାଇନେଲା ବଡ଼ବଜାର ପୋଲିସ

ଖୋର୍ଦ୍ଧା ଅଫିସ/ବ୍ରହ୍ମପୁର ଅଫିସ,୧୧।୨

ଚିଟ୍‌ଫଣ୍ଡ କମ୍ପାନୀ ଖୋଲି ଲୋକଙ୍କୁ ଜଣେ ଦାନ୍ତ ଡାକ୍ତର ଠକୁଥିଲେ। ପେସା ଆଳରେ ଚୂନ ଲଗାଉଥିବା ଡାକ୍ତରଙ୍କୁ ଶନିବାର ବ୍ରହ୍ମପୁର ବଡବଜାର ପୋଲିସ ପୂର୍ବ ମାମଲା ନଂ. ୨୦୨/୨୧ରେ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ବ୍ରହ୍ମପୁର ମଳାଶୁଣିପେଟା ସାହିର ଡା. ଡି.ଉତ୍ତମ କୁମାର। ଏହି ଚିଟ୍‌ଫଣ୍ଡ ଠକେଇର ସେ ମାଷ୍ଟରମାଇଣ୍ଡ ଏବଂ ଜଣେ ସୁନା ବ୍ୟବସାୟୀଙ୍କଠାରୁ ବିଭିନ୍ନ ସ୍କିମ୍ ମାଧ୍ୟମରେ ୨କୋଟି ଟଙ୍କା ଠକିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

ଉତ୍ତମଙ୍କ ସମେତ ୩ଜଣ ଏହି ଠକେଇରେ ସାମିଲ ଅଛନ୍ତି। ସେପଟେ ବଡବଜାର ପୋଲିସ ଏଥିରେ ସମ୍ପୃକ୍ତ ଥିବା ନେଇ ବାଲୁଗାଁ ଅଞ୍ଚଳର ସୁନୀଲ କୁମାର ସୁବୁଦ୍ଧିଙ୍କୁ ବାଣପୁର ପୋଲିସ ସହାୟତାରେ ବାଣପୁର-ବାଲୁଗାଁ ବାଇପାସ୍‌ରୁ ଉଠାଇ ନେଇଥିବା ସ୍ଥାନୀୟ ପୋଲିସ ଅଧିକାରୀ ଜୟପ୍ରକାଶ ପରିଡା ସୂଚନା ଦେଇଛନ୍ତି। ସେ ଏକ ଦୈନିକ ଖବରକାଗଜ ପ୍ରତିନିଧି ବୋଲି ଜଣାପଡିଛି। ଚିଟ୍‌ଫଣ୍ଡ ଠକେଇରେ ସମ୍ପୃକ୍ତ ଅନ୍ୟ ଦୁଇ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଆବଶ୍ୟକ ପଡିଲେ ଡା. ଉତ୍ତମଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ବଡବଜାର ପୋଲିସ କହିଛି।

ସୂଚନାନୁସାରେ, ଅଭିଯୁକ୍ତ ଉତ୍ତମଙ୍କର ବ୍ରହ୍ମପୁର ବଡବଜାର ମେନ୍ ରୋଡରେ ଷ୍ଟାଇଲ ଅଫ ଉତ୍ତମ ଡେଣ୍ଟାଲ କ୍ଲିନିକ୍ ରହିଛି। ୨୦୧୦ରେ ୟୁଏମ୍‌ଏସ୍ ନାମକ ଏକ ଚିଟ୍‌ଫଣ୍ଡ କମ୍ପାନୀ ସେ ଖୋଲିଥିଲେ। କଟକ ଆଇଜିଆର୍ ଅଧୀନରେ କମ୍ପାନୀ ଆକ୍ଟରେ ୨୭ ଅକ୍ଟୋବର ୨୦୧୦ରେ ପଞ୍ଜୀକୃତ ହୋଇଛି। ରିୟଲ ଇଷ୍ଟେଟ, ମ୍ୟୁଚୁଆଲ ଫଣ୍ଡ ଓ ଆପାର୍ଟମେଣ୍ଟ କରିବା ନାଁରେ ସେ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ବ୍ୟବସାୟୀ କରି ଲୋକଙ୍କୁ ଠକୁଥିଲେ। ଏଥିରେ ଅନ୍ୟ ଦୁଇ ସହଯୋଗୀ ମଳାଶୁଣିପେଟା ସାହିର ଡି.ଶିବାଜୀ ଓ ବାଲୁଗାଁର ସୁନୀଲ ମଧ୍ୟ ରହିଥିଲେ। ଶିବାଜୀ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଏବଂ ସୁନୀଲ ନିଜକୁ ନିର୍ଦ୍ଦେଶକ ବୋଲି ପରିଚୟ ଦେଉଥିଲେ। ୨୦୧୮ ମାର୍ଚ୍ଚ ୧ରେ ଅଭିଯୁକ୍ତ ଡାକ୍ତର ଓ ତାଙ୍କ ସହଯୋଗୀ ମିଳିତ ଭାବେ ବଡବଜାର ଗୌଡସାହିର ସୁନା ବ୍ୟବସାୟୀ କେ. ପ୍ରସାଦ ରାଓ ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ କେ. ଛାୟାବତୀଙ୍କ ନିକଟକୁ ଯାଇ ତାଙ୍କ କମ୍ପାନୀରେ ଟଙ୍କା ଜମା କରିବାକୁ ପ୍ରଲୋଭିତ କରିଥିଲେ। କମ୍ପାନୀର ବିଭିନ୍ନ ସ୍କିମ୍ ବିଷୟରେ ବୁଝାଇବା ସହ ୫୦ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ। ଉଚ୍ଚ ସୁଧ ଲୋଭ ଦେଖାଇ ବ୍ରହ୍ମପୁର ଓ ଭୁବନେଶ୍ୱରରେ ନିର୍ମାଣ ଚାଲିଥିବା ଆପାର୍ଟମେଣ୍ଟରେ ଟଙ୍କା ଲଗାଇବାକୁ କହିଥିଲେ। ମାସିକ ୩ ପ୍ରତିଶତ ସୁଧ ସହ ଭୁବନେଶ୍ୱରରେ ଏକ ଫ୍ଲାଟ ଦେବାକୁ ଡାକ୍ତର ବ୍ୟବସାୟୀ ଦମ୍ପତିଙ୍କୁ ପ୍ରତିଶୃତି ଦେଇଥିଲେ। ଅଧିକ ସୁଧ ଲୋଭରେ ପଡି ସୁନା ବ୍ୟବସାୟୀ ଓ ତାଙ୍କ ସ୍ତ୍ରୀ ୫ ଟି କିସ୍ତିରେ ଡା. ଉତ୍ତମଙ୍କୁ ୨ କୋଟି ଟଙ୍କା ଦେଇଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ହେଲେ ଅନେକ ମାସ ପରେ ମଧ୍ୟ ସେ କିମ୍ବା ତାଙ୍କ ସହଯୋଗୀ ସୁନା ବ୍ୟବସାୟୀଙ୍କୁ ସୁଧ ଟଙ୍କା କିମ୍ବା ଆପାର୍ଟମେଣ୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ୨ କୋଟି ଟଙ୍କା ଫେରାଇ ଦେବାକୁ ସୁନା ବ୍ୟବସାୟୀ ଓ ତାଙ୍କ ସ୍ତ୍ରୀ ଡାକ୍ତର ଉତ୍ତମଙ୍କୁ କହିଥିଲେ। କିନ୍ତୁ ଏହି କଥାକୁ ସେ କର୍ଣ୍ଣପାତ ନ କରି ବିଭିନ୍ନ ବାହାନା କରି ଦିନ ଗଡାଇ ଚାଲିଥିଲେ। ୨୦୨୧ରେ ଫେବୃୟାରୀ ୧୦ରେ ଉତ୍ତମ ତାଙ୍କୁ ୨ଲକ୍ଷ ଟଙ୍କା ଦେଇଥିଲେ। ଅନ୍ୟ ସମସ୍ତ ଟଙ୍କା ପର୍ଯ୍ୟାୟ କ୍ରମେ ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଣି ଥରେ ଅଗଷ୍ଟ ୪ରେ ସେ ଅଭିଯୁକ୍ତଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ଏପରିକି ବ୍ୟବସାୟୀ ଦମ୍ପତିଙ୍କୁ ଧମକଚମକ ମଧ୍ୟ ଦେଇଥିଲେ। ଏନେଇ ଛାୟାବତୀ ବ୍ରହ୍ମପୁର କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବଡବଜାର ଥାନାରେ ୨୦୨୧ ଅଗଷ୍ଟ ୯ରେ ଲିଖିତ ଅଭିଯୋଗ କରିଥିଲେ।

## ଆଇଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡ୍ ଉନ୍ମୋଚିତ

**ନୂଆଦିଲ୍ଲୀ:** ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ନୂଆ ଓପନ୍-ଏଣ୍ଡେଡ୍ ଟାର୍ଗେଟ୍ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ୍, ଆଇଡିଏଫ୍‌ସି କ୍ରିସିଲ୍ ଆଇବିଏକ୍ସ ଗିଲ୍ଟ-ଏପ୍ରିଲ ୨୦୩୨ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହା କ୍ରିସିଲ୍ ଆଇବିଏକ୍ସ ଗିଲ୍ଟ ଇଣ୍ଡେକ୍ସ-ଏପ୍ରିଲ ୨୦୩୨ର ଅଂଶଗୁଡିକରେ ନିବେଶ କରିବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଦୂରଦର୍ଶୀ ନିବେଶକମାନେ ଏକ ରଣନୈତିକ ସମ୍ପତ୍ତି ଆବଣ୍ଟନ ଆଭିମୁଖ୍ୟ ମାଧ୍ୟମରେ ନିଜର ଫିକ୍ସଡ୍ ଇନ୍‌କମ୍ ପୋର୍ଟଫୋଲିଓର ବିବିଧତାର ଗୁରୁତ୍ୱକୁ ଚିହ୍ନଟ କରିପାରିଥାନ୍ତି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୧୬ ଲକ୍ଷ କୋଟି

ନୂଆଦିଲ୍ଲୀ, ୧୧।୨




ଚଳିତ ଆର୍ଥିକ ବର୍ଷର ଫେବୃୟାରୀ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୧୬ (୧୫.୬୭) ଲକ୍ଷ କୋଟି ଟଙ୍କା ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଏବେ ସୁଦ୍ଧା ଟିକସ ସଂଗ୍ରହରେ ୨୪.୦୯% ବୃଦ୍ଧି ହୋଇଥିବା ଜଣାପଡ଼ିଛି। ବିଶେଷକରି କରଦାତାଙ୍କର ରିଫଣ୍ଡ ଜାରି କରିବା ପରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ରାଶି ୧୨.୯୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୧୮.୪୦%ରୁ ଅଧିକ ବୋଲି କୁହାଯାଉଛି। ସେହିଭଳି ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଗତ ବଜେଟ ଆକଳନର ୯୧.୩୯% ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷର ରିଭାଇଜ୍ଡ ଏଷ୍ଟିମେଟ୍(ଆର୍‌ଇ)ର ଏହା ପ୍ରାୟ ୭୯% (୭୮.୬୫%)ର ନେଟ୍ ସଂଗ୍ରହ ବୋଲି କେନ୍ଦ୍ରୀୟ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ କୁହାଯାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ୧୦ ମଧ୍ୟରେ ମୋଟ କର୍ପୋରେଟ୍ ଇନ୍‌କମ୍ ଟ୍ୟାକ୍ସ (ସିଆଇଟି)ରେ ୧୯.୩୩% ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ପର୍ସନାଲ ଇନ୍‌କମ ଟ୍ୟାକ୍ସ (ପିଆଇଟି) ସଂଗ୍ରହ ମଧ୍ୟ ୨୯.୬୩%ରେ ପହଞ୍ଚିଛି। ଏପରିକି ପିଆଇଟି ଓ ଶେୟାର କିଣାବିକା ହେଉଥିବା ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଆଇଟି)କୁ ମିଶାଇ ମୋଟ ୨୯.୬୩% ଟିକସ ଆଦୟ ହୋଇଛି। ରିଫଣ୍ଡକୁ ଏଡ୍‌ଜଷ୍ଟ କରିବା ପରେ ସିଆଇଟି ସଂଗ୍ରହରେ ୧୫.୮୪% ଏବଂ ପିଆଇଟିରେ ୨୧.୯୩% ଆଦାୟ ବଢ଼ିଛି। ଅପରପକ୍ଷରେ ପିଆଇଟିରେ ଏସ୍‌ଆଇଟିକୁ ମିଶାଇଲେ ଟିକସ ସଂଗ୍ରହରେ ୨୧.୨୩% ବୃଦ୍ଧି ଦେଖିବାକୁ ମିଳିଛି।

ଉଲ୍ଲେଖଯୋଗ୍ୟ, ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨ ଏପ୍ରିଲ ୧ରୁ ୨୦୨୩ ଫେବୃୟାରୀ ୧୦ ପର୍ଯ୍ୟନ୍ତ ମୋଟ ୨.୬୯ ଲକ୍ଷ କୋଟି ରିଫଣ୍ଡ ଜାରି କରାଯାଇଛି। ଗତ ବର୍ଷର ସମସ୍ତ ଅବଧି ତୁଳନାରେ ୬୧.୫୮%ରୁ ଅଧିକ ବୋଲି ଏହା କୁହାଯାଉଛି।

## ଏୟାର ଏସିଆକୁ ୨୦ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ,୧୧।୨

ଦେଶର ପ୍ରମୁଖ ଘରୋଇ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ (ଇଣ୍ଡିଆ) ଲିମିଟେଡ୍‌କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରାୟ ୨୦ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଏପରିକି ବିମାନ ନିୟାମକ ଡିଜିସିଏ ନିୟମ ଉଲ୍ଲଂଘନ ଅଭିଯୋଗରେ ଏୟାର ଏସିଆ ଉପରେ ୨୦ ଲକ୍ଷ ଟଙ୍କାର ଆର୍ଥିକ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏୟାର ଏସିଆଙ୍କ ପ୍ରଶିକ୍ଷଣ ମୁଖ୍ୟ ତାଙ୍କ କର୍ତ୍ତବ୍ୟରେ ବିଫଳ ହୋଇଥିବାରୁ ତାଙ୍କୁ ୩ ମାସ ପର୍ଯ୍ୟନ୍ତ ପଦରୁ ହଟାଇ ଦିଆଯାଇଛି। ସେହିପରି ୮ନୋମିନେଟେଡ୍ ପରୀକ୍ଷକଙ୍କ ଉପରେ ମଧ୍ୟ ୩ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଛି।

## ନବୀନ ଜିନ୍ଦଲଙ୍କୁ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ସମ୍ମାନ

ଭୁବନେଶ୍ୱର,୧୧।୨



ଦେଶର ଜଣାଶୁଣା ଭିତ୍ତିଭୂମି ଥିଙ୍କ୍ ଟ୍ୟାଙ୍କ୍ ଏବଂ ଭିତ୍ତିଭୂମି ଗବେଷଣା ଅଧ୍ୟୟନ ତାଲିମ ଫାଉଣ୍ଡେଶନ 'ଫାଷ୍ଟ କନ୍‌ଷ୍ଟ୍ରକସନ୍ କାଉନସିଲ୍' ପକ୍ଷରୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ 'ଚଳିତ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଉକ୍ତ ସଂସ୍ଥା ଜେଏସ୍‌ପିକୁ 'ବୃହତ୍ ଶିଳ୍ପ ବର୍ଗ'ରେ ୨ୟ ଦ୍ରୁତତମ ବୃଦ୍ଧି ପାଉଥିବା ଇସ୍ପାତ କମ୍ପାନୀ ଭାବେ ପୁରସ୍କୃତ କରିଛି। ସେହିଭଳି ଜିନ୍ଦଲ ପାନ୍ଥର ଟିଏମ୍‌ଟି ରିବାରର୍ସକୁ ମଧ୍ୟ 'ସାର୍ଟିଫିକେଟ୍ ଅଫ୍ ଅଥେନ୍‌ଟିସିଟି' ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜେଏସ୍‌ପିର ମୁଖ୍ୟ ମାର୍କେଟିଂ ଅଧିକାରୀ ଏସ୍.କେ. ପ୍ରଧାନ ନବୀନ ଜିନ୍ଦଲ ଏବଂ ତାଙ୍କ କମ୍ପାନୀ ପକ୍ଷରୁ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଏସ୍.କେ. ପ୍ରଧାନ ଏହି ପରିପ୍ରେକ୍ଷୀରେ ନବୀନ ଜିନ୍ଦଲଙ୍କ ଠାରୁ ମିଳିଥିବା ବାର୍ତ୍ତା ସମସ୍ତଙ୍କୁ ଶୁଣାଇଥିଲେ। ଉକ୍ତ ବାର୍ତ୍ତାରେ ନବୀନ ଜିନ୍ଦଲ କହିଥିଲେ, ଜେଏସ୍‌ପି ହେଉଛି ରାଷ୍ଟ୍ର ନିର୍ମାଣ ପାଇଁ ଏକ ଉତ୍ସର୍ଗୀକୃତ କମ୍ପାନୀ ।

## ୟୁବିଓଆଇ ପକ୍ଷରୁ ଭଏସ୍ ବ୍ୟାଙ୍କିଙ୍ଗ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୨

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ) ପକ୍ଷରୁ ଭଏସ୍ ବ୍ୟାଙ୍କିଙ୍ଗ୍ ସେବାର ଶୁଭାରମ୍ଭ କରାଯାଇଛି। ଅତ୍ୟାଧୁନିକ ଉପାୟରେ ବ୍ୟାଙ୍କର ସେବା ଓ ସୁବିଧାକୁ ସହଜ ଭାବେ ପହଞ୍ଚାଇବା ଆଶାରେ 'ୟୁନିୟନ ବ୍ୟାଙ୍କ ଭଏସ୍ ଆସିଷ୍ଟାଣ୍ଟ' (ୟୁବା)ର ବ୍ୟବହାରକୁ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ୟୁବା ଗ୍ରାହକଙ୍କ ପାଖରେ ଭଏସ୍ କମାଣ୍ଡ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାର ଏକ ଅଭିନବ ଉପାୟ ।

ଏ ସମ୍ପର୍କରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏ. ମଣିମେଖାଲାଇ କହିଛନ୍ତି, ଗ୍ରାହକମାନେ ଚେକ୍ ବୁକ୍ ପାଇଁ ଅନୁରୋଧ, ଚେକ୍ ସ୍ଥିତି, ଲକର ଭଡ଼ା ଦେୟ, ଡେବିଟ୍ କାର୍ଡ ବ୍ଲକ୍, ଡେବିଟ୍ କାର୍ଡ ଅନ୍‌ବ୍ଲକ୍, କ୍ରେଡିଟ୍ କାର୍ଡ ବିଲ୍ ଦେୟ ଭଳି ବ୍ୟାଙ୍କିଙ୍ଗ୍ ସେବାଗୁଡ଼ିକ ଶୀଘ୍ର ୟୁବା ମାଧ୍ୟମରେ ଗ୍ରାହକଙ୍କ ପାଇଁ ଆରମ୍ଭ କରାଯିବ। ଏପରିକି ବ୍ୟାଙ୍କର ସମସ୍ତ ଗ୍ରାହକଙ୍କୁ ଉତ୍ତମ ଡିଜିଟାଲ ସେବା ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରୟାସ ଜାରି ରଖିଛୁ ବୋଲି ଏ. ମଣିମେଖାଲାଇ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କର ପୂର୍ବରୁ ଥିବା ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ (ୟୁଭିକନ୍) ସେବା ମାଧ୍ୟମରେ ଗ୍ରାହକଙ୍କ ନିକଟତର ହୋଇପାରିଥିଲା। ଏପରିକି ଲକ୍ଷେରୁ ଅଧିକ ଗ୍ରାହକ ବ୍ୟାଙ୍କ ପରିଦର୍ଶନ ନ କରି ଗ୍ରାମୀଣ କ୍ଷେତ୍ରରେ ଉତ୍ତମ ଡିଜିଟାଲ ସେବା ଉପଲବ୍ଧ କରିପାରିଛନ୍ତି। ବର୍ତ୍ତମାନ ଭଏସ୍ ବ୍ୟାଙ୍କିଙ୍ଗ୍ ସଲ୍ୟୁସନ ଦ୍ୱାରା ଗ୍ରାହକମାନେ ଆହୁରି ଅଧିକ ସେବା ପାଇପାରିବେ। ଏପରିକି ଯେଉଁଠାରେ ଓ ଯେକୌଣସି ସମୟରେ ନିଜର ଆବଶ୍ୟକତା ଅନୁଯାୟୀ ତୁରନ୍ତ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ 'ଉତ୍ତର ପ୍ରଦେଶ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍-୨୦୨୩' ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମ୍‌ଡି ତଥା ସିଇଓ) ଏ.ମଣିମେଖାଲାଇଙ୍କ ଦ୍ୱାରା 'ଭଏସ୍ ବ୍ୟାଙ୍କିଙ୍ଗ୍'ର ଶୁଭାରମ୍ଭ କରାଯାଇଥିଲା।

## 'ପ୍ରାକୃତିକ,ଜୈବିକ କୃଷି କାର୍ଯ୍ୟକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ, ୧୧।୨



କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର 'ନ୍ୟାଶନାଲ ସେଣ୍ଟର ଫର୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂ ଏବଂ ରେଜିଓନାଲ ସେଣ୍ଟର ଫର୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂ ସହ ହରିଦ୍ୱାରର ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସହଭାଗିତାରେ ଏକ ଦିନିକିଆ ପ୍ରାକୃତିକ, ଜୈବିକ କୃଷି କାର୍ଯ୍ୟ ସମନ୍ୱିତ ସଚେତନତା କାର୍ଯ୍ୟକ୍ରମ ପତଞ୍ଜଳି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏ ସମ୍ପର୍କରେ ପତଞ୍ଜଳିର ପ୍ରମୁଖ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, କୃଷକମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଜେ ବ୍ୟବହାର କରୁଥିବା ଖାଦ୍ୟଶସ୍ୟ ଜୈବିକ ଏବଂ ପ୍ରାକୃତିକ ଉପାୟ ଗ୍ରହଣକରି ଉତ୍ପାଦନ କରିବା ଆବଶ୍ୟକ। ଏହାଦ୍ୱାରା ଅନେକ ସ୍ୱାସ୍ଥ୍ୟ ଉପଯୋଗୀ ଲାଭ ମିଳିବା ସହ ମେଡିକାଲ ଖର୍ଚ୍ଚ ମଧ୍ୟ କମ୍ କରାଯାଇପାରିବ। ବିଶେଷକରି ହରିତ କ୍ରାନ୍ତି ପଦ୍ଧତି ଏବଂ ଅନ୍ନାଦାତା ଆପ୍ଲିକେଶନ ଜରିଆରେ କୃଷକଙ୍କ ଉନ୍ନତୀକରଣ ପାଇଁ ପତଞ୍ଜଳି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରୁଥିବା ବିଷୟରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ନ୍ୟାଶନାଲ ସେଣ୍ଟର ଅଫ୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂର ନିର୍ଦ୍ଦେଶକ ଡ. ଗଣେଶ ଶର୍ମା, ଉତ୍ତରାଖଣ୍ଡ କୃଷି ବିଭାଗର ଉପାଧ୍ୟକ୍ଷ ଏ.କେ.ଉପାଧ୍ୟାୟ, ପ୍ରଖଣ୍ଡ ବାୟୋ ଏନର୍ଜିର ସିଇଓ ହିତେଶ ଚୌଧୁରୀ, ଉଦ୍ୟୋଗୀ ଗୋପାଳ ଶର୍ମା, ସଞ୍ଜୟ କୁମାର, ଜୟପ୍ରକାଶ, ଖିଲାରାମ, ଅନିଲ ପାଣ୍ଡେ ଏବଂ ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ସିଜିଏମ୍ ପଓ୍ୱନ କୁମାର ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ହରିଦ୍ୱାରର ୫୦୦ରୁ ଅଧିକ କୃଷକ ଯୋଗଦାନ କରିଥିଲେ।

## ସ୍କୋଡା ପକ୍ଷରୁ 'ୱାରେଣ୍ଟି ପ୍ୟାକେଜ' ପ୍ରଚଳନ

ନୂଆଦିଲ୍ଲୀ,୧୧।୨

ŠKODA

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଏକ ଅଭିନବ ସେବା ଓ ସୁବିଧା 'ୱାରେଣ୍ଟି ପ୍ୟାକେଜ'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିକ୍ରି ଦୃଷ୍ଟିରୁ ବ୍ରାଣ୍ଡ୍ ୨୦୨୨କୁ ନିଜର ସର୍ବବୃହତ୍ ବର୍ଷ ଭାବେ ଶେଷ କରିବା ପରେ କମ୍ପାନୀ ୨୦୨୩ରେ ଏଭଳି କିଛି ନୂତନ ଆରମ୍ଭ କରିଛି। ଏପରିକି ଯେକୌଣସି ସମୟ ୱାରେଣ୍ଟି କୁହାଯାଉଥିବା ଉକ୍ତ ୱାରେଣ୍ଟି ପ୍ୟାକେଜ ୧ବର୍ଷ ବା ୨୦,୦୦୦ କି.ମି. ପ୍ୟାକେଜ ଯାହାକି ଯେକୌଣସି ଥିବା ମାନକ କିମ୍ବା ବର୍ଦ୍ଧିତ ୱାରେଣ୍ଟି ବଢ଼ାଇବା ପାଇଁ ବ୍ୟବହୃତ ହୋଇପାରିବ।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସ୍ଲୋକ୍ କହିଥିଲେ, ସ୍କୋଡା ଅଟୋ ଇଣ୍ଡିଆ ପାଇଁ ୨୦୨୩ ରେ ସଫଳତାର ଚାବି କେବଳ ନୂତନ କାର୍ ବିଷୟରେ ନିଷ୍ପତ୍ତି ନେବା ନୁହେଁ, ବରଂ ଆମ ଗ୍ରାହକଙ୍କ ପାଇଁ ଏକ ଅସାମାନ୍ୟ ମାଲିକାନା ଏବଂ ରକ୍ଷଣାବେକ୍ଷଣ ଅଭିଜ୍ଞତା ପ୍ରଦାନ କରୁଥିବା ଅନେକ ଉଦ୍ଭାବନ ବିଷୟରେ ବୋଲି ଆମେ ଆରମ୍ଭରୁ କହିଥିଲୁ। ଯେ କୌଣସି ସମୟ ୱାରେଣ୍ଟି ଏପରି ଏକ ଯୋଜନା ଯାହା ଆମର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆମର ଗ୍ରାହକ ସନ୍ତୋଷ ଏବଂ ହଇରାଣମୁକ୍ତ ମାଲିକାନା ଅଭିଜ୍ଞତାକୁ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୂରା କରିଥାଏ। ଅପରପକ୍ଷରେ ଉଦ୍ୟୋଗ ମାନକ ପ୍ରାୟ ୩ ବର୍ଷ ବା ୭୫,୦୦୦କି.ମି. ଥିବା ବେଳେ ସ୍କୋଡା ଅଟୋ ଇଣ୍ଡିଆ ପ୍ରଥମରୁ ୪ ବର୍ଷ ବା ୧,୦୦,୦୦୦ କି.ମି. ମାନକ ୱାରେଣ୍ଟି ସହ ଭାରତୀୟ ଅଟୋମୋଟିଭ ବଜାରରେ ଶୀର୍ଷରେ ରହିଛି ।

## ଫୁର୍‌ସତ୍

# ପ୍ରେମ ଦିବସ ପାଇଁ ଗୋଲାପ ଆମଦାନୀ ବ୍ୟାନ୍

ଟୋକିଓ



ନେପାଳ ସରକାର ନିକଟରେ ପ୍ରେମ ଦିବସ ପାଇଁ ଭାରତ ଏବଂ ଚାଇନାରୁ ଗୋଲାପ ଆମଦାନୀ ବ୍ୟାନ୍ କରିଥିବା ଘୋଷଣା କରିଛି। ରିପୋର୍ଟ ଅନୁସାରେ, ଆସନ୍ତା ୧୪ରେ ପ୍ରେମ ଦିବସ ପାଳନ କରାଯିବ। ଏଥିପାଇଁ ଭାରତ ଏବଂ ଚାଇନାରୁ ସତେଜ ଗୋଲାପ ଅଧିକ ମାତ୍ରାରେ ଆମଦାନୀ ହେବ। ହେଲେ କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା ଉଦ୍ଭିଦ କ୍ୱାରେଣ୍ଟିନ୍ ଏବଂ କୀଟନାଶକ ପରିଚାଳନା କେନ୍ଦ୍ର ଗୁରୁବାର ଉଦ୍ଭିଦ ରୋଗର ଆଶଙ୍କା ଦର୍ଶାଇ ଗୋଲାପ ଆମଦାନୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ କେନ୍ଦ୍ର ୧୫ଟି କଷ୍ଟମ ଅଫିସ୍‌ରେ ଏହି କାରଣ ଲାଗି ଭାରତ ଏବଂ ଚାଇନାଠାରୁ ଗୋଲାପ ଆମଦାନୀ ବ୍ୟାନ୍ କରିଛି। ଏହି ଆମଦାନୀ ପରିବା ଜାତୀୟ ଜିନିଷର କୀଟରୁ ରୋଗର ଆଶଙ୍କା କରାଯାଉଛି ବୋଲି କେନ୍ଦ୍ରର ସୂଚନା ଅଧିକାରୀ ମହେଶ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି। ଗୋଲାପ ଏବଂ ଅନ୍ୟ ଉଦ୍ଭିଦଠାରୁ ହେଉଥିବା ରୋଗ ବହୁତ ବିପଦ ବୋଲି ଜଣାପଡ଼ିଛି। ସେଥିପାଇଁ ଆମଦାନୀକୁ ତୁରନ୍ତ ବ୍ୟାନ୍ କରାଯାଇଥିବା ଆଚାର୍ଯ୍ୟ କହିଛନ୍ତି। ପ୍ରେମ ଦିବସଗୁଡ଼ିକରେ ନେପାଳରେ ପ୍ରାୟ ୩୦୦ ହଜାର ଗୋଲାପ ବିକ୍ରି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ନେପାଳରେ ମାତ୍ର ୩୦ରୁ ୪୦ ହଜାର ଗୋଲାପ ହେଉଥିବାବେଳେ ବାକିସବୁ ଭାରତରୁ ଆମଦାନୀ କରାଯାଇଥାଏ। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ନେପାଳ ୧୦ ହଜାର ୬୧୨ କେଜିର ଗୋଲାପ ପାଇଁ ୧.୩ ମିଲିୟନ୍ ଡଲାର ବ୍ୟୟ କରିଛି।

## ପ୍ରଶଂସକଙ୍କ ବାପାଙ୍କ ଜୀବନ ବଞ୍ଚାଇଲେ




**ମୁମ୍ବାଇ:** ବର୍ତ୍ତମାନ ସମୟରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସମଗ୍ର ବିଶ୍ୱରେ ଅନେକ ଫ୍ୟାନ୍ ରହିଛନ୍ତି। ସଭିଙ୍କ ଭଲ ପାଇବା ପାଇବାରୁ ସେମାନଙ୍କୁ କେବେ ନିରାଶ କରିନାହାନ୍ତି ଅଲ୍ଲୁ। ଅଲ୍ଲୁ ସବୁବେଳେ ତାଙ୍କ ଫ୍ୟାନ୍ସଙ୍କ ଅସୁବିଧାରେ ଠିଆ ହୋଇ ଆସିଛନ୍ତି। ନିକଟରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଅଲ୍ଲୁ ତାଙ୍କର ଜଣେ ଫ୍ୟାନ୍‌ଙ୍କ ବାପା ଫୁସ୍‌ଫୁସ୍ ଜନିତ ରୋଗର ଶିକାର ଜାଣି ତାଙ୍କୁ ୨ ଲକ୍ଷ ଟଙ୍କା ସହାୟତା କରିଛନ୍ତି। ଏବେ ତାଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ଏହି ସୂଚନା ଅଲ୍ଲୁ ଅର୍ଜୁନ ଫ୍ୟାନ୍ କ୍ଲବ ସୋସିଆଲ ମିଡିଆରେ ଶେୟାର କରିଛି। ଏ ସମସ୍ୟା ନେଇ ଫ୍ୟାନ୍ କ୍ଲବ ତା' ପେଜ୍‌ରେ ଏକ ସ୍ୱାସ୍ଥ୍ୟ ରିପୋର୍ଟର ଫଟୋ ଶେୟାର କରି ସୂଚନା ଦେଇଥିଲା।

# ୨ଟି କଫି ପାଇଁ ୩.୬ ଲକ୍ଷ ଚାର୍ଜ

ୱାଶିଂଟନ୍

ଏକ ଆମେରିକା ଦମ୍ପତିଙ୍କୁ ୨ଟି କଫି ପାଇଁ ୪ହଜାର ୪୫୬ ଡଲାର, ଯାହା ଭାରତୀୟ ମୁଦ୍ରାରେ ୩.୬ ଲକ୍ଷ ଚାର୍ଜ ପଡ଼ିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଜେସି ଏବଂ ଓଡଲ୍ ଆମେରିକାର ଏକ ଷ୍ଟାରବକ୍ସ ରେଷ୍ଟୁରାଣ୍ଟକୁ କଫି ପିଇବାକୁ ଯାଇଥିଲେ। କଫି ପିଇସାରି ସେମାନେ ତାଙ୍କ କ୍ରେଡିଟ୍ କାର୍ଡରୁ ପେମେଣ୍ଟ କରି ଘରକୁ ଆସିଥିଲେ। ହେଲେ ପରେ ଯେତେବେଳେ ସେମାନେ ଶପିଂ କରିବାକୁ ଗଲେ, ସେଠାରେ ପେମେଣ୍ଟ କରିବାବେଳେ ତାଙ୍କ କାର୍ଡରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାର ଯାଞ୍ଚ କରିବାରୁ ସେହି କଫି ପାଇଁ ତାଙ୍କର ୩.୬ ଲକ୍ଷ ଟଙ୍କା କଟିଥିବା ଜାଣିଲେ। ପ୍ରକୃତରେ ସେଠାରେ ଗତ ୧୬ ବର୍ଷ ହେବ ୨ କଫିର ଦାମ୍ ୧୦ ଡଲାର (୮୨୦ ଟଙ୍କା) ରହିଛି। ତେବେ ଏତେ ଟଙ୍କା କିପରି କଟିଲା ତାହା ଜାଣିବାକୁ ସେହି ରେଷ୍ଟୁରାଣ୍ଟକୁ ଦୁହେଁ ସମ୍ପର୍କ କରିଥିଲେ। ଏହାର ସମାଧାନ ଖୁବ୍‌ଶୀଘ୍ର କରାଯିବ କହିଥିଲେ ଏବଂ ଏହି ତ୍ରୁଟି ମନୁଷ୍ୟଜନିତ ବୋଲି ରେଷ୍ଟୁରାଣ୍ଟ ଉତ୍ତର ରଖିଥିଲା।

## ଆଇନଗତ ବିବାଦରେ ଫସିଲେ ରାଣା ଦଗ୍ଗୁବତୀ



**ହାଇଦ୍ରାବାଦ:** ଅତୁଆରେ ଚଳଚ୍ଚିତ୍ର 'ବାହୁବଲୀ'ର ଭଲ୍ଲାଳ ଦେବ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ରାଣା ଦଗ୍ଗୁବତୀ। ସେ ଏବଂ ତାଙ୍କ ବାପା ସୁରେଶ ବାବୁଙ୍କ ଉପରେ ଜମି ହଡ଼ପ ମାମଲା ରୁଜୁ ହୋଇଛି। ହାଇଦ୍ରାବାଦର ଜଣେ ବ୍ୟବସାୟୀ ପ୍ରମୋଦ କୁମାର ଉଭୟଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ୨୦୧୪ରେ ରାଣା ଏବଂ ସୁରେଶ ହାଇଦ୍ରାବାଦର ଫିଲ୍ମ ସିଟି ନିକଟରେ ଥିବା ନିଜ ଜମିକୁ ହୋଟେଲ ଲାଗି ପ୍ରମୋଦ କୁମାରଙ୍କୁ ଭଡ଼ାରେ ଦେଇଥିଲେ। ହେଲେ ସୁରେଶ ଉକ୍ତ ଜମିକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରମୋଦଙ୍କୁ ସୁରେଶ ୫ କୋଟି ଟଙ୍କା ଦେଇଥିଲେ ମଧ୍ୟ ପ୍ରମୋଦ ଜମି ଖାଲି କରିବାକୁ ମନା କରିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏବେ ପ୍ରମୋଦ ଏହି ଘଟଣାରେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୫ କୋଟି ଟଙ୍କା ତାଙ୍କୁ ମିଳି ନ ଥିବା ପ୍ରମୋଦ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ରାଣା ଏବଂ ତାଙ୍କ ବାପା ଜମି ଖାଲି କରିବାକୁ ଧମକାଇ ଥିବା ମଧ୍ୟ ସେ କହିଛନ୍ତି। ଖୁବ୍‌ଶୀଘ୍ର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି।

## ପୃଥିବୀକୁ ଡାର୍‌ୱିନଙ୍କ ଅବଦାନ

### ଡାର୍‌ୱିନ ଦିବସ



ପୃଥିବୀକୁ ବୈଜ୍ଞାନିକ ଡାର୍‌ୱିନ ପ୍ରଦାନ କରିଥିବା ଅବଦାନକୁ କେବେ ଭୁଲି ହେବ ନାହିଁ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧୨ରେ ତାଙ୍କ ଜନ୍ମ ବାର୍ଷିକୀରେ ଡାର୍‌ୱିନ ଦିବସ ପାଳନ କରାଯାଇଥାଏ। ସେ ୧୨ ଫେବୃୟାରୀ ୧୮୦୯ରେ ବ୍ରିଟେନର ଦ ମାଉଣ୍ଟ ହାଉସ୍‌ରେ ଜନ୍ମ ଗ୍ରହଣ କରିଥିଲେ। ୧୯ ଏପ୍ରିଲ ୧୮୮୨ରେ ୭୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଲଣ୍ଡନର ଦକ୍ଷିଣ ଉପକଣ୍ଠରେ ଥିବା ଡାଉନ ହାଉସ୍‌ରେ ଘଟିଥିଲା। ୧୨ ଫେବୃୟାରୀ ୧୯୦୯ରେ ଡାର୍‌ୱିନଙ୍କ ୧୦୦ତମ ଜନ୍ମବାର୍ଷିକୀ ନ୍ୟୁୟର୍କ ଏକାଡେମୀ ଅଫ ସାଇନ୍ସ ଦ୍ୱାରା ପାଳନ କରାଯାଇଥିଲା। ଡାର୍‌ୱିନଙ୍କ ଏକ ପିତ୍ତଳ ବଷ୍ଟ ଉନ୍ମୋଚିତ ହୋଇଥିଲା। ୨୦୦୯ ମସିହା ଡାରୱିନଙ୍କ ଜନ୍ମର ୨୦୦ତମ ବାର୍ଷିକୀ ଥିଲା। ୯ ଫେବୃୟାରୀ ୨୦୧୧ରେ, କାଲିଫର୍ନିଆର ପ୍ରତିନିଧି ପିଟ ଷ୍ଟାକ ୧୨ ଫେବୃୟାରୀକୁ ଡାର୍‌ୱିନ ଡେ ଭାବରେ ପରିଚିତ କରାଇଥିଲେ। ୨୨ ଜାନୁୟାରୀ ୨୦୧୩ରେ, ନ୍ୟୁ ଜର୍ସିର ପ୍ରତିନିଧି ରଶ ଡି ହୋଲ୍ଟ, ମଣିଷର ଉନ୍ନତିରେ ବିଜ୍ଞାନର ଗୁରୁତ୍ୱ ପାଇଁ ୧୨ ଫେବୃୟାରୀକୁ 'ଚାର୍ଲ୍ସ ଡାର୍‌ୱିନ ଡେ' ଭାବେ ଘୋଷଣା କରିଥିଲେ ଏବଂ ଡେଲାୱେରକୁ ଆମେରିକାର ପ୍ରଥମ ରାଜ୍ୟ ଭାବରେ ଏହି ଉତ୍ସବ ପାଳନ କରିଥିଲେ। ଆମେରିକାର ପ୍ରତିନିଧିସଭାର ପ୍ରତିନିଧି ଜିମ୍ ହିମସ୍‌ଙ୍କ ଦ୍ୱାରା ୨ ଫେବୃୟାରୀ ୨୦୧୫ରେ ଉପସ୍ଥାପିତ ହୋଇଥିବା ୬୭ ପ୍ରସ୍ତାବରେ ଫେବୃୟାରୀ ୧୨କୁ ଆମେରିକାରେ ଡାର୍‌ୱିନ ଡେ ଭାବରେ ପାଳନ କରିବାକୁ କୁହାଯାଇଥିଲା।

# ମଣିପୁର, ସର୍ଭିସେସ୍ ବିଜୟୀ

## ସନ୍ତୋଷ ଟ୍ରଫି ଫୁଟ୍‌ବଲ

ଭୁବନେଶ୍ୱର,୧୧।୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୭୬ତମ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ମଣିପୁର ଓ ସର୍ଭିସେସ୍ ବିଜୟୀ ହୋଇଥିବା ବେଳେ ଦିଲ୍ଲୀ ଓ ପଶ୍ଚିମବଙ୍ଗ ମ୍ୟାଚ ଡ୍ର ରହିଛି। ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୪-୧ ଗୋଲରେ ରେଲୱେକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ନାଗାଙ୍ଗବାମ୍ ନାଓଚା ସିଂ ୫୬, ୬୯ ଓ ୭୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୟାମି ଲଙ୍ଗଭା ୯୦+୨ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। ରେଲୱେ ପକ୍ଷରୁ ପ୍ରଦ୍ୟୁତ ଦାସ ୮୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।



ମେଘାଳୟ ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ମ୍ୟାଚରେ ସର୍ଭିସେସ୍ ୨-୦ ଗୋଲରେ ମେଘାଳୟକୁ ହରାଇ ଦେଇଛି। ସର୍ଭିସେସ୍‌ର ସୁନୀଲ ବି. ୨୮ ଓ ମୋଇରାଙ୍ଗଥେମ୍ ରୋନାଲ୍ଡୋ ସିଂ ୪୫+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଦିଲ୍ଲୀ-ପଶ୍ଚିମବଙ୍ଗ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ଦିଲ୍ଲୀ ଅଧିନାୟକ ନୀରଜ ଭଣ୍ଡାରୀ ୮ମ ଓ ଗୌରବ ରାୱତ ୭୨ତମ ମିନିଟରେ ଗୋଟିଏ ଲେଖାଏ ଏବଂ ପଶ୍ଚିମବଙ୍ଗ ଅଧିନାୟକ ନରୋ ହରି ଶ୍ରେଷ୍ଠ ୫୦ ଓ ୬୧ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

## ପୂର୍ବତନ ଫୁଟ୍‌ବଲ କୋଚ୍‌ଙ୍କ ବିରୋଧରେ ଗିରଫ ପରୱାନା

### ଯୌନ ଶୋଷଣ ଅଭିଯୋଗ



ଆଲେକ୍ସ ମାରିଓ ଆମ୍ବ୍ରୋସ୍

ନୂଆଦିଲ୍ଲୀ, ୧୧।୨(ପି.ଟି.)

ଯୌନ ଶୋଷଣ ଅଭିଯୋଗରେ ଦିଲ୍ଲୀର ଏକ କୋର୍ଟ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଟିମ୍‌ର ପୂର୍ବତନ ସହକାରୀ କୋଚ୍ ଆଲେକ୍ସ ମାରିଓ ଆମ୍ବ୍ରୋସ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଯୌନ ଅପରାଧରୁ ଶିଶୁ ସୁରକ୍ଷା (ପୋସ୍କୋ) ଆଇନର ଧାରା ୧୨ (ଯୌନ ନିର୍ଯାତନା ପାଇଁ ଦଣ୍ଡ ବିଧାନ) ଅନୁସାରେ ଆମ୍ବ୍ରୋସଙ୍କ ବିରୋଧରେ ଦ୍ୱାରକା ସେକ୍ଟର ୨୩ ପୋଲିସ ଷ୍ଟେଶନରେ ଏକ ଏଫ୍ଆଇଆର ପଞ୍ଜୀକୃତ କରାଯାଇଥିଲା। ସହକାରୀ କୋଚ୍ ଜଣଙ୍କୁ ନରୱେରୁ ଡକାଯାଇଛି। ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳର ୟୁରୋପ ଟୁର୍ ସମୟରେ ଏକ ଟ୍ରେନିଂ ବେଳେ ଆମ୍ବ୍ରୋସ ଜଣେ ଖେଳାଳିଙ୍କ ପ୍ରତି ଖରାପ ଆଚରଣ କରିଥିଲେ। ଏହି କାରଣରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଗତବର୍ଷ ଜୁଲାଇରେ ଆମ୍ବ୍ରୋସଙ୍କୁ ବରଖାସ୍ତ କରିଥିଲା। ଶୁକ୍ରବାର ଅତିରିକ୍ତ ସେସନ ଜଜ୍ ଗଗନଦୀପ ଜିନ୍ଦଲ କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓରର ଧାରା ୭୦ ଅନୁଯାୟୀ ଏକ ଗିରଫ ପରୱାନା ଜାରି କରିଛନ୍ତି। କୋର୍ଟ ଆହୁରି ମଧ୍ୟ ସିଆର୍‌ପିସି ଧାରା ୪୪୬ ଅନୁସାରେ ଏକ ବଣ୍ଡର ଉଲ୍ଲଂଘନ ପାଇଁ ନୋଟିସ ଜାରି କରିଛନ୍ତି। କୋର୍ଟ ପୂର୍ବରୁ ଗତବର୍ଷ ଅକ୍ଟୋବର ୨୭ରେ ଆମ୍ବ୍ରୋସଙ୍କ ବିରୋଧରେ ସମନ ଜାରି କରିଥଲେ।

## ମୁମ୍ବାଇ ସିଟି ଏଫ୍‌ସିକୁ ଆଇଏସ୍ଏଲ୍ ସିଲ୍ଡ

ମୁମ୍ବାଇ, ୧୧।୨: ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚରେ ମୁମ୍ବାଇ ସିଟି ଅଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟ ହାସଲ କରିଛି। ଗୋଆରେ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୫-୩ ଗୋଲରେ ଗୋଆକୁ ହରାଇଥିବାବେଳେ ବେଙ୍ଗାଲୁରୁରେ ଆୟୋଜିତ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଆହୁରି ୨ଟି ମ୍ୟାଚ ବାକିଥାଇ ମୁମ୍ବାଇ ସିଟି ଏଫ୍‌ସି ଦ୍ୱିତୀୟ ଥରପାଇଁ ଆଇଏସ୍ଏଲ୍ ସିଲ୍‌ଡ ହାସଲ କରିଛି। ପୂର୍ବରୁ ୨୦୨୦-୨୧ ସିଜନରେ ଦଳ ଏହି ସିଲ୍ଡ ହାସଲ କରିଥିଲା। ମୁମ୍ବାଇ ସିଟି ଏଫ୍‌ସି ୧୮ ମ୍ୟାଚରୁ ୧୪ ବିଜୟ ସହ ୪୬ ପଏଣ୍ଟ ପାଇ ସାରିଛି। ଅନ୍ୟ କୌଣସି ଦଳ ଏତେ ସଂଖ୍ୟକ ପଏଣ୍ଟ ପାଇବା ସମ୍ଭାବନା ନ ଥିବାରୁ ମୁମ୍ବାଇ ସିଲ୍ଡ ହାସଲ କରିଛି।




ହାଇଦ୍ରାବାଦ ଏଫ୍‌ସି ୧୭ ମ୍ୟାଚରୁ ୩୬ ଓ କେରଳ ବ୍ଲାଷ୍ଟର୍ସ ୧୮ ମ୍ୟାଚରୁ ୩୧ ପଏଣ୍ଟ ପାଇ ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି।

## ଇଂଲଣ୍ଡ ମହିଳା କ୍ରିକେଟ ଦଳର ସହଜ ବିଜୟ

ପାର୍ଲ, ୧୧।୨ (ପି.ଟି.): ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚକୁ ଇଂଲଣ୍ଡ ୭ ଉଇକେଟରେ ଜିତି ନେଇଛି। ନାଟ୍ ସ୍କିଭର ବ୍ରଣ୍ଟ (୪୦*) ଓ ଅଧିନାୟିକା ହିଥର ନାଇଟ୍ (୩୨*)ଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୬୭ରନର ଅପରାଜିତ ପାର୍ଟନରଶିପ୍ ଦଳ ପାଇଁ ସହଜ ବିଜୟ ଆଣି ଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ:** ୨୦ ଓଭରରେ ୧୩୫/୭ (ହେଲି ମାଥ୍ୟୁସ-୪୨, ସିମେନି କ୍ୟାମ୍ପବେଲ୍-୩୪; ସୋଫି ଏକ୍ଲେଷ୍ଟୋନ୍-୩/୨୩)।

**ଇଂଲଣ୍ଡ:** ୧୪.୩ ଓଭରରେ ୧୩୮/୩ (ସୋଫିଆ ଡଙ୍କଲେ-୩୪, ନାଟ୍ ସ୍କିଭର-ବ୍ରଣ୍ଟ-୪୦*, ହିଥର ନାଇଟ୍-୩୨*)।

## ଗୁରୁ ନାନକ ଚାମ୍ପିୟନ, ସମ୍ବଲପୁର ତୃତୀୟ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି




ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକିରେ ତୃତୀୟ ସ୍ଥାନ ହାସଲ କରିଥିବା ସମ୍ବଲପୁର ଦଳ ଅତିଥିଙ୍କ ସହ।

ଭୁବନେଶ୍ୱର,୧୧।୨ (କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ପୁରୁଷ ହକି ଟୁର୍ନାମେଣ୍ଟ ଶନିବାର ଶେଷ ହୋଇଛି। ପ୍ରତି ଜୋନ୍‌ରୁ ୪ଟି ଲେଖାଏ ବିଶ୍ୱବିଦ୍ୟାଳୟକୁ ମିଶାଇ ମୋଟ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଅନ୍ତିମ ଦିବସରେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ବେଙ୍ଗାଲୁରୁ ସିଟି ୟୁନିଭର୍ସିଟିକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟର ଖେଳ ୩-୩ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଅନ୍ୟ ଏକ ମ୍ୟାଚରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ହରାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର ମ୍ୟାନେଜର ସତ୍ୟରଞ୍ଜନ ରାଉତ, ବେଙ୍ଗାଲୁରୁ ସିଟି ୟୁନିଭର୍ସିଟି ମ୍ୟାନେଜର ପଟେଲ ମହମ୍ମଦ ଲିୟାସ ଏବଂ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ମ୍ୟାନେଜର ଗୁରିନ୍ଦର ସିଂ ସାଙ୍ଘା ପ୍ରମୁଖ ଉପସ୍ଥିତ ଥିଲେ। ଅଚ୍ୟୁତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କାର ଚମକପ୍ରଦ ବିଜୟ

### ମହିଳା ଟି୨୦ ବିଶ୍ୱକପ୍

କେପ୍‌ଟାଉନ୍,୧୧।୨(ପି.ଟି.)

ଅଧିନାୟିକା ଚାମରି ଆଥାପାଥୁଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସ୍ଥାନୀୟ ନ୍ୟୁଲାଣ୍ଡ୍ସଠାରେ ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଓପନିଂ ମ୍ୟାଚରେ ଶ୍ରୀଲଙ୍କା ୩ରନରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଆଥାପାଥୁ ୫୦ବଲ୍‌ରୁ ୧୨ଚୌକା ସହ ୬୮ ରନ ସଂଗ୍ରହ କରିଥିଲେ। ଏହାଦ୍ୱାରା ଇଭେଣ୍ଟରେ ଶ୍ରୀଲଙ୍କାର ଜଣେ ଖେଳାଳି ହିସାବରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିପାରିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ୧୩୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପରେ ଶ୍ରୀଲଙ୍କା ସ୍ପିନରଙ୍କ ଶୃଙ୍ଖଳିତ ବୋଲିଂ ଯୋଗୁ ଆୟୋଜକ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୨୬ ରନ କରିପାରିଥିଲା। ୨୦୧୬ ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କାର ଏହା ହେଉଛି ପ୍ରଥମ ବିଜୟ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୨୦ ଓଭରରେ ୧୨୯/୪ (ଚାମରି ଆଥାପାଥୁ-୬୮, ଭିସ୍ମି ଗୁଣରତ୍ନେ-୩୫; ନାଡିନ ଡି' କ୍ଲେର୍କ-୧/୩୮, ମାରିଜାନେ କାପ୍-୧/୧୫)।

**ଦକ୍ଷିଣ ଆଫ୍ରିକା:** ୨୦ ଓଭରରେ ୧୨୬/୯(ସୁନ୍ ଲୁସ୍-୨୮; ଲାଉରା ଓଲ୍‌ଭାର୍ଡ୍ଟ-୧୮; ଇନୋକା ରଣବୀରା-୩/୧୮, ଓଶାଡି ରଣସିଂଘେ-୨/୨୦)।

## ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଆରାଧ୍ୟା ସମ୍ବର୍ଦ୍ଧିତ




ଆରାଧ୍ୟାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ଠାରେ ନ୍ୟାଶନାଲ ଆଡ୍‌ଭେଞ୍ଚର କ୍ୟାମ୍ପ ଓ ଫେଷ୍ଟିଭାଲ ଶୁକ୍ରବାର ଶେଷ ହୋଇଛି। ଏଥିରେ ସମଗ୍ର ଦେଶରୁ ୧୭ରୁ ୩୫ ବର୍ଷ ବର୍ଗର ପାଖାପାଖି ୬୦୦ ଯୁବବର୍ଗ ଭାଗ ନେଇଥିଲେ। ସପ୍ତାହବ୍ୟାପୀ ଫେଷ୍ଟିଭାଲରେ ବିଭିନ୍ନ ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁଃସାହସିକ କ୍ରୀଡ଼ାରେ ବିରଳ ସଫଳତା ପାଇଥିବା ଓଡ଼ିଶାର ଆରାଧ୍ୟା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭରେଷ୍ଟ ଆରୋହୀ ଗଣେଷ ଜେନାଙ୍କ କନ୍ୟା ୯ ବର୍ଷୀୟା ଆରାଧ୍ୟା ୨୦୨୨ରେ ମାଉଣ୍ଟ ୟୁନାମର ବେସ୍‌କ୍ୟାମ୍ପ ପର୍ଯ୍ୟନ୍ତ ୫୩୮୬ ମିଟର ଆରୋହଣ କରିଥିଲେ। ଏଥିପାଇଁ ତାଙ୍କୁ ମାନପତ୍ର, ଫଳକ ଓ ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋଲ୍ଡେନ ଟ୍ରାଙ୍ଗଲ ସାଇକ୍ଲିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ଗୋଲ୍ଡେନ ଟ୍ରାଙ୍ଗଲ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୫ମ ସଂସ୍କରଣ ରବିବାର ଏଠାରେ ଅନୁଷ୍ଠିତ ହେବ। ଧଉଳିସ୍ଥିତ ଅଶୋକ ସ୍ତମ୍ଭ ନିକଟରୁ ସକାଳ ୬ଟା ୩୦ରେ ଏହା ଆରମ୍ଭ ହେବ। ଧଉଳିରୁ ପିପିଲି, ମାଳତୀପାଟପୁର, ବାଟଗାଁ, ମଙ୍ଗଳାଘାଟ ଏବଂ ପୁରୀ ମେରାଇନ୍ ଡ୍ରାଇଭ୍ ଦେଇ ସମାନ ରାସ୍ତାରେ ପୁଣି ଧଉଳି ନିକଟକୁ ଫେରିବ। ପ୍ରତିଯୋଗିତା ମୋଟ ୧୧୪ କିଲୋମିଟର ବିଶିଷ୍ଟ ହେବ। ଆରମ୍ଭ ସ୍ଥଳ ଧଉଳିସ୍ଥିତ ଅଶୋକ ସ୍ତମ୍ଭ ହିଁ ପ୍ରତିଯୋଗିତାର ଫିନିଶ୍ ପଏଣ୍ଟ ରହିବ। ପୂର୍ବାହ୍ନ ୧୧ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ୨.୦୫ ଲକ୍ଷ ଟଙ୍କା ପ୍ରାଇଜ୍‌ମନି ବିଶିଷ୍ଟ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ଆକାରରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିରେ ଅଂଶଗ୍ରହଣ ପାଇଁ ୧୦୦ ସାଇକ୍ଲିଷ୍ଟ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ବିହାର, ମହାରାଷ୍ଟ୍ର ଆଦି ରାଜ୍ୟ ବାହାରର ୩୦ ସାଇକ୍ଲିଷ୍ଟ ସାମିଲ। ଏହା ବ୍ୟତୀତ ଜଣେ ଅଷ୍ଟ୍ରିଆ ନାଗରିକ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପ୍ରତିଯୋଗିତାର ପ୍ରାୟୋଜକ ରହିଛି।

## କଳିଙ୍ଗ ରନର୍ସର ଜାତୀୟସ୍ତରୀୟ ମାରାଥନ ୨୬ରେ




ଜାତୀୟସ୍ତରୀୟ ମାରାଥନ ସମ୍ପର୍କରେ ସୂଚନା ଦେବା ଅବସରରେ କଳିଙ୍ଗ ରନର୍ସ କର୍ମକର୍ତ୍ତା।

ଭୁବନେଶ୍ୱର,୧୧।୨(ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ରନର୍ସ ପକ୍ଷରୁ ୫ମ ଜାତୀୟ ସ୍ତରୀୟ ମାରାଥନ ଆସନ୍ତା ୨୬ ତାରିଖରେ ହେବ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଭୁବନେଶ୍ୱର ସିଟି ମାରାଥନ ତିନୋଟି ବିଭାଗ ଯଥା ୫ କିମି, ୧୦କିମି ଓ ୨୧ କିମି ବିଶିଷ୍ଟ ହେବ। ଅଂଶଗ୍ରହଣକାରୀଙ୍କ ଲାଗି ଟିଶାର୍ଟ, ଚିପ୍, ବିଆଇବି, ପଦକ ଏବଂ ଡିଜିଟାଲ ସାର୍ଟିଫିକେଟ ବ୍ୟବସ୍ଥା କରାଯାଇଛି। ବିଜେତାମାନଙ୍କ ଲାଗି ମୋଟ ପୁରସ୍କାର ରାଶି ୭୫,୦୦୦ ଟଙ୍କା ରଖାଯାଇଛି। ୫ କିମି ଅଂଶଗ୍ରହଣକାରୀଙ୍କ ଲାଗି ରିପୋର୍ଟିଂ ସମୟ ସକାଳ ୬ଟା ରଖାଯାଇଥିବା ବେଳେ ୧୦କିମି ପାଇଁ ସକାଳ ୫ଟା ୩୦ ଏବଂ ୨୧ କିମି ପାଇଁ ସକାଳ ୫ଟା ସମୟ ରଖାଯାଇଛି। ମାରାଥନ ଦୌଡ଼ ଶିଖରଚଣ୍ଡୀଠାରୁ ଆରମ୍ଭ ହେବ। ଓଡ଼ିଶାରେ ଏକ ସୁସ୍ଥ ସମାଜ ଓ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇବାକୁ ଯାଇ ଏହି ମାରାଥନର ଆୟୋଜନ କରାଯାଇଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳିଙ୍ଗ ରନର୍ସର ସଭାପତି ଦୁଃଖୀଶ୍ୟାମ ପାଢ଼ୀ, ସମ୍ପାଦକ ସଂଗ୍ରାମ କେଶରୀ ଜେନା, ସହସମ୍ପାଦକ ଅୟସକାନ୍ତ ମହାନ୍ତି, ରେସ୍‌ର ନିର୍ଦ୍ଦେଶକ ଦୀପକ କୁମାର ମିଶ୍ର, କାର୍ଯ୍ୟକ୍ରମର ଆୟୋଜକ ଯଯାତି ବଡୁ ଓ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତୀରନ୍ଦାଜୀ ପ୍ରଶିକ୍ଷଣ ଶିବିର ଆରମ୍ଭ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ତୀରନ୍ଦାଜମାନେ।

ଭୁବନେଶ୍ୱର, ୧୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ତୀରନ୍ଦାଜୀ ପ୍ରଶିକ୍ଷଣ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା ଆର୍ଚ୍ଚେରୀ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାରୁ ୩୦ଜଣ ତୀରନ୍ଦାଜ (୧୬ ବାଳକ ଓ ୧୪ ବାଳିକା) ଅଂଶଗ୍ରହଣ କରିଛନ୍ତି। ଏହାଛଡ଼ା ଓଡ଼ିଶାର ବିଭିନ୍ନ ଜିଲାରେ ରହିଥିବା ଆର୍ଚ୍ଚେରୀ ତାଲିମ କେନ୍ଦ୍ରର ୧୦ଜଣ କୋଚ୍ ଏହି ତାଲିକ ଶିବରରେ ସାମିଲ ହୋଇଛନ୍ତି। ରାଞ୍ଚିସ୍ଥିତ ବିର୍ସାମୁଣ୍ଡା ଏକାଡେମୀର ମୁଖ୍ୟ କୋଚ୍ ଶ୍ରୀପ୍ରକାଶ ରାମ୍ ତୀରନ୍ଦାଜମାନଙ୍କୁ ପ୍ରଶିକ୍ଷଣ ଦେବେ। ଓଡ଼ିଶା ଆର୍ଚ୍ଚେରୀ ଆସୋସିଏଶନର ସଭାପତି ତଥା ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଶିବିରର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରଶ୍ମୀରଞ୍ଜନ ସାମନ୍ତରାୟ ଓ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସର ଫିଜିଓ ଡଃ. ଦୀନେଶ ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଆର୍ଚ୍ଚେରୀ ଆସୋସିଏଶନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଶିବର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରସନ୍ନ ରାଉତ ଧନ୍ୟବାନ ଅର୍ପଣ କରିଥିଲେ।

## ଏ ସପ୍ତାହର ପ୍ରଶ୍ନ

୧- 'ଉଡାନ୍ ଏକ୍ ମଜଦୁର ବଚେ କି' ପୁସ୍ତକର ଲେଖକ .......... ?
୨- ସ୍କାର୍ଲେଟ୍ ମକାଉ ......... ଦେଶର ଜାତୀୟ ପକ୍ଷୀ ?
୩- ପୃଥିବୀର ଲୋକପ୍ରିୟ କଫିବ୍ରାଣ୍ଡ ........ ?
୪- ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ ........... ?
୫- ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ .......... ?

## ଗତ ଥରର ଉତ୍ତର

୧ ଦାନ୍ତେ
୨ ଫେବୃୟାରୀ ୨ୟ ରବିବାର
୩ ଉଜ୍‌ବେକିସ୍ତାନ
୪ ଡର୍ବାନ୍
୫ ଦି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥୋରିଟି ଅଫ୍ ଇଣ୍ଡିଆ

## ଉତ୍ତରଦାତା


ନୀଳମାଧବ ପାତ୍ର
ବ୍ରହ୍ମପୁର


ଅନ୍ନଦା ପ୍ରସନ୍ନ ପଟ୍ଟନାୟକ
କଟକ

## ଟପ୍ ୧୦

### କ୍ଷୁଦ୍ରତମ ଚଢ଼େଇ

୧- ବି ହମିଂବାର୍ଡ ........ ୫ ସେଣ୍ଟିମିଟର
୨- ୱିବିଲ୍ ........ ୮-୯ ସେଣ୍ଟିମିଟର
୩- ପାର୍ଡାଲୋଟ୍ ........ ୮-୧୨ ସେଣ୍ଟିମିଟର
୪- ଗୋଲ୍ଡ ହେଡେଡ୍ ସିଷ୍ଟିକୋଲା ........ ୧୦ ସେଣ୍ଟିମିଟର
୫- ଗୋଲ୍ଡ କ୍ରେଷ୍ଟ........ ୯ ସେଣ୍ଟିମିଟର
୬- ବ୍ରାଉନ୍ ଜେରିଗୋନ୍ ........ ୮-୧୦ ସେଣ୍ଟିମିଟର
୭- ଆମେରିକାନ୍ ଗୋଲ୍ଡଫିଞ୍ଚ୍ ........ ୧୧- ୧୪ ସେଣ୍ଟିମିଟର
୮- ବାନାନାକ୍ୱିଟ୍........ ୧୦- ୧୩ ସେଣ୍ଟିମିଟର
୯- ଟ୍ରପିକାଲ୍ ପାରୁଲା ........ ୧୧ ସେଣ୍ଟିମିଟର
୧୦- କ୍ରିମ୍‌ସନ୍ ଚାଟ୍ ........ ୧୦-୧୩ ସେଣ୍ଟିମିଟର



ଇ-ମେଲ୍ ଠିକଣା: dharitriagamiasha @gmail.com

**ଜାଣନ୍ତୁ ଦୁନିଆ**

# ରାତିରେ ଜଳୁଥିବା ଛତୁ

**ପୃଥିବୀରେ ଅନେକ ପ୍ରକାରର ଛତୁ ରହିଛି। କାହାର ରଙ୍ଗ ଧଳା କିମ୍ବା ଧୂସର ହୋଇଥିବା ବେଳେ ଆଉ କେତେକ ରଙ୍ଗିନ୍ ଏବଂ ଖୁବ୍ ସୁନ୍ଦର। ତା' ଭିତରୁ କେତେକ ଛତୁକୁ ଆମେ ଖାଉଥିବା ବେଳେ ଆଉ କେତେକ ବିଷାକ୍ତ ହୋଇଥିବାରୁ ଖାଦ୍ୟ ଭାବେ ଗ୍ରହଣ କରାଯାଇ ନ ଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି କେତେକ ଛତୁ ପ୍ରଜାତି ରହିଛି; ଯାହାକି ଅନ୍ଧାର ରାତିରେ ଜଳିଥାଏ, ଯାହାକି ଦେଖିବାକୁ ଅତ୍ୟନ୍ତ ମନୋରମ। ଜାଣିବା ଏଭଳି ଛତୁ ସମ୍ପର୍କରେ...**

➤ଗୋଆରେ ଥିବା ମାଡ୍ରେଇ ଅଭୟାରଣ୍ୟ ବା ମୋଲେମ୍ ନ୍ୟାଶନାଲ୍ ପାର୍କରେ ଦେଖାଯାଏ ରାତିରେ ଆଲୋକ ପ୍ରଦାନ କରୁଥିବା ଏହି ଦୁର୍ଲଭ ପ୍ରଜାତିର ଛତୁ। ଏହାକୁ ଜୈବ ବିଶେଷଜ୍ଞମାନେ ମାସେନ୍ ଜେନସ୍ ଭାବେ ନାମ କରଣ କରିଛନ୍ତି। ତେବେ ଏହା ରାତିରେ ଜଳିବାର କାରଣ ହେଉଛି ଏଥିରେ ଥିବା ବାୟୋ ଲୁମିନିସେଣ୍ଟ ନାମକ ଉପଦାନ, ଯାହାକି ଜୁଳୁଜୁଳିଆ ପୋକ ଦେହରେ ମଧ୍ୟ ରହିଛି। ବର୍ଷାଦିନେ ହେଉଥିବା ଏହି ଛତୁ ଦିନରେ ଅନ୍ୟ ସାଧାରଣ ଛତୁ ଭଳି ଦେଖାଦେଉଥିବା ବେଳେ ଅନ୍ଧାର ରାତିରେ ସେଥିରୁ ହାଲୁକା ନୀଳ, ବାଇଗଣୀ କିମ୍ବା ହଳଦିଆ ରଙ୍ଗର ଆଲୋକ ବାହାରିଥାଏ।



➤ବର୍ତ୍ତମାନ ସୁଦ୍ଧା ସମଗ୍ର ପୃଥିବୀରେ ପ୍ରାୟ ୮୦ ପ୍ରଜାତିର ବାୟୋ ଲୁମିନେସେଣ୍ଟ ଛତୁ ଠାବ କରାଯାଇଛି। ତେବେ ଏହା ମଧ୍ୟରୁ ଉତ୍ତର ଆମେରିକା ଏବଂ ଏସିଆର କେତେକ ସ୍ଥାନରେ ଦେଖାଦେଉଥିବା ଆର୍ମିଲାରିଆ ମିଲିଆ ନାମକ ଛତୁ ଅଧିକ ଜଣାଶୁଣା। ସେହିପରି ବ୍ରାଜିଲ୍‌ରେ ମିଳୁଥିବା ମାଇସିନା ଲକ୍‌ଜାଏଟର୍ନା ବା ଏଟର୍ନାଲ୍ ଲାଇଟ୍ ମଶରୁମ୍‌ରେ ମଧ୍ୟ ରାତିରେ ଖୁବ୍ ସୁନ୍ଦର ଆଲୋକ ଦେଖାଯାଏ।





# ପ୍ରେମ ଦିବସ ଜରୁରୀ !





**ପ୍ରେମ! ଏହା ଏକ ଏଭଳି ସମ୍ପର୍କ, ଯାହା ବିନା ଜୀବନ ରଙ୍ଗହୀନ। ତେବେ ଏଭଳି ଏକ ଦୃଢ଼, ଶାଶ୍ୱତ ସମ୍ପର୍କ ପାଇଁ କ'ଣ ଭାଲେଣ୍ଟାଇନ୍ସ ଡେ' ଭଳି ଦିନଟିଏ ଅବା ପ୍ରେମ ସପ୍ତାହ ସତରେ ଲୋଡ଼ା! ଏହାକୁ ନେଇ ସବୁବେଳେ ମୁଣ୍ଡ ଟେକିଛି ବିବାଦ। କେହି କେହି ବିଶେଷ କରି ଯୁବପିଢ଼ି ଏହି ଅବସରକୁ ବେଶ୍ ଭଲ ଭାବେ ପାଳନ କରୁଥିବା ବେଳେ ଆଉ କେହି କରିଥା'ନ୍ତି ଏହାର ବିରୋଧ। ଜାଣିବା ଏହି ଦିବସର ଗୁରୁତ୍ୱ କାହା ପାଇଁ କେମିତି...**

ଆରମ୍ଭ ହୋଇଯାଇଛି ପ୍ରେମ ସପ୍ତାହ। ଏହାକୁ ନେଇ ଅନେକ ପ୍ରେମୀଯୁଗଳଙ୍କ ମଧ୍ୟରେ ଉତ୍କଣ୍ଠା କହିଲେ ନ ସରେ। କିଏ ରୋଜ୍ ଡେ'ରେ ଗୋଲାପ ଫୁଲ, କିଏ ଟେଡି ଡେ'ରେ ଟେଡି କିମ୍ବା ଚକୋଲେଟ୍ ଡେ'ରେ ଚକୋଲେଟ୍ ଉପହାର ଦେଇ ନିଜ ପ୍ରିୟ ମଣିଷକୁ ଆପ୍ୟାୟିତ କରୁଛନ୍ତି ତ ଆଉ ପୁଣି କିଏ ପ୍ରପୋଜ୍ ଡେ'ରେ ପ୍ରେମ ନିବେଦନ କରି କାହାକୁ ଆପଣାର କରିବାକୁ ଚାହୁଁଛନ୍ତି। ହେଲେ ଅପରପକ୍ଷେ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଲୋକଦେଖାଣିଆ ଭାବେ ପାଳିବାର କୌଣସି ଯଥାର୍ଥତା ନାହିଁ ଏବଂ ଏହା ଏକ ପାଶ୍ଚାତ୍ୟ ସଂସ୍କୃତି ବୋଲି ଅନେକେ ବିରୋଧ ମଧ୍ୟ କରୁଛନ୍ତି। ତେବେ ଏହି ଭାଲେଣ୍ଟାଇନ୍ସ ଡେ'କୁ ନେଇ କାହାର କ'ଣ ରହିଛି ମତାମତ, ଜାଣିବା ସେମାନଙ୍କ ମୁହଁରୁ...


ପବିତ୍ର

**ପ୍ରେମକୁ ଗୋଟିଏ ଦିନରେ ବନ୍ଧା ନ ଯାଉ:** ନିଜ ଜୀବନକୁ ବଗିଚାଟି ପରି ଗଢ଼ି ତୋଳିବାର କଳା ଟିକକ ଶିଖାଇ ଦେଇଥାଏ ପ୍ରେମ। କୁହାଯାଇପାରେ, ଆମ ବଗିଚାର ବାସ୍ନାସ୍ରାବୀ ଗୋଲାପ ହିଁ ପ୍ରେମ। ଏ ପ୍ରେମ ଥିଲେ ହିଁ ଖୋଦ୍ ଜୀବନର ସ୍ୱାଦ ଡେରିମିଲ୍କ ଚକୋଲେଟ୍ ପରି ଅନୁଭୂତ ହୁଏ। ମଣିଷ କ'ଣ ଚାହିଁବ ଏ ଗୋଲାପର ବାସ୍ନା, ଚକୋଲେଟ୍‌ର ସ୍ୱାଦକୁ କେବଳ ଗୋଟିଏ ଗୋଟିଏ ଦିନରେ ହିଁ ଅନୁଭବ କରିବାକୁ! ମୁଁ ଭାବେ, ଆମ ଜୀବନର ପ୍ରତିଟି ମୁହୂର୍ତ୍ତରେ ପ୍ରେମ ଚହଟୁଛି ବିଳାସୀ ବସନ୍ତର ମଳୟ ପରିକା, ତାକୁ ଚାହିଁଲେ ବି କେହି ଗୋଟିଏ ଦିନ ବା କୌଣସି ଏକ ସପ୍ତାହ ଭିତରେ ଆବଦ୍ଧ କରି ରଖିପାରିବ ନାହିଁ। ଜୀବନର ପ୍ରତିଟି ମୁହୂର୍ତ୍ତରେ ପ୍ରେମାନୁଭବ ଯେତେଯାଏଁ ଥିବ, ସେତେଯାଏଁ ଆମ ବଗିଚାରେ ଫୁଟୁଥିବ ନୂଆ ନୂଆ ଫୁଲ, ଥୁଣ୍ଟା ଗଛରେ କଅଁଳୁଥିବ ପତ୍ର, ସବୁଜ ପତ୍ର ଗହଳିରେ ଶୁଭୁଥିବ ପକ୍ଷୀ ଯୁଗଳଙ୍କ ପ୍ରୀତି ନିକ୍ୱଣ। ପ୍ରେମ ପାଇଁ ସ୍ୱତନ୍ତ୍ର ଦିବସ ପାଳନ କରି କେହି ବ୍ୟକ୍ତିଗତ ଭାବେ ଯଦି ଖୁସି ହେଉଚି, ତା'ର ଭାବନାକୁ କ୍ଷତାକ୍ତ କରା ନ ଯାଉ ; କିନ୍ତୁ ପ୍ରେମକୁ ଗୋଟିଏ ଦିନ ଭିତରେ ବାନ୍ଧି ନ ଦିଆଯାଉ। ଦିବସ ପାଳନର ତର୍କବିତର୍କ ଭିତରୁ ବରଂ ମଣିଷ ବାହାରି ଆସି ପ୍ରେମର ବହୁବିଧ ରଙ୍ଗ, ରୂପକୁ ସମ୍ମାନ ଦେଇ ଶିଖୁ। ଆଉ ମଣିଷ ମଣିଷକୁ ଭଲପାଉ ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ।

– *ସୁବ୍ରତ କୁମାର ସେନାପତି*
(ଛାତ୍ର, ଓୟୁଏଟି)


ସୁବ୍ରତ

**ଏହି ଅପସଂସ୍କୃତିକୁ ବିରୋଧ କରାଯାଉ:** ଫେବୃୟାରୀ ୧୪ ତାରିଖରେ ପାଳନ ହେଉଥିବା ଭାଲେଣ୍ଟାଇନ୍ସ ଡେ' ଏକ ବିଦେଶୀ ଉଲଗ୍ନ ସଂସ୍କୃତି ଓ ପରମ୍ପରା, ଯାହାକୁ ଆମେ ଭାରତ ବର୍ଷରେ ବିରୋଧ ସହ ଭର୍ତ୍ସନା କରୁଛୁ। ଆମ ସଂସ୍କୃତି ପରମ୍ପରାକୁ ନେଇ ଭାରତ ବର୍ଷ ସୁନାମ ଦେଶ ବିଦେଶରେ ବେଶ୍ ଜଣାଯାଏ। ଏପରି ଏକ ଅପସଂସ୍କୃତି ପ୍ରେମ ଦିବସ ଆଳରେ କିଛି ଅସାମାଜିକ ହିନ୍ଦୁ ଧର୍ମ ବିରୋଧୀମାନେ ଆମ ସଂସ୍କୃତି ପରମ୍ପରାକୁ ନଷ୍ଟ କରିବା ପାଇଁ ଅନବରତ ଚେଷ୍ଟା ଚଳେଇଛନ୍ତି। ଏହି ବିଦେଶୀ ପ୍ରେମ ଦିବସ ବିଷୟରେ ଆଜିର ଯୁବପିଢ଼ି କିଛି ନ ବୁଝି ନ ସୁଝି ଏହାକୁ ଆପଣେଇ ଖୁସି ମନେଇବା ଦୁଃଖ ଓ ହାସ୍ୟାସ୍ପଦର ବିଷୟ ଅଟେ। ଏହାଦ୍ୱାରା ଅଯଥାରେ ସେମାନେ ଟଙ୍କା ସହ ସମୟ ନଷ୍ଟ ହେଉଥିବା ଦିଗରେ ସଚେତନ ହେଉନାହାନ୍ତି। ତା' ଛଡ଼ା ଏପରି ପ୍ରେମ କିଛି ମାନେ ରଖେନା, ଯାହାକି ପର ମୁହୂର୍ତ୍ତରେ ବା ସ୍ୱାର୍ଥ ହାସଲ ପରେ ବିଚ୍ଛେଦ ଏବଂ ଦୁଃଖର କାରଣ ହୋଇଥାଏ। ଏଣୁ ଆଜିର ଯୁବପିଢ଼ି ଏହି ପ୍ରେମ ଦିବସକୁ ବର୍ଜନ ସହିତ ବିରୋଧ କରିବା ପାଇଁ ଚେଷ୍ଟା କରିବା ଦରକାର।

– **ପବିତ୍ର ପୂଜାରୀ** (ଜିଲା ସମ୍ପାଦକ, ବିଶ୍ୱ ହିନ୍ଦୁ ପରିଷଦ, ଦେବଗଡ଼)

**ପାଳନ ହେଉ, ହେଲେ ଲୋକ ଦେଖାଣିଆ ନ ହେଉ:** ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ। ପ୍ରେମ ଏକ ଭାବନାକୁ ବୁଝାଇଥାଏ। ବ୍ୟକ୍ତିଗତ ସ୍ନେହ ଓ ସଂଯୋଗରେ ମଧ୍ୟ ପ୍ରେମ ହୋଇଥାଏ। ପ୍ରେମରେ ତ ବଞ୍ଚିଛି ଏ ଦୁନିଆ। ତେଣୁ ପ୍ରେମ ପାଇଁ ଏହି ଦିନକୁ ପାଳିବା କୌଣସି ଅପରାଧ ନୁହେଁ କି ସଂସ୍କୃତି ବିରୋଧୀ ନୁହେଁ।




ନିର୍ମାଲ୍ୟ

ଭାଲେଣ୍ଟାଇନ୍ସ ଡେ' ପାଳନ ଉପରେ ପ୍ରତିବନ୍ଧକକୁ ନେଇ ଏବେ ଅନେକ ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନ ଦାବି କରୁଛନ୍ତି। ଆସନ୍ତା ୧୪ ତାରିଖକୁ ଗାଈ ଆଲିଙ୍ଗନ ଦିବସ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ସାରା ଦେଶରେ ବିବାଦ ଦେଖାଦେଇଥିଲା। ଆମ ଦେଶ ସମ୍ବିଧାନକୁ ନେଇ ଚାଲେ, ଧର୍ମୀୟ ବିଚାରକୁ ନେଇ ଚାଲେନା। ଭାଲେଣ୍ଟାଇନ୍ସ ଡେ ପାଳନରେ ଆମ ସଂସ୍କୃତିର କୌଣସି ଅବକ୍ଷୟ ହେଉ ନାହିଁ, କିନ୍ତୁ ସମ୍ପର୍କ ମଜଭୁତ ହେଉଛି। ସେମାନଙ୍କର ଯୁକ୍ତି ହେଲା ଭାଲେଣ୍ଟାଇନ୍ସ ଡେ' ପାଳନ ଆମ ଭାରତର ସଂସ୍କୃତି ନୁହେଁ। ଏହା ପାଶ୍ଚାତ୍ୟ ଦେଶରୁ ଆସିଛି। ହେଲେ ମୁଁ ବୁଝିପାରୁନି ଯେ ପ୍ରେମ ପାଇଁ ଗୋଟିଏ ସ୍ୱତନ୍ତ୍ର ଦିନ ଯୋଗୁ ଭାରତର କେଉଁ ସଂସ୍କୃତିର ଅବକ୍ଷୟ ହେଉଛି। ପ୍ରେମ କରିବା ଅପରାଧ ନୁହେଁ କି ସମାଜ ବିରୋଧୀ ନୁହେଁ। ହେଲେ ଏହି ଦିନକୁ ଅତିରଞ୍ଜିତ କରିବା ଅବା ଅଯଥା ଟଙ୍କା ନଷ୍ଟ କରି ଉପହାର ଦେବା ଏବଂ ଫଟୋ ଉଠାଇ ସୋସିଆଲ ମିଡିଆରେ ପ୍ରେମ ଫଟୋ ଭାଇରାଲ କରିବାର କୌଣସି ଯଥାର୍ଥତା ନାହିଁ। କାରଣ ପ୍ରେମ ଏକ ଅଦୃଶ୍ୟ ରଜ୍ଜୁ, ଯାହା ଆଧୁନିକ ଯୁଗର ଭାଇରାଲଠାରୁ ଗୋପନରେ ହିଁ ଭଲଲାଗେ। ତେଣୁ କେବଳ ଗୋଟିଏ ଦିନ କାହିଁକି ମୋ ମତରେ ପ୍ରେମ ସବୁଦିନ ହେବା ଦରକାର।

– *ନିର୍ମାଲ୍ୟ ପ୍ରସାଦ ସାହୁ*
(କର୍ମଜୀବୀ, ଦେବଗଡ଼)


ଜାନକୀ

**ବ୍ୟସ୍ତ ଜୀବନରେ ଏହା ସମ୍ପର୍କକୁ ଯୋଡ଼ି ରଖୁଛି:** ପ୍ରତିବର୍ଷ ୧୪ ଫେବୃୟାରୀରେ ଲୋକମାନେ ପରିବାର, ପ୍ରିୟଜନ ଏବଂ ବନ୍ଧୁମାନଙ୍କୁ ପ୍ରେମ ଓ ସ୍ନେହର ବାର୍ତ୍ତା ପଠାଇ ଏହି ଦିନଟିକୁ ବହୁତ ଆନନ୍ଦରେ ପାଳନ କରନ୍ତି। ବୈବାହିକ ଜୀବନ ଯାପନ କରୁଥିବା ଦମ୍ପତି ଏହାକୁ ଖୁବ୍ ଖୁସିରେ ପରସ୍ପରକୁ ଗୋଲାପ ଦେଇ ପରସ୍ପର ପ୍ରତି ଥିବା ପ୍ରେମକୁ ସମ୍ମାନ ଦିଅନ୍ତି ଓ ଗୋଟିଏ ସୁନ୍ଦର ମୁହୂର୍ତ୍ତ ତିଆରି କରନ୍ତି, ତାଙ୍କର ଆଗାମୀ ଦିନଗୁଡ଼ିକ ପାଇଁ। ସେହି କିଛି ମୁହୂର୍ତ୍ତର ଆନନ୍ଦ ପ୍ରେମୀ ଯୁଗଳଙ୍କ ମନରେ କେତେ ଯେ ଆନନ୍ଦ ଆଣିଦିଏ ତାହା କଳ୍ପନାତୀତ। ତେଣୁ ମୋ ମତରେ ଭାଲେଣ୍ଟାଇନ୍ସ ଡେ' ପାଳିବା ଆବଶ୍ୟକ। କାରଣ ଆଜିର ଦୁନିଆରେ ସବୁ ଦମ୍ପତି କାର୍ଯ୍ୟବ୍ୟସ୍ତତା ଭିତରେ ପରସ୍ପରକୁ ସମୟ ଦେଇ ପାରୁ ନାହାନ୍ତି। ଯେତେବେଳେ ବର୍ଷକୁ ଥରେ ଏହି ଦିବସ ପାଳିବା ଆଳରେ ପରସ୍ପରକୁ ସମୟ ଦେବାର ସୁଯୋଗ ମିଳୁଛି, ତେବେ ସେମାନେ କାହିଁକି ଏହାର ଉପଯୋଗ ନ କରିବେ। ଏତିକି କହିବି ପ୍ରେମୀଯୁଗଳ ଓ ଦମ୍ପତିମାନେ ସେମାନଙ୍କର ୩୬୫ ଦିନର ବ୍ୟସ୍ତତା ଭିତରେ ଏଇ ୭ଦିନର ପର୍ବକୁ ଏମିତି ଉପଭୋଗ କରନ୍ତୁ, ଯେମିତି ସେମାନଙ୍କର ୩୫୮ ଦିନର ପରିଶ୍ରମ ସେମାନଙ୍କୁ ଜଣାପଡ଼ିବ ନାହିଁ। – *ଜାନକୀ ସେନାପତି*
(ଛାତ୍ରୀ, ବାଲେଶ୍ୱର)

**ପ୍ରେମ ନାଁରେ ଅଭଦ୍ର ଆଚରଣ ଅସହନୀୟ:** ଭାଲେଣ୍ଟାଇନ୍ ଡେ' ପାଳନ ଏକ ବିଦେଶୀ ଓ ଅସୁସ୍ଥ ପରମ୍ପରା ଯାହା ବହୁ ରାଷ୍ଟ୍ରୀୟ କମ୍ପାନୀ, ବିଦେଶୀ ଗଣମାଧ୍ୟମ ଦ୍ୱାରା ଭାରତର ସଭ୍ୟତା, ସଂସ୍କୃତି, ଅର୍ଥ ନୀତି କୁ ନଷ୍ଟ କରିବାର ଚକ୍ରାନ୍ତ। ରୋମ୍‌ର ରାଜା ତାଙ୍କ ବ୍ରହ୍ମଚାରୀ ସୈନିକ ମାନଙ୍କ ଦ୍ୱାରା ଅଜେୟ ରହିଥିଲେ। ଭାଲେଣ୍ଟାଇନ୍ ନାମକ ବ୍ୟକ୍ତି ସୈନିକ ମାନଙ୍କ ଚୋରାରେ ବିବାହ କରାଇବାକୁ ଲାଗିଲା। ସୈନିକ ମାନଙ୍କ ସୋର୍ଯ୍ୟ ହ୍ରାସ ହେଉଥିବା ଦେଖି ରାଜା ପତା ଲଗାଇ ସତ ଜାଣି ପାରିଲେ ଓ ଭାଲେଣ୍ଟାଇନ୍‌କୁ ଫାଶୀ ଦେଲେ। କିନ୍ତୁ ବର୍ତ୍ତମାନ ତାଙ୍କ ନାମରେ ପ୍ରେମ ଦିବସ ପାଳିବାର ଆବଶ୍ୟକତା କ'ଣ। ତା'ଛଡା ପ୍ରେମ କରିବା ଖରାପ ନୁହେଁ ହେଲେ ବିନା ବିବାହରେ ପ୍ରେମୀଯୁଗଳ ଭାବେ ଅଭଦ୍ର ଆଚରଣ କରିବା ଅସହନୀୟ।

– **ଭୁପେଶ ନାୟକ** (ଭୁବନେଶ୍ୱର)


ଭୂପେଶ





**ୟୁଥ୍ ଆଲର୍ଟ**

# ପ୍ୟାକେଟ୍ ଫ୍ରୁଟ ଜୁସ୍ ପିଉଥିଲେ



**ତଟକା ଫଳ ଖାଇବା ଶରୀର ପାଇଁ ହିତକର। ସେହିପରି ଏହାର ରସ ବା ଜୁସ୍ ପିଇବା ମଧ୍ୟ ଲାଭକାରୀ ହୋଇଥାଏ। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ଏହାକୁ ଘରେ ପ୍ରସ୍ତୁତ କରିବା ଅପେକ୍ଷା ଅଧିକାଂଶ ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଜୁସ୍ ପିଉଥିବା ଦେଖିବାକୁ ମିଳିଥାଏ। ହେଲେ ଆପଣ ଜାଣନ୍ତିକି ଏହା ଶରୀର ପାଇଁ କେତେ କ୍ଷତିକାରକ! ଜାଣିରଖନ୍ତୁ ଏ ସମ୍ପର୍କରେ...**

❖ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌କୁ ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବାକୁ ଆର୍ଟିଫିସିଆଲ୍ କଲର୍ ମିଶାଯାଇଥାଏ, ଯାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।

❖ଫ୍ରୁଟଜୁସ୍ ପ୍ରସ୍ତୁତି କରିବା ସମୟରେ ସେଥିରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।

❖ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ।

❖ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ଦେଖାଯାଏ। ଶର୍କରାର ମାତ୍ରା ଅଧିକ ଥିବାରୁ ଓଜନ ବୃଦ୍ଧି ଏବଂ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

❖ପ୍ୟାକେଟ୍ ଜୁସ୍‌ରେ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନସୁଲିନ୍‌ର ମାତ୍ରା ବଢ଼ିଥାଏ।

❖ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଘର ତିଆରି ଫଳରସ ପିଇପାରିବେ।



# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ତୃତୀୟ ବୃହତ୍ ବିଜୟ



ଉଇକେଟ ନେବାପରେ ରବିଚନ୍ଦ୍ରନ ଅଶ୍ୱିନ (ଡାହାଣରୁ ତୃତୀୟ)ଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

**ନାଗପୁର, ୧୧।୨**

ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ଏଠାରେ ୩ ଦିନରେ ଶେଷ ହୋଇଯାଇଛି। ଭାରତ ଏକ ଇନିଂସ ୧୩୨ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ତୃତୀୟ ବୃହତ୍ ବିଜୟ। ୧୯୯୭-୯୮ରେ କୋଲକାତାରେ ଅନୁଷ୍ଠିତ ଟେଷ୍ଟରେ ଭାରତ ଏକ ଇନିଂସ ୨୧୯ ରନରେ ବିଜୟ ହାସଲ କରିଥିଲା। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସର୍ବବୃହତ୍ ବିଜୟ ହୋଇ ରହିଛି। ସେହିପରି ୨୦୧୨-୧୩ରେ ହାଇଦ୍ରାବାଦଠାରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭାରତ ଏକ ଇନିଂସ ୧୩୫ ରନରେ ପରାସ୍ତ କରିଥିଲା। ଏଥର ଏହାର ନିକଟତର ହୋଇଥିଲେ ହେଁ ତୃତୀୟ ବୃହତ୍ ବିଜୟ ରେକର୍ଡ ସହ ମ୍ୟାଚ ଶେଷ କରିଛି। ଦୁଇ ଦେଶ ମଧ୍ୟରେ ସିରିଜର ଦ୍ୱିତୀୟ ଟେଷ୍ଟ ଦିଲ୍ଲୀଠାରେ ଚଳିତମାସ ୧୭ରୁ ଆରମ୍ଭ ହେବ।

## କୁମ୍ବଲେଙ୍କ ସମକକ୍ଷ ହେଲେ ଅଶ୍ୱିନ

**୯୧:** ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୯୧ ରନରେ ଅଲ୍‌ଆଉଟ ହୋଇଥିଲା। ଭାରତରେ କୌଣସି ଟେଷ୍ଟରେ ଏକ ଇନିଂସରେ ଅଷ୍ଟ୍ରେଲିଆର ଏହା ସର୍ବନିମ୍ନ ସ୍କୋର। ପୂର୍ବରୁ ୨୦୦୪ରେ ମୁମ୍ବାଇଠାରେ ଏହି ଦଳ କରିଥିବା ୯୩ ରନ ଏପର୍ଯ୍ୟନ୍ତ ରେକର୍ଡ ହୋଇ ରହିଥିଲା। ଓଭରଅଲ୍ ଭାରତ ବିପକ୍ଷରେ ୯୧ ରନ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୧୯୮୧ରେ ମେଲବୋର୍ନଠାରେ ୮୩ ରନରେ ଅଲ୍‌ଆଉଟ ଏହି ଦଳର ସର୍ବନିମ୍ନ ସ୍କୋର

**୨୬୮:** ନାଗପୁର ଟେଷ୍ଟରେ ଅଷ୍ଟ୍ରେଲିଆ ୨ଟି ଇନିଂସରେ ମୋଟ ୨୬୮ ରନ କରିଥିଲା। ଏହା ହେଉଛି ଭାରତ ମାଟିରେ ଗୋଟିଏ ମ୍ୟାଚରେ ସର୍ବନିମ୍ନ। ପୂର୍ବରୁ ଗୋଟିଏ ମ୍ୟାଚରେ ଦଳର ସର୍ବମୋଟ ସ୍କୋର ୨୯୬ ଥିଲା। ୨୦୦୪ରେ ମୁମ୍ବାଇରେ ଏହି ଦଳ ୨ଟି ଇନିଂସରେ ଯଥାକ୍ରମେ ୨୦୩ ଓ ୯୩ ରନକରି ଅଲ୍‌ଆଉଟ ହୋଇଥିଲା। ୨୬୮ ମଧ୍ୟ ଏସିଆ ମହାଦେଶରେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବନିମ୍ନ ମୋଟ ସ୍କୋର। ୧୯୫୬ରେ କରାଚୀଠାରେ ପାକିସ୍ତାନ ବିପକ୍ଷରେ ଦଳ ୨ ଇନିଂସରେ ମୋଟ ୨୬୭ ରନ କରିବାକୁ ସକ୍ଷମ ହୋଇଥିଲା।

**୫:** ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ୫ମ ଇନିଂସ ବିଜୟ। ଏହା ପୂର୍ବ ଇନିଂସ ବିଜୟ ୨୦୧୩ରେ ହାଇଦ୍ରାବାଦରେ ହୋଇଥିଲା।

**୨୫:** ଭାରତ ମାଟିରେ ରବିଚନ୍ଦ୍ରନ ଅଶ୍ୱିନଙ୍କର ଏହାଥିଲା ୨୫ତମ ୫ ଉଇକେଟ ସଫଳତା। ଯାହାକି ଅନିଲ କୁମ୍ବଲେଙ୍କ ସମକକ୍ଷ। ଓଭରଅଲ୍ ଦେଖିବାକୁ ଗଲେ ୨ ଜଣ ଖେଳାଳି ଘରୋଇ ପରିବେଶରେ ଏହାଠାରୁ ଅଧିକଥର ୫ ଉଇକେଟ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୪୫ଥର ୫ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଥିବାବେଳେ ରଙ୍ଗା ହେରାଥ ୨୬ଥର ଏହି ଗୌରବ ଅର୍ଜନ କରିଛନ୍ତି।

**୬.୭:** ନାଗପୁର ଟେଷ୍ଟରେ ଅଷ୍ଟ୍ରେଲିଆ ବାମହାତୀ ବ୍ୟାଟରଙ୍କ ଆଭରେଜ ଥିଲା ୬.୭। କୌଣସି ଟେଷ୍ଟ ମ୍ୟାଚରେ (ଅତିକମ୍‌ରେ ୧୦ ଡିସ୍‌ମିଶାଲ୍ସ) ଗୋଟିଏ ଦଳର ବାମହାତୀ ବ୍ୟାଟରଙ୍କର ଏହା ଦ୍ୱିତୀୟ ସର୍ବନିମ୍ନ ଆଭରେଜ। ୨୦୧୯ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ବାମହାତୀ ବ୍ୟାଟରଙ୍କ ଆଭରେଜ ଥିଲା ୫.୮। ଅଷ୍ଟ୍ରେଲିଆ ପ୍ଲେଇଂ ଏକାଦଶରେ ଥିବା ୫ ବାମହାତୀ ବ୍ୟାଟର ନାଗପୁର ଟେଷ୍ଟରେ ଉଭୟ ଇନିଂସରେ ମୋଟ ୬୭ ରନ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳର ଦୁଇ ବାମହାତୀ ବ୍ୟାଟର ୧୫୪ ରନ ସ୍କୋର କରିଥିଲେ। ଉଭୟେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ।

**୧୦:** ନାଗପୁରରେ ଅଷ୍ଟ୍ରେଲିଆର ୧୦ ବ୍ୟାଟର ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଗୋଟିଏ ଟେଷ୍ଟରେ ଅଷ୍ଟ୍ରେଲିଆର ଏତେ ଜଣ ବ୍ୟାଟର ଏଲବିଡବ୍ଲ୍ୟୁ ହେବା ଏହା ପ୍ରଥମ ଥିଲା। ପୂର୍ବରୁ ସର୍ବାଧିକ ୯ ଖେଳାଳି ୨୦୦୧ରେ କୋଲକାତାଠାରେ ଭାରତ ବିପକ୍ଷରେ ଏବଂ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ଏଲବିଡବ୍ଲ୍ୟୁ ହୋଇଥିଲେ।

**୪୯:** ପ୍ରଥମ ଇନିଂସରେ ମାର୍ନସ ଲାବୁସେନ ୪୯ ରନ ସ୍କୋର କରିଥିଲେ। ଟେଷ୍ଟର ୨ଟି ଯାକ ଇନିଂସରେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଏହାଥିଲା ବ୍ୟକ୍ତିଗତ ସର୍ବାଧିକ ସ୍କୋର। ଭାରତରେ ଅନୁଷ୍ଠିତ କୌଣସି ଟେଷ୍ଟରେ କେହି ଜଣେ ମଧ୍ୟ ଅଷ୍ଟ୍ରେଲିଆ ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ପାରିବା ଏହା ପ୍ରଥମ ଦୃଷ୍ଟାନ୍ତ ଥିଲା।

# କ୍ରିମ୍ ବ୍ୟବହାର ପାଇଁ ଜାଡେଜାଙ୍କୁ ଜରିମାନା



ଅଙ୍ଗୁଳିରେ କ୍ରିମ୍ ଲଗାଇବା ଅବସରରେ ରବୀନ୍ଦ୍ର ଜାଡେଜା (ଡାହାଣ)।

**ନାଗପୁର, ୧୧।୨(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ କ୍ରିକେଟ ଟେଷ୍ଟ ବିଜୟରେ ହିରୋ ପାଲଟିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଶନିବାର ତାଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଭାରତୀୟ ଅଲରାଉଣ୍ଡରଙ୍କ ବିଶି ଆଙ୍ଗୁଠି ଫୁଲିଥିଲା। ମ୍ୟାଚର ପ୍ରଥମ ଦିବସରେ ଫିଲ୍ଡ ଅମ୍ପାୟରଙ୍କ ବିନା ଅନୁମତିରେ ସେଥିରେ କ୍ରିମ୍ ଲଗାଇଥିବାରୁ ତାଙ୍କୁ ଦଣ୍ଡିତ କରାଯାଇଛି। ମ୍ୟାଚରେ ଜାଡେଜା ୮୧ ରନ ବିନିମୟରେ ୭ ଉଇକେଟ ନେବା ସହ ୭୦ ରନ ସଂଗ୍ରହ କରିଥିଲେ। ଭାରତ ଏହି ମ୍ୟାଚ ଏକ ଇନିଂସ ଓ ୧୩୨ ରନରେ ବିଜୟ ଲାଭ କରିଛି। ଏକ ଭିଡିଓରେ ଦେଖିବାକୁ ମିଳିଥିଲା ଜାଡେଜା ତାଙ୍କ ସାଥୀ ପେସ୍ ବୋଲର ମହମ୍ମଦ ସିରାଜଙ୍କଠାରୁ କିଛି ଆଣୁଛନ୍ତି ଏବଂ ତାଙ୍କ ବାମ ବିଶି ଆଙ୍ଗୁଠିରେ ତାହା ଲେପନ କରୁଛନ୍ତି। ଭାରତୀୟ ଅଲରାଉଣ୍ଡରଙ୍କ ଏହି କାର୍ଯ୍ୟ ସମ୍ପର୍କରେ ଅଷ୍ଟ୍ରେଲିଆ ଗଣମାଧ୍ୟମ ଏବଂ ଜଣେ ପୂର୍ବତନ ଖେଳାଳି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଥିଲା ଏହି କ୍ରିମ୍‌କୁ କେବଳ ଚିକିତ୍ସା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିଲା। ଏହା ବଲ୍‌ର ଅବସ୍ଥାରେ କୌଣସି ପରିବର୍ତ୍ତନ ଆଣି ନ ଥିଲା। ତେବେ ମଲମ ଲଗାଇବା ପୂର୍ବରୁ ଫିଲ୍ଡ ଅମ୍ପାୟରଙ୍କ ଅନୁମତି ଆଣି ନ ଥିବାରୁ ଜାଡେଜା ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣ ବିଧିର ଧାରା ୨.୨୦ର ଉଲ୍ଲଂଘନ କରିଛନ୍ତି। ଭାରତୀୟ ସ୍ପିନ ବୋଲରଙ୍କୁ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ବ୍ୟତୀତ ୨୪ ମାସରେ ପ୍ରଥମ ଅପରାଧ ପାଇଁ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ଆଇସିସି କହିବା ଅନୁସାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସର ୪୬ତମ ଓଭରରେ ଏହି ଘଟଣା ଘଟିଥିଲା। ଜାଡେଜା ତାଙ୍କ ଦୋଷ ମାନି ନେବା ସହ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଆଣ୍ଡି ପାଇକ୍ରଫ୍ଟଙ୍କ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

# ଭାରତ-ପାକିସ୍ତାନ ମ୍ୟାଚ ଆଜି

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**କେପ୍‌ଟାଉନ୍, ୧୧।୨ (ପି.ଟି.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଟୁର୍ନାମେଣ୍ଟରେ ଭାରତ ଏହାର ଓପନିଂ ମ୍ୟାଚରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଦୁଇ ଦଳ ମଧ୍ୟରେ ଖେଳ ସର୍ବଦା ଉତ୍ସାହ ସୃଷ୍ଟି କରିଥାଏ। ଭାରତ ଏକ ଉନ୍ନତ ଦଳ ହୋଇଥିବାରୁ ମ୍ୟାଚ ହୁଏତ ସେତେଟା ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇ ନ ପାରେ। କିନ୍ତୁ ଗତବର୍ଷ ଏସିଆ କପ୍‌ରେ ଭାରତ ବିପକ୍ଷରେ ପାକିସ୍ତାନ ଉନ୍ନତ ପ୍ରଦର୍ଶନ କରିଥିଲା। ବିଶ୍ୱକପ୍‌କୁ ଆସିବା ପୂର୍ବରୁ ଭାରତ ନିକଟରେ ଅନୁଷ୍ଠିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଫାଇନାଲରେ ଜିତିବା ସ୍ଥିତିରେ ଥାଇ ଦକ୍ଷିଣ ଆଫ୍ରିକାଠାରୁ ଅଳ୍ପକେ ହାରିଯାଇଥିଲା। ଦଳ ଆହୁରି ମଧ୍ୟ ବାଂଲାଦେଶକୁ ପରାସ୍ତ କରିବା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ ହାରିଯାଇଥିଲା। ଭାରତ ପୁଣି ଆଇସିସି ଇଭେଣ୍ଟ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। କିନ୍ତୁ ସେମାନଙ୍କୁ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ହେଲେ ଖେଳର ସମସ୍ତ ବିଭାଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ। ରେଣୁକା ସିଂଙ୍କୁ ଛାଡ଼ିଦେଲେ ବୋଲିଂ ୟୁନିଟ୍ ଉପରେ ଭରସା କରି ହେଉନାହିଁ। ଗତମାସରେ ଦଳକୁ ପ୍ରତ୍ୟାବର୍ତ୍ତନ ପରେ ଭେଟେରାନ ଶିଖା ପାଣ୍ଡେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଉଇକେଟ ନେବାରେ ସକ୍ଷମ ହୋଇପାରି ନାହାନ୍ତି। ବର୍ତ୍ତମାନ ସ୍ପିନରମାନେ ମଧ୍ୟ ଆଶାନୁରୂପ ବୋଲିଂ କରିପାରୁ ନାହାନ୍ତି। ଓପନିଂ ଗେମ୍ ପୂର୍ବରୁ ଅଧିନାୟିକା ହରମନପ୍ରୀତ୍ କୌର (କାନ୍ଧ) ଓ ସ୍ମୃତି ମନ୍ଧାନା (ଆଙ୍ଗୁଠି) ଆଘାତପ୍ରାପ୍ତ ହୋଇଥିବାରୁ ଦଳ ପାଇଁ ଏହା ଚିନ୍ତାର ବିଷୟବସ୍ତୁ ପାଲଟିଛି। ଦୁହେଁ ସିନିୟର ଖେଳାଳି, ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ଧାନା ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିପାରିବେ ନାହିଁ ବୋଲି ଶନିବାର ଦଳ ୱାର୍ମଅପ୍ ସେସନ ପରେ ସ୍ପଷ୍ଟ ହୋଇଛି। ନିକଟରେ ଶେଫାଳୀ ବର୍ମାଙ୍କ ନେତୃତ୍ୱରେ ଭାରତ ଉଦ୍‌ଘାଟନୀ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ଜିତିଛି। ସେ ସ୍ଥିର ପ୍ରଦର୍ଶନ କରିପାରୁ ନାହାନ୍ତି ବୋଲି ଯେଉଁମାନେ ସନ୍ଦେହ କରୁଛନ୍ତି ତାହା ମିଥ୍ୟା ପ୍ରମାଣିତ କରିବାକୁ ସେ ଚାହିଁବେ। ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବାରୁ ଜେମିମା ରୋଡ୍ରିଗୁଏଜ୍ ଚାପରେ ରହିବା ସ୍ୱାଭାବିକ। ପେସ୍ ବୋଲିଂ ଅଲରାଉଣ୍ଡର ପୂଜା ବସ୍ତ୍ରକାରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ଅନ୍ୟପକ୍ଷରେ ପାକିସ୍ତାନ ନିଦା ଦାର୍‌ଙ୍କ ପ୍ରଦର୍ଶନ ଉପରେ ବିଶେଷ ନିର୍ଭରଶୀଳ। ପ୍ରତିଯୋଗିତା ପୂର୍ବରୁ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ସିରିଜ ଖେଳିଛି। ଓପନିଂ ୱାର୍ମଅପ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲେ ମଧ୍ୟ ପରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି।

# ବ୍ୟାଟି ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍

**ଓମେନ୍ସ ପ୍ରିମିୟର ଲିଗ୍**

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ଇଂଲଣ୍ଡର ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଜୋନାଥନ ବ୍ୟାଟି ଶନିବାର ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୪୮ ବର୍ଷୀୟ କୋଚ୍‌ଙ୍କୁ ପୂର୍ବତନ କ୍ରିକେଟର ହେମଲତା କାଲା ଓ ଲିସା କେଟ୍‌ଲି ସହାୟତା କରିବେ। ପୂର୍ବତନ ସରେ ଓ ଗ୍ଲାସେଷ୍ଟରଶାୟାର କିପର-ବ୍ୟାଟର ବ୍ୟାଟି ପୂର୍ବରୁ ଓଭାଲ ଇନ୍‌ଭିନ୍‌ସିବଲ୍ସ ମହିଳା ଦଳର କୋଚ ଭାବେ ସଫଳତା ସହିତ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ଦଳ ୨୦୨୧ ଓ ୨୦୨୨ରେ ଦି ହଣ୍ଡ୍ରେଡ୍ ଟାଇଟଲ ଜିତିଥିଲା। ସେ ଆହୁରି ମଧ୍ୟ ସରେ ମହିଳା ଦଳ ଏବଂ ଓମେନ୍ସ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ଦଳର କୋଚ ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଭାରତ ତରଫରୁ କାଲା ୭ ଟେଷ୍ଟ ଓ ୭୮ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ ଜାତୀୟ ସିଲେକ୍ସନ ପ୍ୟାନେଲର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ମୁଖ୍ୟ ଚୟନକର୍ତ୍ତା ଥିବାବେଳେ ୨୦୧୭ରେ ଭାରତ ଆଇସିସି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ମହିଳା କ୍ରିକେଟରେ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଅନ୍ୟପକ୍ଷରେ କେଟ୍‌ଲି ଅଷ୍ଟ୍ରେଲିଆ ପାଇଁ ୯ ଟେଷ୍ଟ ଓ ୮୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ କୋଚ୍ ଦାୟିତ୍ୱରେ ଥିବାବେଳେ ଇଂଲଣ୍ଡ ମହିଳା ଦଳ ଆଇସିସି ବିଶ୍ୱକପ୍ ୨୦୨୨ ଫାଇନାଲରେ ପ୍ରବେଶ କରିଥିଲା। ଓମେନ୍ସ ବିଗ୍ ବାସ୍ ଲିଗ୍‌ରେ ସେ ପର୍ଥ ସ୍କର୍ଚର୍ସ ଓ ସିଡ୍ ଥଣ୍ଡର୍ସର କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି।







# ବାପୁଜୀ-ରାମେଶ୍ୱର ଫାଇନାଲ

**ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଚାଲିଥିବା ୬ଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ବାପୁଜୀ ଓ ରାମେଶ୍ୱର ମଧ୍ୟରେ ଫାଇନାଲ ରବିବାର ବିଜେବି କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ଆବାହକ ନରେନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

ନବ ଦାସ ସ୍ମୃତି କମିଟି ଏବଂ ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ପ୍ରତିପକ୍ଷ ଜ୍ୟୋତି ମୋଟର୍ସ ଦଳକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୩ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ୬୩ ଏବଂ ଓମ୍ ଟି. ମୁଣ୍ଡେ ୪୧ ରନ କରିଥିଲେ। ୧୭୪ ରନ ବିଜୟ ଲକ୍ଷ୍ୟରେ ଜ୍ୟୋତି ମୋଟର୍ସ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର ଓମ୍ ଟି. ମୁଣ୍ଡେ ୪ ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ଅତିଥି ଭାବେ ଯୋଗଦେଇ ଓମ୍ ଟି. ମୁଣ୍ଡେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ପ୍ରତିପକ୍ଷ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨୦ ଓଭରରେ ୮ ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୪୪, ଶାନ୍ତନୁ ମିଶ୍ର ୨୧ ଓ ସୌରଭ ଗୌଡ଼ ୨୦ ରନ୍ କରିଥିଲେ। ବାପୁଜୀ କ୍ରିକେଟ କ୍ଲବ ପକ୍ଷରୁ ଦେବବ୍ରତ ପ୍ରଧାନ ଏବଂ ସୁଶିଲ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ବାପୁଜୀ କ୍ରିକେଟ କ୍ଲବ ୧୩୮ ରନର ବିଜୟ ଲକ୍ଷ୍ୟକୁ ୧୪.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। କ୍ଷମା ସାଗର ବଲ ୫୨, କାର୍ତ୍ତିକ ବିଶ୍ୱାଳ ୩୭ ଏବଂ ସୁଜିତ ଲେଙ୍କା ୩୨ରନ କରିଥିଲେ। ରଣଜୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ଅତିଥିଭାବେ ଯୋଗଦେଇ କ୍ଷମା ସାଗର ବଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଦୁଇଟିକୁ ଶରତ ଚନ୍ଦ୍ର ସାହୁ, ଦିଲ୍ଲୀପ ସାମଲ, ପ୍ରଦୀପ କୁମାର ଜେନା ଏବଂ ଦିଲ୍ଲୀପ ସାମଲ ପରିଚାଳନା କରିଥିଲେ।





ଓମ୍ ଟି. ମୁଣ୍ଡେ (ବାମ) ଓ କ୍ଷମା ସାଗର ବଳଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ